# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 • ISSUE-290 • SATURDAY • 18 APRIL 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୨୯୦ • ଶନିବାର • ୧୮ ଏପ୍ରିଲ୍ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦




ସନ୍ଦେହରେ କାନାଡା ଅଧିନାୟକ ଦିଲପ୍ରୀତ୍

▶ପୃଷ୍ଠା ୧୨ ଦେଖନ୍ତୁ...

MMTC-PAMP
Swiss Excellence. Made in India.

LALCHND
Trusted Brand Since 1948

# ଅକ୍ଷୟ ତୃତୀୟାରେ

## ଲାଭର ମୋହ ନୁହେଁ, ଲାଲ୍‌ଚନ୍ଦ୍ ପାଇଁ ଆସ୍ଥା ହିଁ ସବୁଠୁ ବଡ଼

## ଆଧାତ୍ମିକତାର ମାର୍ଗରେ ଲାଲ୍‌ଚନ୍ଦ୍

# ଗ୍ରେଟ୍ ଗୋଲ୍ଡ ରଶ୍

## ଫେଷ୍ଟିଭାଲ୍‌ରେ କିଣା ମୂଲ୍ୟରେ ମିଳିବ ଗହଣା

**କେବଳ ବ୍ୟବସାୟ ଭିତ୍ତିକ ପଦକ୍ଷେପ ନୁହେଁ, ବରଂ ଆସ୍ଥାର ନିଷ୍ପତ୍ତି; ଗ୍ରାହକଙ୍କୁ ଶୁଦ୍ଧତା ଓ ସ୍ୱଚ୍ଛତାର ଅନୁଭବ ଦେବା ହିଁ ଆମର ମୁଖ୍ୟ ଉଦ୍ଦେଶ୍ୟ: ଡ଼ ସଂଜୟ ହଂସ।**

ଅକ୍ଷୟ ତୃତୀୟା ପୂର୍ବରୁ ଯେତେବେଳେ ଗହଣା ବଜାର ବଡ଼ ବଡ଼ ରିହାତି, ଲୋଭନୀୟ ଅଫର୍ ଓ ଲାଭଖୋରୀ ପ୍ରଚାରରେ ବ୍ୟସ୍ତ, ସେତେବେଳେ ଲାଲ୍‌ଚନ୍ଦ୍ ଏକ ବୈପ୍ଳବିକ ତଥା ଆଧାତ୍ମିକ ନିଷ୍ପତ୍ତି ନେଇଛି। ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଅକ୍ଷୟ ତୃତୀୟାର ଶୁଭ ମୁହୂର୍ତ୍ତରେ ଲାଭ କରିବା ଅପେକ୍ଷା ଗ୍ରାହକଙ୍କ ଆସ୍ଥାର ସମ୍ମାନ କରିବା ଆମର ପ୍ରାଥମିକତା। ଲାଲ୍‌ଚନ୍ଦ୍‌ର ଅଧକ୍ଷ ଡ଼ ସଂଜୟ ହଂସଙ୍କ କହିବା ଅନୁସାରେ, ଏହା ବ୍ୟବସାୟ ପାଇଁ କୌଣସି ଲାଭଖୋର ପଦକ୍ଷେପ ନୁହେଁ, ଏହା ହେଉଛି ଆସ୍ଥାରୁ ଜନ୍ମ ନେଇଥିବା ଏକ ବାସ୍ତବଧର୍ମୀ ନିଷ୍ପତ୍ତି।

ପ୍ରଭୁ ଜଗନ୍ନାଥଙ୍କ ଏହି ପବିତ୍ର ଭୂମିରେ, ଯେଉଁଠାରେ ଲୋକମାନେ ପ୍ରତ୍ୟେକ କାମକୁ ସେବା ଭାବେ ଗ୍ରହଣ କରନ୍ତି, ସେଠାରେ ଅକ୍ଷୟ ତୃତୀୟା କେବଳ ଏକ କ୍ରୟ ଦିନ ନୁହେଁ। ଏହା ସେହି ପବିତ୍ର ମୁହୂର୍ତ୍ତ, ଯେତେବେଳେ ଘରକୁ ଆଣାଯାଉଥିବା ବସ୍ତୁରେ ଦୈବୀ ଆଶୀର୍ବାଦ ଥାଏ ବୋଲି ବିଶ୍ୱାସ କରାଯାଏ। ଲାଲ୍‌ଚନ୍ଦ୍ ଏହି ଆସ୍ଥା ଉପରେ ଜୋର ଦେଇ କହିଛି ଯେ, ସୁନା କେବଳ ଗହଣା ନୁହେଁ; ଏହା ପରିବାରର ସଞ୍ଚୟ, ମା'ର ସୁରକ୍ଷା ଓ ଝିଅର ସମ୍ମାନ ସହ ଜଡ଼ିତ ଏକ ମହତ୍ୱପୂର୍ଣ୍ଣ ଅଂଶ।

ସେଥିପାଇଁ ଏହି ପବିତ୍ର ଦିନରେ ଏକ ସରଳ କିନ୍ତୁ ଗଭୀର ପ୍ରଶ୍ନ ଉଠୁଛି—"ଗ୍ରାହକମାନେ ଯାହା କିଣୁଛନ୍ତି, ସେଥିପାଇଁ ଉଚିତ୍ ମୂଲ୍ୟ ଦେଉଛନ୍ତି ତ ?" ଏବେ ବଜାର ସାମ୍ନାରେ ଏହା ଏକ ବଡ଼ ପ୍ରଶ୍ନ। "ଯଦି କମ୍ ମୂଲ୍ୟରେ ବିକ୍ରି ସମ୍ଭବ, ତା'ହେଲେ ଗ୍ରାହକ ମାନଙ୍କ ଠାରୁ ଅଧିକ ଦାବି କରାଯାଉଛି କାହିଁକି?" ଏହି ପ୍ରଶ୍ନ କେବଳ ଏକ ସାଧାରଣ ବାକ୍ୟ ନୁହେଁ; ଏହା ଗହଣା ବ୍ୟବସାୟରେ ବର୍ଷ ବର୍ଷ ଧରି ଚାଲିଆସୁଥିବା ଅଧିକ ଗଢ଼ା ମଜୁରି ଉପରେ ଏକ ସିଧା ପ୍ରହାର।

"୫୦% ରିହାତି" ପରି ବିଜ୍ଞାପନକୁ ନେଇ ଏବେ ଗ୍ରାହକମାନେ ପ୍ରଶ୍ନ କରୁଛନ୍ତି—ଏହା ପ୍ରକୃତରେ ରିହାତି ନା କେବଳ ଏକ ଯୋଜନାବଦ୍ଧ ଲୁଟ୍‌ର ମଡେଲ୍?

ବଜାର ସୂତ୍ର ଅନୁଯାୟୀ, ଅଧିକାଂଶ ଜୁଏଲର୍ସ ପ୍ରଥମେ ଗଢ଼ା ମଜୁରିକୁ ୨୦% ରୁ ୨୪% ପର୍ଯ୍ୟନ୍ତ ବଢ଼ାଇ ଦେଉଛନ୍ତି। ପରେ "୫୦% ରିହାତି" ପରି ବଡ଼ ବଡ଼ ପ୍ରଚାର କରୁଛନ୍ତି। କିନ୍ତୁ ଗଣନା ସ୍ପଷ୍ଟ — ଗ୍ରାହକମାନେ ତଥାପି ୧୦% ରୁ ୧୨% ଗଢ଼ା ମଜୁରି ଦେଉଛନ୍ତି। ବଜାରରେ ଏହାକୁ "ଡିସ୍କାଉଣ୍ଟ ନାମରେ ଭ୍ରମ" ବୋଲି ବର୍ଣ୍ଣନା କରାଯାଉଛି। ବିଶେଷଜ୍ଞମାନଙ୍କ ମତରେ— "ପ୍ରଥମେ ଦର ବଢ଼ାଇ, ପରେ ରିହାତି ଦେଖାଇବା— ଏକ ପ୍ରାଇସିଂ ଟ୍ରାପ୍"

କିନ୍ତୁ ଲାଲ୍‌ଚନ୍ଦ୍‌ର ସବୁଠୁ ବଡ଼ ଆକର୍ଷଣ ହେଉଛି ଅତି କମ୍ ଗଢ଼ା ମଜୁରି।

- **ଚୁଡ଼ି ବ୍ୟତୀତ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ବିଆଇଏସ୍ ହଲ୍‌ମାର୍କ୍ ସୁନା ଗହଣାରେ, କେବଳ ୫.୯% ଗଢ଼ା ମଜୁରି**
- **ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ବିଆଇଏସ୍ ହଲ୍‌ମାର୍କ୍ ସୁନା ଚୁଡ଼ିରେ କେବଳ ୬.୯% ଗଢ଼ା ମଜୁରି**
- **ରୂପା ଗହଣା**

**ଗଢ଼ା ମଜୁରିରେ ଫ୍ଲାଟ୍ ୬୦% ରିହାତି**

- **ସମସ୍ତ ଆଇଜିଆଇ- ସର୍ଟିଫାଏଡ୍ ହୀରା ମୂଲ୍ୟରେ ଫ୍ଲାଟ୍ ୩୦% ରିହାତି**

**ଏହା ସହ ଡ଼ ହଂସ ଜଣାଇଛନ୍ତି "ଆମେ ଗହଣାକୁ କିଣା ମୂଲ୍ୟରେ (କାରଖାନା ଦରରେ) ବିକ୍ରି କରୁଥିବାରୁ ଏହା ସମ୍ଭବ ହୋଇପାରିଛି। ଏଥର ଆମର 'ଶୂନ୍ୟ-ଲାଭ' ନୀତି କେବଳ ଆମ ଦେଶରେ ଅକ୍ଷୟ ତୃତୀୟାର ଦୀର୍ଘଦିନର ପରମ୍ପରା ପ୍ରତି ଏକ ସମ୍ମାନ ନୁହେଁ, ବରଂ ଏହି ଶୁଭ ଅବସର ସହିତ ଜଡ଼ିତ ଲୋକଙ୍କ ଭାବନାତ୍ମକ ମୂଲ୍ୟ ପ୍ରତି ଆମର ସମ୍ମାନର ପ୍ରତୀକ"।**

**ଏହି ଫେଷ୍ଟିଭାଲ୍ ସର୍ତ୍ତ ରହିତ। କୌଣସି ଜଟିଳ ମୂଲ୍ୟ ବ୍ୟବସ୍ଥା ଓ ଲୁକ୍କାୟିତ ମୂଲ୍ୟ ନାହିଁ, କେବଳ ସ୍ପଷ୍ଟ ମୂଲ୍ୟ ଓ ଆକର୍ଷଣୀୟ ଅଫର୍।**

ଏହା କେବଳ ଏକ ସାଧାରଣ ରିହାତି ଅଫର୍ ନୁହେଁ; ବରଂ ଗ୍ରାହକ ମାନଙ୍କୁ ମୂଲ୍ୟ ଓ ଶୁଦ୍ଧତା ଯୋଗାଇ ଦେବାକୁ ଲାଲ୍‌ଚନ୍ଦ୍‌ର ଏକ ସାହସିକ ପଦକ୍ଷେପ।

**ଲାଲ୍‌ଚନ୍ଦ୍‌ର ଅଧକ୍ଷ ଡ଼ ସଂଜୟ ହଂସଙ୍କ ମତରେ, "ମୁଁ ଏହି ଜଗନ୍ନାଥଙ୍କ ଭୂମିରେ ବଢ଼ିଛି। ଯଦି ଗ୍ରାହକଙ୍କୁ ଭ୍ରମିତ କରି ଲାଭ କରିବି, ତାହା ଲାଭ ନୁହେଁ... ପାପ ହେବ।"** ତାଙ୍କର ଏହି କଥାରୁ ଲାଲ୍‌ଚନ୍ଦ୍‌ର ଆଭିମୁଖ୍ୟ ସ୍ପଷ୍ଟ—ଏହି ପବିତ୍ର ଦିନରେ ଲାଭ ସଂଗ୍ରହ କରିବାଠାରୁ ନିର୍ମଳ ମନରେ ସେବା କରିବାର ମହତ୍ତ୍ୱ ଅଧିକ। ବ୍ୟବସାୟକୁ କେବଳ ଆଦାନ ପ୍ରଦାନର ମାଧ୍ୟମ ଭାବରେ ନୁହେଁ, ଆସ୍ଥା ଓ ନୈତିକ ଦାୟିତ୍ୱର ଅଂଶ ଭାବରେ ଦେଖିବାର ଏହି ମନୋଭାବ ଆଜିର ଲାଭକୈନ୍ଦ୍ରିକ ବଜାରରେ ମଧ ଲାଲ୍‌ଚନ୍ଦ୍‌କୁ ଏକ ଅଲଗା ରାସ୍ତାରେ ଚାଲିବାକୁ ଉତ୍ସାହିତ କରୁଛି।

ଲାଲ୍‌ଚନ୍ଦ୍ ସିଧାସଳଖ ନିର୍ମାତାଙ୍କ ଠାରୁ ଗହଣା ଆଣୁଥିବାରୁ ମଧସ୍ତି ଖର୍ଚ୍ଚ ପଡ଼େନାହିଁ। ଅନ୍ୟପଟେ ଅନେକ ଜୁଏଲର୍ସ ବ୍ରାଣ୍ଡର ଭାରୀ କର୍ପୋରେଟ୍ ଗଠନ ଶୈଳୀ ଓ ମହଙ୍ଗା ପରିଚାଳନା ଖର୍ଚ୍ଚ ଥିବାରୁ, ଏତେ କମ୍ ଗଢ଼ା ମୂଲ୍ୟରେ ସୁନା ଗହଣା ଦେଇପାରନ୍ତି ନାହିଁ।

ଲାଲ୍‌ଚନ୍ଦ୍ ଗ୍ରାହକଙ୍କୁ କେବଳ ରିହାତି ନୁହେଁ, ସୁବିଧା ଓ ସୁରକ୍ଷାର ଆଶ୍ୱାସନା ମଧ ଦେଉଛି। 'ସୋନେ ପେ ସୁହାଗା" ଯୋଜନାରେ ଶୂନ ଗଢ଼ା ମଜୁରିରେ ଗ୍ରାହକମାନେ ସୁନା ଗହଣା ପାଉଥିବାବେଳେ ପୁରୁଣା ଏଚ୍‌ୟୁଆଇଡି ସୁନାର ୧୦୦% ମୂଲ୍ୟ ମିଳୁଛି। ଏମ୍‌ଏମ୍‌ଟିସି ୨୨୨.୨ ଶୁଦ୍ଧ ସୁନା ଓ ରୂପା ମୁଦ୍ରା ମଧ ଏଠାରେ ଉପଲବ୍ଧ ରହିଛି।

ଲାଲ୍‌ଚନ୍ଦ୍‌ରେ ଥିବା ଡିଜାଇନ୍ ସଂଗ୍ରହ ମଧ ବଜାରର ଧ୍ୟାନ ଆକର୍ଷଣ କରୁଛି। ଆଣ୍ଟିକ୍, ଇଟାଲିଆନ୍, ଲାଇଟ୍‌ୱେଟ୍, ଡିଜାଇନର୍, ବ୍ରାଇଡାଲ୍, ହ୍ୟାଣ୍ଡକ୍ରାଫ୍ଟେଡ୍, ଡେଲି ୱେର୍ ଓ ଫ୍ୟାନ୍ସି ଚୁଡ଼ି ସହ ସମସ୍ତ ରୁଚି, ବୟସ ଓ ଅବସର ପାଇଁ ବିଶାଳ ରେଞ୍ଜ ରଖାଯାଇଛି। ପରମ୍ପରା ଓ ଆଧୁନିକତାର ଏକ ସୁନ୍ଦର ସମନ୍ୱୟ ସହ ଏହି ଅଳଙ୍କାର ସଂଗ୍ରହ ଉପଲବ୍ଧ। ଦୈନନ୍ଦିନ ପରିଧାନରୁ ଆରମ୍ଭ କରି ବିବାହ, ପାର୍ବଣ ଓ ଉପହାର ପର୍ଯ୍ୟନ୍ତ ସବୁ ଅବସର ପାଇଁ ସ୍ୱତନ୍ତ୍ର ବିକଳ୍ପ ରହିଛି।

**ଏହି ଅକ୍ଷୟ ତୃତୀୟାରେ ଲାଲ୍‌ଚନ୍ଦ୍ ଚାରିଟି ମୁଖ୍ୟ ନୀତିକୁ ଆପଣାଇଛି — ଶୂନ୍ୟ ଲାଭ, କିଣା ମୂଲ୍ୟରେ ବିକ୍ରୟ, ସମ୍ପୂର୍ଣ୍ଣ ସ୍ପଷ୍ଟତା ଓ ଆସ୍ଥାର ସ୍ଥାନ ସର୍ବୋଚ୍ଚ।** ଅର୍ଥାତ୍ ଏଠାରେ ବିକ୍ରୟ ଠାରୁ ବଡ଼ କଥା ହେଉଛି ଭରସା ଏବଂ ବ୍ୟବସାୟ ଠାରୁ ବଡ଼ କଥା ହେଉଛି ନୀତି ଓ ଆଦର୍ଶ। ଯେଉଁ ସମୟରେ ଅନେକ ବ୍ରାଣ୍ଡ ଗ୍ରାହକଙ୍କ ଭାବନାକୁ ଅସ୍ତ୍ରରେ ପରିଣତ କରି ଲାଭ ନେବାରେ ବ୍ୟସ୍ତ, ସେତେବେଳେ ଲାଲ୍‌ଚନ୍ଦ୍‌ର ଏହି ନିର୍ଣ୍ଣୟ ଏକ ସ୍ପଷ୍ଟ ପାର୍ଥକ୍ୟ ସୃଷ୍ଟି କରୁଛି।

ଏଣୁ କେବଳ ଦେଖିଦେଇ ନୁହେଁ, ବିବେକର ସହ ଚୟନ କରନ୍ତୁ। କାରଣ ପ୍ରକୃତ ସମୃଦ୍ଧି କୌଣସି ଆକର୍ଷଣୀୟ ଅଫର୍‌ରୁ ଆସେନାହିଁ; ଆସେ ଶୁଦ୍ଧତାରୁ, ସତ୍ୟତାରୁ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ସାଇ ବାବାଙ୍କ ଆଶୀର୍ବାଦରୁ।

**ଲାଲ୍‌ଚନ୍ଦ୍‌ର ଏହି ସନ୍ଦେଶ ସରଳ— ଅକ୍ଷୟ ତୃତୀୟାର କ୍ରୟ ହେଉଛି ଆସ୍ଥା, ସତ୍ୟ ଓ ଶୁଦ୍ଧତାକୁ ବାଛିବାର ମୁହୂର୍ତ୍ତ।** ଗ୍ରାହକଙ୍କ ଶ୍ରମ ଉପାର୍ଜିତ ଟଙ୍କାର ସମ୍ମାନ ହେବା ସହ ଶୁଦ୍ଧତା, ସ୍ପଷ୍ଟ ମୂଲ୍ୟ ଓ ଭରସା ସହିତ କ୍ରୟ ହେବା ଉଚିତ୍। ଏସବୁକୁ ଆଧାର କରି ଲାଲ୍‌ଚନ୍ଦ୍ ଏଥର ଅକ୍ଷୟ ତୃତୀୟା କ୍ରୟକୁ ଭରସା, ପ୍ରକୃତ ମୂଲ୍ୟ ଓ ଶୁଦ୍ଧତାର ଏକ ଅଲଗା ଅନୁଭବରେ ପରିଣତ କରୁଛି। ଲାଲ୍‌ଚନ୍ଦ୍‌ର ଏହି ନିଷ୍ପତ୍ତି କେବଳ ଗୋଟିଏ ବ୍ୟବସାୟିକ ଘୋଷଣା ନୁହେଁ; ଏହା ଗହଣା ବଜାର ପାଇଁ ଏକ ନୈତିକ ଆହ୍ୱାନ। ●●●

**5.9%**
ଗଢ଼ା ମଜୁରି ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଅଳଙ୍କାର ଉପରେ (ଚୁଡ଼ି ବ୍ୟତୀତ)

**6.9%**
ଗଢ଼ା ମଜୁରି ସମସ୍ତ 22 କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଚୁଡ଼ି ଉପରେ



**ଫ୍ଲାଟ୍ 30% ରିହାତି**
ସମସ୍ତ ଆଇଜିଆଇ ସର୍ଟିଫାଏଡ୍ ହୀରା ମୂଲ୍ୟ ଉପରେ

**ଫ୍ଲାଟ୍ 60% ରିହାତି**
ସମସ୍ତ ରୂପା ଅଳଙ୍କାର ଗଢ଼ା ମଜୁରି ଉପରେ

UP TO ₹5,000 EXTRA CASHBACK# SBI card
#Min. Trxn.: ₹50,000; Max. Cashback: ₹5,000 per card account; Validity: 14 Apr - 20 Apr 2026. T&C Apply.

ମାଷ୍ଟର୍ କ୍ୟାଣ୍ଟିନ୍ ଷ୍ଟୋର୍‌ର ପଛପାର୍ଶ୍ୱସ୍ଥ ଦ୍ୱାରଠାରେ (ଭିନିଥ୍ ସମ୍ମୁଖରେ) ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ସହ ସମ୍ମୁଖ ଦ୍ୱାର ନିକଟରେ ଭାଲେ ପାର୍କିଂ ସୁବିଧା ଉପଲବ୍ଧ।

**ଏପ୍ରିଲ 19 ଓ 20 ଦୁଇଦିନ ଧରି ଲାଲ୍‌ଚନ୍ଦ୍‌ର ସମସ୍ତ ଷ୍ଟୋର୍ ସକାଳ ୫ଟା ରୁ ଖୋଲାଯିବ।**

SONE PE SUHAGA
ମାସିକ ମୂଲ୍ୟ ପୈଠ କରନ୍ତୁ
ପସନ୍ଦର ଅଳଙ୍କାର କିଣନ୍ତୁ
0 ଗଢ଼ା ମଜୁରି

**୨୨୨.୨ ଶୁଦ୍ଧ ଏମ୍‌ଏମ୍‌ଟିସି ସୁନା ଓ ରୂପା ମୁଦ୍ରା କେବଳ ଲାଲ୍‌ଚନ୍ଦ୍‌ରେ ଉପଲବ୍ଧ**
- ସୁନିଶ୍ଚିତ ଶୁଦ୍ଧତା
- ସରକାର-ସମର୍ଥିତ ପ୍ରତିଶ୍ରୁତି
- ଅନ୍ତର୍ଜାତୀୟ ବିଶୋଧନ ମାନଦଣ୍ଡ
- ଓଜନ ଏବଂ ମୂଲ୍ୟରେ ସ୍ୱଚ୍ଛତା

ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜରେ ପାଆନ୍ତୁ **100% ସୁନା ମୂଲ୍ୟ**

aarouhi BY LALCHND
ଲାଇଟ୍‌ୱେଟ୍ ଡାଇମଣ୍ଡ ଜୁଏଲାରୀ
ମାଷ୍ଟର୍ କ୍ୟାଣ୍ଟିନ୍, ଭୁବନେଶ୍ୱର

ଲାଲ୍‌ଚନ୍ଦ୍ ପ୍ରତିଶ୍ରୁତି: ✓ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ✓ ସର୍ବନିମ୍ନ ଗଢ଼ାମୂଲ୍ୟ ✓ ଆଜୀବନ ରକ୍ଷଣାବେକ୍ଷଣ ✓ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ✓ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

| | | | | | |
|---|---|---|---|---|---|
| ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ | ଭୁବନେଶ୍ୱର ରଘୁନାଥପୁର | ବ୍ରହ୍ମପୁର ଧର୍ମ ନଗର | କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ | କଟକ ସିଡିଏ ସେକ୍ଟର-୬ | ନୂଆଦିଲ୍ଲୀ ଲାଜ୍‌ପତ୍ ନଗର |
| 0674-2534016/17/18 | 0674-2469149/150/151 | 0680-2229401/02/04 | 0671-2302505/3505/4505 | 0671-2503371/72/73 | 011-45769564 |

## କେନ୍ଦ୍ରାପଡ଼ାରେ ପ୍ରବାଦ ପୁରୁଷ ଦିବସ

# ‘ବିଜୁବାବୁ ରାଜନେତା ନ ଥିଲେ, ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ’








କେନ୍ଦ୍ରାପଡ଼ା/ଗରଦପୁର,୧୭।୪(ସମିସ)

କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅଧୀନ ଚଅଁପୁର ଖେଳ ପଡିଆରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏ ଅବସରରେ ଶତାଧିକ ବିଜେଡି କର୍ମୀ ଓ ନେତା ଯୋଗଦେଇ ବିଜୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଓ ଆସନ୍ତା ଦିନରେ ଦଳୀୟ ସଂଘର୍ଷକୁ ମଜବୁତ କରିବାକୁ ସଂକଳ୍ପ ନେଇଥିଲେ। ମୁଖ୍ୟଅତିଥି ଭାବେ ଦଳର ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଯୋଗଦେଇ କହିଥିଲେ, ବିଜୁ ପଟ୍ଟନାୟକ କେବଳ ଜଣେ ରାଜନେତା ନ ଥିଲେ, ସେ ଓଡ଼ିଆ ଅସ୍ମିତାର ପ୍ରତୀକ। ତାଙ୍କ ଜୀବନ ଓ କାର୍ଯ୍ୟ ଆଜି ମଧ୍ୟ ଓଡ଼ିଶାର ସାମାଜିକ ଓ ରାଜନୈତିକ ପରିଚାଳନାକୁ ପ୍ରଭାବିତ କରୁଛି। ପାଟକୁରା ମାଟି ସହ ବିଜୁଙ୍କ ଗଭୀର ସମ୍ପର୍କ ରହିଛି। ବ୍ୟକ୍ତିର ମୃତ୍ୟୁ ହୋଇପାରେ, କିନ୍ତୁ ବ୍ୟକ୍ତିତ୍ୱର ମୃତ୍ୟୁ କେବେ ହୁଏନାହିଁ। ସେ ଆହୁରି କହିଥିଲେ, ବିଜୁବାବୁଙ୍କ “ଗାଁକୁ କାମ, ମାଆକୁ ସମ୍ମାନ’ ଦୃଷ୍ଟିକୋଣ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଚିନ୍ତାଧାରା ଆଜି ମଧ୍ୟ ପ୍ରାସଙ୍ଗିକ। କାର୍ଯ୍ୟକ୍ରମର ସଭାପତି ରାଜେଶ ଦାସ କହିଥିଲେ, ଗଛରୁ ପତ୍ର ଝଡିଲେ ଗଛ କେବେ ମରେନି, ବରଂ ପୁଣି କଅଁଳେ ଓ ଆଉ ବଢେ। ସେ ବିଜେଡ଼ି ଛାଡ଼ିଥିବା କିଛି ନେତାଙ୍କୁ ଟାର୍ଗେଟ କରି କହିଥିଲେ, ଦଳକୁ ଧୋକା ଦେଇଥିବା ନେତାଙ୍କୁ ପାଟକୁରାବାସୀ କେବେ ବରଦାସ୍ତ କରିବେ ନାହିଁ। ଏ ଅବସରରେ ଜିଲ୍ଲା ସଭାପତି ଶିବପ୍ରସାଦ ଭଳ, ସତ୍ୟାନନ୍ଦ ରାଉତ, ଏଲିଜା ସ୍ୱାଇଁ, ଧନେଶ୍ୱର ସେଠୀ, ଅରବିନ୍ଦ ମଲ୍ଲିକ, ପୂର୍ଣ୍ଣିମା ରାଉତ, ଦେବାଶିଷ ଆଚାର୍ଯ୍ୟ, ଦିଲ୍ଲୀପ ପଣ୍ଡା, ଅଟଳ ଜେନା, ପ୍ରହଲ୍ଲାଦ ସାହୁ, ପ୍ରମୋଦ ସାମଲ, ମନୀନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ହଜାର ହଜାର କର୍ମୀଙ୍କ ଭିଡ଼ ଏହି ତିରୋଧାନ ଦିବସକୁ ଦଳୀୟ ଶକ୍ତି ପ୍ରଦର୍ଶନରେ ପରିଣତ କରିଥିଲା। ସେହିପରି ଏହି ଦିନକୁ ଅବସର କରି ବିଜେଡ଼ିରେ ଏକ ବୃହତ୍ ମିଶ୍ରଣ ପର୍ବ ଦେଖାଯାଇଥିଲା। ମାର୍ଶାଘାଇ ଅଞ୍ଚଳର ଅମୀୟ ପରିଡା, ଭୁନାଥ ମହାନ୍ତି, ମନୋରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ସିଂ, ନୃସିଂହ ସାମଲ ଓ ଗୋପାଳ ସାହୁ ପ୍ରମୁଖ ନେତା ଦଳରେ ସାମିଲ ହୋଇଥିଲେ। ରାଜନୈତିକ ମହଲରେ ଏହାକୁ ବିଜେଡି ପକ୍ଷରେ ଏକ ସକାରାତ୍ମକ ସଙ୍କେତ ବୋଲି ଦେଖାଯାଉଛି। ପାଟକୁରାରେ ଦଳୀୟ ସଂଗଠନକୁ ମଜବୁତ କରିବା ସହ ବିପକ୍ଷଙ୍କୁ ଶକ୍ତ ଟକ୍କର ଦେବା ପାଇଁ ବିଜେଡି ପ୍ରସ୍ତୁତ ବୋଲି ଏହି ସଭାରୁ ସ୍ପଷ୍ଟ ସନ୍ଦେଶ ମିଳିଛି। ବିଜୁ ପଟ୍ଟନାୟକଙ୍କ ଆଦର୍ଶ, ଅନ୍ୟାୟ ଓ ଅବିଚାର ବିରୋଧରେ ଅଦମ୍ୟ ସାହସ, ସମାଜ ପାଇଁ ସମର୍ପଣ ଓ ଉତ୍ତୁଙ୍ଗ ଓଡ଼ିଆ ସ୍ୱାଭିମାନ ଆଜି ମଧ୍ୟ ବିଜେଡିର ରାଜନୈତିକ ଦିଗ ନିର୍ଦ୍ଦେଶକ ଭାବେ ରହିଛି। ଏହି ଶ୍ରାଦ୍ଧ ଦିବସ କେବଳ ସ୍ମୃତି ନୁହେଁ, ବରଂ ଆଗାମୀ ରାଜନୈତିକ ସଂଘର୍ଷର ଏକ ନୂଆ ଆରମ୍ଭ ଭାବେ ଦେଖାଯାଉଛି।

**କେନ୍ଦ୍ରାପଡ଼ା:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ଶ୍ରାଦ୍ଧୋତ୍ସବ ଅବସରରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ସେବା ଓ ସମର୍ପଣ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ସାନ୍ତସାହି ଅଞ୍ଚଳର ବଳଦେବଜୀଉ ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ସଭା ସହ ଏକ ବୃହତ୍ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୧୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସକାଳୁ ଗୋବରୀ ନଦୀଘାଟରେ ତିଳତର୍ପଣ ମାଧ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ନୂଆ ବସ୍ଷ୍ଟାଣ୍ଡ ଓ ମେଡିକାଲ ଛକରେ ସ୍ଥାପିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନେତାମାନେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜୁବାବୁଙ୍କ ଅପରିମିତ ଅବଦାନ ଉପରେ ଆଲୋଚନା ହୋଇଥିଲା। ବକ୍ତାମାନେ କହିଥିଲେ, ଆଧୁନିକ ଓଡ଼ିଶା ଗଢ଼ିବାରେ ବିଜୁ ପଟ୍ଟନାୟକଙ୍କ ଭୂମିକା ଅବିସ୍ମରଣୀୟ। ତାଙ୍କ ଆଦର୍ଶ ଆଜି ମଧ୍ୟ ପ୍ରତ୍ୟେକ ଓଡ଼ିଆଙ୍କୁ ପ୍ରେରଣା ଦେଉଛି। ଏ ଅବସରରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ବିଜୁ ଜନତା ଦଳର କର୍ମୀ ସ୍ୱଇଚ୍ଛାପୂର୍ବକ ଯୋଗଦେଇ ରକ୍ତଦାନ କରିଥିଲେ। ସଂଗୃହୀତ ୧୫୪ ୟୁନିଟ୍ ରକ୍ତ କେନ୍ଦ୍ରାପଡା ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଥିଲା। ଯାହା ଆପଦକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଉପକାରୀ ହେବ। ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଓ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ବରିଷ୍ଠ ନେତା ରଞ୍ଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପଟ୍ଟାମୁଣ୍ଡାଇ:** ଅନ୍ୟାୟ, ଅବିଚାର ବିରୋଧରେ ଲଢ଼ିବା ପାଇଁ ଅଦମ୍ୟ ସାହସ, ସମାଜ ପାଇଁ ସମର୍ପଣ ଭାବ ଓ ଉତ୍ତୁଙ୍ଗ ଓଡ଼ିଆ ସ୍ୱାଭିମାନ ପ୍ରବାଦ ପୁରୁଷ ବିଜୁ ପଟନାୟକଙ୍କ ମୂଳମନ୍ତ୍ର ଥିଲା ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରବାଦପୁରୁଷ ବିଜୁ ପଟନାୟକଙ୍କ ୨୯ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ-ରାଜନଗର ବିଜେଡି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ସେ ବିଜୁଙ୍କ ଗୁଣାବଳୀକୁ ନେଇ ଯୁବସମାଜ ଆଗକୁ ବଢିଲେ ଶହ ଶହ ବିଜୁ ସୃଷ୍ଟି ହୋଇପାରିବେ ଓ ବିଜୁଙ୍କ ସ୍ୱପ୍ନର ବିକଶିତ ପଟ୍ଟାମୁଣ୍ଡାଇ-ରାଜଗର ହେବ ବିଜୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବିକଶିତ ଭାରତ ଓ ଓଡ଼ିଶା ଗଠନ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ବିଜୁଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ରାଜନଗର ବିଧାୟକ ଶ୍ରୀ ସାହୁ କେନ୍ଦ୍ର ସରକାରଙ୍କଠାରେ ଦାବି କରିଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ ଆବାହକ ରିଜୁୱାନା ବେଗମ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବରିଷ୍ଠ ନେତା ପଞ୍ଚାନନ ଧଳ ଓ ଅମୂଲ୍ୟ ପ୍ରଧାନ, ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ,୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନରଞ୍ଜନ ବେହେରା, ନଗର ମହିଳା ସଭାନେତ୍ରୀ ଲାସ୍ୟମୟୀ ସାହୁ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ ଓ ସର୍ବେଶ୍ୱର ମହାନ୍ତି, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ପ୍ରଶାନ୍ତ ବାରିକ, ଗୋପୀବଲ୍ଲଭ ନାୟକ, ରୀନାରାଣି ମଲିକ ଲକ୍ଷ୍ମୀପ୍ରିୟା ସାହୁ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ କଳାକାର ପ୍ରଧାନ, ସରପଞ୍ଚ ପ୍ରିୟବ୍ରତ ଓଝା, ବୁଦ୍ଧିରାମ ବେହେରା, ଅନୀଲ ଲେଙ୍କା ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟନାୟକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସଭାରେ ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ସରପଞ୍ଚ ସମିତି ସଭ୍ୟ, କାଉନସିଲର, ବିଜେଡି ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।






**ରାଜକନିକା:** କୋଟି ଓଡ଼ିଆର ମଉଡମଣି, ଓଡ଼ିଆ ଅସ୍ମିତା, ଓଡ଼ିଆର ସ୍ୱାଭିମାନ, ଝଡ଼ର ଇଗଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସକୁ ବିଜୁ ପ୍ରବାଦ ଦିବସ ଭାବେ ପାଳନ କରାଯାଇଛି। ପ୍ରତ୍ୟେକ ବିଜୁପ୍ରେମୀଙ୍କ ପାଇଁ ଆଜିର ଦିବସ ବେଶ ଗାରିମା ବହନ କରୁଥିବାରୁ ରାଜକନିକା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଅଶୋକ ବଜାରର ନୟନା ମଣ୍ଡପରେ ଆୟୋଜିତ ପ୍ରବାଦ ଦିବସରେ ବିଜୁଙ୍କ ଆଦର୍ଶ, ତ୍ୟାଗ, ଜାତୀୟତା ପ୍ରୀତି ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟ ଦେଇଥିଲେ। ବିଜେଡିର ବରିଷ୍ଠ ସଦସ୍ୟ କପିଳେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ନିରବ ପ୍ରାର୍ଥନା ପରେ ବିଜୁବାବୁଙ୍କ ସମ୍ପର୍କରେ ବରିଷ୍ଠ ନେତା ବିକାଶ ଦାସ, ବିଦ୍ୟାଧର ବେହେରା, ଶ୍ରୀନିବାସ ପ୍ରଧାନ, ରବିନାରାୟଣ ବେହେରା, ଉତ୍ତମ ସେନାପତି, ଜିଲ୍ଲା ପରିଷଦ ସଭ୍ୟ ଅମିତା ସାହୁ, ପ୍ରତାପ ବେହେରା, ଯୁବ ସଂଗଠକ ପବିତ୍ର ରାଉତ, ହରିଶ୍ଚନ୍ଦ୍ର ମହାପାତ୍ର, ସାରଙ୍ଗଧର ସାହୁ, ଅରୁଣ ରାଉତ, ଦେବଦତ୍ତ ଦାସ, ଲିଲିଭା ମଲ୍ଲିକ, ପ୍ରଦୀପ୍ତ ବେହୁରିଆ, ଅୟସ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ବର୍ଗର ବ୍ୟକ୍ତି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାହସୀ ହେବାକୁ ଆଜିର ଦିବସରେ ଆହ୍ୱାନ ଦିଆଯାଇଛି।

**ରାଜନଗର:** ଭାରତର ମହାନ ରାଜନେତା, ସ୍ୱାଧୀନତା ସଂଗ୍ରାମୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ରାଜନଗର ବିଜୁ ଜନତା ଦଳ ପକ୍ଷରୁ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ବିଜୁବାବୁଙ୍କ ତ୍ୟାଗ, ତିତିକ୍ଷା, ସମର୍ପଣ ଭଳି ବିରଳ ବ୍ୟକ୍ତିତ୍ୱକୁ ମନେ ପକାଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଥମେ ତ୍ରିନାଥ ବଜାରସ୍ଥ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ, ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ବିଜେଡି ନେତା କୈଳାସ ପରିଡା, ବାଇଧର ସେଠୀ, ଅଶୋକ ମହାନ୍ତି, ପ୍ରମୋଦ ପ୍ରଧାନ, ଦିଲ୍ଲୀପ ପାତ୍ର, ନାରାୟଣ ଦାସ, ପ୍ରଦୀପ ବେହେରା, ଶ୍ରୀକାନ୍ତ ପ୍ରଧାନ, ସରୋଜ ରାଉତ, ସଂଜୟ ସ୍ୱାଇଁ, ସର୍ବେଶ୍ୱର ମହାନ୍ତି, ରାମଚନ୍ଦ୍ର ରାଉତ, ନିର୍ବିକାର ମହାନ୍ତି, ରଶ୍ମିରଞ୍ଜିତା ସ୍ୱାଇଁ, ଛାତ୍ର ନେତା ପରମେଶ୍ୱର ଦାସ, ସୁରଜ ପୁହାଣ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ଅବସରରେ ତ୍ରିନାଥ ବଜାରରେ ଥିବା ନଳିନୀକାନ୍ତ ମହାନ୍ତି, ବ୍ଲକ କାର୍ଯ୍ୟାଳୟରେ ଥିବା ଜାତିର ପିତା ମହା।। ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

## ଆଜାଦ୍ କ୍ଲବ୍‌ର ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ




କେନ୍ଦ୍ରାପଡ଼ା, ୧୭।୪(ସମିସ): ଫକିରାବାଦସ୍ଥ ଆଜାଦ୍ କ୍ଲବ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସନ୍ଧ୍ୟାରେ କ୍ୱାର୍ଟରଫାଇନାଲ ମ୍ୟାଚ୍ ଉଦଘାଟିତ ହୋଇଥିଲା। ଆଜାଦ୍ କ୍ଲବ ସଭାପତି ହିବଜୁର ରହେମାନଙ୍କ ସଭାପତିତ୍ୱ ଓ ସମ୍ପାଦକ ସେକ ଲିୟାକତ ଅଲ୍ଲୀଙ୍କ ପରିଚାଳନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡା ଆଗ୍ରହ ବୃଦ୍ଧି ପାଇଁ ଏଭଳି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ କହିଥିଲେ, ଏଭଳି ପ୍ରତିଯୋଗିତା ମାଧ୍ୟମରେ ଖେଳାଳିଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବା ସହ ଜିଲ୍ଲାର ନାମ ରାଜ୍ୟ ଓ ଜାତୀୟ ସ୍ତରରେ ଉଜ୍ଜ୍ୱଳ ହେବ। ସମ୍ମାନିତ ଅତିଥି ଭାବେ ସୌମେନ୍ଦ୍ର ପୃଷ୍ଟି ଓ ମୁକ୍ତାର ଖାଁ ଯୋଗ ଦେଇଥିଲେ। ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଫୁଲବାଣୀର ଜେଡି କ୍ଲବ ମୟୁରଭଞ୍ଜର ଲିଓ ବାଗାଲ ବାଗାନ କ୍ଲବକୁ ୭-୬ ସଡନ୍‌ଡେଥ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଚତୁର୍ଥ କ୍ୱାର୍ଟରଫାଇନାଲରେ କୋଲକାତାର ନ୍ୟୁ ଟାଉନ ସ୍ପୋର୍ଟ୍ସ ଓ କେନ୍ଦ୍ରାପଡାର ୧୧ ଷ୍ଟାର ଟିମ୍ ମୁହାଁମୁହିଁ ହୋଇଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୧୭।୪(ସମିସ): ପଟ୍ଟାମୁଣ୍ଡାଇ କଲେଜ ୧୯୯୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଅଧ୍ୟାପକ ନୃସିଂହ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ କଲେଜ ପ୍ରେକ୍ଷାଳୟରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ମୁଖ୍ୟଅତିଥି, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ରମେଶ ସାହୁ, କଲେଜ ଆଲୁମନି ଆସୋସିଏସନ ସଭାପତି ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବକୁ ପ୍ରୋତ୍ସାହିତ କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ଜ୍ୟୋତିର୍ମୟ ତ୍ରିପାଠୀ, ଶୁଭଦୀପ ଗୁପ୍ତା, ବସନ୍ତ ନାୟକ, ପ୍ରସନ୍ନଜିତ ସାମନ୍ତରାୟ, ପ୍ରଶାନ୍ତ ମହାପାତ୍ର, ତପନ ପାତ୍ର, ଅନ୍ତର୍ଯ୍ୟାମୀ ବେଜ, ମୃତ୍ୟୁଞ୍ଜୟ ପଣ୍ଡା, ବିଶ୍ୱରଞ୍ଜନ ପାତ୍ର, ତୁଳସୀ ଚୌଧୁରୀ, ବସନ୍ତ ମଞ୍ଜରୀ ଦାସ, ଅନୀତା ମହାନ୍ତି, ରେଖାରାଣୀ କର, ପୁଷ୍ପ ସାହୁ, ଅରୁଣା ପାତ୍ର, ଭାରତୀ ନାୟକ ପ୍ରମୁଖ ଛାତ୍ରଛାତ୍ରୀ ଯୋଗଦେଇ ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ କରିବା ସହିତ ପୂର୍ବ ସ୍ମୃତି ମନେ ପକାଇଥିଲେ। ଉପେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ପ୍ରଫୁଲ୍ଲ ଦାଶ ଓ ନିମାଇଁ ଦାଶଙ୍କ ସଂଯୋଜନାରେ ନାଚ ଓ ଗୀତ ପରିବେଷଣ କରାଯାଇଥିଲା।

## ସିବିଏସଇ ଦଶମ ପରୀକ୍ଷାରେ ଚମକିଲେ ଅନନ୍ତ



ରାଜନଗର,୧୭।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ତରାଣ୍ଡୋ ଆଦର୍ଶ ବିଦ୍ୟାଳୟ ଛାତ୍ର ଅନନ୍ତ ନାଥ ୯୮.୬ ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଦୁର୍ଗମ ଅଞ୍ଚଳର ଲୋକଙ୍କୁ ସେବା କରିବା ତାଙ୍କର ଲକ୍ଷ୍ୟ ରଖିଥିବା କହିଛନ୍ତି। କଠିନ ପରିଶ୍ରମ, ଏକାଗ୍ରତା ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଅନନ୍ତ କହିଛନ୍ତି।

## ସିବିଏସଇ ଦଶମ ପରୀକ୍ଷାରେ ମନସ୍ୱିନୀଙ୍କ ସଫଳତା



ରାଜକନିକା,୧୭।୪(ସମିସ): ରାଜକନିକା ବ୍ଲକ ପିମ୍ପୁଡି ଗ୍ରାମର ଗଗନ ନାୟକ ଓ ଗାୟତ୍ରୀ ନାୟକଙ୍କ ଝିଅ ମନସ୍ୱିନୀ ନାୟକ ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୫.୬ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ସଫଳତା ପାଇଁ ପିଏମଶ୍ରୀ ଜବାହାର ନବୋଦୟ ସ୍କୁଲ ବାରୋର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ ଗୁରୁଜନଙ୍କୁ ଶ୍ରେୟ ଦେଇଛନ୍ତି।

## ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଙ୍ଘର ସାମ୍ବିଧାନିକ ସମ୍ମିଳନୀ



ମହାକାଳପଡ଼ା,୧୭।୪(ସମିସ): ମହାକାଳପଡ଼ା ବ୍ଲକ ଛଡାଇଗୁଆଁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନିଖିଳ ଉତ୍କଳ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲମ୍ବୋଧର ମହାନ୍ତି ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସଂଘ ଉପଦେଷ୍ଟା ଅବନୀ ମହାନ୍ତି, ଘନଶ୍ୟାମ ନାୟକ, ଶ୍ରୀନାଥ ସ୍ୱାଇଁ, ଭାଗୀରଥି ନନ୍ଦ, ନିରାକାର ଜେନା, ସୁରେନ୍ଦ୍ର ପାତ୍ର, ଜିଲ୍ଲା ସମ୍ପାଦକ ଅଶୋକ ସାହୁ, ରାଜ୍ୟ ଉପସଭାପତି ଧନେଶ୍ୱର ପାତ୍ର, ରାଜ୍ୟ ଶିକ୍ଷକ ଦର୍ପଣ ସମ୍ପାଦକ ସୁଶାନ୍ତ ପ୍ରଧାନ ଯୋଗଦେଇ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପ୍ରଶାସନିକ ଅଧିକାରୀଙ୍କ ପାଖରୁ ଶିକ୍ଷକଙ୍କ ବିଭିନ୍ନ ନାର୍ଯ୍ୟ ଦାବି ହାସଲ କରିବା ସହିତ ସମସ୍ତଙ୍କୁ ପୁରୁଣା ପେନସନ ହାରରେ ପେନସନ ଓ ଅଷ୍ଟମ ବେତନ କମିଶନ ପେନସନର ଉଚ୍ଛେଦ ଭଳି ଗୁରୁତପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ରମେଶ ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସରୋଜ ପାଇଟାଳ ସମ୍ପାଦକୀୟ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ମିନତୀ ସେଠୀ ଓ ବିଚିତ୍ରାନନ୍ଦ ସାମଲ, ଓଷ୍ଟା ସମ୍ପାଦକ ରଘୁନାଥ ଦାସ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋଜ ନନ୍ଦ, ସମ୍ପାଦକ ବିଶ୍ୱଭୂଷଣ ମଲିକ, ଏନପିଏସ ସମ୍ପାଦକ ଅମୀୟ ଚୌଧୁରୀ, ଏକ୍ସ କ୍ୟାଡର ଜିଲ୍ଲା ସଦସ୍ୟ ଆଲୋକ ରାୟ, ନିରଞ୍ଜନ ରାଉତ, ପୀତାମ୍ବର ମଲ୍ଲ, ସୁରେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ନିର୍ମଳ ଆଚାର୍ଯ୍ୟ, ଉପସଭାପତି ସୁମନ୍ତ ସାମନ୍ତରାୟ, ସମ୍ପାଦକ ଚିତ୍ତରଞ୍ଜନ ରାଉତରାୟ, ଯୁଗ୍ମସମ୍ପାଦକ ପ୍ରତାପ ସ୍ୱାଇଁ, ସହସମ୍ପାଦକ ମହେଶ୍ୱର ମଲିକ, ରଂଜନ ସାହୁ, କୋଷାଧ୍ୟକ୍ଷ ରତ୍ନଶ୍ରୀ ସାମନ୍ତରାୟ, ଉପଦେଷ୍ଟା ସରୋଜ ପାଇଟାଳ, ରମାକାନ୍ତ ତ୍ରିପାଠୀ ନିର୍ବାଚିତ ହୋଇଥିଲେ। ପରେ ସେମାନଙ୍କୁ ଶପଥ ପାଠ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ଶତପଥୀ ଧନ୍ୟବାଦ ଅର୍ପଣ କରଥିଲେ।

## ଗୋବରୀ ନଦୀ ପୁନରୁଦ୍ଧାର ପ୍ରକଳ୍ପ ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ,୧୭।୪(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଜୀବନରେଖା କୁହାଯାଉଥିବା ପୁଣ୍ୟତୋୟା ଗୋବରୀ ନଦୀ ସମ୍ପ୍ରତି ପୋତି ହୋଇ ନିଶ୍ଚିହ୍ନ ହେବାକୁ ବସିଛି। ଫଳରେ ଜନସାଧାରଣ ଓ ପଶୁପକ୍ଷୀ ପାଣି ପାଇଁ ହାହାକାର କରୁଛନ୍ତି। ଗୋବରୀ ନଦୀ ପୋତି ହୋଇପଡିଥିବାରୁ ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ଓ ଚାଷୀମାନେ ଦାବି କରିଆସୁଥିଲେ। ଗୋବରୀ ନଦୀ ପୁନରୁଦ୍ଧାର ପାଇଁ ୮ କୋଟି ଟଙ୍କା ମଞ୍ଜୁର ହୋଇଛି। ଆଜି ଗୋବରୀ ନଦୀ ପୁନରୁଦ୍ଧାର ପ୍ରକଳ୍ପ ପଟ୍ଟାମୁଣ୍ଡାଇ ମହିଳା କଲେଜ ନିକଟରେ ଶିଳାନ୍ୟାସ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମ୍ପାଦକ ପ୍ରିୟବ୍ରତ ଓଝା, ସରପଞ୍ଚ ବୁଦ୍ଧିରାମ ବେହେରା, ଅନୀଲ ଲେଙ୍କା, ସଂଗ୍ରାମ ବାରିକ, କାଉନସିଲର ପ୍ରଶାନ୍ତ ବାରିକ, ଗୋପୀବଲ୍ଲଭ ନାୟକ, ସୁବାସ ମଲିକ, ମୃତ୍ୟୁଞ୍ଜୟ ପାଢ଼ୀ, ଯୁବନେତା ଦିଲ୍ଲୀପ ଜେନା ପ୍ରମୁଖ ବହୁ ବିଜେଡି ନେତା ଓ କର୍ମକର୍ତ୍ତା, ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ।

## ମହୁମାଛି ଆକ୍ରମଣରେ ଖବରକାଗଜ ବିକ୍ରେତା ଆହତ



ପଞ୍ଚୁପାଣ୍ଡବ,୧୭।୪(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଛକରେ ଖବରକାଗଜ ବିକୁଥିବା ବିଜୟ କୁମାର ସାହୁ ମହୁମାଛିଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ପ୍ରତିଦିନ ଭଳି ବିଜୟ ଶୁକ୍ରବାର ଦିନ ସ୍ଥାନୀୟ ଛକରେ ପେପର ବିକ୍ରି କରିଥିଲେ। ପରେ ସାଇକଲ ଧରି କେନ୍ଦ୍ରାପଡ଼ା ଅଭିମୁଖେ ପେପର ବିକ୍ରି କରିବାକୁ ଯାଉଥିବାବେଳେ ସଦାନନ୍ଦପୁର ଗ୍ରାମରେ ଥିବା ଗୋବରୀ ନଦୀ ବ୍ରିଜ୍ ନିକଟରେ ହଠାତ୍ ମହୁମାଛିଙ୍କ ଦଳ ଆକ୍ରମଣ କରିଥିଲେ। ସେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଓଲକଣା ଗ୍ରାମକୁ ଫେରିଥିବା ଜଣାପଡ଼ିଛି।

## ବିପୁଳ ପରିମାଣର ଚୋରାମଦ ଜବତ, ୯ ଗିରଫ

କେନ୍ଦ୍ରାପଡ଼ା,୧୭।୪(ସମିସ): କେନ୍ଦ୍ରାପଡା ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ବିରୋଧୀ ଅଭିଯାନ ଜୋରଦାର ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଥାନା ଅଞ୍ଚଳରେ ଚଢଉ କରାଯାଇ ବିପୁଳ ପରିମାଣର ଚୋରାମଦ ଜବତ କରାଯାଇଛି। ଜମ୍ବୁ ସାମୁଦ୍ରିକ, କୁଦାନଗରୀ, କେନ୍ଦ୍ରାପଡା ଟାଉନ ଓ ନିକିରାଇ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଅବକାରୀ ଦଳ ଚଢଉ କରାଯାଇଥିଲା। ପ୍ରଭାକରପୁର ଗ୍ରାମର ଦୀପ୍ତି ଖିଲାରଙ୍କଠାରୁ ୩୫ ଲିଟର ଦେଶୀ ରନ୍ଧାମଦ, ରୋହିତ ଖିଲାରଙ୍କଠାରୁ ୧୦୦୦ ଲିଟର ପୋଚ, ରବି ଖିଲାରଙ୍କଠାରୁ ୯୦୦ ଲିଟର ପୋଚ ଜବତ କରାଯାଇଥିଲା। ମାହାଙ୍ଗା ଗ୍ରାମର ରମାକାନ୍ତ ବେହେରାଙ୍କଠାରୁ ୩୨ ଲିଟର ବିଦେଶୀ ମଦ, ବଡହାଟ ଗ୍ରାମର ମୁନା ମହାରଣାଙ୍କଠାରୁ ୨୩ ଲିଟର ବିଦେଶୀ ମଦ, ବଳଗଣ୍ଡି ଗ୍ରାମର କଳ୍ପନା ସାହୁଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ ହୋଇଥିଲା। କୋର ଗ୍ରାମର ଅଭିମନ୍ୟୁ ବେହେରାଙ୍କଠାରୁ ୨୪ ଲିଟର ବିଦେଶୀ ମଦ, ଗୁଲନଗର ଗ୍ରାମର ଅଶୋକ ମଲିକଙ୍କଠାରୁ ୩୦ ଲିଟର ଦେଶୀ ମଦ ଓ ଜଳନ୍ଧର ସେଠୀଙ୍କଠାରୁ ୨୫ ଲିଟର ଦେଶୀ ଚୋରାମଦ ଜବତ କରାଯାଇଥିଲା। ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଗଳ୍ପ ସଂକଳନ ‘ପରଦା ପଛର ଅନ୍ଧାର’ ଉନ୍ମୋଚିତ



ପଟ୍ଟାମୁଣ୍ଡାଇ, ୧୭।୪(ସମିସ): ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ବୁଦ୍ଧ ମନ୍ଦିର ପରିସରରେ ଲେଖିକା ଧରିତ୍ରୀ ପାଣିଗ୍ରାହୀଙ୍କ ଗଳ୍ପ ସଂକଳନ “ପରଦା ପଛର ଅନ୍ଧାର’ ଲୋକାର୍ପିତ ହୋଇଛି। “ଟାଇମ୍ ପାସ୍‘ ପ୍ରକାଶନ ପକ୍ଷରୁ ଆୟୋଜିତ ଲୋକାର୍ପଣ ଉତ୍ସବରେ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ କବି ବଂଶୀଧର ଷଡ଼ଙ୍ଗୀ ଓ ଟାଇମ ପାସ୍‌ର ନିର୍ଦ୍ଦେଶକ ତଥା ଲେଖକ ସରୋଜ ବଳ ଯୋଗଦେଇ ଏହି ପୁସ୍ତକର ଲୋକାର୍ପଣ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇର ଧରିତ୍ରୀ ପାଣିଗ୍ରାହୀ ଟାଇମ୍‌ପାସ୍ ପ୍ରଥମା ପ୍ରତିଯୋଗିତାର ବିଜୟିନୀ ଓ ପୂର୍ବରୁ ସେ “କଥା ନବପ୍ରତିଭା’ ଭାବେ ମଧ୍ୟ ପୁରସ୍କୃତ ହୋଇଥିଲେ। ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ବହୁ ଲେଖକ, ଲେଖିକା ଓ ଯୁବ ସାହିତ୍ୟିକ ଯୋଗ ଦେଇଥିଲେ।

## ମରିଚାଣୀ ପୀଠରେ ପାଲା ଓ ସମ୍ବର୍ଦ୍ଧନା ଉତ୍ସବ



ମାର୍ଶାଘାଇ,୧୭।୪(ସମିସ): ମେହେନ୍ଦିନଗର ସିଦ୍ଧ ମରିଚାଣୀ ପୀଠରେ ଜନସେବା କ୍ଲବ ଆନୁକୂଲ୍ୟରେ ୧୬ତମ ଶ୍ରୀଶ୍ରୀ ସତ୍ୟନାରାୟଣ ସାଂସ୍କୃତିକ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲା ମାଧ୍ୟମରେ ପୁରୁଣା କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ସହ ଲୋକଙ୍କ ମଧ୍ୟରେ ସାଂସ୍କୃତିକ ଉଦ୍ଦିପନା ଉଜାଗର କରିବାକୁ ଜନସେବା କ୍ଲବ ସଦସ୍ୟ ଜିଲ୍ଲା ସଂସ୍କୃତି ବିଭାଗ ପରାମର୍ଶକ୍ରମେ ତିନିଦିନ ଧରି ପାଲା ଆୟୋଜନ କରିଥିଲେ। କେନ୍ଦ୍ର ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଗଗନ ବିହାରୀ ସିଂହ ନେତୃତ୍ୱରେ ପାଲା ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବରିଷ୍ଠ ବ୍ୟକ୍ତି ନିର୍ମଳ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଭାପତି ମନୋଜ ସାହୁ, ସମ୍ପାଦକ ପ୍ରତାପ ପରିଡ଼ା, କୋଷାଧ୍ୟକ୍ଷ ସୁଜିତ୍ ରାଉତ, ନଟବର ସାହୁ, ପୀତାମ୍ବର ଜେନା. ଖଗେଶ୍ୱର ରାଉତ ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA



## ଅଗ୍ନି ସୁରକ୍ଷା ମକ୍‌ଡ୍ରିଲ୍

ବଣାଇଁ,୧୭।୪(ସମିସ): ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଆଜି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଅଗ୍ନି ନିର୍ବାପନ ମକ୍‌ଡ୍ରିଲ୍ , ସଚେତନତା କାର୍ଯ୍ୟକ୍ରମ, ପୋଷ୍ଟର ପେଷ୍ଟିଂ କାର୍ଯ୍ୟ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଷ୍ଟେସନ୍ ଅଫିସର ସୁଜୟ କୁମାର ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ଲିଡିଂ ଫାୟାର ଫାଇଟର ଶ୍ୟାମ ସୁନ୍ଦର ପ୍ରଧାନ, ଫାୟାର ଫାଇଟର ଡ୍ରାଇଭର ତ୍ରିନାଥ ବେହେରା, ଫାୟାର ଫାଇଟର ଦୁର୍ଯ୍ୟୋଧନ କିସାନ, ଅମର ପାତ୍ର, ବିକାଶ ଡାଙ୍ଗ ଏବଂ ରବି ଦିବ୍ୟ କୁଜୁର ଯୋଗଦେଇଥିଲେ। ଏହି ଅବସରରେ ହସ୍ପିଟାଲର ସମସ୍ତ ଡାକ୍ତର, ଷ୍ଟାଫ ନର୍ସ ଏବଂ ସୁରକ୍ଷା କର୍ମଚାରୀ ଉପସ୍ଥିତ ଥିଲେ।

ଲହୁଣୀପଡ଼ା: ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୮୩ତମ ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ଅବସରରେ ଲହୁଣୀପଡ଼ା ଅଗ୍ନୀଶମ ବିଭାଗ ତରଫରୁ ଅଗ୍ନି ନିର୍ବାପନ ଓ ସୁରକ୍ଷା ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡ଼ା ଅଗ୍ନିଶମ ବିଭାଗ ଅତିରିକ୍ତ ଅଗ୍ନିଶମ ଅଧିକାରୀ ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିପର୍ଯ୍ୟୟ ମୁକାବିଲାଜନିତ ମକଡ୍ରିଲରେ ଲାଇନ୍ସ ଫାୟାର ଫାଇଟର ଶୁଭ୍ରଜିତ ଜେନା, ଫାୟାର ଫାଇଟର ଆଦିତ୍ୟ ବିଶ୍ୱାଳ, ସୁନିଲବାରା, ବିନିତି ହେମ୍ବ୍ରମ, ଉତମ କିଷାନ ପ୍ରମୁଖ ଯୋଗ ଦେଇ ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରର ସୁରକ୍ଷା ଓ ଅନ୍ୟାନ୍ୟ କର୍ମୀଙ୍କୁ ସାମାନ୍ୟରୁ ଗୁରୁତର ଧରଣର ସମସ୍ତ ପ୍ରକାର ଅଗ୍ନିକାଣ୍ଡକୁ ଆୟତ୍ତ କରିବା ତଥା ପାଣି ଫେଣ ଓ ଗ୍ୟାସ ଦ୍ୱାରା ଅଗ୍ନି ନିର୍ବାପନ କୌଶଳ, ଅଗ୍ନି ନିର୍ବାପକ ଯନ୍ତ୍ରର ସରଳ ବ୍ୟବହାର ପ୍ରଣାଳୀ, ଆଶୁ ଚିକିତ୍ସା, ଆତ୍ମସୁରକ୍ଷା ଓ ସଚେତନତା ସମ୍ବନ୍ଧରେ ପରୀକ୍ଷାମୂଳକ, ଅଗ୍ନି ନିର୍ବାପନ ସମ୍ବନ୍ଧୀୟ ନିୟମାବଳୀ, ଆପାତ୍ତକାଳୀନ ପରିସ୍ଥିତିର ମୁକାବିଲା ଓ ଜରୁରୀକାଳୀନ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ।

### ନକଲି ଫେସବୁକ୍ ଆଇଡିରେ ବନ୍ଧୁତା କରି ୧୪ ଲକ୍ଷ ଠକେଇ

# ବଲାଙ୍ଗିରରୁ ଅଭିଯୁକ୍ତ ଗିରଫ

ରାଉରକେଲା,୧୭।୪(ସମିସ)

ନକଲି ଫେସବୁକ ଆଇଡିରେ ବନ୍ଧୁତା ସ୍ଥାପନ କରି ସିଟିଓ ଚାକିରି କରାଇ ଦେବାକୁ କହି ମହିଳାଙ୍କ ଠାରୁ ୧୪ ଲକ୍ଷ ୪୫ ହଜାର ଟଙ୍କା ଠକି ନେବା ଅଭିଯୋଗରେ ସୁନ୍ଦରଗଡ ଜିଲ୍ଲାର ଭସ୍ମା ଥାନା ପୁଲିସ ଜଣେ ଯୁବକକୁ ବଲାଙ୍ଗୀରରୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ୨୦୨୫ ମସିହା ଅଗଷ୍ଟ ୨୭ ତାରିଖରେ ସୁନ୍ଦରଗଡ ଜିଲ୍ଲା ଭସ୍ମା ଥାନା ଅନ୍ତର୍ଗତ ଭାଲୁଗଡ ଗାଁର ରଞ୍ଜିତା କାଲୋ (୪୨) ନାମ୍ନୀ ଜଣେ ମହିଳା ଭସ୍ମା ଥାନାରେ ଦେଇଥିବା ଏତାଲା ଅନୁଯାୟୀ ବଲାଙ୍ଗିର ଜିଲ୍ଲାର ଲୋଇସିଂଘାର ସରୋଜ ନନ୍ଦ ନାମକ ଜଣେ ଯୁବକ 'ରିତେଶ ତ୍ରିପାଠୀ' ନାମରେ ଏକ ନକଲି ଫେସବୁକ ଆଇଡି ତିଆରି କରି ଗତ ୨୦୨୪ ନଭେମ୍ବର ୧୯ ତାରିଖରେ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। କ୍ରମେ ସମ୍ପର୍କ ସୁଦୃଢ ହେବା ପରେ ତାଙ୍କ ପୁଅକୁ କମର୍ସିଆଲ ଟ୍ୟାକ୍ସ ଅଫିସର ପଦବୀରେ ନିଯୁକ୍ତି ଦେବାକୁ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ରଂଜିତା କାଲୋ ତାଙ୍କ ପୁଅ ପାଇଁ ଚାକିରିରେ ଲଗାଇ ଦେବାକୁ ତାଙ୍କୁ କହିଥିଲେ। ପୁଅକୁ ସିଟିଓ ଚାକିରି ଲଗାଇ ଦେବା ପାଇଁ ୧୫ ଲକ୍ଷ ଦାବି କରିଥିଲେ। ଅଭିଯୋଗକାରିଣୀ ତାଙ୍କୁ ଫୋନ ପେ ମାଧ୍ୟମରେ ୧୨ ଲକ୍ଷ ୪୫ ହଜାର ଟଙ୍କା ଏବଂ ମହିନ୍ଦ୍ରା




ଓ ମାରୁତି ଶୋ ରୁମ୍ ନିକଟରେ ୨ ଲକ୍ଷ ଟଙ୍କା ନଗଦ ଭାବେ ପ୍ରଦାନ କରିଥିଲେ। କିଛି ଦିନ ପରେ ସରୋଜ ନନ୍ଦ ଆଉ ଅଧିକ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ତେବେ ଚାକିରି ବିଷୟରେ ରଂଜିତା ତାଙ୍କୁ ପଚାରିବାରୁ ଚାକିରି ତ ଦୂର କଥା ସରୋଜ ଓଲଟା ରଂଜିତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଳଜ କରି ଧମକଚମକ ଦେଇଥିଲେ, କିନ୍ତୁ ଚାକିରି କି ଟଙ୍କା ଫେରାଇବାର ନାଁ ଧରିନଥିଲେ। ସରୋଜଙ୍କ ଏ ସମସ୍ତ ଗାଳିଗୁଲଜକୁ ରଂଜିତା ତାଙ୍କ ମୋବାଇଲ ଫୋନରେ ରେକର୍ଡ କରିବା ସହ ଭସ୍ମା ଥାନାରେ ଏନେଇ ଅଭିଯୋଗ କରିଥିଲେ। ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ

**ସିଟିଓ ଚାକିରି କରାଇ ଦେବାକୁ କହି ଠକେଇ**

ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭସ୍ମା ଥାନା ପୁଲିସ ବଲାଙ୍ଗୀର ଗସ୍ତ କରି ଅଭିଯୁକ୍ତ ସରୋଜ ନନ୍ଦ(୩୨)ଙ୍କୁ ବଲାଙ୍ଗୀରର ପ୍ୟାଲେସ ଲାଇନରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସରୋଜଙ୍କ ଘର ବରଗଡ ଜିଲ୍ଲାର ଗାଇସିଲେଟ ଥାନା ଅନ୍ତର୍ଗତ କଣ୍ଡାଗଡ ଗାଁରେ ବୋଲି ସୂଚନା ମିଳିଛି। ପୁଲିସ ତା ନିକଟରୁ ଏକ କାର, ୮ ଟି ମୋବାଇଲ ଫୋନ, ଏକ ସାମସଙ୍ଗ ଟାବଲେଟ, ବିଭିନ୍ନ ବ୍ୟାଙ୍କର ୭ଟି ପାସ୍‌ବୁକ୍, ୫ଟି ଏଟିଏମ୍ କାର୍ଡ, ୫ଟି ଚେକ୍‌ବୁକ୍ ଜବତ କରିଛି। ଅଭିଯୁକ୍ତ ସରୋଜ ନନ୍ଦଙ୍କୁ ପୁଲିସ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ଛାତ୍ରଙ୍କ ଆକସ୍ମିକ ମୃତ୍ୟୁ

ରାଉରକେଲା,୧୭।୪(ସମିସ): ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଶୁଭ୍ରାଂଶୁ ବେହେରା(୮) ପରିସ୍ରା ଯାଇଥିବା ବେଳେ ତାଙ୍କର ଅକସ୍ମାତ ମୃତ୍ୟୁ ଘଟିଛି। ସେ ତରକେରା ପମ୍ପ୍ ହାଉସ୍ ସମ୍ମୁଖସ୍ଥ ତରକେରା ପୁରୁଣା କଲୋନୀର ବାସୀନ୍ଦା ବିଜୟ କୁମାର ବେହେରାଙ୍କ ପୁତ୍ର ବୋଲି ଜଣାପଡିଛି। ସୂଚନାନୁଯାୟୀ, ଶୁକ୍ରବାର ସକାଳେ ମୃତ ଛାତ୍ର ଶୁଭ୍ରାଂଶୁ ବେହେରା ପାନପୋଷ ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲରେ ପହଞ୍ଚି ଥିଲେ। ସ୍କୁଲ ଚାଲିଥିବା ବେଳେ ପ୍ରାୟ ୭ଟା ସମୟରେ ଶୁଭ୍ରାଂଶୁ ପରିସ୍ରା କରିବାକୁ ଯାଇ ତଳେ ପଡିଯାଇଥିଲେ। ଖବରପାଇ ସ୍କୁଲର ଶିକ୍ଷୟିତ୍ରୀ ଶୁଭ୍ରାଂଶୁଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ମୃତ ଛାତ୍ରଙ୍କ ପିତା ବିଜୟ କୁମାର ବେହେରା ଜଣେ ଗରୀବ ଶ୍ରେଣୀର ଲୋକ ହୋଇଥିବା ବେଳେ ପ୍ରାୟ ବର୍ଷେ ପୂର୍ବରୁ ଏକ ଦୁର୍ଘଟଣାରେ ତାଙ୍କର ଗୋଡ କଟିଯାଇଛି। ତାଙ୍କର ଆଉ ଏକ ୧୨ ବର୍ଷର ପୁତ୍ର ଥିବା ବେଳେ ସେ ନିଜେ କାର୍ଯ୍ୟ କରିବାରେ ଅକ୍ଷମ।

## ମ୍ୟୁଜିକ ସରଞ୍ଜାମ ଜବତ; ୨ ଗିରଫ



ରାଉରକେଲା,୧୭।୪(ସମିସ): ପ୍ଲାଣ୍ଟସାଇଟ୍ ପୁଲିସ୍ ଏକ ଚୋରି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ସାଉଣ୍ଡ ସିଷ୍ଟମକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପ୍ଲାଣ୍ଟସାଇଟ୍ ଥାନା ଅଧିନସ୍ଥ ଗୋପବନ୍ଧୁପାଲି ସ୍ଥିତ ବୈଷ୍ଣୋଦେବୀ ଜୟମାତା ମନ୍ଦିର ଅଞ୍ଚଳର ମୋନୁ ଶର୍ମା(୨୭) ଏବଂ ବୈଷ୍ଣୋଦେବୀ ଜୟମାତା ମନ୍ଦିର ଅଞ୍ଚଳର ପ୍ରଫୁଲ୍ଲ ଗିରିଙ୍କ ପୁଅ ପ୍ରବୀଣ ଗିରି(୨୦)। ସେମାନଙ୍କ ନିକଟରୁ ସମସ୍ତ ଚୋରି ସାମଗ୍ରୀ ଯଥା- ଦୁଇଟି ଷ୍ଟ୍ରେଞ୍ଜର ମ୍ୟୁଜିକ୍ ଆମ୍ପ୍ଲିଫାୟାର, ଗୋଟିଏ ପୋଡିୟମ୍ ମାଇକ୍ ସେଟ୍ ସହିତ ସାଉଣ୍ଡ ସିଷ୍ଟମର ତମ୍ବା ତାର, ୪ଟି ପାର୍ ଲାଇଟ୍ ଏବଂ ଗୋଟିଏ ଡିଜେ ମିକ୍ସଚର ଏବଂ କର୍ଡ ଜବତ କରିଛି। ଅଭିଯୁକ୍ତମାନେ ରାଉରକେଲାର ଗୋପବନ୍ଧୁପାଲ୍ଲିର ବୋଲି ଜଣାପଡିଛି। ସୁନୀଲ କୁମାର ସଏଙ୍କ ଦୋକାନରୁ ସମସ୍ତ ସାଉଣ୍ଡ ସିଷ୍ଟମ୍ ଚୋରି ହୋଇଥିବା ନେଇ ସେ ପ୍ଲାଣ୍ଟସାଇଟ୍ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ମୋନୁ ଶର୍ମା ନାମରେ ପୂର୍ବରୁ ରାଉରକେଲା ଜିଆଇପି ଥାନା ଏବଂ ପ୍ଲାଣ୍ଟସାଇଟ୍ ଥାନାରେ ଦୁଇଟି ମାମଲା ରହିଛି। ଦୁଇ ଅଭିଯୁକ୍ତଙ୍କୁ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ୪୦ ଫୁଟ ତଳକୁ ଖସିଲା ଟ୍ରକ୍; ଚାଳକ ଗୁରୁତର

ଲହୁଣୀପଡ଼ା,୧୭।୪(ସମିସ): କେବଲାଙ୍ଗ ଥାନା ଚୁନାଘାଟିରେ ଭାରସାମ୍ୟ ହରାଇ ୪୦ ଫୁଟ ତଳକୁ ୧୮ ଚକିଆ ଟ୍ରକ୍ ଖସି ପଡ଼ିଥିବା ବେଳେ ଅଳ୍ପକେ ଚାଳକ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ଚାଳକ କୈସଲ ଯାଦବ(୪୬)ଙ୍କୁ ରାଉରକେଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଘର ବିହାର ରାଜ୍ୟର ଧାନବାଦ ଜିଲ୍ଲାରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ୫୨୦ ନମ୍ବର ଜାତୀୟ ରାଜପଥରେ ଏକ ୧୮ ଚକିଆ ଟ୍ରକ୍ (ଓଡି ୧୬ ଟି ୭୧୯୮) କୋଇଡା ପଟରୁ କେବଲାଙ୍ଗ ପଟକୁ ଆସୁଥିବା ବେଳେ ଚୁନାଘାଟିରେ ଭାରସାମ୍ୟ ହରାଇ ୪୦ ଫୁଟ ରାସ୍ତା ତଳକୁ ଖସିପଡିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ବହୁ ପରିଶ୍ରମ କରି ଗୁରୁତର ଚାଳକଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପରେ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ମନ୍ତ୍ରୀଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ



ରାଉରକେଲା,୧୭।୪(ସମିସ): ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ବିଶେଷକରି ମନ୍ଦିରାଡ୍ୟାମ ନିକଟରେ ଥିବା ମେଗା ପାଣି ପ୍ରକଳ୍ପ ଅବସ୍ଥା ନିକଟରୁ ଅନୁଧ୍ୟାନ କରି କାର୍ଯ୍ୟର ଅଗ୍ରଗତି ଓ ଗୁଣବତ୍ତା ବିଷୟରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଆସନ୍ତା ଏପ୍ରିଲ ମାସ ଶେଷ ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଗ୍ରାମ ଓ ଘରକୁ ପିଇବା ପାଣି ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। 'ହର ଘର ଜଳ' ଯୋଜନା ଅଧୀନରେ ଏହି ଲକ୍ଷ୍ୟକୁ ସାଧ କରିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଥିଲେ। କୁତ୍ରା ମେଗା ଜଳ ପ୍ରକଳ୍ପ ସମ୍ପର୍କରେ ସେ ସୂଚନା ଦେଇ କହିଥିଲେ, ଏହି ପ୍ରକଳ୍ପ ମାଧ୍ୟମରେ ମୋଟ ୭୯ଟି ଗ୍ରାମକୁ ପାଣି ଯୋଗାଣ ବ୍ୟବସ୍ଥା କରାଯିବ। ବର୍ତ୍ତମାନ ସ୍ଥିତିରେ ୬୧ଟି ଗ୍ରାମରେ ପାଣି ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୮ଟି ଗ୍ରାମରେ ପାଣି ପହଞ୍ଚିବା ଆରମ୍ଭ ହୋଇଛି। ତଥାପି କେତେକ ସ୍ଥାନରେ ବିଦ୍ୟୁତ୍ ସମସ୍ୟା ଥିବାରୁ ପ୍ରକଳ୍ପ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏହାର ସମାଧାନ ନ ହେଲେ ଡିଜେଲ୍ ଜେନେରେଟର (ଡିଜି) ମାଧ୍ୟମରେ ପାଣି ଯୋଗାଣ ଜାରି ରଖାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ।

**ବଢୁଛି ଖରା; ଖୋଲିନି ଜଳଛତ୍ର**

## ପାଣି ପାଇଁ ପଥଚାରୀ ଅତିଷ୍ଠ

ବଣାଇଁ,୧୭।୪(ସମିସ): ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଅଞ୍ଚଳରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଏପର୍ଯ୍ୟନ୍ତ ଅନେକ ଜନଗହଳି ପୂର୍ଣ୍ଣ ସ୍ଥାନରେ ପଥଚାରୀଙ୍କ ପାଇଁ ଜଳଛତ୍ର ଖୋଲିନି। ବଣାଇଁ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ସମେତ ଲହୁଣୀପଡ଼ା ବ୍ଲକ୍‌ର ନୁଆଡିହି ଛକ ଓ ବଜାର ଅଞ୍ଚଳରେ ଜଳଛତ୍ର ଖୋଲାଯାଇ ନଥିବା ଲୋକେ ପାଣି



ପାଇଁ ହନ୍ତସନ୍ତ ହେଉଛନ୍ତି। ସେହିପରି ଖୁଣ୍ଟାଗାଁ ଓ ଏହାର ଆଖପାଖ ବଜାର ଅଞ୍ଚଳକୁ ପ୍ରତିଦିନ ଶହ ଶହ ଲୋକ ନିଜର ଆବଶ୍ୟକ କାମ ପାଇଁ ଆସୁଥିବା ବେଳେ ସେଠାରେ ମଧ୍ୟ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଏ ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇ ନଥିବାରୁ ଲୋକମାନେ ବାଧ୍ୟ ହୋଇ ଦୋକାନରୁ ପାଣି କିଣି ପିଉଛନ୍ତି। ଗରିବ ଖଟିଖିଆ ଶ୍ରମିକ ଓ ଦୂରଦୂରାନ୍ତରୁ ଆସୁଥିବା ଗ୍ରାମବାସୀମାନେ ପାଣି ମୁନ୍ଦେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କଡ଼ରେ ବିଶୁଦ୍ଧ ପାନୀୟ ଜଳର ଅଭାବ ପଥଚାରୀଙ୍କୁ ଅତିଷ୍ଠ କରୁଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପ୍ରମୁଖ ଛକ ସ୍ଥାନଗୁଡ଼ିକରେ ଜଳଛତ୍ର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଯଦି ଶୀଘ୍ର ଏହାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଅଂଶୁଘାତ ପରି ବିପଦ ବଢ଼ିବାର ଆଶଙ୍କା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକ ଉତ୍ସବ

ଲହୁଣୀପଡ଼ା,୧୭।୪(ସମିସ):ଲହୁଣୀପଡ଼ା ବ୍ଲକ୍ ଶଶ୍ୟକଳା ପଞ୍ଚାୟତ ସ୍ଥିତ ଓମ୍ ବାଟିକାଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ରାଉରକେଲା ଗ୍ରାମୀଣ ଜିଲ୍ଲା ପ୍ରମୁଖ ଜନ ସଂଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟବକ୍ତା ଭାବେ ପଶ୍ଚିମ ଓଡିଶା ସଂଘ ଚାଳକ ସନାତନ ପ୍ରଧାନ ଯୋଗ ଦେଇଥିବା ବେଳେ ରାଉରକେଲା ବିଭାଗ ଚାଳକ ଅନାଦୀ ଚରଣ ମାହାନ୍ତ ଓ ରାଉରକେଲା ଗ୍ରାମୀଣ ସଂଘ ଚାଳକ ଶିବ ଶଙ୍କର ସାଥୁଆ ମଞ୍ଚାସୀନ ଥିଲେ। ଜିଲ୍ଲା ସମ୍ପର୍କ ପ୍ରମୁଖ ଦୟାନିଧି ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଶତ ସ୍ମୃତି କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚ ପରିବର୍ତ୍ତନ ଆଧାରରେ ସମାଜର କିପରି ସୁପରିବର୍ତ୍ତନ ହୋଇପାରିବ ସେ ବିଷୟରେ ମୁଖ୍ୟବକ୍ତା ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଜିଲ୍ଲା କାର୍ଯ୍ୟବାହ ଉମା ଶଙ୍କର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ଉପଖଣ୍ଡର ୪ ଟି ବ୍ଲକର ବହୁ ସଂଖ୍ୟାରେ ବୁଦ୍ଧିଜୀବୀଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିବା ବେଳେ ବିଏନ୍‌ଆର୍ ଗ୍ରୁପ୍ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

● ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ପୁଣି ଅଦଳବଦଳ

## ବୀରମିତ୍ରପୁର ଥାନା ଇନ୍ସପେକ୍ଟରଙ୍କ ବଦଳି ବାତିଲ

ରାଉରକେଲା,୧୭।୪(ସମିସ): ପୁଣି ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ଇନ୍ସପେକ୍ଟର ଓ ଏଏସଆଇ ସ୍ତରରେ ଅଦଳବଦଳ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ବୀରମିତ୍ରପୁର ଥାନା ଇନିସପେକ୍ଟର ରାମପ୍ରସାଦ ନାଗଙ୍କର ସଦର ଥାନାକୁ ପୂର୍ବ ବିଜ୍ଞପ୍ତିରେ ବଦଳି କରାଯାଇଥିଲା ବେଳେ ଏବେ ଏହି ବଦଳିକୁ ବାତିଲ କରାଯାଇ ବୀରମିତ୍ରପୁର ଥାନା ଦାୟିତ୍ୱରେ ପୁନଃ ତାଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ଲେଫ୍ରିପଡ଼ା ଥାନା ଇନ୍ସପେକ୍ଟର ଅଶୋକ କୁମାର ଦାସଙ୍କ ବୀରମିତ୍ରପୁର ଥାନା, ଏଏସଆଇ ସୁଶାନ୍ତ କୁମାର ପାତ୍ରଙ୍କ ହାତୀବାଡି ଥାନା ବଦଳି ନିର୍ଦ୍ଦେଶକୁ ମଧ୍ୟ ବାତିଲ କରାଯାଇ ନୂଆ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ଲେଫ୍ରିପଡା ଥାନା ଇନ୍ସପେକ୍ଟର ଅଶୋକ କୁମାର ଦାସଙ୍କ ଧରୁଆଡିହି ଥାନାକୁ ବଦଳି ହୋଇଥିବା ବେଳେ ଧରୁଆଡିହି ଥାନା ଇନ୍ସପେକ୍ଟର ସୌଦାମିନୀ ନାଗଙ୍କ ସଦର ଥାନାକୁ ବଦଳି ହୋଇଛି। ସେହିପରି ସଦରଥାନା ଅତିରିକ୍ତ ଇନିସପେକ୍ଟର ଦାୟିତ୍ୱରେ ଥିବା ଉଦୟ କୁମାର ସାହୁଙ୍କ ଲେଫ୍ରିପଡା ଥାନା ଅତିରିକ୍ତ ଇନିସପେକ୍ଟର ଦାୟିତ୍ୱ ସହ ସର୍ଗିପାଲି ଫାଣ୍ଡି ଇନଚାର୍ଜ ଦାୟିତ୍ୱ ଦିଆଯାଇଛି। ସେହିପରି ନୂଆଗାଁ ଫାଣ୍ଡି ଏଏସଆଇ ସୁଶାନ୍ତ କୁମାର ପାତ୍ରଙ୍କ ରାଜଗାଙ୍ଗପୁର ଥାନାକୁ ବଦଳି ହୋଇଛି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ଇନିସପେକ୍ଟର, ଏସଆଇ ଓ ଏଏସଆଇସ୍ତରରେ ଅଦଳବଦଳ ହୋଇଥିବା ବେଳେ ବୀରମିତ୍ରପୁର ଥାନା ଇନିସପେକ୍ଟର ରାମ ପ୍ରସାଦ ନାଗଙ୍କ ସଦର ଥାନାକୁ ବଦଳି ହୋଇଥିଲା।

● ୨୧ରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ

## ବିମାନବନ୍ଦରରେ ପ୍ରସ୍ତୁତି ଯାଞ୍ଚ କଲେ ଜିଲ୍ଲାପାଳ, ଏସ୍‌ପି



ରାଉରକେଲା,୧୭।୪(ସମିସ): ଆସନ୍ତା ୨୧ ତାରିଖ ପୂର୍ବାହ୍ନରେ ରାଉରକେଲା ଗସ୍ତରେ ଆସିବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର , ରାଉରକେଲା ଏସପି ନୀତେଶ ୱାଧୱାନି ଏବଂ ଅନ୍ୟ ବରିଷ୍ଠ ପୋଲିସ୍ ତଥା ପ୍ରଶାସନିକ ଅଧିକାରୀମାନେ ବିମାନବନ୍ଦର ପରିସର ଓ ସଭାସ୍ଥଳ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା ଯେପରି ତ୍ରୁଟିଶୂନ୍ୟ ରହିବ ସେଥିଲାଗି ଏସ୍‌ପି ପୁଲିସ୍ ଅଧିକାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ରାଉରକେଲା ୱାନ୍ ପରିସରରେ ନବନିର୍ମିତ ଆଦିବାସୀ ସଂଗ୍ରହାଳୟ, କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ସହ ଅନେକ ପ୍ରକଳ୍ପକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେକ୍ଟର-୧୩ ସ୍ଥିତ ଏୟାରପୋର୍ଟ ଗ୍ରାଉଣ୍ଡରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହା ରାଷ୍ଟ୍ରପତିଙ୍କ ପ୍ରଥମ ରାଉରକେଲା ଗସ୍ତ ହୋଇଥିବା ବେଳେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଉରକେଲା ସହର ସଜେଇ ହେବାରେ ଲାଗିଛି। ସହରର ରାସ୍ତା ଗୁଡ଼ିକର ନବୀକରଣ କରାଯିବା ସହ ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ପେଣ୍ଟିଂ କରାଯାଉଛି। ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ୍ ଉପକରଣକୁ ବଦଳାଯିବା ସହ ସହରକୁ ଏକ ନୂଆ ରୂପ ଦିଆଯାଉଛି।

**ପ୍ରବାଦପୁରୁଷଙ୍କ ତିରୋଧାନ ଦିବସ**

## 'ବିଜୁ ବାବୁଙ୍କ ଅପରାଜୟ ପାଦ ଚିହ୍ନକୁ ଲିଭାଇବା ସହଜ ନୁହେଁ'

ରାଉରକେଲା,୧୭।୪(ସମିସ)

ଓଡ଼ିଶା ବିକାଶର କର୍ଣ୍ଣଧାର, ମହାନ୍ ଜନନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସକୁ ପ୍ରବାଦ ପୁରୁଷ ଦିବସ ଭାବରେ ପାଳିତ ହୋଇଛି। ରାଉରକେଲା ବିଜୁ ଜନତା ଦଳର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ କଳିଙ୍ଗ ବିହାର ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନିକଟସ୍ଥ ପଡିଆରେ ନଗର ସଭାପତି ଗଗନ ପଣ୍ଡାଙ୍କ ସଭାପତିତ୍ୱରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ବିଜୁ ବାବୁଙ୍କ ଦେଶ ପ୍ରେମ ଏବଂ ଓଡିଶା ବିକାଶରେ ଅବଦାନ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ନାୟକ ଯୋଗଦେଇ ବିଜୁ ବାବୁ କେବଳ ସ୍ୱାଧୀନତା ସଂଗ୍ରାମୀ ନଥିଲେ। ବରଂ ଦକ୍ଷ ପାଇଲଟ ଭାବେ ସଫଳ କାର୍ଯ୍ୟ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଥିଲେ। ଅର୍ଦ୍ଧ ଶତାବ୍ଦୀ ଧରି ଓଡିଶା ତଥା ଜାତୀୟ ରାଜନୀତିରେ ଅନେକ ତରଙ୍ଗ ସୃଷ୍ଟି କରିଥିଲେ। ଓଡ଼ିଶାକୁ ଶିଳ୍ପ ଓ ଶିକ୍ଷାର ସମୃଦ୍ଧି କରିବା ପାଇଁ ଓଟିଏମ, ଜାତୀୟ ରାଜପଥ, ସୁନାବେଡା ମିଗ କାରଖାନା, ବରଗଡ ସିମେଣ୍ଟ କାରଖାନା, ଆରଇସି, ବୁର୍ଲା ଇଞ୍ଜିନିୟରିଂ କଲେଜ, ବୁର୍ଲା, ବ୍ରହ୍ମପୁର ମେଡିକାଲ କଲେଜ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସୈନିକ ସ୍କୁଲ ପ୍ରମୁଖ କାର୍ଯ୍ୟକାରୀ ହୋଇଥିଲା। ୧୯୭୦ରୁ ଆଜି ପର୍ଯ୍ୟନ୍ତ ଓଡିଶା ରାଜନୀତି ଓ



ଜନଜୀବନ ଇତିହାସରେ ବିଜୁ ବାବୁଙ୍କ ଅପରାଜୟ ପାଦ ଚିହ୍ନକୁ ଲିଭେଇବା ସହଜ ନୁହେଁ। ଏବେ ଓଡିଶାରେ ବିଜୁ ଲିଗାସୀ ନାମରେ କିଛି ସ୍ୱାର୍ଥପର ନେତା ଓଡିଶାବାସୀଙ୍କୁ ଭୁଲ ତଥ୍ୟ ଦେଇ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ତାହା କେବେ ସଫଳ ହେବ ନାହିଁ ବୋଲି ଦୃଢତାର ସହିତ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ପ୍ରଦୀମ୍ନ ତ୍ରିପାଠୀ ବିଜୁ ବାବୁଙ୍କ ଉପରେ ବିଜେପି ଏମ୍‌ପିଙ୍କ ମିଥ୍ୟା ଆରୋପ ଓଡିଆଙ୍କୁ ଆଘାତ ଦେଇଛି ବୋଲି କହିଥିଲେ। ସମସ୍ତଙ୍କୁ ନେଇ ଆମେ ନିଜେ ଶୃଙ୍ଖଳିତ ଭାବେ କାର୍ଯ୍ୟ କଲେ ଦଳ ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ବରିଷ୍ଠ ନେତା ଅଭୟ ଦାସ, ବିରେନ ସେନାପତି, ଜୟନ୍ତ କୁମାର ମିଶ୍ର, ସୁରେନ୍ଦ୍ର ଜେନା, ସୁରେନ୍ଦ୍ର ରାଉତ, ରଶ୍ମିବାଳା ମିଶ୍ର, ଜ୍ୟୋସ୍ନା ନାୟକ, ଜୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଭାନେତ୍ରୀ ସନ୍ଧ୍ୟା ଲାକ୍ରା ଧନ୍ୟବାଦ ଦେଇଥିଲେ। ପରେ ସରକାରୀ ଡାକ୍ତରଖାନାରେ ନାରିନେତ୍ରୀ ସନ୍ଧ୍ୟା ଲାକ୍ରା ଓ ଜ୍ୟୋସ୍ନା ନାୟକଙ୍କ ନେତୃତ୍ୱରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହାସହ ରକ୍ତଦାନ ଶିବିର କରାଯାଇ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁବାଷ ସ୍ୱାଇଁ, ସୁଶାନ୍ତ ଦାସ, ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ବାବୁ ଖାନ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ରାଉତରାୟ, ଆଲୋକ ବୋଷ, ଗୋବିନ୍ଦ ରାମ ଅଗ୍ରୱାଲ, ନାରାୟଣ ପ୍ରଧାନ, ଚକ୍ରଧର ମଲ୍ଲିକ, ଶିଶିର ମୁଦାଲି, ବୁଲୁ ମହାନ୍ତି, ହରମୋହନ ମହାପାତ୍ର, ସୁନନ୍ଦା ସେନାପତି, ତରେଣୀ ସେଠୀ, ସୁଶାନ୍ତ ରାଉତ, କାବୁଲି ପ୍ରତିହାରୀ, ବାଇନ ସାମଲ, ସଞ୍ଜିତ ଛୋଟରାୟ, ପିତାବାଶ କାଣ୍ଡି, ଜଗନ୍ନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାହ୍ମଣୀରେ ବିଜେଡି କର୍ମୀଙ୍କ ତିଳତର୍ପଣ

ବଣାଇଁ: ପ୍ରବାଦ ପୁରୁଷ ତଥା ନୂତନ ଓଡ଼ିଶା ଗଠନର ପୁରୋଧା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ବାବୁଙ୍କ ୨୯ତମ ଶ୍ରାଦ୍ଧ ଦିବସକୁ ବଣାଇଁରେ ପାଳନ କରାଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲା ସମବାୟ ସମିତିର ସଭାପତି ତଥା ରାଉରକେଲା ସାଂଗଠନିକ ଜିଲ୍ଲା କାର୍ଯ୍ୟକାରୀ



ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ସକାଳୁ ଶହଶହ ସଂଖ୍ୟାରେ ବିଜୁ ପ୍ରେମୀ ଓ ଦଳୀୟ କର୍ମୀମାନେ ବଣାଇଁର ବ୍ରାହ୍ମଣୀ ନଦୀ କୂଳରେ ପହଞ୍ଚି ତିଳ ତର୍ପଣ ଅର୍ପଣ କରିଥିଲେ। ପରେ ବିଜୁ ଛକରେ ଏକତ୍ରିତ ହୋଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଭାବେ ଦେଓଗାଁ ଛକ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପରେ ବଣାଇଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ରଣଜିତ୍ କିସାନ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବିଜେଡି ବ୍ଲକ ସଭାପତି ବାଣେଶ୍ୱର ସାହୁଙ୍କ ସମେତ ବହୁ ଯୁବ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ସିଟି କଟକ

## ବିପଦସଂକୁଳ ଅବସ୍ଥାରେ ପଢୁଛନ୍ତି ଛାତ୍ରଛାତ୍ରୀ

# ସହରରେ ୧୦ଟି ସ୍କୁଲ କୋଠା ଅସୁରକ୍ଷିତ

କଟକ, ୧୭ ।୪(ସମିସ)

କଟକ ସହରରେ କେତେ କୋଠା ବିପଦସଂକୁଳ ଅବସ୍ଥାରେ ରହିଛି ଓ କେତେ କୋଠାକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଇଥିବା ନେଇ ଅତୀତରେ ବିଧାନସଭାରେ ଉତ୍ତର ରଖିଥିଲେ ନଗର ଉନ୍ନୟନ ମନ୍ତ୍ରୀ। ଖୁବଶୀଘ୍ର ସହରର ବିପସଂକୁଳ କୋଠା ଗୁଡିକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେହି ସମୟରେ ମନ୍ତ୍ରୀ କହିଥିଲେ। ହେଲେ ଏବେ ବି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରିନାହିଁ। ଏପରିକି କଟକ ସହରରେ ବିପଦସଂକୁଳ ଅବସ୍ଥାରେ ଥିବା ସ୍କୁଲ କୋଠା ଗୁଡିକ ସମ୍ପର୍କରେ ପୂର୍ତ୍ତ ବିଭାଗ ତରଫରୁ ଯାଞ୍ଚ ଶେଷ ହୋଇ ପ୍ରଶାସନକୁ ରିପୋର୍ଟ ଦିଆଯାଇଥିବା ଜଣାପଡ଼ିଛି। ପୂର୍ତ୍ତ ଡିଭିଜନ-୧ ଓ ୨ ପକ୍ଷରୁ ଏହି ସର୍ଭେ କରାଯାଇଥିଲା ବେଳେ ମୋଟ ୪୮ଟି ବିଦ୍ୟାଳୟକୁ ପରିଦର୍ଶନ କରି ବିଭାଗୀୟ ଯନ୍ତ୍ରୀମାନେ ରିପୋର୍ଟ ଦେଇଛନ୍ତି। ଏହି ରିପୋର୍ଟ ଅନୁସାରେ ସହରର ୧୦ଟି ସ୍କୁଲରେ ଥିବା ବିଭିନ୍ନ କୋଠା ବିପଦସଂକୁଳ ରହିଛି। ଏଥିମଧ୍ୟରେ ଉଭୟ ସରକାରୀ ଓ ବେସରକାରୀ ସ୍କୁଲ ରହିଛି। କଟକ ମିଶନରୋଡସ୍ଥିତ ଏକ ଘରୋଇ ସ୍କୁଲ ଓ ବକ୍ସିବଜାର ମଣିସାହୁ ଛକର ଏକ ହାଡିବନ୍ଧୁ ନୋଡାଲ ପବ୍ଲିକ ସ୍କୁଲର ସ୍ୱାଧିନତା ପୂର୍ବବର୍ତ୍ତୀ ସମୟର କୋଠା ଏବେ ବିପଦସଂକୁଳ ହୋଇ ରହିଛି। ସେହିଭଳି ଗଙ୍ଗାମନ୍ଦିର ସରକାରୀ ୟୁପି ସ୍କୁଲ, ସୟଦ ସେମିନାରି ସ୍କୁଲ, ତୁଳସୀପୁର ସରକାରୀ ହାଇସ୍କୁଲ, ରାଧାନାଥ ଶିକ୍ଷା ପ୍ରତିଷ୍ଠାନ ହଷ୍ଟେଲ, ଭକ୍ତମଧୁ ବିଦ୍ୟାପୀଠ ପରିସରରେ ଥିବା ଟାଟା ମେମୋରିଆଲ କୋଠା, ପିଏମ ଏକାଡେମୀ ଅଡିଟୋରିଅମ, ତୁଳସୀପୁର ପୁଲିସ ହାଇସ୍କୁଲ ଓ ମାରୱାଡି ହାଇସ୍କୁଲର କେତେକ କୋଠା ଅସୁରକ୍ଷିତ ଥିବା ନେଇ ପୂର୍ତ୍ତ ବିଭାଗ ରିପୋର୍ଟ ଦେଇଛି। ପ୍ରକାଶଥାଉକି ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦସଂକୁଳ ଅବସ୍ଥାରେ ରହିଛି। ଏହି କୋଠା ଗୁଡିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡିକୁ ଭାଙ୍ଗିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। କଟକ ମହାନଗର ନିଗମ ଅଞ୍ଚଳରେ ୱାର୍ଡୱାରୀ ବିପଦସଂକୁଳ କୋଠା ଚିହ୍ନଟ ପାଇଁ ପ୍ରଶାସନିକସ୍ତରରେ କମିଟି ଗଠନ କରାଯାଇଛି। ଯାଞ୍ଚ ଓ ଚିହ୍ନଟ ପରେ ନୋଟିସ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୂଚନାଥାଉକି ଗତ ୨୦୨୫ ନଭେମ୍ବର୮ ତାରିଖରେ କଟକ ବକ୍ସିବଜାର ହାଡିବନ୍ଧୁସାହୁଛକ ନିକଟରେ ଏକ ଆପାର୍ଟମେଣ୍ଟ ବାଲକୋନି ଭୁଶୁଡି ୩ଜଣଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ଘଟିଥିବାର ନଜିର ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷିତ ଥିବା ଦର୍ଶାଯାଇଥିଲା। ଯାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଏହି କୋଠା ସବୁ ଭଙ୍ଗାଯିବା ସମ୍ଭବ ହୋଇପାରିନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନଏସ ଧାରା ୧୫୨ରେ କେତେକ କୋଠା ମାଲିକଙ୍କୁ କେବଳ ନୋଟିସ ଜାରି ହୋଇଥିଲା। ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ସରକାରୀ କ୍ୱାର୍ଟର, ଅଫିସ, ସ୍କୁଲ, ଅବ୍ୟବହୃତ ଗୋଦାମ ଘର, ଘରୋଇ କୋଠା, ମାର୍କେଟ କମ୍ପ୍ଲେକ୍ସ ଆଦି ରହିଛି।

# ବାରବାଟୀ ଫୁଡ୍ କୋର୍ଟ ବଣ୍ଟନ ନେଇ ବିବାଦ



▶ ବାରବାଟୀ-କଟକ ବିଧାୟିକା ଏସ୍ଓପିର ନକଲ ଚିରିଲେ

▶ ଉନ୍ନତିମୂଳକ କାମରେ ବାଧା ସୃଷ୍ଟି କରୁଛନ୍ତି ବିଧାୟିକା: ମେୟର

କଟକ, ୧୭ ।୪(ସମିସ): ବାରବାଟୀ ଫୁଡ୍ କୋର୍ଟର ଦୋକାନ ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ। ବର୍ତ୍ତମାନର ଜଟିଳ ଆବେଦନ ନିୟମାବଳୀ(ଏସଓପି) ସ୍ଥାନୀୟ କ୍ଷୁଦ୍ର ବ୍ୟବସାୟୀ ଓ ଯୁବବର୍ଗଙ୍କ ପାଇଁ ପ୍ରତିବନ୍ଧକ ସାଜିଥିବା ନେଇ ସେ ଗୁରୁତର ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ଏସଓପି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିବା ସହ ଏହି ଏସଓପିର ନକଲକୁ ସାମ୍ବାଦିକ ସମ୍ମିଳନୀରେ ଚିରି ଦେଇଥିଲେ। ସିଏମସି କମିସନରଙ୍କୁ ଏକ ପତ୍ର ମଧ୍ୟ ଲେଖି ଫୁଡକୋର୍ଟ ପ୍ରସଙ୍ଗରେ ସ୍ୱଚ୍ଛତା ଆଣିବାକୁ କହିଛନ୍ତି। ଆବେଦନ ସମୟରେ ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସକୁ ବାଧ୍ୟତାମୂଳକ ନ କରି, ଦୋକାନ ବଣ୍ଟନ ପରେ ଏହା ହାସଲ କରିବାକୁ ସୁଯୋଗ ପ୍ରଦାନ, ବଣ୍ଟନ ପ୍ରକ୍ରିୟା ବିଷୟରେ ପ୍ରମୁଖ ଓଡ଼ିଆ ଖବରକାଗଜରେ ବ୍ୟାପକ ପ୍ରଚାର କରାଯିବା ସହ ଏସଓପି ଓ ଆବେଦନ ଫର୍ମକୁ ଓଡ଼ିଆ ଭାଷାରେ ପ୍ରକାଶ କରିବା, ସମସ୍ତ ଆଗ୍ରହୀ ଆବେଦନକାରୀଙ୍କୁ ସୁଯୋଗ ଦେବା ପାଇଁ ଆବେଦନ ସମୟସୀମାକୁ ଅତି କମରେ ୩୦ଦିନ ପର୍ଯ୍ୟନ୍ତ ବୃଦ୍ଧି ଓ ବେକାର ଗ୍ରାଜୁଏଟମାନଙ୍କୁ ଆବେଦନ ପାଇଁ ଯୋଗ୍ୟ ବିବେଚନା କରିବା ସହ ମହିଳା ସଶକ୍ତିକରଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଅତି କମରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ସୋଫିଆ ଦାବି କରିଛନ୍ତି। ଫୁଡ୍ କୋର୍ଟ କାର୍ଯ୍ୟକ୍ଷମ ହେବା ପୂର୍ବରୁ ସଠିକ୍ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ପ୍ରବେଶ ଓ ପ୍ରସ୍ଥାନ ପଥର ଯୋଜନା ସହ ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଏହାର ବଣ୍ଟନ ପ୍ରକ୍ରିୟା ଯେପରି ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ହେବ, ସେଥିପ୍ରତି ସିଏମସି ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟର ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ ଏବଂ ବିଧାୟିକାଙ୍କ ପ୍ରତିନିଧି କେଦାର ପୃଷ୍ଟି ଉପସ୍ଥିତ ଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି କଟକ ମେୟର ସୁବାସ ସିଂହ କହିଛନ୍ତି ଯେ ଫୁଡ କୋର୍ଟ ଆବଣ୍ଟନ ପ୍ରକ୍ରିୟା ସ୍ୱଚ୍ଛତାର ସହ କରାଯାଉଛି। କଟକର ଉନ୍ନତିକରଣ ଓ ବିକାଶମୂଳକ କାମରେ ବିଧାୟିକା ବାଧା ଦେଉଛନ୍ତି। ପ୍ରତିଦିନ ସେ କିଭଳି ସିଏମସି ବିରୋଧରେ କହିବେ ତାହା ଚିନ୍ତା କରୁଛନ୍ତି। ସେ ଓ ତାଙ୍କ ପରିବାର ଦୁର୍ନୀତିରେ ବୁଡି ରହିଥିବା ବେଳେ ଦୁର୍ନୀତି ବିଷୟରେ ସେ କଣ କହିବେ ବୋଲି ମେୟର ଶ୍ରୀ ସିଂହ କହିଛନ୍ତି।

## କମ ସମୟରେ ଉତ୍ତମ ତଦନ୍ତ ପାଇଁ ତ୍ୱରିତ ନ୍ୟାୟ

# ୬୮ ପୁଲିସ ଅଧିକାରୀ ଓ ସରକାରୀ ଓକିଲ ସମ୍ବର୍ଦ୍ଧିତ

କଟକ, ୧୭ ।୪(ସମିସ): ଗତ ୨୦୨୪ ଜୁଲାଇ ୧ରୁ ନୂତନ ଆଇନ ଭାରତୀୟ ନାଗରିକ ନ୍ୟାୟ ସଂହିତା ଲାଗୁ ହେବା ପରେ ଅପରାଧ ଅନୁସନ୍ଧାନର ସଫଳତା ଉପରେ ଡିଜିପି ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି। ନୂତନ ଆଇନର ସଫଳ ରୂପାୟନ ଓ ପ୍ରୟୋଗ ଆଧାରରେ ଓଡ଼ିଶା ପୁଲିସ ରାଜ୍ୟରେ ଦଣ୍ଡବିଧାନ ହାରରେ ଅଭୂତପୂର୍ବ ସଫଳତା ଆଣି ପାରିଛି। ଏହି ସଫଳତାକୁ ସମ୍ମାନ ଜଣାଇ ଆଜି କଟକ ପୁଲିସ ମୁଖ୍ୟାଳୟସ୍ଥିତ ଆର.କେ. ପାଢ଼ୀ ମେମୋରିଆଲ ହଲ ଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏଥିରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋଟ ୬୮ ଜଣ ପୁଲିସ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ମାନିତ କରିଛନ୍ତି। ଏଥି ମଧ୍ୟରେ ୧୦ଜଣ ଏସପି, ୧୫ ଜଣ ତଦାରଖ ଅଧିକାରୀ, ୧୭ଜଣ ସରକାରୀ ଓକିଲ ଓ ୨୬ଜଣ ତଦନ୍ତକାରୀ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଉତ୍ତମ ତଦନ୍ତ ପାଇଁ ତଦନ୍ତକାରୀ



ଅଧିକାରୀମାନଙ୍କୁ ନଗଦ ୫ ହଜାର ଟଙ୍କା ସହ ପ୍ରଶଂସାପତ୍ର ପ୍ରଦାନ କରିଥିବା ବେଳେ ଏସପି, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି।

କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆରକ୍ଷୀ ମହା ନିରୀକ୍ଷକ ଡଃ ସାର୍ଥକ ଷଡ଼ଙ୍ଗୀ(ଦଣ୍ଡବିଧି ତଦନ୍ତ ବିଭାଗ, ଅପରାଧ ଶାଖା)ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୁଲିସ ପକ୍ଷରୁ ତ୍ୱରିତ ତଦନ୍ତ ଓ ଚାର୍ଜସିଟ ଦାଖଲ ପରେ ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ଚନ୍ଦକା ଥାନାର ପୋକସୋ ଆଇନ ଅନୁସାରେ ପଞ୍ଜୀକୃତ ମାମଲାର ୩୭ ଦିନରେ ତ୍ୱରିତ ବିଚାର କରାଯାଇ ଦୋଷୀ ପୀଡ଼ିତାକୁ ନ୍ୟାୟ ପ୍ରଦାନ କରାଯାଇଛି। ସେହିଭଳି କଟକ ବାରଙ୍ଗ ଥାନା ମାମଲାରେ ୮୮ ଦିନରେ, ଲିଙ୍ଗରାଜ ଥାନାର ମାମଲାରେ ୮୯ ଦିନ ମଧ୍ୟରେ, ମୟୂରଭଞ୍ଜ ଉଦଳା ଥାନାରେ ପଞ୍ଜିକୃତ ଏକ ଗଣଦୁଷ୍କର୍ମ ମାମଲାରେ ୧୪୯ ଦିନରେ ମାମଲାର ତ୍ୱରିତ ବିଚାର କରାଯାଇ ଦୋଷୀକୁ ଦଣ୍ଡିତ କରାଯାଇଛି। ମୟୂରଭଞ୍ଜ ଶରତ ଥାନା ମାମଲାରେ ୧୫୩ ଦିନରେ, କଟକ ନିଆଳି ଥାନା ମାମଲାରେ ୧୫୪ ଦିନରେ ତ୍ୱରିତ ବିଚାର କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ତା.୦୧.୦୭.୨୦୨୪ ରୁ ତା.୩୧.୧୨.୨୦୨୫ ମଧ୍ୟରେ ନୂତନ ଆଇନ ବଳରେ, ଯେଉଁଥିରେ ଅଭିଯୁକ୍ତଙ୍କୁ ୭ବର୍ଷରୁ ଅଧିକ କାରାଦଣ୍ଡ ମିଳିଛି, ସେଥିମଧ୍ୟରୁ ୨୭ଟି ସମ୍ବେଦନଶୀଳ ମାମଲାରେ ତଦନ୍ତକାରୀ ଦଳକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି।

# ୧୯ରେ ରଜନୀକାନ୍ତ ନାୟକ ସଙ୍ଗୀତ ସନ୍ଧ୍ୟା




କଟକ, ୧୭।୪(ସମିସ): ସହିଦ ଭବନରେ ଗୀତିକାର ରଜନୀକାନ୍ତ ନାୟକଙ୍କ ସଙ୍ଗୀତ ସନ୍ଧ୍ୟା ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଏମ୍ସି ମେୟର ସୁବାଷ ଚନ୍ଦ୍ର ସିଂ, ସମ୍ମାନିତ ଅତିଥିଭାବେ ବାରବାଟୀ କଟକ ବିଧାୟିକା ଙ୍କ ସୋଫିଆ ଫିର୍ଦ୍ଦୋଶ ଏବଂ ବରେଣ୍ୟ ଅତିଥିଭାବେ ଡ. ନିରଞ୍ଜନ ତ୍ରିପାଠୀ, ମୋନାଲିସା ଦାସ ଏବଂ ବିଜେପି ନେତା ଶ୍ରୀତମ ଦାସ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ସନ୍ଧ୍ୟାରେ ଶେଖର ଘୋଷ, ସୁଭାଷ ଦାସ, ଦେବାଶିଷ ମହାପାତ୍ର, ମହମ୍ମଦ ଆବିଦ୍, କୁମାର ବାପି ପ୍ରମୁଖ କଣ୍ଠଶିଳ୍ପୀମାନେ ଯୋଗଦାନ କରି ରଜନୀକାନ୍ତ ନାୟକଙ୍କ ଲିଖିତ ଗୀତ ଗୁଡିକୁ ପରିବେଷଣ କରିବେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ପରେଶନାଥ ଦାସ ସୂଚନା ଦେଇଛନ୍ତି। ଏଥିରେ ରଜନୀକାନ୍ତ ନାୟକ, ଜୟଶ୍ରୀ ନାୟକ, ଗୀତା ନାୟକ, ପରେଶନାଥ ଦାସ ସମ୍ପାଦକ, ମହମ୍ମଦ ଆବିଦ, ଅଶୋକ ବିଶ୍ୱାସ, ପ୍ରଦୀପ ଜେଠୀ, ପ୍ରଶାନ୍ତ ପରିଜା, ବିଚିତ୍ରା ନନ୍ଦ ମହାପାତ୍ର, ସନାତନ ଦାସ, ପ୍ରଫୁଲ୍ଲ ସାହୁ, ତିରୁପତି ବକ୍ସି ସୁବାସ ଦାସ, ଗଙ୍ଗାଧର ସାହୁ ଏବଂ ରାମ ଗୋପାଲ ଅଗରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରିମ୍ସରେ ଓଡ଼ିଆ ପକ୍ଷ ଉଦ୍ଯାପିତ



କଟକ, ୧୭।୪(ସମିସ): ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଓଡିଆ ପକ୍ଷ ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓଡ଼ିଶାର ଗୌରବମୟ ଐତିହ୍ୟ, ପରମ୍ପରା ଓ ଅସ୍ମିତା ଉପରେ ଆଲୋକପାତ କରି ଛାତ୍ରଛାତ୍ରୀସମୃଦ୍ଧ ଓଡ଼ିଶା ନିର୍ମାଣରେ ବ୍ରତୀ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇଥିଲେ। ସ୍ୱରଚିତ କବିତା ପାଠୋତ୍ସବରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଦିଲ୍ଲୀପ ମଲ୍ଲିକ ଉତ୍ସବରେ ପୌରୋହିତ୍ୟ କରିଥିଲାବେଳେ ଉପାଧ୍ୟକ୍ଷ ଡ. ଅଜିତ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଯାତ୍ରୀ ପରିବହନ ଆଳରେ ନିଶା ଚାଲାଣ

# ୧୪ ଲକ୍ଷର ବ୍ରାଉନ୍ସୁଗର ଜବତ; ଅଟୋ ଚାଳକ ଗିରଫ

କଟକ, ୧୭ ।୪(ସମିସ): ନିଶାଦ୍ରବ୍ୟ ଚାଲାଣ ବେଳେ ଜଣେ ବେପାରୀ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ହାତରେ ଧରାପଡ଼ିଛି। ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଭୁଇଁପୁର ଗାଁର ରାଜେଶ ସାହୁ (୨୯)। ତା' ପାଖରୁ ୧୦୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଶୁକ୍ରବାର ଅଭିଯୁକ୍ତ ରାଜେଶ ନିଶାଦ୍ରବ୍ୟ ଧରି ଏକ ପାସେଞ୍ଜର ଅଟୋରେ କଟକ ଅଭିମୁଖେ ଆସୁଥିଲା। ଏହି ସୂଚନା ପାଇବା ମାତ୍ରେ ଫ୍ଲାଇଂ ସ୍କ୍ୱାଡ ତାର ପିଛା କରିଥିଲା। ଶେଷରେ ରାଜପଥର କଟକ ମଧୁପାଟଣା ଥାନା ନିକଟ ସମ୍ରାଟ ସିନେମା ହଲ ସମ୍ମୁଖରେ ଅଭିଯୁକ୍ତର ଅଟୋକୁ ଚିହ୍ନଟ କରିଥିଲା। ସେଠାରେ ତଲାସି ବେଳେ ଗାଡି ଭିତରୁ ଏକ ଜରି ପୁଡିଆ ମିଳିଥିଲା। ସେଥିରେ ୧୦୭ ଗ୍ରାମର ବ୍ରାଉନସୁଗର ରହିଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ୨୦ ହଜାର ଟଙ୍କା ହେବ। ଏହା ପରେ ନିଶାଦ୍ରବ୍ୟ ଓ ଚାଲାଣରେ ବ୍ୟବହୃତ ଅଟୋ ସହିତ ଅଭିଯୁକ୍ତ ରାଜେଶକୁ ଗିରଫ କରାଯାଇଥିଲା। ସେ ଯାତ୍ରୀ ପରିବହନ ସହିତ ନିଶାଦ୍ରବ୍ୟ ଚାଲାଣ କରୁଥିବା ଜଣାପଡ଼ିଛି। ଦୀର୍ଘ ଦିନ ହେବ ସେ ଏଭଳି କାରବାରରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତକୁ କୋର୍ଟଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

# ମହାନଦୀରେ ବୁଡ଼ିଯାଉଥିବା ବୃଦ୍ଧା ଉଦ୍ଧାର

କଟକ,୧୭।୪(ସମିସ): ମହାନଦୀରେ ବୁଡ଼ି ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଜଣେ ବୃଦ୍ଧା। ବିଡ଼ାନାସୀ ଥାନା ଅନ୍ତର୍ଗତ ଦେଉଳସାହି ଧୋବାସାହିର ପ୍ରମିଳା ସେଠୀ (୬୫) ଆଜି ସକାଳ ପ୍ରାୟ ୯ଟା ସମୟରେ ଚହଟା ଘାଟ ନିକଟସ୍ଥ ଶନି ମନ୍ଦିର ପଛପଟେ ଗାଧୋଉଥିଲେ। ଗାଧୋଇବା ସମୟରେ ସେ ଅସାବଧାନତା ବଶତଃ ଗଭୀର ଜଳ ମଧ୍ୟକୁ ଚାଲିଯାଇଥିଲେ। ସଙ୍କଟଜନକ ସ୍ଥିତିରେ ମଧ୍ୟ ପ୍ରମିଳା ଧୈର୍ଯ୍ୟହରା ନ ହୋଇ ପାଣି ଉପରକୁ ହାତ ହଲାଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ୧୧୨ ନମ୍ବରକୁ ସୂଚନା ଦେଇଥିଲେ। ଖବର ପାଇ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରବର ଟ୍ୟୁବ୍ ସାହାଯ୍ୟରେ ନଦୀ ଭିତରକୁ ପଶି ବୃଦ୍ଧାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। କୂଳକୁ ଅଣାଯିବା ପରେ ତାଙ୍କ ପେଟରୁ ପାଣି ବାହାର କରାଯାଇଥିଲା ଏବଂ ତତ୍କାଳ ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ଚିକିତ୍ସା ପରେ ସେ ସୁସ୍ଥ ଥିବା ନେଇ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ବଳ ଓ ବିଡ଼ାନାସୀ ଥାନା ଅଧିକାରୀ ଅସିତ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି। ଅଗ୍ନିଶମ ବାହିନୀର ଏହି ସାହସିକ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଉଛି।

## 'ଝଡ଼ର ଇଗଲ'ଙ୍କୁ ସ୍ମରଣ କଲା କଟକ

# ଓଡ଼ିଆଙ୍କ ମନ, ପ୍ରାଣ ଓ ଚେତନାରେ ବିଜୁ ବାବୁ




## ଚୌଦ୍ୱାର-କଟକରେ ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କଟକ, ୧୭।୪(ସମିସ)

ଆଧୁନିକ ଓଡ଼ିଶାର ନିର୍ମାତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପ ପଡ଼ିଆରେ ଅନୁଷ୍ଠିତ ଏକ ବିଶାଳ ସ୍ମୃତି ସଭାରେ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ବିଜୁ ବାବୁଙ୍କୁ ଓଡ଼ିଶାର ଭାବନା ଓ ସମ୍ଭାବନାର ପ୍ରତୀକ ଭାବେ ଅଭିହିତ କରିଛନ୍ତି। ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ଯେପରି କଲମ୍ବସ ଆମେରିକାକୁ ଆବିଷ୍କାର କରିଥିଲେ, ସେହିପରି ବିଜୁ ବାବୁ ଚୌଦ୍ୱାରକୁ ବିଶ୍ୱ ଶିଳ୍ପ ମାନଚିତ୍ରକୁ ଆଣିଥିଲେ। ସେ କେବଳ ଜଣେ ଜନନେତା ନ ଥିଲେ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ମନ ଓ ଚେତନାରେ ବାସ କରୁଥିବା ଏକ ବିପ୍ଳବୀ ପୁରୁଷ ଥିଲେ। ତାଙ୍କର ସାହସିକତା ଆଜି ବି ଓଡ଼ିଶାବାସୀଙ୍କ ପାଇଁ ପ୍ରେରଣାର ଉତ୍ସ। ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ବିଜୁ ବାବୁଙ୍କ ଦୂରଦର୍ଶିତା ଉପରେ ଆଲୋକପାତ କରି କହିଥିଲେ ଯେ, ପାରାଦୀପ ବନ୍ଦର ପ୍ରତିଷ୍ଠା ଓ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ସଂରକ୍ଷଣ ଦେବାରେ ସେ ଦେଶରେ ପଥପ୍ରଦର୍ଶକ ଥିଲେ। 'ଓଡ଼ିଶାର ସ୍ୱାର୍ଥ ପାଇଁ ଆଇନ ଅମାନ୍ୟ କରିବାକୁ ପଡ଼ିଲେ କର'- ବିଜୁ ବାବୁଙ୍କ ଏହି ଉକ୍ତି ତାଙ୍କର ଦୃଢ଼ ସଂକଳ୍ପକୁ ଦର୍ଶାଏ ବୋଲି ସେ ପ୍ରକାଶ କରିଥିଲେ। ପ୍ରତ୍ୟୁଷରୁ ପ୍ରଥମେ ଯୋବ୍ରା ଆନିକଟ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଜଗତପୁର ମହାନଦୀ ଘାଟରେ ତିଳତର୍ପଣ କରାଯାଇଥିଲା। ଏହା ପରେ ଏକ ବିରାଟ ମୋଟର ସାଇକଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ବଡ଼ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱ ଓ ପ୍ରଦୀପ୍ତ ଖୁଣ୍ଟିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ଅନିତା ବେହେରା, ଶିଶିର ପରିଜା, ପ୍ରଜ୍ଞା ବେଉରା, ଚିରଞ୍ଜୟ ସାହୁ, ନନ୍ଦଲାଲ ସିଂହ, ନିଶିଥ କରଣ, ଦେବେନ୍ଦ୍ର କାହାଳୀ, ପ୍ରମିଳା ମହାନ୍ତି ଏବଂ ହଜାର ହଜାର କର୍ମୀ ଉପସ୍ଥିତ ରହି ଦଳ ପ୍ରତି ବିଶ୍ୱାସଘାତକତା କରିଥିବା ନେତାଙ୍କୁ ଆଗାମୀ ଦିନରେ ଜବାବ ଦେବାକୁ ବଜ୍ର ଶପଥ ଗ୍ରହଣ କରିଥିଲେ।

## ବାରବାଟୀ-କଟକରେ ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ

କଟକ - ଓଡ଼ିଶା ବିକାଶର ଅନନ୍ୟ ସ୍ଥପତି ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ କଟକର ଐତିହାସିକ ଗଡ଼ଗଡ଼ିଆ ଘାଟଠାରେ ବିଜୁ ବାବୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ତିଳ ତର୍ପଣ କରାଯିବା ସହ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ବିଜୁ ବାବୁଙ୍କର ଓଡ଼ିଶା ତଥା ଭାରତ, ରୁଷ ଏବଂ ଇଣ୍ଡୋନେସିଆ ପ୍ରତି ଥିବା ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ନେତୃବୃନ୍ଦ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀ ସିଂହ କହିଥିଲେ ଯେ, ବିଜୁ ବାବୁଙ୍କ



ମହାନତା ଏଭଳି ଥିଲା ଯେ ତାଙ୍କ ମୃତ୍ୟୁ ସମୟରେ ପାର୍ଥିବ ଶରୀର ଉପରେ ଭାରତ ସମେତ ରୁଷ ଓ ଇଣ୍ଡୋନେସିଆର ଜାତୀୟ ପତାକା ଶୋଭା ପାଉଥିଲା, ଯାହା ବିଶ୍ୱ ଦରବାରରେ ତାଙ୍କର ସ୍ୱତନ୍ତ୍ର ପରିଚୟକୁ ସୂଚାଉଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାପତି ଅନିତା ବେହେରା ଏବଂ ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ପ୍ରଦୀପ ରାଉତ, ଇତିଶ୍ରୀ ଦାସ, ପୁଷ୍ପିତା ମହାନ୍ତି ଏବଂ ବହୁ ଯୁବ ଓ ମହିଳା କର୍ମକର୍ତ୍ତା ଯୋଗଦେଇ ପ୍ରବାଦ ପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ। ସମସ୍ତ କର୍ମକର୍ତ୍ତା ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ପ୍ରକାଶଥାଉ କି, ବିଜୁ ବାବୁଙ୍କ ଜନ୍ମଭୂମି ଆନନ୍ଦ ଭବନରେ ବହୁ ବିଜେଡି ନେତା ଓ କର୍ମୀ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିଭଳି ବିଜୁ ପଟ୍ଟନାୟକ ଛକ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ଜିଲ୍ଲା ପ୍ରଶାସନ

ମହାନ ଜନନେତା ତଥା ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ପ୍ରଥମେ ବିଜୁ ପଟ୍ଟନାୟକ ଛକ ଏବଂ ପରେ ଯୋବ୍ରାସ୍ଥିତ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ସେ ବିଜୁ ବାବୁଙ୍କ ବାସଭବନ ତଥା ସଂଗ୍ରହାଳୟ 'ଆନନ୍ଦ ଭବନ' ଯାଇ ସେଠାରେ ଥିବା ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାଞ୍ଚଳ ଉପ-ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୀପ୍ତି ଚୌଧୁରୀ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଓଡ଼ିଶାର ବିକାଶ କ୍ଷେତ୍ରରେ ବିଜୁ ବାବୁଙ୍କ ଯୁଗାନ୍ତକାରୀ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।



# ଜେଲ୍‌ରେ ହତ୍ୟା ଅଭିଯୁକ୍ତ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ



- ଗୁରୁତର ଅବସ୍ଥାରେ କୋରାପୁଟରେ ଚିକିତ୍ସାଧୀନ
- ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର ଲୋକେ

କୋରାପୁଟ,୧୭।୪(ସମିସ): କୋରାପୁଟ ମଣ୍ଡଳ କାରାଗାରରେ ଜଣେ ବିଚାରଧିନ କଏଦୀଙ୍କ ଆଏହତ୍ୟା ଉଦ୍ୟମ କରି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ କଏଦୀ ଜଣକ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଜେଲ ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ଜେଲ୍ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି ସମ୍ପୃକ୍ତ କଏଦୀଙ୍କ ପରିବାର ଲୋକେ। ସୁନାବେଡ଼ା ଥାନା ମୋହନପଡା ଗ୍ରାମର ଧନୁର୍ଯ୍ୟୟ ମାଝୀ (୨୪) ଏକ ହତ୍ୟା ମାମଲାରେ ୨୦୨୫ ଡିସେମ୍ବରରେ ଗିରଫ ହେବା ପରେ କୋରାପୁଟ ମଣ୍ଡଳ କାରାଗାରରେ ବିଚାରଧୀନ କଏଦୀ ଭାବେ ରହୁଛନ୍ତି । ପରିବାର ଲୋକଙ୍କ କହିବା ଅନୁସାରେ ତାଙ୍କ ଦେହ ଅନେକ ସମୟରେ ଖରାପ ରହୁଥିଲା। ପେଟ ଯନ୍ତ୍ରଣା ସହ ମୁଣ୍ଡ ବ୍ୟଥା ହେଉଥିଲା। ଚିକିତ୍ସା କରିବା ପାଇଁ ସେ ବାରମ୍ବାର ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ। ହେଲେ ଜେଲ କର୍ତ୍ତୃପକ୍ଷ ଜେଲ ପରିସରରେ ଥିବା ହସ୍ପିଟାଲରେ ଚିକିତ୍ସା କରାଇ ନିଜର ଦାୟୀତ୍ୱ ସାରି ଦେଉଥିଲେ। ପେଟ ଯନ୍ତ୍ରଣା ଅଧିକ ହେବାରୁ ଧନୁର୍ଜୟ ଗତକାଲି ସକାଳ ସମୟରୁ ତିନି ମହଲା ଉପରେ ଲୁଚି ରହିଥିଲେ। ପରିବାର ଲୋକେ ଗତକାଲି ଦେଖା କରିବା ପାଇଁ ଯାଇଥିଲେ ମଧ ତାଙ୍କୁ ଦେଖା କରି ପାରି ନଥିଲେ। ସନ୍ଧ୍ୟା ସମୟରେ ଜେଲ କର୍ତ୍ତୃପକ୍ଷ ଖୋଜାଖୋଜି କରିବା ବେଳକୁ ସେ ଛାତରୁ ଡେଇଁ ପଡ଼ିଥିଲେ। ଗୁରୁତର ଭାବେ ତାଙ୍କୁ ଜେଲ କର୍ତ୍ତୃପକ୍ଷ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଅଣ୍ଟା ଗୋଡ଼ ଓ ମୁଣ୍ଡରେ ଆଘାତ ଲାଗିଛି ଚିକିତ୍ସା ଜାରି ରହିଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜେଲରେ କଏଦୀ ନିଖୋଜ ନେଇ କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପେଟ ବ୍ୟଥା ହେଉଥିବା ଅଭିଯୋଗ ପରେ ବି କାହିଁକି ଜେଲ କର୍ତ୍ତୃପକ୍ଷ ତାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେଉ ନ ଥିଲେ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଧନୁର୍ଜୟ ଏଭଳି ପଦକ୍ଷେପ ନେଇଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ତଦନ୍ତ ଚାଲିଥିବା ଜେଲ୍ ଅଧୀକ୍ଷକ କୁଅଁର ମାରାଣ୍ଡି ପ୍ରକାଶ କରିଛନ୍ତି।

● ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ ସ୍ୱସ୍ତିକ୍

## ୭୩ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ , ପରିବାରରେ ଶୋକାକୁଳ ପରିବେଶ



ଲକ୍ଷ୍ମୀପୁର, ୧୭।୪(ସମିସ): ବାହାରିଛି ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷା ଫଳ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କ ପରିବାର ଓ ପରୀକ୍ଷାର୍ଥୀ ମିଠା ପିଠା ଖାଇ ଖୁସି ମନାଉଛନ୍ତି । କିନ୍ତୁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଲାବଣ୍ୟ ହାଲୱାଙ୍କ ଘରେ ଏବେ ଶୋକର ଛାୟା ଖେଳିଯାଇଛି। ନିଜ ପୁଅ ସ୍ୱସ୍ତିକ ସୁନ୍ଦର ହାଲୱା ଶତକଡ଼ା ୭୩ ନମ୍ବର ରଖି ପାସ୍ କରିଥିଲେ ମଧ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। କାରଣ ଗତ ମାର୍ଚ୍ଚ ମାସ ରେ କୋରାପୁଟ ସ୍ଥିତ ନବଦୋୟ ବିଦ୍ୟାଳୟରେ ପରୀକ୍ଷା ସାରି ଛାତ୍ର ମାନେ ନିକଟରେ ଥିବା କୋଲାବ ନଦୀରେ ଗାଧେଇବାକୁ ଯାଇଥିବା ବେଳେ ସ୍ୱିସ୍ତିକ ପାଣିରେ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାରେ ଅନ୍ୟ ଦୁଇ ଛାତ୍ରଙ୍କର ମଧ ମୃତ୍ୟୁ ଘଟିଛି। ଆଜି ସ୍ୱସ୍ତିକର ପରୀକ୍ଷା ଫଳ ଦେଖି ପରିବାରର ସମସ୍ତଙ୍କ ଲୁହ ଶୁଖୁ ନାହିଁ। ଯଦି ନୋବଦୟ ବିଦ୍ୟାଳ ର ଶିକ୍ଷକ ମାନେ ଟିକିଏ ସତର୍କତା ଅବଲମ୍ବନ କରିଥାନ୍ତେ , ତେବେ ଆମ ଘରେ ଆଜି ଖୁସିର ଲହରୀ ଖେଳି ଯାଇଥାନ୍ତା ବୋଲି ସେମାନେ କହିଛନ୍ତି।

## ସ୍କୁଟି- ବାଇକ୍ ଧକ୍କା: ଜଣେ ମୃତ, ଦୁଇ ଗୁରୁତର

ସେମିଲିଗୁଡ଼ା, ୧୭।୪ (ସମିସ): କୋରାପୁଟ ଜିଲ୍ଲାର ନନ୍ଦପୁର ରାସ୍ତା କୋଡ଼ିଗାଁ ନିକଟରେ ଏକ ସ୍କୁଟି ରାସ୍ତାକଡ଼ରେ ଥିବା ବେଳେ ବାଇକ୍ ଧକ୍କା ଦେବାରୁ ଜଣଙ୍କର ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ଆଉ ଏଥିରେ ୨ ଜଣ ଗୁରୁତର ରହିଛନ୍ତି। ସେମିଲିଗୁଡା ପୋଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ , ବ୍ଲକ୍‌ର ପିତାଗୁଡା ପଞ୍ଚାୟତ କୁମ୍ଭାରୀପୁଟ ଗାଁର ଧନପତି ଛେଦ ନାୟକ(୨୪) ଓ ବିକାଶ ଦିଶାରୀ ଏକ ବାଇକ୍‌ରେ ସେମିଲିଗୁଡାରୁ ପିତାଗୁଡା ଅଭିମୁଖେ ଯାଉଥିବା ବେଳେ ରାସ୍ତା କଡ଼ରେ ଥିବା ସ୍କୁଟି ଓଡି ୧୦ ୟୁ-୦୪୫୨କୁ ବାଇକ୍ ନମ୍ବର ଓଡି ୧୦ ଏସି-୦୨୨୭ ଧକ୍କା ଦେଇଥିଲା। ଏଥିରେ ବାଇକରେ ଥିବା ୨ ଯୁବକଙ୍କ ସହ ସ୍କୁଟି ଚାଳକ ଗୁରୁତର ହୋଇଥିଲେ। ସେମିଲିଗୁଡ଼ା ଥାନା ଏଏସ୍‌ଆଇ ବିରଞ୍ଚି ବାଣୁଆ ଓ ସହକର୍ମୀ ଘଟଣାସ୍ଥଳରେ ପହଞ୍ଚି ୨ ଗୁରୁତରଙ୍କୁ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଧନପତିଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ବିକାଶ ଦିଶାରୀଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସ୍କୁଟିରେ ଥିବା ପଞ୍ଚାନନ ସାହୁଙ୍କୁ ସ୍ଥାନୀୟ କିଛି ସମାଜ ସେବା କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲ ନେଇଛନ୍ତି।

# ନବୋଦୟ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା








ତେନ୍ତୁଳିଖୁଣ୍ଟି ୧୭।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆୟୋଜିତ (ସିବିଏସଇ) ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳ ଗତକାଲି ପ୍ରକାଶ ପାଇଥିବା ବେଳେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଜବାହର ନବୋଦୟ ବିଦ୍ୟାଳୟ ଖାତିଗୁଡାର ଛାତ୍ରୀ ଆରାଧା ଅଭିଜିତା ପାଇକରାୟ ୯୫.୪ ପ୍ରତିଶତ ନମ୍ବର ରଖି ନବରଙ୍ଗପୁର ଜିଲ୍ଲା ଟପ୍ପର ହୋଇ ଜିଲ୍ଲା ତଥା ଅଞ୍ଚଳର ଗର୍ବ ଆଣି ଦେଇଛନ୍ତି । ଅଭିଜିତାଙ୍କ ପିତା ପୃଥ୍ୱୀରାଜ ପାଇକରାୟ ସାମ୍ବାଦିକତା କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଛନ୍ତି । ଝିଅର ଏହି ସଫଳତା ପରେ ଶ୍ରୀ ପାଇକରାୟଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେହିପରି ଛାତ୍ର ସ୍ୱାଗତ ପଣ୍ଡା ୯୪.୨, ଛାତ୍ରୀ ନିରୁଆ ବିଶ୍ୱାସ ୯୩.୮ , ଛାତ୍ର ଲୋକେଶ୍ୱର ବାଗ ୯୪.୬ ଓ ଛାତ୍ରୀ ବିଦୁସ୍ମିତା ଦଳାଇ ୯୨.୮ ପ୍ରତିଶତ ପାଇ ବିଦ୍ୟାଳୟ ପାଇଁ ସଫଳତା ପାଇଛନ୍ତି। ସେହିପରି ଓଡ଼ିଶା ଆଦର୍ଶବିଦ୍ୟାଳୟ ଛାତ୍ରୀ ସୁଚିସ୍ମିତା ପଟ୍ଟନାୟକ ୯୩ ପ୍ରତିଶତ ନମ୍ବର ରଖି ତେନ୍ତୁଳିଖୁଣ୍ଟି ବ୍ଲକ ଟପ୍ପର ହୋଇଛନ୍ତି। ଏହି ପ୍ରରିପ୍ରେକ୍ଷୀରେ ଉଭୟଙ୍କୁ ଅଞ୍ଚଳବାସୀ, ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ଡଃ ପୀତବାସ ପ୍ରହରାଜ ,ଉପାଧକ୍ଷ ନବୀନ କୁମାର ଧୂର୍ବେ ଓ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅବିନାଶ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଭିଭାବକ ମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲାରେ ଗଡ଼ିଲା ଜନଗଣନା ସଚେତନତା ରଥ



ନବରଙ୍ଗପୁର,୧୭।୪(ସମିସ): ଶୁକ୍ରବାର ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ତରଫରୁ ଜନଗଣନା ସଚେତନତା ରଥ ର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଡ. ମହେଶ୍ୱର ସ୍ୱାଇଁ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଜିଲ୍ଲା ଜନଗଣନ ଅଧିକାରୀ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ପ୍ରକଳ୍ପ ଅଧିକାରୀ,ଜରୁରୀକାଳୀନ ବିଭାଗ ହିମାଂଶୁ ପଟ୍ଟନାୟକ, ଡେପୁଟୀ କଲେକ୍ଟର ନିବେଦିତା ଶତପଥୀ, ଜିଲ୍ଲାପାଳ କାର୍ଯ୍ୟଳୟର ଅଧିକାରୀ ଏବଂ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଗତକାଲି ଠୁ ଆସନ୍ତା ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ରେ ଜନଗଣନାକାରୀ ଘରକୁ ଘର ଯାଇ ଘର ତାଲିକା ପ୍ରସ୍ତୁତି ଓ ଗୃହ ଗଣନା କରିବେ। ଏହା ପୂର୍ବରୁ ଜନ ସାଧାରଣ ଗତ ୧ ଏପ୍ରିଲ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ନିର୍ଦ୍ଧିଷ୍ଟ ଆପରେ ସ୍ୱ ଗଣନା ତଥ୍ୟ ପ୍ରଦାନ କରିଥିଲେ।

## ପରିମଳ ଟେଣ୍ଡରରେ ଅନିୟମିତତା ଘଟଣା; ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠିତ

କୋରାପୁଟ,୧୭।୪(ସମିସ): ସୁନାବେଡ଼ା ପୌର ପରିଷଦ ପରିମଳ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗର ତଦନ୍ତ ପାଇଁ କମିଟି ଗଠନ କରା ଯାଇଛି। ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡ଼ା) ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ ତଦନ୍ତ ପାଇଁ ୫ ଜଣିଆ କମିଟି ଗଠନ କରି ୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେତେକ କଳା ତାଲିକା ଭୁକ୍ତ ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଇ ଟେଣ୍ଡରରେ ଭାଗନେବାକୁ ଅନୁମତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ବେନିୟମ ଭାବେ ସମ୍ପୃକ୍ତ ଠିକା ସଂସ୍ଥାକୁ ସହାନୁଭୂତି ଦେଇ ମୁନାଫା ପାଇବା ଲାଗି ଅନ୍ୟ ଯୋଗ୍ୟ ଆବେଦନକାରୀଙ୍କୁ ଉପେକ୍ଷା କରାଯାଇଛି। ଏଭଳି ଅଭିଯୋଗ ଆଣି ଏଲଏଣ୍ଟକେ ସର୍ଭିସ, ଭୁବନେଶ୍ୱରର ସୁମିତ ସିକ୍ୟୁରିଟି, କଟକର ନିରାକାରା ସିକ୍ୟୁରିଟି, ଏଲକେ ଆସୋସିଏଟ ପ୍ରମୁଖ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ତଦନ୍ତ କରିବାକୁ ଦାବି କରିଥିଲେ। କେତେକ ଅଧିକାରୀ ଓ କର୍ମଚାରୀ ନିଜ ସ୍ୱାର୍ଥ ପାଇଁ ପରିମଳ ଟେଣ୍ଡରରେ ଅନିୟମିତା ଓ ପକ୍ଷପାତିତା କରିଥିବା ଅଭିଯୋଗ କରିଥିଲେ। ତଦନ୍ତ ରିପୋର୍ଟକୁ ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନାୟକ କହିଛନ୍ତି।

## ଦେଶୀ ମଦ ଜବତ, ୪ ଗିରଫ

ଜୟପୁର,୧୭ ।୪(ସମିସ): ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ, ଅବକାରୀ ଥାନା, ଜିଲ୍ଲା ଫ୍ଲାଇଙ୍ଗ ସ୍କାର୍ଡର ମିଳିତ ଆନୁକୂଲ୍ୟରେ ଜୟପୁର ସଦର ଓ ଟାଉନ ଥାନାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବେଆଇନ ଭାବେ ବିକ୍ରି ହେଉଥିବା ୭୬ ଲିଟର ଦେଶୀ ମଦ ଜବତ କରାଯିବା ସହିତ ଏହି ମାମଲାରେ ୪ ଜଣଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରାଯାଇଛି। ଜୟପୁର ସଦରଥାନାର ଉମୁରୀ, ରତ୍ନାକରଗୁଡା ଗ୍ରାମ ସହିତ ଟାଉନଥାନର ତୋଟାସାହି ଅଞ୍ଚଳରେ ଚଢାଉ କରାଯାଇ ଅଭିଯୁକ୍ତ ଅମନ ନାଗ ଓ କ୍ରିଷ୍ଣା ନାଗ ସହ ୨ଜଣ ମହିଳାଙ୍କ ଠାରୁ ୭୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ଉରେ ଜୟପୁର ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶୋରି ହୀରନ, ଅବକାରୀ ନୀରିକ୍ଷକ ଅଜୟ ନାୟକ, ଜିଲ୍ଲା ଫ୍ଲାଇଙ୍ଗ ସ୍କାର୍ଡର ଦିବାକର ମହାପାତ୍ର, ଏ ଏସଆଇ ଏଲିଜା ବିଷୋୟୀ ଉପସ୍ଥିତ ଥିଲେ।

● ପୋଡାଗଡ଼ ପାଇକ ସାହିରେ ପାଣି ସମସ୍ୟା

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

ପୋଡ଼ାଗଡ଼,୧୭ ।୪(ସମିସ): କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତ ସଦର ମହକୁମାର ପାଇକ ସାହିରେ ୩ ମାସ ଧରି ପାଣି ସମସ୍ୟା ଲାଗି ରହିଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ମହିଳାମାନେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋଟିଏ ନଳକୂପ ରହିଛି ତାହା ଖରାପ ହୋଇଯାଇଛି। ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଥିଲା। ତାହା ମଧ ଆସୁ ନାହିଁ। 'ଆମେ କରିବୁ କଣ, ବଞ୍ଚିବୁ କେମିତି, ଆମ୍ଭର ଗୁହାରୀ କେହି ଶୁଣୁ ନ ଥିବାରୁ ବାଧ ହୋଇ ଜିଲ୍ଲାପାଳଙ୍କ ନିକଟକୁ ଆସିଛୁ' ବୋଲି ଗ୍ରାମର ତନୁଜା ରାୟ ଓ ଗାୟତ୍ରୀ ମହାନ୍ତି କହିଛନ୍ତି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ତତ୍କ୍ଷଣାତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜମି ବିବାଦକୁ ନେଇ ହତ୍ୟା ଅଭିଯୋଗ

ମାଲକାନଗିରି,୧୭ ।୪(ସମିସ) ମାଲକାନଗିରି ଜିଲ୍ଲା ଏମ୍ବି ୭ ଗ୍ରାମରେ ଏକ ୬୦ ବର୍ଷରୁ ଅଧିକ ବୟସ୍କ ମହିଳାଙ୍କର ନିଜ ଘରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ସବିତା ଦେ ତାଙ୍କ ପୁଅ ବହୁ ସହ ବସବାସ କରୁଥିଲେ। କିନ୍ତୁ ଆଜି ଦିନ ୧୨ ସମୟରେ ଗ୍ରାମର ଏକ ବ୍ୟକ୍ତି ମୃତକଙ୍କ ଘର ଦେଇ ଯାଉଥିବା ସମୟରେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଦେଖି ଚିତ୍କାର କରି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକ ଘଟଣା ଦେଖିବା ପରେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ତେବେ ଏହି ଘଟଣାକୁ ନେଇ ବୃଦ୍ଧ ମହିଳାଙ୍କ ଝିଅ ଭାଇ ଭାଉଜ ଜମି ବିବାଦକୁ କେନ୍ଦ୍ର କରି ହତ୍ୟା କରିଥିବା ନେଇ ଥାନା ଏତଲା ଦେଇଥିବା ବେଳେ ପୁଅ ଏହା ହତ୍ୟା ନୁହେଁ ଆତ୍ମହତ୍ୟା ବୋଲି କହିଛନ୍ତି। ଏହି ଏତଲା ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ପୁଲିସ୍ ଉପଖଣ୍ଡ ଅଧିକାରୀ ଦିବ୍ୟା ଦଳେଇ କହିଛନ୍ତି।

## କୃଷ୍ଣକାନ୍ତଙ୍କ ବିୟୋଗରେ ଶୋକସଭା




ରାୟଗଡ଼ା,୧୭।୪(ସମିସ): ରାୟଗଡ଼ା ପ୍ରେସ୍ କ୍ଲବର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ କୃଷ୍ଣକାନ୍ତ ଜେନାଙ୍କ ବିୟୋଗରେ ଶୁକ୍ରବାର ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ସଂଗ୍ରାମ କେଶର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଯୋଗେଶ୍ୱର ଦାସ ଓ ରଞ୍ଜନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ଓ ନିହାର ରଞ୍ଜନ କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରି, ଶିକ୍ଷାବିତ ଡ.ଦୁଷ୍ମନ୍ତ ମହାନ୍ତି, ସତ୍ୟବାଦୀ ପତି, ଶୁଭ୍ରା ପଣ୍ଡା, ଜଗଦୀଶ ଚନ୍ଦ୍ର ଦୋରା, ଭାଜପା ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା କାଳିରାମ ମାଝି, ଶିବ ପଟନାୟକ, ବସନ୍ତ ଉଲାକା, ଦେବାଶିଷ ପଣ୍ଡା, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ଉମେଶ ଖୋସଲା, ବରିଷ୍ଠ ନାଗରିକ ସଂଘ ସଭାପତି ବିନୋଦ ପଣ୍ଡା, ଜେକେ ପେପର ମିଲର ଏଚଆର ଅଧିକାରୀ ହରିହର ଖମାରି, ଉତ୍କଳ ଆଲୁମିନା ଲୋକସମ୍ପର୍କ ଅଧିକାରୀ ପୀତାମ୍ବର ବେହେରା, ଶକ୍ତି ପାଣିଗ୍ରାହୀ, ସାମ୍ବାଦିକ ଶିବ ନାରାୟଣ ଗୌଡ଼, ଶିବାଜୀ ଦାଶ, ସୁରେଶ ଦାଶ, ଗୋପରଞ୍ଜନ ବକ୍ସିପାତ୍ର, ପ୍ରେସ କ୍ଲବର ସାଧାରଣ ସମ୍ପାଦକ ୱାଇ.ଦାମୋଦର, ସଂଗଠନ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ବାଦଲ ତା ଓ ଅନ୍ୟ ସାମ୍ବାଦିକ ଏବଂ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଆଜି ଶୋକସଭାରେ ଦିବଙ୍ଗତ ସାମ୍ବାଦିକ ସ୍ୱର୍ଗତ ଶ୍ରୀ ଜେନାଙ୍କ ପରିବାର ସଦସ୍ୟ ମଧ ଉପସ୍ଥିତ ରହିଥିଲେ।

● କମ୍ପାନୀର ବଳପୂର୍ବକ ଜମି ଅଧିଗ୍ରହଣ ଓ ପୁଲିସ ଦମନର ପ୍ରତିବାଦ

## ପଟ୍ଟାଙ୍ଗି ଠାରେ ପ୍ରତିବାଦ ଦିବସ ପାଳିତ




ପଟ୍ଟାଙ୍ଗି,୧୭।୪(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଠାରେ ଅଖିଳ ଭାରତ କିଶାନ୍ ମଜଦୁର ସଭା ଓ ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ମିଳିତ ଭାବେ ପ୍ରତିବାଦ ଦିବସ ପାଳନ କରାଯାଇଛି । ବ୍ଲକର ବିଭିନ୍ନ ପଞ୍ଚାୟତବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟର ଡବଲ ଇଂଜିନ ସରକାରର ବିକାଶ ନାଁରେ ବଳପୂର୍ବକ ଜମି ଅଧିଗ୍ରହଣର ବିରୋଧ କରିଥିଲେ। ଆନ୍ଦୋଳନକାରୀ ମାନେ ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ଆଗରେ ଏକତ୍ରିତ ହୋଇ ସରକାର ଓ କମ୍ପାନୀ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ସେରୁବନ୍ଧ ସୁରକ୍ଷା ସମିତିର ସଭାପତି ରବି ଖରା, ସମ୍ପାଦକ ଭଗବାନ ଗୋଲେରୀ, ପଟ୍ଟାଙ୍ଗି ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ,ନୂଆଗାଁ ସରପଞ୍ଚ ସୁବାଷ ଖରା, ଏଆଇକଏମଏସର ସାନୁ ମାରି, ପି କ୍ରୀଷ୍ଟା, ଆର୍ ରାଜେଶ, ଏମ୍ ରାମୁ, ଘାସିରାମ ପାଙ୍ଗୀ, ବି ପୁସ୍କର ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଆଠ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପଟ୍ଟାଙ୍ଗି ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରିଥିବା ନେଇ ଜଣାପଡିଛି।

## ଜୟପୁର କ୍ରିକେଟ୍ ଲିଗ୍ ଦ୍ୱିତୀୟ ସେମି ଫାଇନାଲ




ଜୟପୁର,୧୭ ।୪(ସମିସ): ସ୍ଥାନୀୟ ଦଶହରା ପଡିଆ ଠାରେ ଜୟପୁର କ୍ରିକେଟ୍ ଲିଗର ଆଜି ସେମିଫାଇନାଲ ମ୍ୟାଚରେ ପ୍ରଥମେ ଜାଗୁଆର ଦଳ ବ୍ୟାଟିଂ କରି ୧୪.୧ ଓଭରରେ ସମସ୍ତ ୱେକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବିଶ୍ୱନାଥ ସୁପର ଷ୍ଟ୍ରାଇକର୍ସ ଦଳ ୭.୨ ଓଭରରେ ୩ଟି ୱିକେଟ ହରାଇ ୧୦୨ ରନ ସଂଗ୍ରହ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ମ୍ୟାଚରେ ବିଜୟ ବୁରୁଡି ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି। ଏଥିରେ ଜୟପୁର ଚାମ୍ବର ଅଫ କମର୍ସର ନୂତନ ସାଧାରଣ ସମ୍ପାଦକ ବି.ସତିଶ କୁମାର, ଉପସଭାପତି ଦିଲ୍ଲିପ ରେ‡ୀ, କୋଷାଧ୍ୟକ୍ଷ ସଞ୍ଜୟ ଜୈନ ଓ ଯୁଗ୍ମ ସମ୍ପାଦକ ଅଙ୍କୁର ସୋନି ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ୧୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏମ୍ପାୟାର ଭାବେ ଅନନ୍ତ ନାୟକ ଓ ଲିଟି ବେହେରା ମ୍ୟାଚ ପରିଚାଳନା କରିଥିଲେ।

## ଫାଟୁସିନେରି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କଲା ଆନ୍ଧ୍ର



ପଟ୍ଟାଙ୍ଗି,୧୭।୪(ସମିସ) କୋଟିଆ ସୀମାନ୍ତ ତଥା ଆନ୍ଧ୍ର କରିଥିବା ଫାଟୁସିନେରି ପଞ୍ଚାୟତରେ ଆନ୍ଧ୍ର ଅଧିକାରୀ ଅନୁପ୍ରବେଶ କରିଥିବା ଜଣାପଡିଛି। ଗ୍ରାମରେ କୃଷି ବିଭାଗର ଅଧିକାରୀ ଗଣ ଅନୁପ୍ରବେଶ କରିବା ସହ ଚାଷୀଙ୍କୁ ଏକତ୍ରିତ କରି ବୈଠକର ଆୟୋଜନ କରିଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ସୀମାନ୍ତ ଆନ୍ଧ୍ର ପ୍ରଦେଶର ପାର୍ବତିପୁରମ ମାନ୍ୟମ ଜିଲ୍ଲା ଅନ୍ତର୍ଗତ ସାଲୁର ମଣ୍ଡଳ(ବ୍ଲକ)ର କୃଷି ଅଧିକାରୀ ତଥା କେ. ସିରିଶାଙ୍କ ନେତୃତ୍ୱ ଏବଂ ଉପସ୍ଥିତିରେ ଏପିସିଏନ୍ଏଫ୍‌ର କର୍ମଚାରୀ, ସଚିବାଳୟ ତଥା ପଞ୍ଚାୟତ ସଚିବର କର୍ମଚାରୀ, ପ୍ରାକୃତିକ କୃଷି କ୍ଲଷ୍ଟର ପ୍ରଭାରୀଙ୍କ ସହ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମରେ ଅନୁପ୍ରବେଶ କରିଅଛନ୍ତି। ସେଠାରେ ଫାଟୁସିନେରୀ, ଫଗୁଣସିନେରି, କୋନାଦୋରା, ମାଡ଼କାର,ଡୋଲିଆମ୍ବ ଆଦି ଗ୍ରାମର କିଛି ଚାଷୀଙ୍କୁ ଏକତ୍ରିତ କରିଥିଲେ। ଚଳିତ ବର୍ଷ ବର୍ଷା କମ ମାତ୍ରାରେ ରହିଥିବା ଯୋଗୁ ଆନ୍ଧ୍ର ସରକାର ଛୋଟ ଜାତୀୟ ଶସ୍ୟ ଯୋଗାଇ ଦେଉଥିବା ଯୋଗୁଁ ଏହାର ସୁଯୋଗ ନେବା ପାଇଁ ପ୍ରବର୍ତ୍ତାଇଥିବା ନେଇ ଜଣାପଡିଛି। ପ୍ରକାଶ ଥାଉକି କିଛିଦିନ ପୂର୍ବରୁ ତଥା ଚଳିତ ମାସ ୫ ରିଖ ଦିନ ଆନ୍ଧ୍ର ପ୍ରଦେଶର ସାଲୁର ମଣ୍ଡଳ ତଥା ବ୍ଲକର ଏମ୍‌ପିଡିଓ ଗୋଲେପାଲି ପାର୍ବତୀ ଏବଂ ମଣ୍ଡଳ ସ୍ୱତନ୍ତ୍ର ଅଧିକାରୀ ପ୍ରସାଦଙ୍କ ସମେତ ବିଭିନ୍ନ ଆନ୍ଧ୍ର ଅଧିକାରୀମାନେ କୋଟିଆରେ ଅନୁପ୍ରବେଶ କରିଥିଲେ। ସେମାନେ କୋଟିଆ, ଉପରସେମ୍ବ୍ରୀ, ଗଞ୍ଜେଇପୋଦର ଆଦି ଗ୍ରାମ ଗୁଡ଼ିକ ଗସ୍ତ କରିବା ସହ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିଥିଲେ। ମଶା ନିରାକରଣ କରିବା ପାଇ ଶୁଷ୍କ ଦିବସ ପାଳନ କରିଥିଲେ। ଫେବୃଆରୀ ୧୪ ରିଖ ଦିନ ଆନ୍ଧ୍ର କିଷାନ କାର୍ଡ ସର୍ଭେ ନିମନ୍ତେ ଆନ୍ଧ୍ର ଅଧିକାରୀ ଅନୁପ୍ରବେଶ କରିଥିଲେ। ଏଥିନେଇ ଓଡ଼ିଶା ପ୍ରଶାସନ ନିକଟରେ ସୂଚନା ମିଳିବା ପରେ ସେମାନଙ୍କୁ ଘଉଡ଼ାଇଥିଲେ।

ସକାଳ
THE SAKALA



## ୧୩ତମ ଅନୁଗୋଳ ଜିଲ୍ଲା ମହୋତ୍ସବ ଉଦଘାଟିତ

# ସମସ୍ୟା ଅଛି, ସମାଧାନ ବି ହେବ: ମୁଖ୍ୟମନ୍ତ୍ରୀ







ଅନୁଗୋଳ,୧୭ ।୪(ସମିସ)

ଅନୁଗୋଳ ଷ୍ଟାଡିୟମ ପରିସରରେ ବର୍ଣ୍ଣାଢ୍ୟ ପରିବେଶରେ ଚାରିଦିନ ଧରି ଚାଲିବାକୁ ଥିବା ୧୩ତମ ଅନୁଗୋଳ ଜିଲ୍ଲା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟନ କରି ଜିଲ୍ଲାର ଐତିହ୍ୟ, ସଂସ୍କୃତି, ବୈଭବଭରା ସୌନ୍ଦର୍ଯ୍ୟକୁ ଉଲ୍ଲେଖ କରିବା ସହ ଖଣିଖାଦାନ ଓ ଶିଳ୍ପସମୃଦ୍ଧ ଯୋଗୁଁ ରାଜ୍ୟ ତଥା ଦେଶରେ ଅନୁଗୋଳ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ବୋଲି କହିଥିଲେ। ଜିଲ୍ଲାର ବରପୁତ୍ରଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନବକୃଷ୍ଣ ଚୌଧୁରୀଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଅବଗତ କରାଇବା ସହ ୨୨ ମାସର ସରକାରଙ୍କ ଯୋଜନାଗୁଡ଼ିକ ସମ୍ପର୍କରେ ପ୍ରକାଶ କରିଥିଲେ। ସମସ୍ୟା ରହିଛି, ସମାଧାନ ମଧ୍ୟ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଅତିଥିଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁଁ ଅନୁଗୋଳ ସହର ଟ୍ରାଫିକ ସମସ୍ୟା ଦୂର ପାଇଁ ବାଇପାସ ରାସ୍ତା ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଥିଲା। ବଅଁରପାଳରୁ ଗୋଡ଼ିବନ୍ଧ ରାସ୍ତାକୁ ଚାରିଧାଡ଼ି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲାର ବିକାଶ ପାଇଁ ୪୧୪ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୧୪୫ କୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପର ଉଦଘାଟନ କରିଥିଲେ। ଶାତକୋଶିଆ ଅଭୟାରଣ୍ୟର ବିକାଶ ପାଇଁ ୧୦୦କୋଟି ଟଙ୍କା ଅନୁମୋଦନ ମିଳିଛି ଏବଂ ବିଭାଗୀୟ କାର୍ଯ୍ୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଖଣିଜ ପାଣ୍ଠିକୁ

- ୪୧୪ କୋଟିର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ୧୪୫ କୋଟିର ବିଭିନ୍ନ ପ୍ରକଳ୍ପର ଉଦଘାଟନ
- ଜିଲ୍ଲାକୁ ସମୃଦ୍ଧ କରିବାକୁ ସଂକଳ୍ପ ନେବାକୁ ଆହ୍ୱାନ

ସେହି ଖଣି ଅଞ୍ଚଳର ୨୫କିମି ପାରିପାର୍ଶ୍ୱିକ ପରିଧି ମଧ୍ୟରେ ଖର୍ଚ୍ଚ କରାଯାଉଛି ବୋଲି ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତର ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ନିର୍ଦ୍ଧାରିତ ସମୟଠାରୁ ୨ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ସଭା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରାକ୍ତନ ଅଧ୍ୟାପକ କୁଳମଣି ନାୟକ ବେଦ ଉଚ୍ଚାରଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୀତିମୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସଂସ୍କୃତି ପରିଷଦ ସଦସ୍ୟ, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଅନୁଗୋଳ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଖ୍ୟାତ ଉପସ୍ଥାପିକା ମେଘନା ମିଶ୍ରଙ୍କ ଆକର୍ଷଣୀୟ ମଞ୍ଚ ସଞ୍ଚାଳନ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ବିଳମ୍ବିତ ରାତିଯାଏ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଲିଉଡ୍ ଗାୟକ ମଣ୍ଟୁ ଛୁରିଆଙ୍କ ରୋମାଣ୍ଟିକ ରିମିକ୍ସ ସଙ୍ଗୀତରେ ଯୁବ ଗୋଷ୍ଠୀ ଝୁମିଥିଲେ। ହାସ୍ୟ ଅଭିନେତା ପ୍ରଜ୍ଞାଙ୍କ କମେଡି ଶୋ ଦର୍ଶକଙ୍କୁ ହସେଇ ହସେଇ ବେଦମ କରିଥିଲା।

ସଭାକାର୍ଯ୍ୟ ପୂର୍ବରୁ ଆଠମଲ୍ଲିକ ଲିପଲୋଇ ଦଣ୍ଡନୃତ୍ୟ, ଗୋପାଳ ପ୍ରସାଦ ପାଇକ ଆଖଡ଼ା, ଗଞ୍ଜାମ ଜିଲ୍ଲାର ବାଘନାଚ, ଅନୁଗୋଳର ନୃତ୍ୟଶିକ୍ଷା ଅନୁଷ୍ଠାନ 'ନୃତ୍ୟନୀଳୟ' କଳାକାର, ବଲାଙ୍ଗିରର କୋଶଳ ଫୋକ ଏକାଡେମୀ, ସୁନ୍ଦରଗଡ଼ର ବୁଦ୍ଧ ପାତ୍ରଙ୍କ ଦଳଗତ ଆଦିବାସୀ ନୃତ୍ୟ ପ୍ରଭୃତି ମଞ୍ଚସ୍ଥ ହୋଇଥିଲା। ମହୋତ୍ସବ ଅବସରରେ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ମାଝୀ ପଲ୍ଲୀଶ୍ରୀ ମେଳାକୁ ଉଦଘାଟନ କରିଥିଲେ। ମେଳାରେ ପ୍ରଥମ ଦିନରୁ ଭିଡ଼ ପରିଲକ୍ଷିତ ହୋଇଥିଲା। ୧୨ ରାଜ୍ୟ ସମେତ ଓଡ଼ିଶାର ସମସ୍ତ ଜିଲ୍ଲାର ପ୍ରତିନିଧିତ୍ୱ କରୁଥିବା ମିଶନ ଶକ୍ତିଙ୍କ ଉତ୍ପାଦ ମେଳାରେ ସ୍ଥାନ ପାଇଛି। ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ସୌଖିନ ଜିନିଷ, ହସ୍ତତନ୍ତ, ଟେରାକୁଟା, ମସଲା, ଖାଦ୍ୟ, ଔଷଧୀୟ ଜଡ଼ିବୁଟି ଆଦି ସମ୍ଭାରର ବଜାରରୁ ଲୋକେ ଘରକୁ ନେଇଯାଉଥିଲେ।

## ପାଇପଲାଇନ ନିକଟରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

କଣିହାଁ,୧୭ ।୪(ସମିସ): କଣିହାଁ ଥାନା ଅଧୀନ ଏକ ପେଟ୍ରୋଲ ପମ୍ପ ନିକଟରେ ଥିବା ପାଉଁଶ ପାଇପଲାଇନ ପାଖ ନିଛାଟିଆ ସ୍ଥାନରୁ ଜଣେ ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ମୃତଦେହ ଦେଖି ଥାନାକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅନୁଗୋଳ ସାଇଣ୍ଟିଫିକ ଟିମ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ ସୂଚନା ଅନୁଯାୟୀ, ମୃତ ବ୍ୟକ୍ତି ଜଣକ କଣିହାଁ ପଞ୍ଚାୟତ ମଶୁଣିହତା ଗ୍ରାମର ବାରୁ ବେହେରା (୩୨)। ପରିବାର ଲୋକେ ମୃତଦେହ ଚିହ୍ନଟ କରିଛନ୍ତି। ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। ରିପୋର୍ଟ ଆସିଲେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଅଜଣା ରୋଗରେ ୮ ବାଛୁରୀ ମୃତ



କଣିହାଁ,୧୭ ।୪(ସମିସ): କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଓଳନ୍ଦା ଗ୍ରାମରେ ଦୁଇଦିନ ମଧ୍ୟରେ ଅଜଣା ରୋଗରେ ୮ ବାଛୁରୀର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗ୍ରାମର ଗୋରୁମାନେ ନିକଟସ୍ଥ ଜଙ୍ଗଲକୁ ଚରିବାକୁ ଯାଇଥାନ୍ତି। ସେମାନଙ୍କ ମଧ୍ୟରୁ ବିଭିନ୍ନ ସ୍ଥାନରେ ୮ ବାଛୁରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗ୍ରାମର ଗୌରଚନ୍ଦ୍ର ସାହୁ, ପୁରୁଷୋତ୍ତମ ସାହୁ, ପରମା ପ୍ରଧାନ, ଯୋଗିନାଥ ସାହୁ, ସନ୍ତୋଷ ସାହୁ, କୁମାରୀ ସାହୁ, କଇରୁ ପ୍ରଧାନ ପ୍ରମୁଖଙ୍କ ବାଛୁରୀ ଗୋରୁପଲ ସହ ଚରିବାକୁ ଯାଇ ଫେରିବା ବାଟରେ ବିଭିନ୍ନ ସ୍ଥାନରେ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ରେଙ୍ଗାଳି ପ୍ରାଣୀ ଚିକିତ୍ସା ଅଧିକାରୀ ତୁଷାରକାନ୍ତ ଗଡ଼ନାୟକଙ୍କୁ ପ୍ରାଣୀମିତ୍ର ଜଣାଇଥିଲେ। ଗୁରୁବାର ସକାଳେ ଡା. ଗଡ଼ନାୟକ ଟିମ ସହ ଗ୍ରାମରେ ପହଞ୍ଚି ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆନୁଷଙ୍ଗିକ ଚିକିତ୍ସା କରିଥିଲେ। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି।

## ଚୋରା ଶାଗୁଆନ ପଟା ଜବତ



ଅନୁଗୋଳ,୧୭ ।୪(ସମିସ): ୧୬ ତାରିଖ ଅପରାହ୍ନରେ ବନ୍ତଲା ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ବନ୍ତଲା ଥାନା ନୂଆଖେତା ସେକ୍ସନ ଅରାଡିହ ଗାଁରେ ଚଢ଼ଉ କରି ୧୫୦ଟି ଚୋରା ଶାଗୁଆନ ପଟା ଜବତ କରିଛନ୍ତି। ଜବତ ପଟାର ପରିମାଣ ୨୯.୧୯ ସିଏଫ୍‌ଟି ହେବ। ଏଥିସହ ସେଠାରୁ ଫର୍ଣ୍ଣିଚର ତିଆରି ଉପକରଣ ଜବତ କରାଯାଇଛି। ଏ ନେଇ ଗ୍ରାମର ଅଭିରାମ ଦେହୁରୀଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି।

## ଜଳସଙ୍କଟ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର,୧୭ ।୪(ସମିସ): ତାଳଚେର ବ୍ଲକ କଣ୍ଠାଳ ପଞ୍ଚାୟତ ତାଳବେଡ଼ା, ଏକାଦଶୀପୁର, ବନମାଳୀପୁର, ଦାଶରଥୀପୁର ଓ ସୌଭାଗ୍ୟନଗର ଅଞ୍ଚଳରେ



ପାନୀୟ ଜଳ ଅଭାବ ସମସ୍ୟା ସମାଧାନ ପାଇଁ ସରପଞ୍ଚ ଯଶୋବନ୍ତୀ ବେହେରାଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ ଉମାମାଧବ ଆଚାର୍ଯ୍ୟ, ପୂର୍ଣ୍ଣିମା ପ୍ରୀତିଛନ୍ଦା ହୋତା, ରବି ଶତପଥୀ, କେଶବ ବେହେରା ଓ ସଂଗ୍ରାମ ବେହେରା ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଗ୍ରାମଗୁଡ଼ିକୁ ଏଲଏନଟି ଓ ଏମସିଏଲ ପକ୍ଷରୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଏ। ୧୪୯ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଠିକାସଂସ୍ଥା ମନଇଚ୍ଛା ବିଛା ଯାଇଥିବା ପାଣି ପାଇପ୍ କାଟି ଦେଉଥିବାରୁ ପାଣିର ଘୋର ସଙ୍କଟ ଦେଖାଦେଇଛି। ରାସ୍ତା ନିର୍ମାଣ ପାଇଁ ଡୋଜର ସାହାଯ୍ୟରେ ମାଟି ଖୋଳିବା ସମୟରେ ପାଇପଗୁଡ଼ିକ ପ୍ରତି ଧ୍ୟାନ ନ ଦେଇ କାଟି ପକାଇଛି। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗକୁ ଗ୍ରାମବାସୀ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ



ଅନୁଗୋଳ,୧୭ ।୪(ସମିସ): ଅନୁଗୋଳ ପୌର କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ପୌରପାଳିକା ସହଯୋଗରେ ଜଳଛତ୍ର ସେବା ଶୁଭାରମ୍ଭ କରାଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଏବଂ ଜିଲ୍ଲା ଠିକାଦାର ସଂଘ ସାଧାରଣ ସମ୍ପାଦକ ସୁବୋଧ କୁମାର ମହାପାତ୍ର ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ କର୍ମକର୍ତ୍ତାଙ୍କ ସହ ସମସ୍ତ ସଭ୍ୟ, ପୌର ଉପାଧ୍ୟକ୍ଷା ଅନୁପମା ସାହୁ ଓ ବହୁ କାଉନସିଲର ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସମସ୍ତଙ୍କୁ ଶୀତଳ ଦହି ସରବତ ବଣ୍ଟନ କରାଯାଇଛି।

## ଠାକୁରଗଡ଼ ପୁଲିସ ପକ୍ଷରୁ ଜଳଛତ୍ର ଶୁଭାରମ୍ଭ



କିଶୋରନଗର,୧୭ ।୪(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ପକ୍ଷରୁ ଥାନା ସମ୍ମୁଖରେ ଶୁକ୍ରବାର ଏକ ଜଳଛତ୍ର ଉଦଘାଟିତ ହୋଇଛି। ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତଡ଼ଡ଼ିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି ଜଳଛତ୍ର ଆସନ୍ତା ଜୁନ୍ ୧୫ ପର୍ଯ୍ୟନ୍ତ ସେବା ଯୋଗାଇବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି। ଉଦଘାଟନୀ ଦିବସରେ ଲୋକଙ୍କୁ ଶୀତଳ ଦହି ସର୍ବତ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଠାକୁରଗଡ଼ ଥାନା ଆଇଆଇସି ଶଶିଭୂଷଣ ବେହେରା, ମନୋଜ ବେହେରାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଏନଟିପିସି ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ତାଳଚେର,୧୭ ।୪(ସମିସ): ଏନଟିପିସି ତାଳଚେର ଥର୍ମାଲ ପକ୍ଷରୁ ଡ. ବିଆର ଆମ୍ବେଦକରଙ୍କ ୧୨୬ତମ ଜୟନ୍ତୀ ପାଳିତ ହୋଇଛି। ସକାଳେ ଷ୍ଟେସନ ପରିସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦଙ୍କ ଦ୍ୱାରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉଦଘାଟନ କରାଯାଇଥିଲା। ଏହି ଅବସରରେ ସାଗରିକା ଲେଡିଜ୍ କ୍ଲବ ସଭାପତି ବିଭା ଅଗ୍ରୱାଲ, ମହାପ୍ରବନ୍ଧକ (ପ୍ରକଳ୍ପ) ପ୍ରବୀର କୁମାର, ବରିଷ୍ଠ ଅଧିକାରୀ, ୟୁନିୟନ ପ୍ରତିନିଧି ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ସହରାଞ୍ଚଳ ମୌଳିକ ସେବାରେ କାର୍ଯ୍ୟରତ ଅଧିକାରୀ ଡ. ହରପ୍ରିୟା ପାଣିଗ୍ରାହୀ ଯୋଗଦେଇ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଚିଲଡ୍ରେନ ହୋମର ଅନ୍ତେବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପିଲାମାନଙ୍କୁ ନେଇ ଆୟୋଜିତ କୁଇଜ ଓ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଏମଡିସି କମ୍ପାନୀର ବୋରୱେଲ ସର୍ଭେକୁ ବିରୋଧ



ଛେଣ୍ଡିପଦା,୧୭ ।୪(ସମିସ): ଛେଣ୍ଡିପଦା ବନାଞ୍ଚଳ ମାରୁଡିପ ସଂରକ୍ଷିତ ଜଙ୍ଗଲରେ ବୋରୱେଲ ସର୍ଭେକୁ ନେଇ ପୁଲିସ ଉପସ୍ଥିତିରେ କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ନୂଆଗାଁ ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକ ବିଫଳ ହେବା ସହ ଜଙ୍ଗଲରେ ବୋରୱେଲ ସର୍ଭେ କରାଇଦେବେ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ସୂଚନାଯୋଗ୍ୟ, କୁଡ଼ନାଳୀ-ଲୁବୁରୀ କୋଇଲା ଖଣି ପାଇଁ ଜିଏମଡିସି କମ୍ପାନୀ ପକ୍ଷରୁ ସଂରକ୍ଷିତ ଜଙ୍ଗଲରେ କୋଇଲା ସର୍ଭେ ପାଇଁ ତେଲିସାହିରେ ହେବାକୁ ଥିବା ବୋରୱେଲ ଖୋଳିବାକୁ ଉଦ୍ୟମ କରୁଛି। ତେଲିସାହି ସଂରକ୍ଷିତ ଜଙ୍ଗଲରେ କମ୍ପାନୀ ପକ୍ଷରୁ ବୋର ମେସିନ ନେଇ ଗାଁରେ ପହଞ୍ଚିବା ଦିନଠାରୁ ବୋରୱେଲ ଖୋଳିବାକୁ ନେଇ ଉତ୍ତେଜନା ଲାଗି ରହିଛି। ବୋର ସର୍ଭେ ପାଇଁ ଆସିଥିବା ଗାଡ଼ିକୁ ଗ୍ରାମବାସୀ ଅଟକାଇଥିଲେ। ଏ ନେଇ ଶିବମନ୍ଦିର ପରିସରରେ କମ୍ପାନୀ ଅଧିକାରୀ ଓ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ କୌଣସି ନିଷ୍କର୍ଷ ବାହାରି ନ ଥିଲା। ପୁଲିସ, ଗ୍ରାମବାସୀ ଓ କମ୍ପାନୀ କର୍ମଚାରୀଙ୍କ ଉପସ୍ଥିତିରେ ଗ୍ରାମବାସୀ ଜଙ୍ଗଲରେ ବୋରୱେଲ ଖନନ ଓ ଜମି ଅଧିଗ୍ରହଣକୁ ତୀବ୍ର ବିରୋଧ କରିବା ସହ ଜଙ୍ଗଲରେ ବୋର ସର୍ଭେ କରାଇଦେବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ବୈଠକ ବିଫଳ ଓ ଗ୍ରାମବାସୀଙ୍କ ବିରୋଧ ପରେ ପୁଲିସ ଓ କମ୍ପାନୀ ଅଧିକାରୀ ଫେରିଯାଇଛନ୍ତି।

## ସିବିଏସିଇ ଦଶମ ପରୀକ୍ଷାରେ ଡିଏଭି ସ୍କୁଲର ସଫଳତା



ତାଳଚେର,୧୭ ।୪(ସମିସ): ସିବିଏସଇ ଦଶମଶ୍ରେଣୀ ପରୀକ୍ଷାରେ ଡିଏଭି ଜଗନ୍ନାଥ କ୍ଷେତ୍ରର ଛାତ୍ରଛାତ୍ରୀ ଆଶାତୀତ ସଫଳତା ହାସଲ କରିଛନ୍ତି। ତ୍ରିମାନ ପ୍ରଧାନ ୯୯.୪ ପ୍ରତିଶତ ନମ୍ବର ରଖି ପ୍ରଥମ, ଅମୃତାଂଶୁ ଦାସ ୯୯ ପ୍ରତିଶତ ରଖି ୨ୟ ଏବଂ ମଞ୍ଜୁଲିକା ସାହୁ ୯୮.୬ ପ୍ରତିଶତ ନମ୍ବର ରଖି ୩ୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ୬୭ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଏହି ସଫଳତା ନିମନ୍ତେ ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରରଣିଆକଟା ଓଏଭି ଛାତ୍ରଛାତ୍ରୀଙ୍କ ସଫଳତା





କିଶୋରନଗର,୧୭ ।୪(ସମିସ): ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ କିଶୋରନଗର ବ୍ଲକ ରଣିଆକଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସମୀକ୍ଷା କ୍ଷେତି ୯୮.୨ ପ୍ରତିଶତ ନମ୍ବର ରଖି ପ୍ରଥମ, ପୀୟୂସ ପ୍ରୀୟଦର୍ଶୀ ପ୍ରଧାନ ୯୭.୮ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ, ନବଲୋକ ପ୍ରଧାନ ଓ ଶାଶ୍ୱତ ସାହୁ ୯୭ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## କୋଇଲାଭିତ୍ତିକ କାରଖାନା ପ୍ରତିଷ୍ଠା ବନ୍ଦ ଦାବି

ଅନୁଗୋଳ,୧୭ ।୪(ସମିସ): ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ବିମଳା ଇନ୍‌ଫ୍ରାଷ୍ଟ୍ରକଚର ପକ୍ଷରୁ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ (କୋଇଲା ଡିପୋ ଓ ୱାସେରୀ) ପ୍ରତିଷ୍ଠା ପାଇଁ ହେଉଥିବା ପ୍ରୟାସକୁ ବିରୋଧ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୧୦ ତାରିଖ ଏ ନେଇ ଦୁର୍ଗାପୁରଠାରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ପାଇଁ ଯେଉଁଳି ଭାବେ କ୍ଷତିଗ୍ରସ୍ତ ଅଞ୍ଚଳ ବାହାରୁ କିଛି ଲୋକଙ୍କୁ ନେଇ ସଭା

- ଜିଲ୍ଲାପାଳଙ୍କୁ ଭେଟିଲେ ଦୁର୍ଗାପୁର ଗ୍ରାମବାସୀ

କରାଗଲା ଏବଂ ପୁଲିସ ପକ୍ଷରୁ ଭୟର ବାତାବରଣ ସୃଷ୍ଟି କରାଗଲା ତାକୁ ଗ୍ରାମବାସୀ ନିନ୍ଦା କରିଛନ୍ତି। ଗ୍ରାମର ଉଭୟ ପାର୍ଶ୍ୱରେ ରେଳ କରିଡର ଏବଂ ପରିବହନ ରାସ୍ତା ପାଇଁ ଜମି ଅଧିଗ୍ରହଣ ହେଉଛି। ଚାଷୀବହୁଳ ଏହି ଗ୍ରାମର ଲୋକେ ଅଞ୍ଚଳରେ ଆହୁରି କୌଣସି ପ୍ରକାର କୋଇଲା ଭିତ୍ତିକ କାରଖାନା ବା ପାର୍କ ପ୍ରତିଷ୍ଠା ହେଲେ ଚାଷ ପ୍ରଭାବିତ ହେବାସହ ପରିବେଶ ବ୍ୟାପକ ଭାବେ ପ୍ରଦୂଷିତ ହେବ



ବୋଲି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା ଗ୍ରାମ ସଭାପତି ଗୋବିନ୍ଦ ଶତପଥୀଙ୍କ ସମେତ ସୁଶୀଳ ସାହୁ, ପରମା ସାହୁ, ସୁରେଶ ଚନ୍ଦ୍ର ପ୍ରଧାନ, ସଂଗ୍ରାମ ପ୍ରଧାନ, ଚିତ୍ତରଞ୍ଜନ ପାଣି, ଚନ୍ଦନ ସାହୁ, ଭରତ ନାଏକ, ଲମ୍ବୋଦର ପଣ୍ଡା, ପ୍ରମୋଦ ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରକାଶ କରିଛନ୍ତି।

# ବିଜୁବାବୁଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ





ତାଳଚେର,୧୭ ।୪(ସମିସ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସକାଳ ୯ଟାରେ ତାଳଚେର ଟାଉନ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବ୍ରାହ୍ମଣୀ ନଦୀକୂଳରେ ସାମୂହିକ ତିଳତର୍ପଣ କରିଥିଲେ। ସେଠାରୁ ବିରାଟ ପଟୁଆରରେ ସହର ପରିକ୍ରମା କରି ତାଳଚେର ବସଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାଳଚେର ମେଡିକାଲକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ପୌରପରିଷଦ ୩ ନମ୍ବର ୱାର୍ଡସ୍ଥିତ ଅମ୍ବଲାପଡ଼ା ସଂସ୍କୃତି ଭବନରେ ପୂର୍ବାହ୍ନ ସାଢ଼େ ୧୦ଟାରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେରର ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି, କାଉନସିଲର, ଯୁବଛାତ୍ର, ମହିଳାଙ୍କ ସମେତ ବିଜେଡିର ସମସ୍ତ ପଦାଧିକାରୀ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।

**ପାଲଲହଡ଼ା:** ପାଲଲହଡ଼ା ଉପଖଣ୍ଡ ସଦର ମହକୁମାରେ ଶୁକ୍ରବାର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁବାବୁଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପାଲଲହଡ଼ା ବିଧାୟକ ତଥା ବିଜେଡି ରାଜ୍ୟ ସମ୍ପାଦକ ମୁକେଶ କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ନଗର ପରିକ୍ରମା କରାଯାଇଥିଲା।

ଶରତଚନ୍ଦ୍ର କ୍ଲବରେ ଆୟୋଜିତ ସାଧାରଣ ସଭାରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କଣିହା ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ସେଠୀ, ସଭ୍ୟ ବୁଧୁରାମ ବୋଇପାଇ, ସଭ୍ୟା ଇନ୍ଦ୍ରାଣୀ ହେମ୍ବ୍ରମ, ସାବିତ୍ରୀ ମାଝୀ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ନରେନ୍ଦ୍ର କୁମାର ଭୁକ୍ତା, ବଙ୍ଗାଳି ବେହେରା ପ୍ରମୁଖ ଯୋଗଦେଇଥିଲେ। ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଶିକ୍ଷକ ବଦଳିରେ ମନଇଚ୍ଛା ନୀତି; ଶିକ୍ଷାଦାନ ବ୍ୟାହତ

## ବିଇଓଙ୍କ ଅନୁପସ୍ଥିତିକୁ ନେଇ ବଢୁଛି ଅସନ୍ତୋଷ

ହାଟଡ଼ିହୀ,୧୭।୪(ସମିସ): ଶିକ୍ଷକ ବଦଳି ସମ୍ପୂର୍ଣ୍ଣ ବନ୍ଦ ଥିବା ସ୍ଥଳେ ହାଟଡ଼ିହୀ ବ୍ଲକ୍‌ରେ ମନଇଚ୍ଛା ଚାଲିଛି । ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ ନିଯୁକ୍ତି କରିବାର ବ୍ୟବସ୍ଥା ଥିବାବେଳେ ତାହା କରାଯାଉନି । କେଉଁଠି ମେଞ୍ଚେ ତ କେଉଁଠି କେଞ୍ଚେ ନୀତି ! ଗୋଟିଏ ଗୋଟିଏ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଅନୁପାତ ଅନୁସାରେ ଢେର୍ ଅଧିକ ଶିକ୍ଷକ ଥିବାବେଳେ କେଉଁଠି ଅଧିକ ଛାତ୍ରଛାତ୍ରୀ ଥାଇବି କମ୍ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଲଇଛଣପୁର ପ୍ରାଥମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ନିଯୁକ୍ତ ଥିବାବେଳେ ବ୍ଲକ୍ ଶିକ୍ଷାଧିକାରୀ ଜଣେ ଶିକ୍ଷୟିତ୍ରୀଙ୍କୁ ବାର୍ଷିକ ପରୀକ୍ଷା ପୂର୍ବରୁ ଏଠାରୁ ବଦଳି କରିନେଇଛନ୍ତି । ଆଜି ପର୍ଯ୍ୟନ୍ତ ସେହି ସ୍କୁଲ୍‌ରେ ଆଉ ଶିକ୍ଷକ ନିଯୁକ୍ତି ଦିଆଯାଇନି । ଫଳରେ ୫ଟି ଶ୍ରେଣୀ ଥିବା ଏହି ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ସେହିପରି ରମ୍ଭାସ ଗ୍ରାମର ଜଣେ ଶିକ୍ଷୟିତ୍ରୀ ନିଜ ସ୍ୱାସ୍ଥ୍ୟଗତ କାରଣରୁ କେନ୍ଦୁଝରରୁ ବଦଳି ହୋଇ ନିଜ ଅଞ୍ଚଳକୁ ଆସିଥିବା ବେଳେ ତାଙ୍କୁ ୧୫କି.ମି ଦୂର ଏକ ସ୍କୁଲ୍‌ରେ ନିଯୁକ୍ତି ଦେଲେ । ଏପରିକି ତାଙ୍କୁ ତାଙ୍କ ଗାଁ ପାଖ ସ୍କୁଲକୁ ନିଯୁକ୍ତି ଦେବା ପାଇଁ ଜଣେ କର୍ମଚାରୀ ମୋଟା ଅଙ୍କର ଟଙ୍କା ନେଇଥିବା ଶୁଣିବାକୁ ମିଳିଛି । ଇଶଳା ସ୍କୁଲ୍‌ରେ ଅନେକ ଦିନ ଧରି ଜଣେ ଶିକ୍ଷକ ଥିବାବେଳେ ସେଠାରେ ଅଧିକ ଶିକ୍ଷକ ନିଯୁକ୍ତି କରାଯାଉନି । ଚମ୍ପୁଆ ଅଞ୍ଚଳରୁ ଜଣେ ଶିକ୍ଷୟିତ୍ରୀ ଜୁନ୍ ମାସରେ ବଦଳି ହୋଇ ହାଟଡ଼ିହୀ ବ୍ଲକକୁ ଆସିଥିବା ବେଳେ ତାଙ୍କୁ ଭିନ୍ନ ଭିନ୍ନ ସ୍କୁଲକୁ ଦୁଇ ଦୁଇ ଥର ବଦଳି କରାଗଲାଣି । ଯାହାକୁ ନେଇ ସେ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏଭଳି ବେନିୟମ ବଦଳି ସମ୍ପର୍କରେ ଅଭିଯୋଗ କରିବାକୁ ବସି ରହିଥିଲେ । ତେମଳା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏସ୍‌ଆର୍ କାର୍ଯ୍ୟରେ ନିୟୋଜିତ ଥିବାବେଳେ ତାଙ୍କୁ ରାତିଅଧିଆ ସମଣା ସ୍କୁଲକୁ ବଦଳି ନିର୍ଦ୍ଦେଶ ହୋଇଥିଲା । ଯାହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଧାନଶିକ୍ଷକ ଜଣକ ଏନେଇ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଏପରି ଅନେକ ଘଟଣାକୁ ନେଇ ଏବେ ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏପରିସ୍ଥଳେ ବ୍ଲକ ଶିକ୍ଷାଧିକାରୀ ଅନେକ ସମୟରେ କାର୍ଯ୍ୟାଳୟ ନଆସିବାରୁ ଅନେକ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଭିନ୍ନ ଭିନ୍ନ କାମରେ ଆସି ଦେଖା ନପାଇ ନିରାଶ ହୋଇ ଫେରୁଛନ୍ତି । ଏମିତିକି ବ୍ଲକ ଶିକ୍ଷାଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କଲେ ସୁଦ୍ଧା ସେ ଫୋନ୍ କଲ୍ ଗ୍ରହଣ କରନ୍ତି ନାହିଁ । ଏଭଳି ପ୍ରମୁଖ ସମସ୍ୟା ଉପରେ ଜିଲ୍ଲା ଶିକ୍ଷାଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଗ୍ରାମ୍ୟ ଜଙ୍ଗଲ ଚିହ୍ନଟ ଦାବି

ଚମ୍ପୁଆ,୧୭।୪(ସମିସ): ଚମ୍ପୁଆ ବ୍ଲକ ଚିଲିକାପଶି ଗ୍ରାମର ଗ୍ରାମ୍ୟ ଜଙ୍ଗଲ ଚିହ୍ନଟ ଦାବି କରାଯାଇଛି । ଏ ସମ୍ବନ୍ଧରେ ଗାଁଲୋକ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି । ଗାଁରେ ଥିବା ଖାତା ନଂ ୩୧, ପ୍ଲଟ ନଂ ୧୫୯, କିସମ ଗ୍ରାମ୍ୟ ଜଙ୍ଗଲ ଏ.୧୪.୬୨ ଡେସିମିଲ ଜଙ୍ଗଲ ଜମି ରହିଛି । କିଛି ସ୍ୱାର୍ଥପର ପାଖ ଜମି ମାଲିକମାନେ ନିଜର ଦର୍ଶାଇ ବହୁ ସମୟରେ ଉକ୍ତ ଗଛକୁ କାଟି ନେଇ ବିକ୍ରି କରିଦେଉଛନ୍ତି ବା ନିଜେ ବ୍ୟବହାର କରିଦେଉଛନ୍ତି । ତେଣୁ ଗାଁରେ ପରିବେଶଜନିତ ସମସ୍ୟା ଉପୁଜୁଛି । ଉକ୍ତ ଜଙ୍ଗଲରେ ଲୋକମାନେ ଜାଳପତ୍ର ସଂଗ୍ରହ କରି ସାମୂହିକ ଭାବେ ବ୍ୟବହାର କରିବା ନିୟମ ରହିଥିଲେ ମଧ୍ୟ କିଛି ଲୋକ ତାର ବ୍ୟତିକ୍ରମ କରୁଥିବାରୁ ଗାଁଲୋକ ବାଧ୍ୟ ହୋଇ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ତୁରନ୍ତ ପ୍ରଶାସନ ପକ୍ଷରୁ ଉକ୍ତ ଜମି ଚିହ୍ନଟ କରି ଗାଁଲୋକଙ୍କୁ ଜଙ୍ଗଲର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରିବାକୁ ଦାବି କରିଛନ୍ତି ।

## ଉଦିତ ନାଏକ କେନ୍ଦେଇପଶି ଓଏଭି ଟପ୍ପର



ତୁରୁମୁଙ୍ଗା, ୧୭।୪(ସମିସ): ସିବିଏସ୍‌ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶିସ୍ଥିତ ଆଦର୍ଶ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ୬୫ ପରୀକ୍ଷାର୍ଥୀ ମଧ୍ୟରୁ ସମସ୍ତେ କୃତକାର୍ଯ୍ୟ ହୋଇଥିବା ଅଧକ୍ଷ ଦେବଦତ୍ତ ସିଂ କହିଛନ୍ତି । ଉଦିତ କୁମାର ନାଏକ ସର୍ବାଧିକ ୯୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଲିମା ମହାନ୍ତ ୯୨ ପ୍ରତିଶତ, ତୃତୀୟ ସ୍ଥାନରେ ପୁଷ୍ପାଞ୍ଜଳି ମହାନ୍ତ ୯୧ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ଜିଲ୍ଲାର ଗୌରବ ବଢ଼ାଇଲେ ଆୟୁଷ୍ମାନ



ଆନନ୍ଦପୁର, ୧୭।୪(ସମିସ): ଘଷିପୁରା ବ୍ଲକ ବଳରାମପୁର ପଞ୍ଚାୟତ ନୂଆପଡା ଗ୍ରାମର ଆୟୁଷ୍ମାନ ରାଉତ ସିବିଏସଇ ପରୀକ୍ଷାରେ ୯୯%୪ ନମ୍ବର ରଖି ଜିଲ୍ଲାରେ ଟପର ହେବାର ଗୌରବ ଅର୍ଜନ କରିବା ସହ କେନ୍ଦୁଝର ଜିଲ୍ଲା, ପରିବାର ଓ ସମ୍ପର୍କୀୟଙ୍କୁ ଗର୍ବିତ କରିଛନ୍ତି । ସେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାସନାଲ ସ୍କୁଲରେ ଅଧ୍ୟୟନ କରୁଥିଲେ । ଏହି ସଫଳତାରେ ଖୁସି ହୋଇ ତାଙ୍କର ଅଜା ଅବସରପ୍ରାପ୍ତ ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ଶରତ ରାଉତ ଅଭିନନ୍ଦନ ଜଣାଇବା ସହ ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେ ଆଗକୁ ଜଣେ ଭଲ ମଣିଷ ଓ ଡାକ୍ତର ହେବାର ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଥିଲେ ।

## ଅଗ୍ନିସେବା ସପ୍ତାହରେ ସଚେତନତା ଓ ମକ୍‌ଡ୍ରିଲ

ତୁରୁମୁଙ୍ଗା, ୧୭।୪(ସମିସ): ପାଟଣା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏପ୍ରିଲ ୧୪ରୁ ୨୦ ଯାଏ ଅଗ୍ନିସେବା ସପ୍ତାହ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭାଗ ପକ୍ଷରୁ ମକଡ୍ରିଲ କରାଯାଇଥିଲା । ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ଉଦ୍ଧାର ପ୍ରକ୍ରିୟାରେ ଅଗ୍ନିକାଣ୍ଡ ନିୟନ୍ତ୍ରଣ ଉପରେ ଅଗ୍ନିଶମବାହିନୀ ତରଫରୁ କୌଶଳ ପ୍ରଦର୍ଶନ କରାଯାଇଥିଲା । ଗୁରୁବାର ଡୁମୁରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମକଡ୍ରିଲ ଜରିଆରେ ଅଗ୍ନିକାଣ୍ଡ ନିୟନ୍ତ୍ରଣ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା । କେନ୍ଦ୍ରଧିକାରୀ ଗୌରମୋହନ ହେମ୍ବ୍ରମଙ୍କ ନେତୃତ୍ୱରେ ଅଗ୍ନି କର୍ମଚାରୀ ହାବିଲଦାର ବିଜୟ ନାୟକ, ଫାୟାରମ୍ୟାନ ତରୁଣ ନାୟକ, ଦୁର୍ଯ୍ୟୋଧନ କିଷାନ, ବିନାୟକ ବେହେରା, ଅନୀଲ ପାଣିଗ୍ରାହୀ ଓ ଐଶ୍ୱର୍ଯ୍ୟ ନାଏକ ପ୍ରମୁଖ ପରିଚାଳନା କରିଥିଲେ ।

■ ଦୁଇ ଦିନରେ ୨ଟି ପେଟ୍ରୋଲ ପମ୍ପରୁ ଇନ୍ଧନ ଗାଏବ୍

## ବଢୁଛି କଳାବଜାରୀ; ପ୍ରଶାସନର ନିଘା ନାହିଁ

ତେଲକୋଇ, ୧୭।୪(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟରେ ଥିବା ଦୁଇଟି ପେଟ୍ରୋଲ ପମ୍ପରେ ପୁଣି ପେଟ୍ରୋଲ ଓ ଡିଜେଲ ଯୋଗାଣ ସମସ୍ୟା ଦେଖାଦେଇଥିଲା । ଦୁଇ ଦିନ ପୂର୍ବରୁ ଉଭୟ ପେଟ୍ରୋଲ ପମ୍ପକୁ ପୃଥକ ଭାବେ ୧୨ ହଜାର ଲିଟର ଲେଖାଏଁ ପେଟ୍ରୋଲ ଆସିଥିବା ବେଳେ ତାହା ୪୮ ଘଣ୍ଟା ମଧ୍ୟରେ ଶେଷଯାଇଛି । ଗୁରୁବାର ସନ୍ଧ୍ୟାଠାରୁ ପେଟ୍ରୋଲ ପମ୍ପଗୁଡ଼ିକରେ ଇନ୍ଧନ ନଥିବା ଜଣାପଡ଼ିଛି । କେତେକ ଅସାଧୁ ବ୍ୟବସାୟୀ ଏହାର କଳାବଜାର ପାଇଁ ଟାଙ୍କିରୁ ପେଟ୍ରୋଲ ଡିଜେଲ ବୋହି ନେଇ ବେଆଇନ ଗଚ୍ଛିତ କରିଥିବା ଅଭିଯୋଗ ହୋଇଛି । ଏହି ସଙ୍କଟ ସମୟରେ ଅସାଧୁ ବ୍ୟବସାୟୀମାନେ ଏହାକୁ କଳାବଜାର କରିବା ପାଇଁ ଅପଚେଷ୍ଟା ଚଳାଇଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ଅନ୍ୟପଟେ ଇନ୍ଧନ ଯୋଗାଣ କେନ୍ଦ୍ରଗୁଡ଼ିକରେ ଏହି ସଙ୍କଟ ସମୟରେ କିଭଳି ବେଆଇନ ଭାବେ ଅସାଧୁ ବ୍ୟବସାୟୀଙ୍କୁ ଡ୍ରମ ଓ ବ୍ୟାରେଲରେ ପେଟ୍ରୋଲ ଡିଜେଲ ଦିଆଯାଉଛି ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ଖାଉଟିଙ୍କ ପକ୍ଷରୁ ଦାବି ହେଉଛି । ପ୍ରକାଶ ଥାଉକି, ଦୁଇ ଦିନ ପୂର୍ବରୁ ତେଲକୋଇରେ ଥିବା ପେଟ୍ରୋଲ ପମ୍ପରେ ପେଟ୍ରୋଲ ଡିଜେଲ ଗଚ୍ଛିତ ନଥିବା ବେଳେ ଉକ୍ତ ସମୟରେ ଗ୍ରାମାଞ୍ଚଳରେ ଥିବା ଅସାଧୁ ଓ ବେଆଇନ ପେଟ୍ରୋଲ ଡିଜେଲ ବିକ୍ରେତାମାନେ ପେଟ୍ରୋଲ ଲିଟର ପିଛା ୧୮୦ରୁ ୧୯୦ ଟଙ୍କା ଓ ଡିଜେଲ ଲିଟର ପିଛା ୧୫୦ ଟଙ୍କା ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା । ଏଭଳି ସ୍ଥିତିରେ ଏହାର କଳାବଜାରୀ ବୃଦ୍ଧି ପାଇବାକୁ ଲାଗିଥିବା ବେଳେ ଯୋଗାଣ ବିଭାଗ ଓ ପୁଲିସ ପ୍ରଶାସନ ଚଢ଼ଉ କରି ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏ ସମ୍ବନ୍ଧରେ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ କହିଛନ୍ତି, ବ୍ଲକ ଯୋଗାଣ ଅଧିକାରୀଙ୍କୁ ତଥ୍ୟ ସହିତ ଅଭିଯୋଗ କଲେ ଚଢ଼ଉ କରାଯିବ ।

## ହାଟଡିହି ବ୍ଲକ କଳା ସଂସ୍କୃତି ସଂଘର ବୈଠକ

ଆନନ୍ଦପୁର/ହାଟଡିହି, ୧୭।୪ (ସମିସ): ହାଟଡିହି ବ୍ଲକ କଳା ସଂସ୍କୃତି ସଂଘର ଏକ ଜରୁରୀ ବୈଠକ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ସଂଘର ସଭାପତି ରଂଜନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ଅର୍ଦ୍ଧଶତାଧିକ କଳାକାର ଯୋଗଦେଇଥିଲେ । ସଂଘର ସରକାରୀ ସଂପାଦକ ସ୍ୱାତି ସିଂ ପାରସ୍ପରିକ ବୁଝାମଣା ସୂତ୍ରରେ କଳାକାରଙ୍କ ତରଫରୁ ଜଣେ ସଂପାଦକ ବାଛିବା ପାଇଁ ପ୍ରସ୍ତାବ ଦେବାରୁ ପାଲାକାର ବାବାଜୀ ଚରଣ ଜେନାଙ୍କୁ ଚୟନ କରାଯାଇଥିଲା । ବୈଠକରେ ବିଭିନ୍ନ ବର୍ଗର ବରିଷ୍ଠ ଓ କନିଷ୍ଠ କଳାକାର ଅଂଶଗ୍ରହଣ କରିଥିଲେ ।

## ସାମ୍ବାଦିକଙ୍କୁ ହତ୍ୟା ଧମକ

ଆନନ୍ଦପୁର, ୧୭।୪ (ସମିସ): ଗତ ଗୁରୁବାର ସନ୍ଧ୍ୟା ସମୟରେ ସାମ୍ବାଦିକ ମନୋଜ ବାରିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଛି । ସାମ୍ବାଦିକ ଜଣକ ଅଧିକ ଦରରେ ମଦ ବିକ୍ରି ହେଉଥିବା ପ୍ରମାଣ ଚାହିଁବାରୁ



ତିନିଜଣ ଯୁବକ ଧକ୍କା ମାରି ଗୋଟେ ମଦ ବୋତଲରେ ମାରିବାକୁ ଉଦ୍ୟମ କରିଥିଲେ । ସେତିକିବେଳେ ସାମ୍ବାଦିକ ମନୋଜ ତୁରନ୍ତ ଘସିପୁରା ଥାନାଧିକାରୀଙ୍କୁ ଫୋନରେ ଜଣାଇଥିଲେ ବି ତୁମେ ଆସି ପ୍ରଥମେ ଥାନାରେ ଲିଖିତ ଅଭିଯୋଗ କର ବୋଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି । ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ଚନ୍ଦନବନରେ ଚଇତି ପର୍ବ ଉଦ୍‌ଯାପିତ



ନାରଦପୁର,୧୭।୪(ସମିସ): ଝୁମ୍ପୁରା ବ୍ଲକ ନାରଦପୁର ପଞ୍ଚାୟତର ଜଗନ୍ନାଥପୁରସ୍ଥିତ ଚନ୍ଦନବନ ମା’ ତାରିଣୀ ପୀଠରେ ମହାବିଷୁବ ପଣା ସଂକ୍ରାନ୍ତି ଚଇତି ପର୍ବ ଉଦଯାପିତ ହୋଇଯାଇଛି । ପୂଜକ ଗୋଲକ ବିହାରୀ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ତାଙ୍କୁ ଦେହୁରୀ ରତ୍ନାକର ମହାନ୍ତ ଓ ଗୌତମ ନାଏକ ସହଯୋଗ କରିଥିଲେ । ତିନିଦିନ ଧରି କମିଟି ପକ୍ଷରୁ ବାଦୀପାଲା ପରିବେଷଣ କରାଯାଇଥିଲା । ଏହାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି କିଶୋର କୁମାର ନାଏକ, ଯୁଧିଷ୍ଠିର ମହାନ୍ତ, ଗଦୁ ମହାନ୍ତ, ଲୋକନାଥ ପଲେଇ, ମଧୁସୂଦନ ପଲେଇ, ପୂର୍ଣ୍ଣ ବାରିକ, କରୁଣାକର ମହାନ୍ତ, ସୁଧୀର ମହାନ୍ତ, ନଟ ମହାନ୍ତ, ଦିବାକର ମହାନ୍ତ, ବାବୁଲାଲ ମହାନ୍ତ, କାହ୍ନୁ ଦାସ, ବିନୋଦ ଜେନା, ପ୍ରମାଦ ମହାନ୍ତ, ଗୁଲି ସେଠି, ବର୍ଷାରାଣୀ ସେଠି, ପୁଟୁରୀ ସେଠି, ମମତା ମହାନ୍ତ, ପ୍ରୀତି ମହାନ୍ତ, ଲିସା ମହାନ୍ତ, ଗଗନ ମହାନ୍ତ, ନାରଦପୁର ସରପଞ୍ଚ ହେମନ୍ତି ମୁଦି, ପୂର୍ବତନ ସରପଞ୍ଚ ସୁଶୀଲ ନାଏକ, ସଞ୍ଜୟ ମୁଦି, ଭାସ୍କର ନାଏକ, ରହିତ ନାଏକ, ଗୁମୁରା ସରପଞ୍ଚ ତପନ ନାଏକ, ଖଗେଶ୍ୱର ମହାନ୍ତ, ଗଣେଶ୍ୱର ମହାନ୍ତ, ବାସୁଦେବ ବାରିକ, ପ୍ରିନ୍ସ ମହାନ୍ତ, ଶେଖର ବାରିକ, ସୁନୀଲ ମହାନ୍ତ, ସାନ ବାରିକ, ରସାନନ୍ଦ ବାରିକ ସାମିଲ ହୋଇଥିଲେ ।




## ଜିଲ୍ଲାପାଳଙ୍କ ଅଚାନକ ସ୍କୁଲ, ଡାକ୍ତରଖାନା ପରିଦର୍ଶନ



ଜହ୍ନାପଙ୍କ,୧୭ ।୪(ସମିସ): ଜନସାଧାରଣଙ୍କ ପାଖରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କିପରି ଉପଲବ୍ଧ ହେଉଛି ତାହାର କ୍ଷେତ୍ରୀୟ ଅନୁସନ୍ଧାନ ପାଇଁ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବିଭିନ୍ନ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରଛନ୍ତି। ଏହିକ୍ରମରେ ସେ ପନଖିମାଲ ଓ କନକପୁର ପ୍ରାଥମିକ ବିଦ୍ୟାଳୟ ସହ ଗାଁର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଯାଇଥିଲେ। ସେହିପରି ଦେଓବନ୍ଧ ବିଦ୍ୟାଳୟକୁ ମଧ୍ୟ ଗସ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ସହ କିଛି ସମୟ ବିତାଇ ସେମାନଙ୍କ ପଠନ କୌଶଳ ପରୀକ୍ଷା କରିଥିଲେ। ଏହା ସହିତ ଜିଲ୍ଲାପାଳ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବଘିଆପଡ଼ା ଓ ଆମ୍ବୁଝରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଡାକ୍ତର ଓ ରୋଗୀଙ୍କ ସହ ମତ ବିନିମୟ କରିଥିଲେ। ଜନସାଧାରଣଙ୍କ ପାଇଁ ସରକାରୀ ସେବା ସହଜ ଓ ଅବାଧ ଭାବେ ପ୍ରାପ୍ତ ହେବା ନିମିତ୍ତ ସମସ୍ତେ ସଚେତନ ଓ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ସେ ସମସ୍ତ ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, କର୍ମଚାରୀ ଓ ଅଧିକାରୀଙ୍କୁ କହିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ବୌଦ୍ଧ ତହସିଲଦାର ଅନିତା ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାରେ ଆଜିଠୁ ୨୨ ପର୍ଯ୍ୟନ୍ତ ସ୍କୁଲ, କଲେଜ ଛୁଟି

ତରଭା,୧୭ ।୪(ସମିସ): ପ୍ରବଳ ଗ୍ରୀଷ୍ମପ୍ରବାହରେ ସୁବର୍ଣ୍ଣପୁର ଜିଲ୍ଲା ଜଳୁଛି। ଦିନବେଳା ପାରଦ ୪୧ ଡିଗ୍ରୀ ଉପରେ ରହୁଛି। ଗରମ ଝାଞ୍ଜି ପବନ ଯୋଗୁଁ ଘରୁ ବାହାରି ହେଉନାହିଁ। ଆଇଏମଡି (ଭୁବନେଶ୍ୱର) ସୁବର୍ଣ୍ଣପୁର ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରିଛି। ଏଣୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲା ପ୍ରଶାସନ ଏପ୍ରିଲ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର, ସ୍କୁଲ, କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରିଛି। ଯଦି ପରୀକ୍ଷା ଚାଲିଥାଏ ତେବେ ସକାଳ ବେଳା କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ପାନୀୟ ଜଳ ଓ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବାର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

### ପ୍ରବାଦ ପୁରୁଷଙ୍କ ୨୯ତମ ତିରୋଧାନ ଦିବସ

# ଭୁଲି ହେବନି ବିଜୁଙ୍କ ଅବଦାନ

ବୌଦ୍ଧ,୧୭ ।୪(ସମିସ)



ବୌଦ୍ଧ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ପାଳନ କରାଯାଇଛି। ଓଡ଼ିଆ ଜାତି ତଥା ନୂଆ ଓଡିଶା ଗଠନରେ ବିଜୁବାବୁଙ୍କ ଅବଦାନ ଭୁଲି ହେବନି ବୋଲି ମତ ପ୍ରକାଶ ପାଇଛି। ସକାଳେ ବ୍ରିଜ ଛକସ୍ଥ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ବୌଦ୍ଧ ବିଜୁ ଜନତାଦଳ ସଭାପତିଲ ପ୍ରଦୀପ ଅମାତ, ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ଆଇନଜୀବୀ ଅଶୋକ



ସାହୁ, ପୂର୍ବତନ ଉପନଗରପାଳ ବସନ୍ତ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିଭଳି ସ୍ଥାନୀୟ ଟାଉନହଲଠାରେ ଏକ ଶ୍ରଦ୍ଧାଞ୍ଜଳି ସମାରୋହ ଆୟୋଜିତ ହୋଇଥିଲା। ଏଥବରେ ଶ୍ରୀ ଅମାତ, ଏନଏସି ଅଧ୍ୟକ୍ଷ, ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ସୁବୋଧ ପ୍ରଧାନ, ଅବକାଶ ସାହୁ, ପ୍ରଦୀପ ସାହୁ, ମହିଳା ବିଜେଡି ସଭାପତି ଦୀପ୍ତିପ୍ରଭା ସ୍ୱାଇଁ, ଯୁବ ବିଜେଡି ସଭାପତି ଭାଗୀରଥି ମଲ୍ଲିକ, ବୌଦ୍ଧ ବ୍ଲକ ସଭାପତି ସୁମନ୍ତ ସାହୁ, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାଷ ଚନ୍ଦ୍ର ସାହୁ, କୈଳାଶ ବାରିକ, ଅମ୍ରିତ ପ୍ରଧାନ, ସନ୍ତୋଷ ପ୍ରଧାନ, ତ୍ରିପୁର ମହାକୁଡ଼, ଅଶ୍ୱିନୀ ପ୍ରଧାନ, ଜସ୍ମିନୀ ପ୍ରଧାନ, ଅଶୋକ ମେଣ୍ଡୁଲି, ରବୀନ୍ଦ୍ର ପାତ୍ର, ଦେବହରି ମହାଙ୍କୁଡ, ବିଜୟ ମାହାର, ରବୀନ୍ଦ୍ର ରାଉତ, ସର୍ବେଶ୍ୱର ମହିଶାଲ, ମାନସ ପୁରୋହିତ, ଅସିତ ପ୍ରଧାନ, ସନ୍ତୋଷ ନାୟକ, ସୁଜ୍ଞାନ କର୍ଣ୍ଣ, ଦୋଳଗୋବିନ୍ଦ ପ୍ରଧାନ, ପ୍ରତିଭା ସାହୁ, କାର୍ତ୍ତିକ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

**କନ୍ଧମାଳ:** କନ୍ଧମାଳ ବିଜୁ ଜନତା ଦଳ ଦ୍ୱାରା ମଧ୍ୟ ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ପୂର୍ବତନ ବିଧାୟକ ମହିଧର ରଣାଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ସେନାପତି, ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଜିଲ୍ଲା ବିଜେଡ଼ି ସଭାପତି ଭାଗୀରଥି ମଳିକ, ବ୍ଲକ୍ ବିଜେଡି ସଭାପତି ରାଧାବଲ୍ଲଭ



ପ୍ରଧାନ, ବରିଷ୍ଠ ବିଜେଡି ନେତା ଘନଶ୍ୟାମ ବୁଡାଏକ, ମୁରଲୀ ସେଠି ପ୍ରମୁଖ ସାମିଲ ହୋଇଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରଠାରେ ମଧ୍ୟ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର ବସଷ୍ଟାଣ୍ଡରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ବୀରମହାରାଜପୁର ବିଜୁ ଜନତା ଦଳ ବ୍ଲକ ସଭାପତି ସୁରୁ ନାରାୟଣ ମହାକୁର, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ଉପସଭାପତି କିଶୋର ହୋତା, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ଲଳିତ ମୋହନ ପାତ୍ର, ସମ୍ପାଦକ ସଂଜୀବ ଦେହୁରୀ, ପ୍ରଦୀପ ମିଶ୍ର, ମଧୁସୂଦନ ପଣ୍ଡା, ଶ୍ରୀକାନ୍ତ କର୍ମୀ, କଲ୍ଲୋଳ ମିଶ୍ର, ମହେନ୍ଦ୍ର ଜଗଦଲା, ପର୍ଶୁରାମ ଦେହୁରୀ, ଭଗବାନ କର୍ଣ୍ଣ, ଶେଷଦେବ ବାରିକ, ବେଲାରସେନ ପାତ୍ର, କୃଷ୍ଣଚନ୍ଦ୍ର ମେହେର, ରଞ୍ଜିତ ଚାନ୍ଦ, ଆଲୋକ ଦେହୁରୀ, କାହ୍ନୁ ମହାକୁର ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ବସ୍‌ଯାତ୍ରୀଙ୍କଠାରୁ ୧୦ କେଜି ଗଞ୍ଜେଇ ଜବତ

ବୌଦ୍ଧ,୧୭ ।୪(ସମିସ): ବୌଦ୍ଧ ଥାନା ସରସରା ଛକ ନିକଟରେ ଏକ ସରକାରୀ ବସ୍‌କୁ ଅଟକାଇ ଜଣେ ଯାତ୍ରୀଠାରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ମାମଲାରେ ଉତ୍ତରପ୍ରଦେଶର ସୋନଭଦ୍ର ଜିଲ୍ଲା ରବର୍ଟଗଞ୍ଜ ଥାନା ଅଞ୍ଚଳର ରାମ ଦୁଲାରେ ନାମକ ଜଣେ ଯୁବକ ଗିରଫ ହୋଇଛି। ବୌଦ୍ଧ ଅବକାରୀ ଥାନା ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀଙ୍କ ତତ୍ୱାବଧାନରେ ରାତ୍ରୀକାଳୀନ ପାଟ୍ରୋଲିଂ ଚାଲିଥଲା। ଏହି ସମୟରେ ଗଞ୍ଜେଇ ଚାଲାଣ ନେଇ ସୂଚନା ମିଳିଥିଲା। ବ୍ରହ୍ମପୁରରୁ ବୁର୍ଲାକୁ ଯାଉଥିବା ଏକ ସରକାରୀ ବସ୍‌କୁ ଅଟକାଇ ଯାଞ୍ଚ କରା ଯାଇଥିଲା।

## କାର୍ଯ୍ୟରେ ଯୋଗ ଦେଲେ ନୂଆ ଡିଆଇପିଆରଓ

ବୌଦ୍ଧ,୧୭ ।୪(ସମିସ): ବୌଦ୍ଧର ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ନୂଆପଡା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଥିଲେ। ତେବେ ବୌଦ୍ଧରେ ଥିବା



ରୀତାକାନ୍ତି ବଳିୟାର ସିଂଙ୍କ ଏଠାରୁ ଝାରସୁଗୁଡ଼ା ବଦଳି ହୋଇଛି। ନୂଆ ଡିଆଇପିଆରଓ ଶ୍ରୀ ପଣ୍ଡାଙ୍କୁ କାର୍ଯ୍ୟାଳୟର କର୍ମଚାରୀ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ।



## ଚଷାଖଣ୍ଡରେ ନାବାଳିକା ବିବାହ ଘଟଣା

# ନାବାଳିକାକୁ ଉଦ୍ଧାର କଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ



**କୟାଁଗୋଲା, ୧୭।୪(ସମିସ):** ମଙ୍ଗଳପୁର ଥାନା ଚଷାଖଣ୍ଡ ଅଞ୍ଚଳରେ ନାବାଳିକାର ବିବାହ ହେବା ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସମ୍ପୃକ୍ତ ଚଷାଖଣ୍ଡ ସ୍ଥିତ ନାବାଳିକାର ଘରେ ପହଞ୍ଚି ଉକ୍ତ ନାବାଳିକାକୁ ଉଦ୍ଧାର କରି ଯାଜପୁର ସହରସ୍ଥିତ ସଖିକେନ୍ଦ୍ରକୁ ନେଇ ଯାଇଥିଲେ। ମଙ୍ଗଳପୁର ଥାନା ଚଷାଖଣ୍ଡ ଅଞ୍ଚଳର ଜନୈକା ୧୭ ବର୍ଷୀୟା ନାବାଳିକାକୁ ପରିବାର ଲୋକେ ବିଞ୍ଝାରପୁର ଅଞ୍ଚଳରେ ବିବାହ କରାଇବା ପାଇଁ ସ୍ଥିର କରିଥିଲେ। କିନ୍ତୁ ନାବାଳିକା ବିବାହ ବୟସ ହୋଇ ନଥିବାରୁ ଏହି ନାବାଳିକାର ବିବାହ ହେଉଥିବା ଘଟଣା ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ସୁରକ୍ଷା ଅଧିକାରୀ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ଚାଇଲ୍ଡ ଲାଇନ କାର୍ଯ୍ୟକର୍ତ୍ତା, ସିଡିପିଓ ଶାନ୍ତିଲତା ସେଠୀ, ମଙ୍ଗଳପୁର ଥାନା ପୁଲିସ ଅଧିକାରୀ ଜଟାଧାରୀ ଦାସ, ସରପଞ୍ଚ ନାବାଳିକାର ଘରେ ଚଢ଼ଉ କରି ନାବାଳିକାକୁ ସେଠାରୁ ଉଦ୍ଧାର କରିବା ପରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା କମିଟି ଅଧକ୍ଷ ଏହି ବିବାହ ସମ୍ପର୍କରେ ବାପା ମାଆଙ୍କୁ ପଚାରିବୁଝିବା ସହ ଝିଅଟି ନାବାଳିକା ହୋଇଥିବାରୁ ଏହି ବିବାହ କରାଯିବା ଆଇନଗତ ଅପରାଧ ବୋଲି ନାବାଳିକାର ବାପା ମା'ଙ୍କୁ ଚେତାବନୀ ଦେଇଥିଲେ। ନାବାଳିକାର ବାପା ମା' ଘଟଣାକୁ ସ୍ୱୀକାର କରିବା ସହ ଶିଶୁ ସୁରକ୍ଷା ମଙ୍ଗଳ କମିଟି ନିକଟରେ ଝିଅଟି ସାବାଳିକା ହେବା ପର୍ଯ୍ୟନ୍ତ ସେମାନେ ଆଉ ବିବାହ କରାଇବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଜିଲ୍ଲା ଶିଶୁ ସୁରକ୍ଷା କମିଟି ନାବାଳିକାକୁ ତାହାର ପରିବାରକୁ ହସ୍ତାନ୍ତର କରିଥିଲେ।

## କାଳୀମେଘା ସୌମ୍ୟ ଗୁଳିକାଣ୍ଡ ଘଟଣା

# ଅଭିଯୁକ୍ତଙ୍କୁ ଧରି ପୁଲିସର ସିନ ରିକ୍ରିଏସନ

ଯାଜପୁର, ୧୭।୪(ସମିସ)



ଯାଜପୁର ଟାଉନ ଥାନା କାଳୀମେଘା ଅଞ୍ଚଳରେ ଗତ ୬ ତାରିଖରେ ଘଟିଥିବା ସୌମ୍ୟ ସାଗର ସାମଲ ଗୁଳିକାଣ୍ଡ ଓ ହତ୍ୟାକାଣ୍ଡ ଘଟଣାରେ ପୁଲିସ ଘଟଣାସ୍ଥଳକୁ ଯାଇ ସିନ୍ ରିକ୍ରିଏସନ କରିଛି। ଏହି ଘଟଣାରେ ଗିରଫ ୫ ଜଣଙ୍କ ମଧ୍ୟରୁ ୩ ଜଣ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଆଜି ସନ୍ଧ୍ୟାରେ ସିନ ରିକ୍ରିଏସନ କରିଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତାପସ ଖିଲାର ଘଟଣା ଦିନ କିଭଳି ସୌମ୍ୟଙ୍କୁ ଗୁଳି କରି ହତ୍ୟା କଲା ତାର ନମୂନା ଦେଖାଇଥିଲା। ହତ୍ୟା କରିବା ପରେ ତାପସ କିଭଳି ବ୍ୟବହୃତ ଦେଶୀ ବନ୍ଧୁକକୁ ଯାଜପୁର ମେଡିକାଲ କଲେଜ ନିକଟରେ ଫିଙ୍ଗିଥିଲା ସେହି ସ୍ଥାନକୁ ନେଇ ପୁଲିସକୁ ଦେଖାଇଥିଲା। ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଏହି ସିନ୍ ରିକ୍ରିଏସନ ସମୟରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ସହଯୋଗୀ ସୁରଜ ସିଂ, ଅଙ୍କର ଠାକୁର ମଧ୍ୟ ଉପସ୍ଥିତ ଥିଲେ। ଯାଜପୁର ଟାଉନ ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ମାନେ ଏହି ସିନ୍ ରିକ୍ରିଏସନରେ ସାମିଲ ହୋଇଥିଲେ। ଏଠାରେ ସୂଚନା ଯୋଗ୍ୟ କାଳୀମେଘା ଅଞ୍ଚଳରେ ଭଡ଼ା ଘରେ ରହୁଥିବା ସୌମ୍ୟକୁ ନିଜ ପତ୍ନୀ ହତ୍ୟା କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ସୁପାରି କିଲର ମାଧ୍ୟମରେ ତାକୁ ହତ୍ୟା କରିଥିଲା। ସମଲିଙ୍ଗୀ ଯୌନ ସମ୍ପର୍କ ସହିତ ପରକ୍ରିୟା ପ୍ରୀତି ଏହି ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିବା ପରେ ଏହି ଘଟଣାରେ ମୋଟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ଝୁଲନ୍ତା ମୃତଦେହ ଉଦ୍ଧାର

**କବାଟବନ୍ଧ, ୧୭।୪(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅନ୍ତର୍ଗତ ତାଳଜଙ୍ଗ ଗ୍ରାମର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ମୃତ ଦେହଟି ମୃତ ସେହି ଗ୍ରାମର ଶରତ ରାଉତ (୫୨)ଙ୍କର ବୋଲି ଜଣାପଡ଼ିଛି। ଶୁକ୍ରବାର ସକାଳ ସମୟରେ ଗ୍ରାମର କିଛି ଲୋକ ପୋଖରୀକୁ ଯାଇଥିବା ସମୟରେ ଶରତ ଏକ ନିମ୍ବ ଗଛରେ ଝୁଲି ରହିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଜେନାପୁର ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରିଥିଲେ। ଶରତ ମାନସିକ ଚାପରେ ରହୁଥିବା ଶୁଣିବାକୁ ମିଳିଛି। ସେ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଏନେଇ ଜେନାପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଶାନ୍ତିବଟ ଧାମରେ ଗାୟତ୍ରୀ ମହାଯଜ୍ଞ

**ପାଣିକୋଇଲି, ୧୭।୪(ସମିସ):** କୋରେଇ ବ୍ଲକ କରଦା ପଞ୍ଚାୟତ ସପିସାହି ଗ୍ରାମରେ ଥିବା ଶାନ୍ତିବଟ ଧାମରେ ଓଁ ବ୍ରହ୍ମ ଗାୟତ୍ରୀ ମହାଯଜ୍ଞ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଧାମ କଳସ ସ୍ଥାପନା, ଧ୍ୱଜା ଉତ୍ତୋଳନ, ଅଖଣ୍ଡ ପ୍ରାର୍ଥନା ଓ ନାମ କୀର୍ତ୍ତନର ଅୟୋଜନ କରାଯାଇଥିଲା। ଦ୍ୱିତୀୟ ଦିନରେ ଯଜ୍ଞ ଅଗ୍ନି ସ୍ଥାପନ ଓ ପୂର୍ଣ୍ଣାହୁତି ହୋଇଥିଲା। ଉକ୍ତ ଯଜ୍ଞରେ ସସ୍ତ୍ରୀକ ବ୍ରହ୍ମାନନ୍ଦ ସାହୁ ଓ ଇତିଶ୍ରୀ ସାହୁ ସଂକଳ୍ପ କରିଥିଲେ। ଅନ୍ୟପଟେ ଉକ୍ତ ଧାମରେ ପୂଜ୍ୟପୂଜା ସମ୍ମାନ ଓ ଛାତ୍ରଛାତ୍ରୀଙ୍କ



ମଧ୍ୟରେ ତର୍କ, ସଙ୍ଗୀତ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାର ଅୟୋଜନ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ନିଳମଣୀ ଦାସ ଓ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ଜେନା, ଅବସରପ୍ରାପ୍ତ ସୀମା ସୁରକ୍ଷା ବଳର ଅଧିକାରୀ ଦୁଃଶାସନ ପହି ଓ ଭାରତୀୟ ଜୀବନ ବିମା ନିଗମ ଯାଜପୁର ଶାଖା ପରିଚାଳକ ବିଜୟ କୁମାର ପଣ୍ଡାଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ସାହୁ, ଇନ୍ଦ୍ରମଣୀ ସାହୁ, ଦିନବନ୍ଧୁ ସାହୁ, ସଞ୍ଜୟ ପରିଡ଼ା, ପ୍ରତାପ ସେଠୀ, ନିକୁଞ୍ଜ ସାହୁ, ରମେଶ ଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଜାଗା ବାଡ଼ିକୁ ନେଇ ଯୁବକଙ୍କୁ ହତ୍ୟା

**କୁଆଖିଆ, ୧୭।୪(ସମିସ):** ଧର୍ମଶାଳା ଥାନା ଅଧୀନରେ ଥିବା ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ଗତକାଲି ରାତିରେ ଏକ ହତ୍ୟାକାଣ୍ଡ ଘଟିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଏହି ଗ୍ରାମର ସୁକାନ୍ତ ମଲିକ (୩୦) ଓ କାଳନ୍ଦୀ ମଲିକ ଏହି ଦୁଇ ପରିବାର ମଧ୍ୟରେ ପୂର୍ବରୁ ଜାଗା ବାଡ଼ି ବିବାଦକୁ ନେଇ ଶତ୍ରୁତା ଲାଗି ରହିଥିଲା ବେଳେ ଗତକାଲି ସନ୍ଧ୍ୟାରେ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ଲାଗି ଏହା ଉଗ୍ର ରୂପ ଧାରଣ କରିଥିଲା। ବିଳମ୍ବିତ ରାତିରେ କାଳନ୍ଦୀ ମଲିକଙ୍କ ପରିବାର ଲୋକେ ସଂଘବଦ୍ଧ ହୋଇ ସୁକାନ୍ତଙ୍କୁ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ। ସୁକାନ୍ତକୁ ଗୁରୁତର ଅବସ୍ଥାରେ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣା ପଡ଼ିଛି। ପୂର୍ବରୁ ମଧ୍ୟ ସୁକାନ୍ତଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିଲା ବେଳେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବାକୁ ମୃତକଙ୍କ ପରିବାର ଲୋକେ ଦାବି କରିଛନ୍ତି। ଧର୍ମଶାଳା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ସମ୍ପୃକ୍ତ ପରିବାର ର କିଛି ସଦସ୍ୟଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖିଥିବା ସୂଚନା ମିଳିଛି।

# ପିଙ୍କୁ ପଟ୍ଟନାୟକଙ୍କ ବିରୋଧରେ ପୁଣି ଏତଲା



**ଯାଜପୁର, ୧୭।୪(ସମିସ):** ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଓରଫ ପିଙ୍କୁଙ୍କ ନାମରେ ଯାଜପୁର ଟାଉନ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରର ମୁକ୍ତି ମଣ୍ଡପ ସେବାୟତ ପରିଷଦ ପକ୍ଷରୁ ଦେବୀପ୍ରସାଦ ପାଣି ଏହି ଏତଲା ଦେଇଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ ପିଙ୍କୁ ପଟ୍ଟନାୟକ ଗତ କିଛି ଦିନ ଧରି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବିରୋଧରେ ନାନା ମିଥ୍ୟା ଓ କପୋଳକଳ୍ପିତ ଅଭିଯୋଗ କରିବା ଫଳରେ ଯାଜପୁର ମାଟିକୁ ବଦନାମ କରିଛନ୍ତି। ମା' ବିରଜା ମନ୍ଦୀରର ରୂପାନ୍ତରଣ ପାଇଁ ପ୍ରଣବଙ୍କ ଅବଦାନ ଅତୁଳନୀୟ କହିବା ସହିତ ଏଭଳି ମିଥ୍ୟା ଅଭିଯୋଗ ଯାଜପୁରବାସୀଙ୍କ ଭାବାବେଗକୁ କୁଠାରଘାତ କରିଛି ବୋଲି ସେବାୟତ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ଏ ନେଇ ପିଙ୍କୁ ପଟ୍ଟନାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେବାୟତ ପରିଷଦ ପକ୍ଷରୁ ଦାବି କରାଯାଇଛି। ଆଜି ସେବାୟତ ପରିଷଦର ସଦସ୍ୟ ମାନେ ଏକତ୍ରିତ ହୋଇ ଯାଜପୁର ଟାଉନ ଥାନାରେ ପହଞ୍ଚି ନିଜର ଅଭିଯୋଗ ଦାଖଲ କରିଥିଲେ। ପୂର୍ବରୁ ମଧ୍ୟ ଯାଜପୁର ସିଭିଲ ସୋସାଇଟି ପକ୍ଷରୁ ପିଙ୍କୁଙ୍କ ବିରୋଧରେ ସମାନ ଅଭିଯୋଗ ଅଣାଯାଇ ମାମଲା ରୁଜୁ କରାଯାଇଥିଲା।

# ସ୍ତ୍ରୀକୁ ପେଟ୍ରୋଲ ଢାଳି ମାରିବା ଉଦ୍ୟମ; ସ୍ୱାମୀ ଗିରଫ

**ବ୍ରହ୍ମବରଦା, ୧୭।୪(ସମିସ):** ବ୍ରହ୍ମବରଦା ଥାନା ଅର୍ନ୍ତଗତ କୋଠଡିହ ଗ୍ରାମରେ ପାରିବାରିକ କଳହ କାରଣରୁ ଶାଶୂଘରୁ ବାପଘରକୁ ଚାଲିଆସିଥିବା ସ୍ତ୍ରୀକୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଥିବା ସ୍ୱାମୀକୁ ବ୍ରହ୍ମବରଦା ପୁଲିସ ଅଟକ ରଖି ଗତ ଶୁକ୍ରବାର କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଅଭିଯୁକ୍ତ ସ୍ୱାମୀ ଯାଜପୁର ସଦର ଥାନା ଅର୍ନ୍ତଗତ ସମସେରପୁର ଗ୍ରାମର କାର୍ତ୍ତିକ ଜେନାଙ୍କ ପୁଅ ବିମଳ ଜେନା(୨୭) ବୋଲିଜଣାପଡ଼ିଛି। ବିମଳ ୮ ବର୍ଷ ପୂର୍ବେ ମଙ୍ଗଳପୁର ପଞ୍ଚାୟତ କୋଠଡିହ ଗ୍ରାମର ଶରତ ମଲିକଙ୍କ ଝିଅ ମିନିକୁ ବୈଦିକ ରତିନିତ ହିସାବରେ ବିବାହ କରିଥିଲା। କୌଣସି କାରଣରୁ କିଛି ଦିନ ପୂର୍ବେ ମିନି ରାଗି ଶାଶୂ ଘରୁ ପଳାଇ ଆସି ବାପଘରେ ରହି ଅସୁଥିଲା। ଗତ ଗୁରୁବାର ସନ୍ଧ୍ୟାରେ ବିମଳ ମିନିକୁ ଭେଟିବାକୁ ଶଶୁର ଘରେ ପହଞ୍ଚିଥିଲା। ଶଶୁର ଘରେ ମିନିକୁ ଦେଖି ସାଙ୍ଗରେ ଆଣିଥିବା ପେଟ୍ରୋଲକୁ ଢାଳି ଲାଇଟର ମାରିବା ସମୟରେ ମିନି ଚିତ୍କାର କରିବାରୁ ଘର ପାଖ ପଡୋଶି ଘଟଣା ସ୍ଥଳରେ ପହଞ୍ଚି ମିଳିକୁ ଉଦ୍ଧାର କରିବା ସହିତ ବିମଳକୁ କାବୁ କରି ବ୍ରହ୍ମବରଦା ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିମଳକୁ କାବୁକରି ପେଟ୍ରୋଲ ଭର୍ତ୍ତି ବୋତଲ ଓ ଲାଇଟରକୁ ଜବତ କରିବା ସହିତ ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ଏହି ଘଟଣାରେ ମିନି ନିଜ ସ୍ୱାମୀ ନାମରେ ଲିଖିତ ଅଭିଯୋଗ କରିଥିଲା। ଉକ୍ତ ଲିଖିତ ଅଭିଯୋଗକୁ ଆଧାର କରି ବ୍ରହ୍ମବରଦା ପୁଲିସ ବିମଳକୁ ଗତ ଶୁକ୍ରବାର କୋର୍ଟଚାଲାଣ କରିଛି।

# ଏସ୍‌ୟୁସିଆଇ(ସି)ର ପ୍ରତିବାଦ ଦିବସ

**ଯାଜପୁର, ୧୭।୪(ସମିସ):** ରାୟଗଡ଼ା ଜିଲ୍ଲାର ସିଜିମାଳି, କେନ୍ଦୁଝର ଜିଲ୍ଲାର ପାଟଣା, ସୁନ୍ଦରଗଡ଼ ଜିଲ୍ଲାର ଲାଞ୍ଜିବେର୍ଣ୍ଣା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜ୍ୟ ସରକାରଙ୍କର ପୁଲିସ୍ ପ୍ରଶାସନ କମ୍ପାନୀ ସ୍ୱାର୍ଥରେ ବଳ ପୂର୍ବକ ଜମି ଅଧିଗ୍ରହଣ, ପଲିସ୍ ଦମନ ବିରୁଦ୍ଧରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ), ସିପିଆଇଏମ୍‌ଏଲ୍ (ରେଡ୍ ଷ୍ଟାର), ସିପିଆଇ (ଏମ୍‌ଏଲ୍), ସିପିଆଇଏମ୍‌ଏଲ୍ (ନିୟୁଡେମୋକ୍ରାସି) ପକ୍ଷରୁ ଆଜି ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ଟାଉନ ମେଡିକାଲ ଛକରୁ ଦଳର କର୍ମୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ପାର୍ଟି ଜିଲ୍ଲା କମିଟି ସଭ୍ୟ ବୀରକିଶୋର ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରାଜ୍ୟକମିଟି ସଭ୍ୟ ସୁରେଶ ପ୍ରଧାନ, ସୁବାସ ମଲ୍ଲିକ, ଅଚ୍ୟୁତ ପ୍ରଧାନ, ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକ, ମନୋଜ ସେଠୀ, ସୁଲୋଚନା ପ୍ରଧାନ ପ୍ରଭୃତି ବକ୍ତବ୍ୟ ରଖିଥିଲେ। ଏହା ସହିତ ୮ ଗୋଟି ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା କମିଟି ସଭ୍ୟ ଅଭିମନ୍ୟୁ ମଲ୍ଲିକ, ତରଙ୍ଗିନୀ ଦାସ, ଚୈତନ୍ୟ ସାହୁ, ଲକ୍ଷ୍ମୀଧର ମଲ୍ଲ, ଶରତ ବାରିକ ଏବଂ ସଂଗଠକ ରାଜଶ୍ରୀ ମହାନ୍ତି, ମେଘନାଦ ମଲ୍ଲିକ, ରାଜକିଶୋର ନାଥ ପ୍ରଭୃତି ଶୋଭାଯାତ୍ରାରେ ଯୋଗଦେଇଥିଲେ।

# ଦଶରଥପୁର ଆଦର୍ଶ ବିଦ୍ୟାଳୟର ସଫଳତା

**ଦଶରଥପୁର, ୧୭।୪(ସମିସ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଦଶରଥପୁର ବ୍ଲକ ମଲ୍ଲିକାପୁର ସ୍ଥିତ ଆଦର୍ଶ ବିଦ୍ୟାଳୟ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆଶାନୁରୂପ ଫଳାଫଳ ହାସଲ କରିଛି। ବିଦ୍ୟାଳୟର ପାସ ହାର ୯୧.୮୯ ରହିଥିବା ବେଳେ ୯୫.୬ ପ୍ରତିଶତ ମାର୍କ ରଖି ଚଳିତ ବର୍ଷ ମୁଗ୍ଧା ଅଭିଲିପ୍ସା ସାହୁ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ୯୫.୨ ରଖି ଶିବାନୀ ଦାସ ୨ୟ, ୯୫ ପ୍ରତିଶତ ରଖି ଦିବ୍ୟାଶ୍ରୀ ରାଉତ ୩ୟ ସ୍ଥାନରେ ରହିଥିବା ବେଳେ ୧୫ଜଣ ବିଦ୍ୟାର୍ଥୀ ୯୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟର ଅଧକ୍ଷା ମୂର୍ତ୍ତେଜା ଖାନ, ଯାଜପୁର ବିଧାୟିକା ସୁଜାତା ସାହୁ, ପୁର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ସମାଜସେବୀ କର୍ଣ୍ଣାଟ କେଶରୀ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କ ସମେତ ସେମାନଙ୍କ ଅବିଭାବକ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଅମରେଶ୍ୱରୀ ମହାଯଜ୍ଞ ଉଦ୍‌ଯାପିତ

**ଧର୍ମଶାଳା, ୧୭।୪(ସମିସ):** ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମରେ ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ମା' ଅମରେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ଯଜ୍ଞ ଦେବତାଙ୍କ ନଗର ପରିକ୍ରମା, ପୂଜାର୍ଚ୍ଚନା ଓ ରାତିରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଇଛି। ପଣ୍ଡିତ ପ୍ରମୋଦ ପାଢ଼ୀ, ରଶ୍ମିରଞ୍ଜନ ଦାଶ, ଶୁଭ୍ରଜିତ୍ ଶତପଥୀ, ମାନସ ରଞ୍ଜନ ଦାଶ, କର୍ତା ଭାସ୍କର ଶତପଥୀ, ଅଶୋକ ଆଚାର୍ଯ୍ୟ, କଳ୍ପତରୁ ପାଣିଗ୍ରାହୀ, ପ୍ରକାଶ ଆଚାର୍ଯ୍ୟଙ୍କ ସମେତ ସହଯୋଗୀମାନେ ଯଜ୍ଞକର୍ମ ସମ୍ପାଦିତ କରିଥିଲେ। କମିଟି ପକ୍ଷରୁ ପ୍ରଫୁଲ୍ଲ କୁମାର ଦାଶ, ପ୍ରଭାତ ପାଣିଗ୍ରାହୀ, ତ୍ରିୟମ୍ବକ ରଥ, ପ୍ରଦୀପ୍ତ ଦାଶ, ନାରାୟଣ ଓଝା, ନାରାୟଣ ସାହୁ, ଅମରେନ୍ଦ୍ର ରାଉତ, ଉମେଶ ବାରିକ, ନିରୋଦ ପ୍ରଧାନ, ରୋହିତ ପ୍ରଧାନ, ନିର୍ମଳ ବାରିକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସମାଜସେବୀ ମିନତି ସାହୁ, ସରପଞ୍ଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ପୂର୍ବତନ ସମିତିସଭ୍ୟ ଉମାକାନ୍ତ ସାମଲ, କାଳନ୍ଦୀ ସାହୁ ମା'ଙ୍କ ଦର୍ଶନ କରିଥିଲେ।

# ଯାଜପୁର ରୋଡ-ଧାମରା ରେଳପଥ ପ୍ରକଳ୍ପ ପାଇଁ ରେଳମନ୍ତ୍ରୀଙ୍କୁ କୃତଜ୍ଞତା

ଯାଜପୁର, ୧୭।୪(ସମିସ)

ଯାଜପୁର ରୋଡ୍- ଧାମରା ରେଳପଥ ନିର୍ମାଣ ପାଇଁ କେନ୍ଦ୍ର ସରକାର ଘୋଷଣା କଲା ପରେ ରେଳପଥ ଭୂମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି ହୋଇଥିବାରୁ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦର ଅଧକ୍ଷ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସାଂସଦ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସଂଗ୍ରାମ ପରିଷଦ ତରଫରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ଖୁଣ୍ଟିଆ ଏହି ପ୍ରକଳ୍ପ ପାଇଁ ରାଜ୍ୟସଭାରେ ଏକାଧିକ ବାର ଉପସ୍ଥାପନ କରିଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ରେଳ ପ୍ରକଳ୍ପ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏବଂ ପରେ କେନ୍ଦ୍ର ସରକାରଙ୍କ ତରଫରୁ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଥିଲା। ସମ୍ପ୍ରତି ଭୂମି ଅଧିଗ୍ରହଣ ପାଇଁ ନୋଟିସ୍ ଜାରି କରିଛନ୍ତି। ସଂଗ୍ରାମ ପରିଷଦର ଅଧକ୍ଷ ଡ. ରାମଚନ୍ଦ୍ର ଖୁଣ୍ଟିଆ ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ତୁରନ୍ତ ଏହି ରେଳବାଇ ଅଧୀନ ଯିବାକୁ ଥିବା ଜମିଗୁଡିକର ପବ୍ଲିକ ନୋଟିଫିକେସନ କରି ଜମି ମାଲିକମାନଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ଦେଇ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଏଥିସହିତ ସଂଗ୍ରାମ ପରିଷଦ ପକ୍ଷରୁ ଅଧକ୍ଷ ଡଃ ରାମଚନ୍ଦ୍ର ଖୁଣ୍ଟିଆ, ସନ୍ତୋଷ ନନ୍ଦ, ମନୋଜ ରାଉତ, ପଦ୍ମାକର ଗୁରୁ, ଦିଲ୍ଲୀପ ଦାସ, ଅଞ୍ଚଳ ଦାସ, ଦୁର୍ଯ୍ୟୋଧନ ବେହେରା, ବିଭୂତି ମହାପାତ୍ର, ସାଗର ପରିଡ଼ା, ଗଦାଧର ଦାସ, ଦେବେନ୍ଦ୍ର ପଣ୍ଡା, ଆରତୀ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ହୃଷିକେଶ ପତିଙ୍କ ସମେତ ସମସ୍ତ ସଦସ୍ୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଭୃତି ନେତୃମଣ୍ଡଳୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ବ୍ରଜରାଜନଗର ପୌରପରିଷଦରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

# ୬ ମାସ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୭।୪(ସମିସ)



ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ଚାଲୁ ରହିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରି ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ମାଣାଧୀନ ଥିବା ସମସ୍ତ ୨୪୦ଟି ପ୍ରକଳ୍ପକୁ ଆଗାମୀ ୬ ମାସ ମଧ୍ୟରେ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଯେଉଁ ଠିକାଦାର ଅଥବା ସଂସ୍ଥାମାନେ କାମ କରୁନାହାଁନ୍ତି କିମ୍ବା ବିଭିନ୍ନ କ୍ଷେତ୍ରରେ ଅବହେଳା କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ମନ୍ତ୍ରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବଡ଼ ପ୍ରକଳ୍ପ ମଧ୍ୟରେ ସୁପର୍ ମାର୍କେଟ୍, ନଦୀତଟର ସୌନ୍ଦର୍ଯ୍ୟକରଣ, ଚଣ୍ଡୀ ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପାଠାଗାର ଆଦିର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି। ଏଥିସହିତ କଲ୍ୟାଣ ମଣ୍ଡପ, ଅଡିଟୋରିୟମ୍, ଅଟଳ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ନେଇ ଆଲୋଚନା ହୋଇଛି। ଇବ୍ ନଦୀତଟରେ ନୂତନ ରିଂ ରୋଡ୍ ତଥା ନଦୀବନ୍ଧ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ମନ୍ତ୍ରୀ ଶ୍ରୀ ପୂଜାରୀ ଆଲୋଚନା କରିଛନ୍ତି। ସେହିପରି କୁତାବଗା ନିକଟରେ ଇବ୍ ନଦୀରେ ନୂତନ ପୋଲ ସହ ନୂଆ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପ ଉପରେ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବ୍ରଜରାଜନଗର ଏବଂ ବେଲପାହାଡ଼ ପୌରାଞ୍ଚଳରେ ୨୪ ଘଣ୍ଟା ଜଳଯୋଗାଣ ସୁନିଶ୍ଚିତ କରିବା ନେଇ ୱାଟକୋର ପରିଚାଳନା ନିର୍ଦ୍ଦେଶକଙ୍କ ସହ ମନ୍ତ୍ରୀ ଆଲୋଚନା କରିବା ସହ ଜଳାକ୍ଲିଷ୍ଟ ଅଞ୍ଚଳରେ ଜଳଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷାନୁଷ୍ଠାନଗୁଡିକର ନିର୍ମାଣ ଓ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରି ଅଗ୍ରାଧିକାର ଦେବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ ତଥା ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଜନସାଧାରଣଙ୍କ କର୍ମନିଯୁକ୍ତି ସୁନିଶ୍ଚିତ କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ବ୍ରଜରାଜନଗର ପୌରପରିଷଦର ଅଧ୍ୟକ୍ଷ ଗୋପାଳ ସିତାନୀ,

- ନିର୍ଦ୍ଧାରିତ ସମୟରେ କାମ ନ କଲେ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ
- ଇବ୍ ନଦୀରେ ମାଳବନ୍ଧ, ପ୍ରସ୍ତାବିତ ରିଙ୍ଗରୋଡ କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ
- ସ୍ଥାନୀୟ ଜନସାଧାରଣଙ୍କ କର୍ମନିଯୁକ୍ତିକୁ ଗୁରୁତ୍ୱ

କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପିକ୍‌ଅପ୍ ସହ ମହୁଲ ଜବତ




**ଦେବଗଡ଼, ୧୭।୪(ସମିସ):** ଦେବଗଡ଼ ଥାନା ଅନ୍ତର୍ଗତ ଶିମିଳିଆବାହାଲ ଗ୍ରାମ ନିକଟରୁ ବେଆଇନ ମହୁଲ ଚାଲାଣ ବେଳେ ଏକ ପିକ୍‌ଅପ୍ ଭ୍ୟାନକୁ ଅବକାରୀ ବିଭାଗ ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ଶିମିଳିଆବାହାଲ ଗ୍ରାମ ପଟୁ ଓଡି ୧୫-ଏବି ୮୧୦୧ ନମ୍ବର ବିଶିଷ୍ଟ ଏକ ପିକଅପ ଭ୍ୟାନ ଯୋଗେ ବେଆଇନ ମହୁଲ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ବିଭାଗ ପକ୍ଷରୁ ଉକ୍ତ ଗ୍ରାମ ନିକଟରେ ଯାନବାହାନ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଉକ୍ତ ବୋଲେରୋରେ ପ୍ରାୟ ୫ କ୍ୱିଣ୍ଟାଲ ମହୁଲ ବେଆଇନ ଭାବେ ଚାଲାଣ କରାଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଗାଡି ଯାଞ୍ଚ ବେଳେ ଚାଳକ ରାଜେଶ ଲାକ୍ରା କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ଫଳରେ ଅବକାରୀ ବିଭାଗ ଅଧିକାରୀମାନେ ଗାଡି ସମେତ ମହୁଲକୁ ଜବତ କରିବା ସହ ଚାଳକକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ବିଦେଶୀ ମଦ ଜବତ; ୧୧ ମଦ୍ୟପ ଗିରଫ

**ଇବଥର୍ମାଲ, ୧୭।୪(ସମିସ):** ବନହରପାଲି ପୁଲିସ ଗତକାଲି ରାତିରେ ପାଟ୍ରୋଲିଂ କରି ଖୋଲା ଆକାଶ ତଳେ ବସି ମଦ୍ୟପାନ କରୁଥିବା ୧୧ଜଣଙ୍କୁ ଧରିଛି। ସେମାନଙ୍କ ନାମରେ ବିଏନଏସ୍ ଧାରା ୩୫୫ ଅନୁଯାଇ ପିଆର୍ କେସ୍ ରେଜିଷ୍ଟର କରାଯାଇଛି। ସେହିପରି ବନ୍ଧବାହାଲ ଫାଣ୍ଡି ଅଞ୍ଚଳରେ ଚଢ଼ଉ କରି ଗଣେଶ ନଗର ଛକରୁ ୧୦.୩ ଲିଟର ବେଆଇନ ବିଦେଶୀ ମଦ ଜବତ କରାଯିବା ସହ କର୍ପାବାହାଲ ଛକରୁ ଜଣକ ପାଖରୁ ୪୫ ଟି ବେଆଇନ ପାଉଛ ମଦ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ବନହରପାଲି ଥାନାରେ ୨ଟି ଅବକାରୀ ମାମଲା ରୁଜୁ କରାଯାଇଛି। ରାତିରେ କର୍ପାବାହାଲ ଓ ବନ୍ଧବାହାଲ ଅଞ୍ଚଳରେ ନାକା ଚେକିଙ୍ଗ ସମୟରେ ୩ ଟି ମଦ୍ୟପାନ କରି ଗାଡ଼ି ଚଳାଉଥିବା କେସ କରାଯାଇଛି। ପୁଲିସ ପକ୍ଷରୁ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବନହରପାଲି ଥାନା ଆଇଆଇସି ବିନୋଦ କୁମାର ରାଓ ସୂଚନା ଦେଇଛନ୍ତି।

## ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର



**ବରଗଡ଼, ୧୭।୪(ସମିସ):** ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ଆନୁକୂଲ୍ୟରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ସ୍ଥାନୀୟ ବରଗଡ଼ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତି ଏବଂ ଗୁରୁ ଭଗବାନ ସାହୁ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୁରୁ ଭଗବାନ ସାହୁଙ୍କ ପଟ୍ଟଶିଷ୍ୟ ଦଧିବାବନ ଶତପଥୀଙ୍କ ସଭାପତିତ୍ୱରେ ଉପ ସଭାପତି ସର୍ଦ୍ଦାର ପ୍ରିତମ ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ମୁଖ୍ୟବକ୍ତା ଅଧ୍ୟାପକ ଡ. ନାରାୟଣ ଭୋଇ ଯୋଗଦେଇଥିଲେ। ଆମ କଳା ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଗୁରୁ ଭଗବାନ ସାହୁଙ୍କ ଅବଦାନ ଏବଂ ବଳିଦାନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସବୁ ଶିକ୍ଷାନୁଷ୍ଠାନମାନଙ୍କରେ ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର ଏବଂ ପ୍ରତିଯୋଗିତା ପାଇଁ ମତାମତ ଦେଇଥିଲେ। ସମ୍ମାନିତ ଅତିଥି ଅଚ୍ୟୁତାନନ୍ଦ ବାରିକ, ସମାଜସେବୀ ଶିବାନନ୍ଦ ମଟାରୀ, ସଙ୍ଘମିତ୍ରା ପଟେଲ ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ଗାୟିକା, କବୟିତ୍ରୀ ଜୟଶ୍ରୀ ପଣ୍ଡା ଗୁରୁ ବନ୍ଦନା ଗାନ କରିଥିବା ବେଳେ ସମ୍ପାଦକ ସମାଜସେବୀ ତୁଳସୀ ଚରଣ ଦାଶ ପ୍ରାରମ୍ଭିକ ସୂଚନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ଶିକ୍ଷୟିତ୍ରୀ ସୁକାନ୍ତି ସାହୁ, ରୂପଶ୍ରୀ ଜେନା, ଶୁଶାନ୍ତ କୁମାର ମଙ୍ଗୁଆଲ, ନନ୍ଦିନୀ ପ୍ରଧାନ, ଜ୍ୟୋସ୍ନା ମିଶ୍ର, କମଳା ଦାଶ, ରୀତାଞ୍ଜଳି ପ୍ରଧାନ, ରଶ୍ମି ରେଖା ସାହୁ, ଅନିତା ଭୋଇ, ବବିତା ବରିହା, ଚନ୍ଦନ ପଟେଲ, ନୀମା ସାହୁ, ଅଙ୍କିତା ପାଣି, ଲୀନା ପ୍ରଧାନ, ବନ୍ଦିତା ଭୋଇ, ଗୀତା କୁମାରୀ ବୁରା ପ୍ରମୁଖ ସହଯୋଗ କରିଥିଲେ।

## ଝାରସୁଗୁଡ଼ା ସହରରେ ଭାରୀଯାନ ଚଳାଚଳ ଉପରେ କଟକଣା

**ଝାରସୁଗୁଡ଼ା, ୧୭।୪(ସମିସ):** ସହରର କେତେକ ପ୍ରମୁଖ ରାସ୍ତାରେ ବଢୁଥିବା ଦୁର୍ଘଟଣାକୁ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରୀ ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୁଣାଲ ମୋତିରାମ ଚହ୍ୱାଣ ମୋଟର ଯାନ ଅଧିନିୟମ, ୧୯୮୮ର ଧାରା ୧୧୫ ଅନୁଯାୟୀ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଅର୍ଡା ଛକରୁ ସର୍କିଟ ହାଉସ ଛକ ମଧ୍ୟରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂତନ ବସଷ୍ଟାଣ୍ଡ, ଡିପିଓ ଛକ ଏବଂ ଓଏମପି ଛକ ଦେଇ ଯାଉଥିବା ରାସ୍ତାରେ ଭାରୀ ଯାନ ଚଳାଚଳକୁ ସୀମିତ କରାଯାଇଛି। ଏହି ରାସ୍ତାଟି ଅତ୍ୟଧିକ ଦୁର୍ଘଟଣା ପ୍ରବଣ ହୋଇପଡ଼ିଥିବାରୁ ଏବଂ ନୂତନ ବସଷ୍ଟାଣ୍ଡର ସୁପରିଚାଳନା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯାତାୟାତରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି

**୩୦ ଯାଏଁ ବଳବତ୍ତର ରହିବ ନୂଆ ନିୟମ**

ନିୟମ ଅନୁସାରେ, ୧୬, ୨୦୦ କିଲୋଗ୍ରାମ କିମ୍ବା ତା'ଠାରୁ ଅଧିକ ଓଜନ ବିଶିଷ୍ଟ ସମସ୍ତ ଭାରୀ ଯାନ ଉପରୋକ୍ତ ରାସ୍ତାରେ ଚଳାଚଳ କରିପାରିବେ ନାହିଁ। ଏହି କଟକଣା ୧ ଏପ୍ରିଲ ରୁ ୩୦ ଏପ୍ରିଲ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିକଳ୍ପ ବ୍ୟବସ୍ଥା ସ୍ୱରୂପ, ଏହି ସମସ୍ତ ଭାରୀ ଯାନଗୁଡ଼ିକ ଅର୍ଡା ଛକରୁ ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ରାଜ୍ୟ ରାଜପଥ-୧୦ ଏବଂ ନୂତନ ଷ୍ଟାଡିୟମ ଦେଇ ଯାତାୟାତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରକ୍ଷୀ ଅଧୀକ୍ଷକ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଜନସାଧାରଣ ଓ ଯାନବାହନ ମାଲିକମାନେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଆପ୍ରାଇଜ କଲେଜରେ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ



**ବରଗଡ଼, ୧୭।୪(ସମିସ):** ବରଗଡ଼ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ କଲେଜରେରେ ସମର କୋର୍ସ ତଥା ଗ୍ରୀଷ୍ମକାଳୀନ ପାଠ୍ୟକ୍ରମର ଆରମ୍ଭ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥିମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ସହ ଉନ୍ନତମାନର ଶିକ୍ଷା ପ୍ରଣାଳୀ, ଏଆଇ କ୍ଲାସର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ଶିକ୍ଷା, ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ଦକ୍ଷତା ତାଲିମ ଦିଆଯାଉଛି ବୋଲି ଅନୁଷ୍ଠାନର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡଃ ମୁକୁନ୍ଦ ଦାଶ ସୂଚାଛନ୍ତି।

## ସି କ୍ଲାସ୍ ଠିକାଦାର ସଂଘର ବୈଠକ




**ଦେବଗଡ଼, ୧୭।୪(ସମିସ):** ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାରେ ଆଜି ଦେବଗଡ଼ ଜିଲ୍ଲା ସି' କ୍ଲାସ ଠିକାଦାର ସଂଘର ଏକ ବୈଠକ ଚନ୍ଦ୍ରଶେର ମହାପାତ୍ରଙ୍କ ଆବାହକତ୍ୱ ଓ ଅବିନାଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ବିଭିନ୍ନ ସମସ୍ୟା ଓ ସେଗୁଡିକର ସମାଧାନ ସମ୍ପର୍କରେ ଆଲୋଚନା କରାଯିବା ସହ ମୁଖ୍ୟତଃ ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଦେବଗଡ଼ ଜିଲ୍ଲା ବାହାରର ଠିକାଦାରମାନଙ୍କୁ ଦେବଗଡ଼ ଜିଲ୍ଲାରେ ଆୟୋଜିତ କୌଣସି ଟେଣ୍ଡର ପ୍ରକ୍ରୀୟାରେ ଅଂଶଗ୍ରହଣ ପାଇଁ ସୁଯୋଗ ନଦେବା ଏବଂ ସମସ୍ତ ଟେଣ୍ଡର ଗୁଡିକୁ ସିଡୁ୍ୟଲ ରେଟରେ ଦାଖଲ କରିବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଠିକାଦାର କିଶୋର ଦାସ, ମୁରଲୀ ଧର ବିଶ୍ୱାଳ, ସତ୍ୟନାରାୟଣ ପାଣି, ସୌମ୍ୟକାନ୍ତ ପ୍ରଧାନ, ଶୁକଦେବ ଭଞ୍ଜ, ଦେବାଶିଷ କପରଦାର, ସୁରଞ୍ଜିତ ମହାପାତ୍ର, ସଞ୍ଜୀବ ନାଏକ, ପ୍ରତାପ ଗଙ୍ଗଦେବ, ଦିବ୍ୟଶଙ୍କର ଖୁଣ୍ଟିଆ, ମିତ୍ରଭାନୁ ବେହେରା ଓ ଅରୁଣ କୁମାର ଦେହୁରୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ଝାରସୁଗୁଡ଼ା, ୧୭।୪(ସମିସ):** ରାଧାକୃଷ୍ଣ ଉନ୍ନୟନ ପରିଷଦ ଖଲିଆକାନୀ ଆନୁକୂଲ୍ୟରେ ୨୪ ପ୍ରହର ନାମ ଯଜ୍ଞ ସହିତ ଦୀପ କଳସ ମହାଯଜ୍ଞର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଗତକାଲି ସନ୍ଧ୍ୟାରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଇରାବତୀ ନଦୀର ଗଣ୍ଡଘୋରା ଘାଟରୁ ମହାଯଜ୍ଞର ପୂର୍ଣ୍ଣ କଳସ ଶତାଧିକ ମହିଳା ପୁରୁଷ ଆଣି ମହାଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ମହାଯଜ୍ଞର କର୍ତ୍ତା ଭାବରେ କ୍ଷିରୋଦ କୁମାର ପ୍ରଧାନ ଓ ତାଙ୍କ ସହ ଧର୍ମିଣୀ ମିଳି ପ୍ରଧାନ ଥିବା ବେଳେ ଲରେନ୍ସ କୁମାର ପ୍ରଧାନ, ଦିଲୀପ ପ୍ରଧାନ, କାହ୍ନା ଚରଣ ସେଠ୍, ରବିନ ପ୍ରଧାନ, ସରୋଜ ବଡେଇ, ହେମନ୍ତ ପ୍ରଧାନ ଷଡ଼ ବୈଷ୍ଣବ ଭାବରେ ଅଛନ୍ତି। ପୂଜକ ଭ୍ରମର ଦାସ ଥିବା ବେଳେ କିରିତମାଲ୍ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଅଖଣ୍ଡ ନାମ ଉଚ୍ଚାରଣ ୨୦ ତାରିଖ ପର୍ଯ୍ୟନ୍ତ ହେବ ଓ ୨୧ ତାରିଖ ନଗର ଭ୍ରମଣ ହେବ ବୋଲି ରାଧାକୃଷ୍ଣ ଉନ୍ନୟନ ପରିଷଦର ମୁଖ୍ୟ ସଂଯୋଜକ ମହେନ୍ଦ୍ର ନାଏକ ଜଣାଇଛନ୍ତି।

## ପିଏମ୍‌ଶ୍ରୀ ହାଇସ୍କୁଲରେ ମହାକାଶ ବିଜ୍ଞାନ ଉପରେ ଅନୁସନ୍ଧାନ କାର୍ଯ୍ୟକ୍ରମ



**ଦେବଗଡ଼, ୧୭।୪(ସମିସ):** ରିଆମାଳ ବ୍ଲକ ଅଧିନସ୍ଥ ରେଙ୍ଗାଲବେଡା ଗ୍ରାମରେ ଥିବା ପିଏମଶ୍ରୀ ଗୋହିରା ନୋଡାଲ ହାଇସ୍କୁଲରେ ମହାକାଶ ବିଜ୍ଞାନ ଅନୁସନ୍ଧାନ ଶୀର୍ଷକ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ କୁମୁଦ ବନ୍ଧୁ ପୃଷ୍ଟିଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମାସିକ ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଅଧ୍ୟାପକ ମନୋରଞ୍ଜନ ବାରିକ୍ ଯୋଗଦେଇ ମହାକାଶ, ଅନ୍ତରୀକ୍ଷ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହରାଶି, ଉପଗ୍ରହ ଇତ୍ୟାଦି ବିଷୟରେ ମୌଳିକ ଚିନ୍ତନ ଉପସ୍ଥାପନା କରିଥିଲେ। ମହାକାଶ ବିଜ୍ଞାନକୁ ନେଇ ଆୟୋଜିତ ହୋଇଥିବା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଆମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସାନ୍ଧ୍ୟରାଣୀ ପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶରତ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଅଧ୍ୟାପକ ମନୋରଞ୍ଜନଙ୍କୁ ପ୍ରଧାନଶିକ୍ଷକ ଶ୍ରୀ ପୃଷ୍ଟି ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଶିକ୍ଷକ ବିକାଶ ମାହାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ବର୍ଣ୍ଣାଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଜ୍ଞାନ ବିଚିତ୍ରା କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାଳୟର ଶିକ୍ଷକ ବିଘ୍ନେଶ କୁମାର ନାୟକ, ବିଶ୍ୱଜିତ ସାହୁ, ବିକାଶ ମାହାର ଓ ଶିକ୍ଷୟିତ୍ରୀ ବର୍ଣ୍ଣାଳି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

**ଅମ୍ବାଭୋନା, ୧୭।୪(ସମିସ):** ଅମ୍ବାଭୋନା ବ୍ଲକ ଭୁକ୍ତା ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ 'ଅଭିବ୍ୟକ୍ତି' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ପୁରସ୍କୃତ ଶିକ୍ଷକ ବୈଷ୍ଣବ ଚରଣ ଭୋଇ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଚିନ୍ତାମଣୀ ପଟେଲ, ସାଂସଦ ପ୍ରତିନିଧି ଗୁନାରୁ ପଧାନ ଓ ପଞ୍ଚଶଖା ଶିକ୍ଷା ସେତୁର ସଭାପତି ପ୍ରେମକିଶୋର ପଟେଲ ଯୋଗଦେଇଥିଲେ। ଅତିଥି ପରିଚୟ ଓ ସଭାପରିଚାଳନା ଶିକ୍ଷକ ରୋହିତ ଭୁଏ କରିଥିବା ବେଳେ ଶିକ୍ଷକ ସଞ୍ଜୟ ଖମାରୀ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ସ୍ୱର୍ଗତ ଚିତ୍ତରଞ୍ଜନଙ୍କ ସ୍ମୃତିରେ ଦଶମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।୨୦୨୩-୨୪ ଶିକ୍ଷାବର୍ଷର ପ୍ରଥମ ଅଲିଭା ନାୟକ, ଦ୍ୱିତୀୟ ଯୋଗେଶ ପଟେଲ ଓ ତୃତୀୟ ଟୁଲେଶ ଦୁଆନଙ୍କୁ ଏବଂ ୨୦୨୪-୨୫ ଶିକ୍ଷାବର୍ଷର ପ୍ରଥମ ସଂସ୍କୃତି ଗଡ଼ତିଆ, ଦ୍ୱିତୀୟ ନବୀନ ପଟେଲ ଓ ତୃତୀୟ କରଣ ପଟେଲଙ୍କୁ ମାନପତ୍ର ସହିତ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଜୁବାବୁଙ୍କ ୨୯ ତମ ତିରୋଧାନ ଦିବସ



ଝାରସୁଗୁଡ଼ା, ୧୭।୪(ସମିସ)

ଆଧୁନିକ ଓଡ଼ିଶାର ନିର୍ମାତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ତଥା ପ୍ରବାଦ ପୁରୁଷ ଦିବସ ଶୁକ୍ରବାର ବଡ଼ମାଳ ସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ପାଳିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବଡ଼ମାଳ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏକ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ଝାରସୁଗୁଡା ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଝାରସୁଗୁଡା ପୌରାଧ୍ୟକ୍ଷା ରାନୀ ହାତୀ, ଜିଲ୍ଲା ବିଜେଡି ସମ୍ପାଦକ ପିଣ୍ଟୁ ପାଢ଼ୀ, ଜିଲ୍ଲା ଯୁବ ବିଜେଡି ସଭାପତି ରବିନ ପାଣ୍ଡେ, ଅଶୋକ ଦାସ, ତାପସ ରାୟ ଚୌଧୁରୀ, ରବି ସିଂ, ପୱନ ସିଂ ଯାଦବ ଦାମୋଦର ନାଥ, ପୱନ ଶର୍ମା, ଭବାନୀ ସାହା, ଶିବୁ ପଟ୍ଟନାୟକ, ଦିଗାମ୍ବର ଭୋଇ ଓ ସୁଭାଷ କେଡିଆ, ଗୀତାଞ୍ଜଳି ପଣ୍ଡା, କାଜଲ ଦେଓ ଏବଂ ମମତା ଦିପ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଗଠନରେ ସହଯୋଗ କରିବା ପାଇଁ ଏହି ଅବସରରେ ସଂକଳ୍ପ ନେବାପାଇଁ ଆହ୍ୱାନ ଦିଆଯାଇଥିଲା।



**ଦେବଗଡ଼:** ଦେବଗଡ଼ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନପାଟ ଠାରେ ବ୍ରାହ୍ମଣଙ୍କ ମନ୍ତ୍ରୋଚାରଣ ମଧ୍ୟରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଯୁବ ଜିଲ୍ଲା ବିଜେଡି ସଭାପତି ପ୍ରତାପ ଦେବ, ନଗର ବିଜେଡି ସଭାପତି ଚନ୍ଦ୍ରଶେଖର ଭୁକ୍ତାଙ୍କ ସମେତ ବହୁ ବିଜୁ ପ୍ରେମୀ ତିଳ ତର୍ପଣ ଅର୍ପଣ କରିଥିଲେ। ଏହାପରେ ପ୍ରଧାନପାଟ ଶିଶୁ ଉଦ୍ୟାନ ପରିସର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଆୟୋଜିତ ସ୍ମୃତି ସଭାରେ ଉପସ୍ଥିତ ବିଜୁ ପ୍ରେମୀମାନେ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଉପାଧି ପ୍ରଦାନ ପାଇଁ ଦାବିକୁ



ଶାଣିତ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ, ବରିଷ୍ଠ ନେତା କାମାକ୍ଷା ପ୍ରସାଦ ଗଙ୍ଗଦେବ, ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌରାଧ୍ୟକ୍ଷା ଅନିତା ପାତ୍ର, ସୁଜାତା ପ୍ରଧାନଙ୍କ ସମେତ ବହୁ ମହିଳା ଓ ପୁରୁଷ ଦଳୀୟ କର୍ମୀ ସାମିଲ ହୋଇଥିଲେ। ସେହିପରି ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବା ସହ ରାଇତାବାହାଲ ପଞ୍ଚାୟତଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

# ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ

ଢେଙ୍କାନାଳ, ୧୭ ।୪(ସମିସ)




ପ୍ରବାଦପୁରୁଷ, ଓଡ଼ିଶାର ବରପୁତ୍ର, ମହାନ ଜନନାୟକ, ସ୍ୱାଧୀନୋତ୍ତର ଓଡ଼ିଶା ବିକାଶର ଅନନ୍ୟ ସ୍ଥପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ୨୯ତମତିରୋଧାନଦିବସ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ମ୍ୟୁନିସିପାଲିଟି ଅଡିଟୋରିୟମ ଗୃହରେ ପ୍ରବାଦପୁରୁଷ ଦିବସ ଭାବେ ପାଳନ କରାଯାଇଛି। ଏଥିରେ ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ସଭାପତିତ୍ୱ କରି କହିଲେ, ବିଜୁ ପଟ୍ଟନାୟକ ଜଣେ ରାଜନୈତିକ ବ୍ୟକ୍ତି ନ ଥିଲେ ସେ ରାଜନୀତିର ଉର୍ଦ୍ଧ୍ୱରେ ରହି ଦେଶ ତଥା ରାଷ୍ଟ୍ର ପାଇଁ ସବୁବେଳେ ନିଜକୁ ନିୟୋଜିତ କରିଥିଲେ। ବିଜୁବାବୁ ହେଉଛନ୍ତି ଓଡ଼ିଆମାନଙ୍କର ସ୍ୱାଭିମାନ। ସେ କାହାସହ ସାଲିସ କରନ୍ତି ନାହାନ୍ତି। ଜଣେ ସାଲିସବିହୀନ ନେତା ଭାବେ ବିଜୁବାବୁ ତାଙ୍କ ରାଜନୈତିକ ଜୀବନରେ ବହୁ ତ୍ୟାଗ କରିଛନ୍ତି। ଏପରିକି ଓଡ଼ିଶା ଲୋକଙ୍କ ସେବା ପାଇଁ ନିଜ ସମ୍ପତ୍ତି ବିକ୍ରି କରି ଦେଇଛନ୍ତି ଯାହା ଆଜିକାଲିର ନେତାମାନେ କରିପାରିବେ ନାହିଁ। ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ତାଙ୍କ ପୁଅ ନବୀନ ପଟ୍ଟନାୟକ ପୂରଣ କରିବା ପାଇଁ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ଚକ୍ରାନ୍ତ କରି ଷଷ୍ଠଥର ମୁଖ୍ୟମନ୍ତ୍ରୀ କରାଇ ଦିଆଗଲାନି ବୋଲି କହିଥିଲେ। ବିଜେଡି କର୍ମୀମାନେ ଧୈର୍ଯ୍ୟର ସହ ଏକାଠି ହୋଇ ରହିବା ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ସଙ୍ଗଠିତ ହୋଇ ପୁଣି ଥରେ ଜିଲ୍ଲାପରିଷଦ ଓ ବ୍ଲକ ଦଖଲ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଅନ୍ୟତମ ଅତିଥିଭାବେ ଯୁବନେତା ଡ. ଅବିନାଶ ସାମଲ ଯୋଗଦେଇ କହିଲେ, ବିଜୁ ବାବୁଙ୍କ ସମୟରେ ଆଧୁନିକ ଓଡ଼ିଶାର ଗଠନ ହୋଇଥିଲା। ତାଙ୍କ ଯୋଗୁଁ ରାଜ୍ୟ ଉନ୍ନତି କରିଥିଲା। ଆଜି ସବୁକ୍ଷେତ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ରାଜ୍ୟରେ ଋଣଭାର ବଢ଼ିବା ସହିତ ସବୁ ବର୍ଗରେ ଦୁର୍ଦ୍ଦଶା ବଢ଼ିଯାଇଛି। କର୍ମୀମାନେ ଧୈର୍ଯ୍ୟର ସହ ଏକାଠି ହୋଇ ରହିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଆର୍ଯ୍ୟନ ଦାସ, ଜିଲ୍ଲା ଆଇନ ସେଲ ଅଧ୍ୟକ୍ଷ ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ପରିଡ଼ା, ପୂର୍ଣ୍ଣିମା ଦେହୁରୀ, କାଉନସିଲର ମହମ୍ମଦ ସାଗିର, ବଂଶୀଧର ଦଳେଇ, ଦୀପ୍ତିରଞ୍ଜନ ସେଠୀ, ଲିପିକା ଦାସ, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ସଦର ବ୍ଲକ ସଭାପତି ଯଶେଷ ସାହୁ, ଗନ୍ଦିଆ ବ୍ଲକ ସଭାପତି ପ୍ରଦୀପ କୁମାର ରାଉତ, ଗଁନ୍ଦିଆ ମହିଳା ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା, ଅଖିଳ ଲେଙ୍କା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସକାଳ ୮ଟାରେ ବିଜେଡି କର୍ମୀମାନେ ଗୋପାଳ ସାଗର ପୋଖରୀରେ ତିଳତର୍ପଣ କରିଥିଲେ। ପରେ ଗଣେଶ ବଜାର ରଥଗଡ଼ାସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ସୁବାସ ଖଟୁଆ, ପୂର୍ବତନ କାଉନସିଲର ଜ୍ଞାନଚାନ୍ଦ ମିଶ୍ର, ସୋସିଆଲ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, ମାନସ ମହାରଣା, ସାଜା ଖାଁ, ରାଜୁ ପାଣ୍ଡେ, ସାନ୍ତନୁ ବେହେରା, ଆନନ୍ଦ କର, ଉର୍ବଶୀ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା କୃଷକ ଜନତା ଦଳ ସଭାପତି ନରୋତ୍ତମ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଖଜୁରିଆକଟା:** ହିନ୍ଦୋଳ ବିଧାନସଭା କ୍ଷେତ୍ରରେ ବିଜେଡି ପକ୍ଷରୁ ବିଜୁବାବୁଙ୍କ ୨୯ତମ ଶ୍ରାଦ୍ଧଦିବସ ପାଳନ କରାଯାଇଛି। ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ସାତମାଇଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଧୂପଦୀପ ପ୍ରଜ୍ୱଳନ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା। ବିଜୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ପୂର୍ବତନ ସାଂସଦ ସାହୁ ବିଜୁବାବୁଙ୍କ ଗୁଣାବଳୀ, ଦେଶ, ଓଡ଼ିଶା ନିର୍ମାଣରେ ତାଙ୍କ ଅବଦାନ ବର୍ଣ୍ଣନା କରି ଦଳକୁ ସଶକ୍ତ କରିବାକୁ ପରାମର୍ଶ ଦେଇଥିଲେ।



ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମମତା ସାହୁ, ହିନ୍ଦୋଳ ବ୍ଲକ ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଓଡ଼ାପଡ଼ା ବ୍ଲକ ସଭାପତି ଯତି ନାୟକ, ହିନ୍ଦୋଳ ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲାପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ହିନ୍ଦୋଳ ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଦାସ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ରମେଶ ସାହୁ, ହାପି ଗଡ଼ନାୟକ, ଏନଏସି ମହିଳା ସଭାପତି କାଉନସିଲର ଅନୁପମା ସାହୁ, କାଉନସିଲର ସୁମତି ଦେହୁରୀ, ବିଜେଡି ନେତା ରମେଶ ସାହୁ, ବିଜୟ ବେହେରା, ଯୁବନେତା ଜିତେନ୍ଦ୍ର ସର, ନିରଞ୍ଜନ ସାମଲ ଛାତ୍ରନେତା ପ୍ରକାଶ ନାୟକ ପ୍ରମୁଖଙ୍କ ସହ ବହୁ ସରପଞ୍ଚ, ସମିତିସଭ୍ୟ, ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀ ଯୋଗଦେଇଥିଲେ। ହିନ୍ଦୋଳ ଏନଏସିରେ ମଧ୍ୟ ସରକାରୀ ଦଳ ଓ କଳର ନାଲିଆଖି ତଥା ଧମକକୁ ଖାତିର ନ କରି ଅଧ୍ୟକ୍ଷ କେଶବ ପ୍ରଧାନ ବିଜେଡି ସହଯୋଗୀମାନଙ୍କୁ ନେଇ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ କରିଥିଲେ।

# ଆଇଆଇଏମସି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଢେଙ୍କାନାଳ, ୧୭ ।୪(ସମିସ):** ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଇଂରାଜୀ ଓ ଓଡ଼ିଆ ସାମ୍ବାଦିକତା ବିଭାଗ ଛାତ୍ରଛାତ୍ରୀଙ୍କୁ ଲୀନସି ଫାଉଣ୍ଡେସନ ଓ ସାମାଜିକ ସେବା ସଦନ ସଂସ୍ଥା ତରଫରୁ ମିଡିଆ ପବ୍ଲିସିଟି ସେବା ପାଇଁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ସାମାଜିକ ସେବା ସଦନର ମହିଷାପାଟସ୍ଥିତ କାର୍ଯ୍ୟାଳୟ ସଭାଗୃହରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକତା ଛାତ୍ରଛାତ୍ରୀମାନେ ହିନ୍ଦୋଳ ବ୍ଲକ ବମ୍ପା ଆଦିବାସୀ ଗ୍ରାମରେ ଆନ୍ତର୍ଜାତିକ ମହିଳା ଦିବସରେ ଏକ କାର୍ଯ୍ୟକ୍ରମର ମିଡିଆ ପବ୍ଲିସିଟି କାମ କରିଥିଲେ। କାର୍ଯ୍ୟକ୍ରମ ବିଭିନ୍ନ ଜନସମ୍ପର୍କ (ପିଆର) ତଥା ପ୍ରେସ ଇସ୍ତାହାର, ନ୍ୟୁଜ ଲେଟର, ଡକୁମେଣ୍ଟସନ, ୟୁଟ୍ୟୁବ ଚାନେଲ, ଫଟୋଗ୍ରାଫି ଓ ଭିଡିଓଗ୍ରାଫି କରିଥିଲେ। ଏହା ସହ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆଣିଥିଲେ। ଗାଁ ବୁଲି ମହିଳା ଓ ଶିଶୁଙ୍କ ଶିକ୍ଷା, ଜୀବିକା, ଚାକିରି, ଚାଷ, ଜଳସେଚନ ଆଦି ବିଷୟରେ ପଚାରି ସୂଚନା ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଲେନିନସି ଫାଉଣ୍ଡେସନ ପ୍ରୋଜେକ୍ଟର ନିର୍ଦ୍ଦେଶକ କୋଅର୍ଡିନେଟର ଇମାନୁଆଲ ପାଠିଲ ଭରନିକା ଡଙ୍ଗଡ଼ଙ୍ଗ ଆଇଆଇଏମସିର ଛାତ୍ରଛାତ୍ରୀଙ୍କ ମିଡ଼ିଆ ପବ୍ଲିସିଟି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଂସ୍ଥା ବିଷୟରେ ଏବଂ ଆଦିବାସୀମାନଙ୍କ ଜୀବନ ପ୍ରଣାଳୀ ବିଷୟରେ ଉପସ୍ଥାପନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ଲେନିସି ଫାଉଣ୍ଡେସନ ଓ ସାମାଜିକ ସେବାସଦନ ତରଫରୁ ମିଡିଆ ପବ୍ଲିସିଟି ପାଇଁ ପ୍ରମାଣପତ୍ର ଦିଆଯାଇଥିଲା। ଆଇଆଇଏମସିର ଆସିଷ୍ଟାଣ୍ଟ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ ଛାତ୍ରଛାତ୍ରୀମାନଙ୍କ ବମ୍ପା ଗ୍ରାମ ପରିଦର୍ଶନ ଓ ଜନସମ୍ପର୍କ ମ୍ୟାଟେରିଆଲ ଉପରେ ଉପସ୍ଥାପନା କରିଥିଲେ।

# ଜୁଆଙ୍ଗ ଜନଜାତି ପାଇଁ ଦିନଟିଏ କାର୍ଯ୍ୟକ୍ରମ



**ଢେଙ୍କାନାଳ, ୧୭ ।୪(ସମିସ):** କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁଆଙ୍ଗ ଜନଜାତି ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ହଳଦୀକୁଣ୍ଡି ଏକ ଜୁଆଙ୍ଗ ବହୁଳ ଅଞ୍ଚଳ। ଏଠାରେ ପ୍ରାୟ ୪୦୦ରୁ ଅଧିକ ଜୁଆଙ୍ଗ ଆଦିବାସୀ ବସବାସ କରନ୍ତି। ବଣଜଙ୍ଗଲ ଘେରା ଏହି ଆଦିବାସୀଙ୍କ ନିକଟରେ ପହଞ୍ଚିଛି ପ୍ରଶାସନ। ଆଦିବାସୀ ଜୁଆଙ୍ଗ ଲୋକଙ୍କୁ ସେମାନଙ୍କ ଘର ପାଖରେ ଯୋଗାଇ ଦିଆଯାଇଛି ମାଗଣା ସ୍ୱାସ୍ଥ୍ୟସେବା। ହଳଦୀକୁଣ୍ଡି ଗାଁ ସ୍କୁଲ ପରିସରରେ ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱତନ୍ତ୍ର ଡାକ୍ତରୀ ଦଳ ଦ୍ୱାରା ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ ହୋଇଥିଲା। ପ୍ରାୟ ୨ ଶହରୁ ଅଧିକ ଜୁଆଙ୍ଗ ଲୋକ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲେ। ଉଚ୍ଚ ରକ୍ତଚାପଠାରୁ ଆରମ୍ଭ କରି ବିଭିନ୍ନ ଶାରୀରିକ ସମସ୍ୟା, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଡାକ୍ତରୀ ଟିମ। ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପିକେ ଜେନାଙ୍କ ନେତୃତ୍ୱରେ ଡା. ଅଜିତ କୁମାର ସାହୁ, ଡା. ବିଜୟଲକ୍ଷ୍ମୀ ସାହୁ, ସିନିୟର ଫାର୍ମାସିଷ୍ଟ ରାଜଲକ୍ଷ୍ମୀ ସାହୁ, ପ୍ରଶାନ୍ତ କୁମାର ସାହୁ, ଆରୋଗ୍ୟ ପ୍ଲସର ବିଶେଷଜ୍ଞ ଡାକ୍ତର, ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ, କଙ୍କଡ଼ାହାଡ଼ ଏରିଆ ହସ୍ପିଟାଲର ଡା. ପ୍ରତୀକ ଜେନା, ଆକାଉଣ୍ଟାଣ୍ଟ ରାଜୀବ ରାଉତ ପ୍ରମୁଖ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ମାଗଣା ଔଷଧ, ଓଆରଏସ ଇତ୍ୟାଦି ପ୍ରଦାନ କରିଥିଲେ।

ଏହି ଅବସରରେ ଜଣେ ନାବାଳିକାଙ୍କଠାରେ ସ୍ନାୟୁଜନିତ ସମସ୍ୟା ଚିହ୍ନଟ ହୋଇଥିଲା। ସମ୍ପୃକ୍ତ ନାବାଳିକାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଛି। ବିରାଶାଳ ଆରବିଏସକେ ଟିମ ଜରିଆରେ ସମ୍ପୃକ୍ତ ନାବାଳିକାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଡିଇଆଇସିରେ ଉପଯୁକ୍ତ ଚିକିତ୍ସାସେବା ଦିଆଯିବ। ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆରବିଏସକେ ଟିମ ନାବାଳିକାଙ୍କୁ ନେଇ ମାଗଣା ଚିକିତ୍ସା ଯୋଗାଇ ଦେବା ନେଇ ଡାକ୍ତରଖାନା ପକ୍ଷରୁ କୁହାଯାଇଛି। କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ୱାସ୍ଥ୍ୟ ସେବା ସହିତ ଅନ୍ୟ ସରକାରୀ ସୁବିଧା କିପରି ମିଳିପାରୁଛି ସେ ନେଇ ପ୍ରଶାସନିକ ଅଧିକାରୀ ସମୀକ୍ଷା କରିଥିଲେ। ବ୍ଲକ ପ୍ରଜା ମଙ୍ଗଳ ଅଧିକାରୀ ଉପସ୍ଥିତ ରହି ଜୁଆଙ୍ଗ ଆଦିବାସୀଙ୍କୁ କିପରି ସୁବିଧା ସୁଯୋଗ ମିଳିପାରୁଛି ତାହାର ଯାଞ୍ଚ କରିଥିଲେ। ଜୁଆଙ୍ଗ କମ୍ୟୁନିଟିର ଜଣେ ଉପଖଣ୍ଡସ୍ତରୀୟ ଅଧିକାରୀ ଏହି କ୍ୟାମ୍ପରେ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା ଉପସ୍ଥିତ ଥିଲେ।

# ବାଇକ୍‌ରୁ ଖସିପଡ଼ି ଯୁବକ ଗୁରୁତର




**ଖଜୁରିଆକଟା, ୧୭ ।୪(ସମିସ):** ରାସୋଳ ଥାନା ଅନ୍ତର୍ଗତ ରାସୋଳରୁ ଚିଉଳପୁରକୁ ସଂଯୋଗ କରୁଥିବା ରାସ୍ତାରେ ବାଇକ୍‌ରୁ ଖସିପଡ଼ି ଚିଉଳପୁର ଗ୍ରାମର ସଞ୍ଜୟ ମହାପାତ୍ର (୩୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁହଁରୁ ପ୍ରବଳ ରକ୍ତସ୍ରାବ ହେବା ସହ ଚେତାଶୂନ୍ୟ ହୋଇ ରାସ୍ତାରେ ପଡ଼ିରହିଥିଲେ।

ସେହି ରାସ୍ତାରେ ଫେରୁଥିବା ସାମ୍ବାଦିକ ବିକ୍ରମ ସାହୁ, ଦୀପକ କୁମାର ନାଏକ ଓ ସୁମନ୍ତ ବେହେରା ସଞ୍ଜୟଙ୍କୁ ଏପରି ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ ରାସୋଳ ଦମକଳ ବାହିନୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିଥିଲେ। ଘଟଣାସ୍ଥଳରେ ସରପଞ୍ଚଙ୍କ ପ୍ରତିନିଧି ଗିରୀଶ ସେଠୀ ପହଞ୍ଚିଥିଲେ। ଦମକଳ ବାହିନୀ ସଞ୍ଜୟଙ୍କୁ ଉଦ୍ଧାର କରି ରାସୋଳ ମେଡିକାଲ ପଠାଇଥିଲେ।

## ମହିମା ପୁସ୍ତକ ମେଳାର ଅଷ୍ଟମ ସନ୍ଧ୍ୟା

# ମହିମା ଧର୍ମକୁ ନେଇ ଆଲୋଚନାଚକ୍ର

**ଢେଙ୍କାନାଳ, ୧୭ ।୪(ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ନିୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ମହିମା ବହି ମେଳାର ଅଷ୍ଟମ ସନ୍ଧ୍ୟାରେ ମହିମ ଧର୍ମର ମହିମା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି।




ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ଯୋଗଦେଇ ମହିମା ଧର୍ମ ସମାଜକୁ ଯୁଗ ଯୁଗ ଧରି ମାର୍ଗଦର୍ଶନ କରୁଥିବ ବୋଲି ମତ ପ୍ରକାଶ କରିଥିଲେ। ଢେଙ୍କାନାଳ ମାଟିରେ ଉତ୍ପତ୍ତି ହୋଇଥିବା ଏହି ଧର୍ମ ସମ୍ବିଧାନ ଏବଂ ଜାତିସଙ୍ଘରେ ନିଜର ମୂଲ୍ୟବାନ ବାଣୀକୁ ମଧ୍ୟ ପ୍ରତିଷ୍ଠା କରାଇପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ପ୍ରମୋଦ ମିଶ୍ର, ପ୍ରଧାପକ ଡ. ତନ୍ମୟ କବି, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ସାହିତ୍ୟିକ ସୟଦ ସଫିର ଅଲ୍ଲୀ, ମହିମା ମହାବିଦ୍ୟାଳୟ ଅଧ୍ୟକ୍ଷ ପହଲ୍ଲାଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ମହିମା ଧର୍ମ ଏକେଶ୍ୱରବାଦର ପ୍ରତୀକ, ମହିମା ଧର୍ମ ଶୂନ୍ୟ ଏବଂ ପ୍ରକୃତିର ଉପାସକ ଯାହା ସତ୍ୟତାର ବର୍ତ୍ତା ପ୍ରଦାନ କରିଥାଏ ବୋଲି କହିଥିଲେ। ଜାତି ଖୋଜିଲେ ମୁକ୍ତି ନାହିଁ ଏବଂ ମୁକ୍ତି ଖୋଜିଲେ ଜାତି ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଶେଷଦେବ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ କଳା ସଂସ୍କୃତି ସଙ୍ଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧ ପିତାମାତାଙ୍କୁ ପୁଅବୋହୂଙ୍କ ନିର୍ଯାତନା

● ଥାନାରେ ଅଭିଯୋଗ



**ଢେଙ୍କାନାଳ, ୧୭ ।୪(ସମିସ):** ସଦରଥାନା ତଥା ଓଡ଼ାପଡ଼ା ବ୍ଲକ ପଞ୍ଚୁପଟି ଗ୍ରାମର ବୃଦ୍ଧଦମ୍ପତିଙ୍କୁ ତାଙ୍କ ପୁଅବୋହୂ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ମଙ୍ଗରାଜ ସାହୁ (୮୫)ଙ୍କ ଅଭିଯୋଗ ଅନୁସାରେ ତାଙ୍କ ବଡ଼ପୁଅ ରଞ୍ଜନ କୁମାର ସାହୁ ଓ ବଡ଼ବୋହୂ ଭାରତୀ ସାହୁ, ମଝିଆ ପୁଅ ସୁଜନ କୁମାର ସାହୁ ଏବଂ ବୋହୂ ପଙ୍କଜିନୀ ସାହୁ ମିଳିତ ଭାବେ ଗତ ୭ ତାରିଖ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଗୌରୀ ସାହୁ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଘରେ ସର୍ବଦା ଗଣ୍ଡଗୋଳ ଲାଗିରହୁଛି। ବୃଦ୍ଧ ଦମ୍ପତି ହୃଦରୋଗୀ ହୋଇଥିବା ବେଳେ ଔଷଧ ବ୍ୟବହାର କରି ଚଳୁଛନ୍ତି। ଏପରି ସମୟରେ ତାଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରିବାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି।

# ସ୍ତ୍ରୀ ଓ ପୁଅ ନିଖୋଜ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



**ଢେଙ୍କାନାଳ, ୧୭ ।୪(ସମିସ):** ସ୍ତ୍ରୀ ଓ ପୁଅ ନିଖୋଜ ନେଇ ମୋଟଙ୍ଗା ଥାନା ଅନ୍ତର୍ଗତ ବାଛୁରୀ ଗ୍ରାମର ରସାନନ୍ଦ ନାଏକଙ୍କ ପୁଅ ସୁବାସ ନାଏକ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୁବାସ ଘରେ ନ ଥିବା ସମୟରେ ତାଙ୍କ ସ୍ତ୍ରୀ ରଶ୍ମିତା ନାଏକ (୩୩) ଗତ ୧୪ ତାରିଖ ଅପରାହ୍ନରେ ୮ ବର୍ଷର ପୁଅ ସୁବର୍ଣ୍ଣକୁ ସାଙ୍ଗରେ ନେଇ କେଉଁଆଡ଼େ ପଳାଇ ଯାଇଛନ୍ତି। ରାତି ପର୍ଯ୍ୟନ୍ତ ମା’ ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ସମ୍ପର୍କୀୟଙ୍କୁ ମଧ୍ୟ ଫୋନ ଯୋଗେ ଯୋଗାଯୋଗ କରିଥିଲେ। କିନ୍ତୁ କୌଣସି ସନ୍ଧାନ ପାଇ ନ ଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ତେଣୁ ଘଟଣାର ତଦନ୍ତ କରି ସ୍ତ୍ରୀ ଓ ପୁଅଙ୍କୁ ଖୋଜି ବାହାର କରିବାକୁ ସୁବାସ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି।

# ଗ୍ରୀଷ୍ମଋତୁରେ ଜଳଛତ୍ର ଖୋଲିନି

ଗଁନ୍ଦିଆ, ୧୭ ।୪(ସମିସ)

ବୈଶାଖ ମାସ ଆରମ୍ଭ ହୋଇଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ତାପ ଅନୁଭୂତ ହେଲାଣି। ତେବେ ଜଳଛତ୍ର ଖୋଲିବାକୁ ଗାଁ କଲ୍ୟାଣ ସମିତି ପକ୍ଷରୁ ଆଜିପର୍ଯ୍ୟନ୍ତ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଗଁନ୍ଦିଆ ବ୍ଲକର ୩୦ ପଞ୍ଚାୟତର ପ୍ରତିଟି ରାଜସ୍ୱ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ଏହି ଗାଁ କଲ୍ୟାଣ ସମିତି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଗ୍ରାମାଞ୍ଚଳର ଲୋକମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୱାଡ ସଭ୍ୟ, ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଜଳଛତ୍ର ଖୋଲାଯିବା ଲାଗି କିଏ ଅର୍ଥ ବହନ କରିବ ଓ କିପରି ତାହା ଭରଣ କରାଯିବ ସେଥିପାଇଁ ପରସ୍ପର ମଧ୍ୟରେ ଟଣାଓଟରା ଲାଗି ରହିଛି। ଏଥିପାଇଁ ଜଳଛତ୍ର ଖୋଲିପାରୁ ନ ଥିବା ଅଭିଯୋଗ ହେଉଛି।

ଗାଁ କଲ୍ୟାଣ ସମିତିରେ ମୁଖ୍ୟତଃ ପଞ୍ଚାୟତର ନିର୍ବାଚିତ ପ୍ରତିନିଧ ୱାର୍ଡ ସଦସ୍ୟ, ସ୍ୱାସ୍ଥ୍ୟ ବିଭାଗରୁ ଆଶାକର୍ମୀ ଓ ମହିଳା ଶିଶୁ କଲ୍ୟାଣ ବିଭାଗରୁ ଅଙ୍ଗନବାଡି କର୍ମୀ ରହୁଥିବା ବେଳେ ଗାଁ କଲ୍ୟାଣ ସମିତିର ଅର୍ଥ ବ୍ୟୟ ନେଇ ତାଳମେଳ ରହୁ ନ ଥିବାରୁ ଜଳଛତ୍ର ଖୋଲିବାକୁ ଆନ୍ତରିକତା ପ୍ରକାଶ କରୁନାହାନ୍ତି। ପ୍ରତି ରାଜ୍ୟସ୍ୱ ଗ୍ରାମରେ ଗୋଟିଏ କରି ଗାଁ କଲ୍ୟାଣ ସମିତି ଗଠନ କରାଯାଇଥିବା ବେଳେ ସମିତିକୁ ବାର୍ଷିକ ୧୦ ହଜାର ଟଙ୍କା ଅନୁଦାନ ମିଳିଥାଏ। ମାତ୍ର ଏହି ଗାଁ କଲ୍ୟାଣ ସମିତିଗୁଡ଼ିକର କେତେକ କ୍ଷେତ୍ରରେ ସହମତିର ଅଭାବ ଯୋଗୁଁ ଅର୍ଥ ବ୍ୟୟରେ ୩ ବିଭାଗର ଆନ୍ତରିକତାର ଅଭାବ ବୋଲି କୁହାଯାଇଛି। ସମିତିର ସୁଗମକାରୀ ଆଶାକର୍ମୀ ମାସିକ ୧୫୦ ଟଙ୍କା ହିସାବରେ ବର୍ଷକୁ ୧୮ଶହ ଟଙ୍କା ପାଉଥିଲାବେଳେ ଅଙ୍ଗନବାର୍ଡି କର୍ମୀ ସମିତିର ଆବାହିକା ହୋଇଥିବାରୁ ମାସିକ ୧୦୦ଟଙ୍କା ହିସାବରେ ବର୍ଷକୁ ୧୨ଶହ ଟଙ୍କା ପାଇଥାନ୍ତି। ଏଥିସହିତ ସମିତି ଦାୟିତ୍ୱରେ ଥିବା ୱାର୍ଡ ସଦସ୍ୟ ସଭାପତି ହୋଇଥିବାରୁ ମାସିକ ୫୦ ଟଙ୍କା ହିସାବରେ ବର୍ଷକୁ ୬ଶହ ଟଙ୍କା ପାଆନ୍ତି। ଏହି ହିସାବରେ ୩ଜଣ ବର୍ଷକୁ ୩ହଜାର ୬ଶହ ଟଙ୍କା ନେଇଯିବା ପରେ ଗାଁ କଲ୍ୟାଣ ସମିତିରେ ୭ ହଜାର ୪ଶହ ଟଙ୍କା ବଳକା ରହେ। ତେବେ ଗାଁ କଲ୍ୟାଣ ସମିତି ପ୍ରକୃତ କାର୍ଯ୍ୟକ୍ରମଠାରୁ ଦୂରେଇ ରହୁଥିବା ବେଳେ ପାଣ୍ଠି ଖର୍ଚ୍ଚର ତାଲିକା ବେଶ୍ ଲମ୍ବା ହୋଇଥିବାରୁ କେହି ତତ୍ପରତା ପ୍ରକାଶ କରୁନାହାନ୍ତି। ଏହି ଅର୍ଥରୁ ଆଶା କର୍ମୀ ନିଜ ସାଇକଲ ମରାମତି ଲାଗି ବର୍ଷକୁ ୨୦୦ଟଙ୍କା ନେବାବେଳେ ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ କରିବା ବାବଦରେ ୫୦୦ଟଙ୍କା, ସମିତିର ପ୍ରତିମାସ ଶେଷ ଗୁରୁବାର ବୈଠକ ଆୟୋଜନ ଲାଗି ୩୦୦ଟଙ୍କା, ଦରି କିଣିବା ବାବଦ ୫୦୦ଟଙ୍କା ଲେଟର ପ୍ୟାଡ କରିବା ଲାଗି ୩୦୦ଟଙ୍କା, ୪ଟି ଦିବସ ପାଳନ ଲାଗି ପ୍ରତ୍ୟେକ ଦିବସ ପିଛା ୩୦୦ଟଙ୍କା ହିସାବରେ ବର୍ଷକୁ ୧୨୦୦ଟଙ୍କ. ସମିତିର ଟିଣ ବାକ୍ସ କିଣା ବାବଦ ୩୦୦ଟଙ୍କା, ଆଶକର୍ମୀ ପାଇଁ ଟିଣ ବାକ୍ସ ବାବଦ ୩୦୦ଟଙ୍କା, ପ୍ରତି ଗାଁରେ ଅଳିଆ କୁଣ୍ଡ ବସଇବା ପାଇଁ ୫୦୦ଟଙ୍କା, ସେହିପରି ମେଲେରିଆ, ଡେଙ୍ଗୁ ଆଦିର ନିରାକରଣ ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମ ପାଇଁ ୨୦୦୦ଟଙ୍କା, ଡାଇରିଆ ଓ ଜଳବାହିତ ରୋଗର ନିରାକରଣ ଲାଗି କାର୍ଯ୍ୟକ୍ରମ ଆୟୋଜନ ବାବଦ ୨୦୦୦ଟଙ୍କା ବ୍ୟତୀତ ସ୍ୱାସ୍ଥ୍ୟକାନ୍ଥରେ ବାର୍ତ୍ତା ପାଇଁ ୫୦୦ଟଙ୍କା, ଗାଁରେ ପ୍ରବେଶ ପଥରେ ସ୍ୱାସ୍ଥ୍ୟ ଫଳକ ବସାଇବା ପାଇଁ ୩୦୦ଟଙ୍କା ଖର୍ଚ୍ଚର ତାଲିକାଭୁକ୍ତ ହୋଇଥିବାରୁ ଅର୍ଥ ବଳକା ରହିବାର ମଧ୍ୟ ସମ୍ଭାବନା ନାହିଁ। ମାର୍ଚ୍ଚ ୧୫ ତାରିଖରୁ ଜଳଛତ୍ର ଖୋଲି ପିଇବା ପାଣି ଯୋଗାଇବା ମଧ୍ୟ ସମ୍ଭବପର ନୁହେଁ ବୋଲି ଗାଁ କଲ୍ୟାଣ ସମିତିର ଜଣେ ସଦସ୍ୟ କୁହନ୍ତି। ଏହି ଜଳଛତ୍ର ଖୋଲାଯିବା ଲାଗି ଅର୍ଥ କୁଆଡୁ ଆସିବ ସେ ସମ୍ପର୍କରେ କୌଣସି ସଠିକତା ନ ଥିବାରୁ ଗାଁ କଲ୍ୟାଣ ସମିତି କେବଳ ଏକ ପ୍ରହସନ ପାଲଟିଛି। ନାମକୁ ମାତ୍ର ଗାଁ ଶେଷ ମୁଣ୍ଡରେ କଲ୍ୟାଣ ସମିତି ସ୍ୱାଗତ ଓ ବିଦାୟ ବୋର୍ଡ ଲଗାଇ କାମ ଶେଷ କରି ଦିଆଯାଉଥିବା ଅଭିଯୋଗ ହେଉଛି।





# ଶ୍ରାଦ୍ଧ ଦିବସରେ ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି






ଜୟଦେବ ନିର୍ବାଚନ ମଣ୍ଡଳୀ



ବାଲିଅନ୍ତା

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ

ଭୁବନେଶ୍ୱର, ୧୭।୪(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଏକ ଶୋଭାଯାତ୍ରା ଭୁବନେଶ୍ୱର ମହାନଗରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ପରେ ଫରେଷ୍ଟ ପାର୍କରେ ଅବସ୍ଥିତ ବିଜୁବାବୁଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ସାମ୍ମୁଖ୍ୟର ଆବାହକ ରବିନାରାୟଣ ନନ୍ଦ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ପ୍ରିୟବ୍ରତ ମାଝୀ, ଜ୍ୟୋସ୍ନା ପରିଡ଼ା, ଭୁବନେଶ୍ୱର ଗୌରବ ଗିରିଜା ଶଙ୍କର ମହାପାତ୍ର, ପ୍ରସନ୍ନ କୁମାର ବଡ଼ଜେନା, ସବିତା ପଣ୍ଡା, ଚୈତନ୍ୟ ଷଡ଼ଙ୍ଗୀ, ତପନ କୁମାର ସାହୁ, ଉର୍ବଶୀ ସାହୁ, ମାଟିଆଣି ଚମ୍ପତି ପ୍ରମୁଖ ଶୋଭାଯାତ୍ରାରେ ବାହାରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପରେ ସାମ୍ମୁଖ୍ୟ ପକ୍ଷରୁ ରାଜଧାନୀରେ ଅବସ୍ଥିତ କବିବର ରାଧାନାଥ ରାୟ, ପଦ୍ମଶ୍ରୀ ପ୍ରଫୁଲ୍ଲ କର, ଗଣକବି ବୈଷ୍ଣବ ପାଣିଙ୍କ ପବିତ୍ର ପୁଣ୍ୟ ତିଥି ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମ୍ମୁଖ୍ୟର ସଂଯୋଜକ ପ୍ରବୀର ମହାନ୍ତି, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅମିତ୍ ପାତାଳ ସିଂ, ବାଳକୃଷ୍ଣ ନାୟକ, ରଞ୍ଜିତ କୁମାର ସାମନ୍ତ, ଜିତେନ୍ଦ୍ର ବିଶ୍ୱାଳ, ସୁକାନ୍ତ କୁମାର ପରିଡ଼ା, ରଞ୍ଜିତ ମଲ୍ଲିକ, ସୁକାନ୍ତ କୁମାର ଦାଶ, ମନୋଜ ସାହୁ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ବିଜୁବାବୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ



ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ସାନ୍ଧ୍ୟ ସମାରୋହ ପାଳିତ ହୋଇଥିଲା। ଏହି ଅବସରରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ପରେପରେ ଭଜନ ସମାରୋହ ଆୟୋଜିତ ହୋଇଥିଲା ଏବଂ ସୌରଭ ନାୟକଙ୍କ ସହ ଗାୟିକା ଯଶସ୍ୱିନୀ ନାୟକ ଓ ଗୋପାଳଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ସଙ୍ଗୀତରେ ତବଲାରେ ରାକେଶ, ଢୋଲକରେ ସାଗର, ଅକ୍ଟୋପ୍ୟାଡରେ ଅଭିଲାଷ ଏବଂ କିବୋର୍ଡରେ ବସନ ମିଶ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିନୋଦ ଓ ସୁନୀତାଙ୍କ ଦ୍ୱାରା କରାଯାଇଥିଲା।

## ବାଲିଅନ୍ତାରେ ବିଜୁଙ୍କ ଜୟ ଜୟକାର

**ବାଲିଅନ୍ତା :** ବାଲିଅନ୍ତା ବ୍ଲକ ବିଜେଡି ସଂଗଠନ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏନେଇ ଦେଢ଼ାଳ ଛକ ପାଣିଟାଙ୍କି ନିକଟରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ବିଜେଡି ନେତୃବୃନ୍ଦ ଏବଂ ପୁରୁଖା ନେତା ଜନ ପ୍ରତିନିଧି ବିଜୁଙ୍କ ଅବଦାନ ନେଇ ସ୍ମୃତି ଚାରଣ କରିଥିଲେ। ବାଲିପାଟଣା ବ୍ଲକରୁ ମଧ୍ୟ ବିଜେଡି କାର୍ଯ୍ୟକର୍ତ୍ତା ଏକ ବାଇକ ଶୋଭାଯାତ୍ରାରେ ବାହାରି ଦେଢ଼ାଳ ଛକସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ପୂର୍ବତନ ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ବିଜୟ କୁମାର ନାୟକ, ପୂର୍ବତନ ସରପଞ୍ଚ ତ୍ରୈ?ଲୋକ୍ୟ ମଙ୍ଗରାଜ, ବିରଞ୍ଚି ନାରାୟଣ କର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଲକ୍ଷ୍ମୀ ମିଶ୍ର, ଅମରେନ୍ଦୁ ପ୍ରସାଦ ପଟ୍ଟନାୟକ, ଦୁର୍ଗାନନ୍ଦନ ମିଶ୍ର, ବିରଞ୍ଚି ନାରାୟଣ କର, ନାରାୟଣ ବେହେରା, ସୂର୍ଯ୍ୟ ନାରାୟଣ ଦାସ, ଅରବିନ୍ଦ ସାହୁ, କରୁଣାକର ବେହେରା, ସୁଶୀଲ ଲାଲା ପ୍ରମୁଖ ସାମିଲ ଥିଲେ। ସେହିପରି ବାଲିପାଟଣା ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ, ପୂର୍ବତନ ବ୍ଲକ ସଭାପତି ପ୍ରତାପ କିଶୋର ନାୟକ ଓ ସନ୍ଦୀପ୍ତ ସେନାପତିଙ୍କ ନେତୃତ୍ୱରେ ଦେଢ଼ାଳ ଛକରେ ପହଞ୍ଚି ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଜୟଦେବ ନିର୍ବାଚନ ମଣ୍ଡଳୀ

**ଧଉଳି:** ଗଲା ସାଧାରଣ ନିର୍ବାଚନ ପରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ବିଜୁ ପ୍ରେମୀଙ୍କ ବିରାଟ ବାଇକ୍ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପୁଣ୍ୟତିଥି ଅବସରରେ ବାଲିଅନ୍ତା ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ଓ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରୀପ୍ରେକ୍ଷୀରେ ହଜାର ହଜାର ବିଜୁ ପ୍ରେମୀ ଏକତ୍ରିତ ହୋଇ ବେଣ୍ଟପୁର ପଞ୍ଚାୟତ ଦେଢ଼ାଳୋ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ମାଲ୍ୟାର୍ପଣ କରିବା ସହ 'ବିଜୁ ପଟ୍ଟନାୟକ ଅମର ରହେ' ଓ 'ନବୀନ ପଟ୍ଟନାୟକ ଜିନ୍ଦାବାଦ' ନାରା ଦେଇଥିଲେ। କାର୍ଯ୍ୟକ୍ରମରେ ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ପୂର୍ବତନ ସମିତିସଭ୍ୟ ବିଜୟ ନାୟକ, ତ୍ରୈଲୋକ୍ୟ ମଙ୍ଗରାଜ, ପୂର୍ବତନ ୧୭ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଅମରେନ୍ଦୁ ପଟ୍ଟନାୟକ, ଶିକ୍ଷାବିତ୍ ନାରାୟଣ ବେହେରା, ବିରଞ୍ଚିନାରାୟଣ କର, ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ଦାସ, ଅରବିନ୍ଦ ସାହୁ କାହ୍ନୁ ଚରଣ ଦାସ ପ୍ରମୁଖ ଆଦି ଅନେକେ ଯୁବ ଓ ବରିଷ୍ଠ ନେତୃତ୍ୱ ବୃନ୍ଦ ଯୋଗ ଦେଇଥିଲେ।କର୍ମୀମାନେ ଏକ ବିଶାଳ ବାଇକ ରାଲିରେ ବାଲିପାଟଣା ହାଟ ପର୍ଯ୍ୟନ୍ତ ଯାଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଏକ ସଭା ର ଆୟୋଜନ କରାଯାଇଥିଲା। ଆଗାମୀ ପଞ୍ଚାୟତରାଜ ନିର୍ବାଚନରେ ବିଜୁ ଜନତା ଦଳ ତାର ରଣକୌଶଳ ପ୍ରସ୍ତୁତି ପାଇଁ ଉକ୍ତ ସଭାରେ ବରିଷ୍ଠ କର୍ମୀ ମାନେ ଯୁବ କର୍ମୀଙ୍କୁ ଗଗୁରୁ ମନ୍ତ୍ର ଦେବା ସହ ନବୀନ ପଟ୍ଟନାୟକ ଙ୍କ ୨୪ ବର୍ଷର ସୁଶାସନର କୀର୍ତ୍ତି ବଖାଣି ଥିଲେ। ବିଜେଡ଼ି ଛାତ୍ର ଜନତା ଦଳରୁ ରାଜନୀତିରେ ପାଦ ଦେଇଥିବା ବ୍ୟକ୍ତି ଓ ୪୦ ବର୍ଷ ଧରି ବିଜେଡିକୁ ଭଲ ପାଇ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଏହି କାର୍ଯ୍ୟ କ୍ରମରେ ଏକାଠି ଦେଖିବାକୁ ମିଳିଥିଲା।

## ବାଲିପାଟଣାରେ ଶୋଭାଯାତ୍ରା ଓ ସମାବେଶ

**ବାଲିପାଟଣା:** ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ତରଫରୁ ବିଜୁ ପଟ୍ଟନାୟକଙ୍କ ୩୦ ତମ ଶ୍ରାଦ୍ଧ ଦିବସ ପାଇଁ କର୍ମୀମାନେ ୫୦୦ ମଟର ସାଇକେଲରେ ଏକ ଶୋଭାଯାତ୍ରା ବାଲକାଟିରୁ ବାହାରି ବ୍ରାହ୍ମଣ ସଡଙ୍ଗି ଠାରେ ଓ ବାଲିପାଟଣା ବଜାରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଅଠାନ୍ତର ସ୍ଥିତ ଦଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ନେତା ପ୍ରତାପ କେଶରୀ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ପୂର୍ବତନ ସଭ୍ୟ ଦିଲ୍ଲୀପ ବଳିୟାରସିଂହ, ରାଜଲକ୍ଷ୍ମୀ ମିଶ୍ର, ଅମରେନ୍ଦୁ ପଟ୍ଟନାୟକ, କାହ୍ନୁ ଚରଣ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ, ପୂର୍ବତନ ସରପଞ୍ଚ ସତ୍ୟଭାମା ବେହେରା, ସୌମ୍ୟ ରଞ୍ଜନ ମହାନ୍ତି, ମିର୍ ନାସିର ଅଲ୍ଲୀ, ତ୍ରୈଲୋକ୍ୟ ମଙ୍ଗରାଜ, ସଦାଶିବ ଦାଶ, ବିନେଶ ନାୟକ, ଯୁବନେତା ବିଜୟ ନାୟକ, ସନ୍ଦୀପ୍ତ ସେନାପତି, ସୋଲାର ମିଶ୍ର, ବିରଞ୍ଚି ନାରାୟଣ କର ଓ ବହୁ ଦଳୀୟ ନେତା ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡିକୁ ଆହୁରି ମଜଭୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ଶ୍ରାଦ୍ଧ ଦିବସ ଉପଲକ୍ଷେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ଦୁଇଟି ବେଆଇନ ସ-ମିଲ୍ ଠାବ; ୧୯ ଲକ୍ଷର କାଠ ଜବତ



ଭୁବନେଶ୍ୱର, ୧୭।୪(ସମିସ): ବାଲିଅନ୍ତା ଥାନା ଅନ୍ତର୍ଗତ ଇଚାଦେଇପାଟଣା ଓ ଓଲାରବିନ୍ଧ ଗ୍ରାମରେ ଭିଜିଲାନ୍ସ ଦ୍ୱାରା ଦୁଇଟି ବେଆଇନ୍ ସ-ମିଲ୍ ଠାବ କରାଯାଇଛି। ଭିଜିଲାନ୍ସ ଏବଂ ବନ ବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇଥିଲା। ଏଥିରୁ ବହୁ ମୁଲ୍ୟବାନ କାଠ ସମେତ କାଠ ଚିରାରେ ବ୍ୟବହୃତ ଯନ୍ତ୍ରାଂଶ ଜବତ ହୋଇଛି। ତେବେ ଚଢଉ ବେଳେ କାହାରିକୁ ଗିରଫ କରାଯାଇ ନାହିଁ। ଭିଜିଲାନ୍ସ ବିଭାଗ ସୂଚନା ମୁତାବକ, ଏଠାରେ ଦୀର୍ଘଦିଦ ହେବ ବେଆଇନ୍ ଭାବେ ସ-ମିଲ୍ ଚାଲୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭିଜିଲାନ୍ସ ଚଢଉ କରିଥିଲା। ଦୁଇଟି ମିଲ୍‌ରୁ ୧୧ସିଏଫ୍‌ଟି ମୂଲ୍ୟବାନ କାଠ ଜବତ ହୋଇଛି। ଯାହାର ମୁଲ୍ୟ ୧୯ ଲକ୍ଷ ଟଙ୍କା ହେବ।

## ନିମ୍ନମାନର ପୋଷାକ ଦେଇ ପିସି ଆଦାୟ ମସୁଧା!

ଭୁବନେଶ୍ୱର, ୧୭।୪(ସମିସ): ଖରାଛୁଟି ହେବା ପୂର୍ବରୁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମନ୍ତବ୍ୟ ଦେବା ଏବଂ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବାରେ ପୋଷାକରମାନଙ୍କୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱଳ୍ପ ସମୟରେ ପୋଷାକ ବିତରଣ କଲେ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ ନାହିଁ ଓ ଗଳା ବାଟ ଦେଇ ମୋଟା ଅଙ୍କର ପିସି ଆଦାୟ କରିବାକୁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ ହୋଇଛି। ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଆବାହକ ସୁବ୍ରତ ନନ୍ଦ କହିଛନ୍ତି ଯେ ପୂର୍ବ ବର୍ଷବର୍ଷ ପୋଷାକ ଯୋଗାଇଥିବା ସଂସ୍ଥାକୁ ପୁନଃ ଯୋଗାଣ ପାଇଁ ଅନୁମତି ଦେବା ଦ୍ୱାରା ପୋଷାକର ମାନ ସହ ସାଲିସ କରାଯାଉଛି। ଏସ୍‌ଏଚ୍‌ଜି ଗ୍ରୁପ ମାନେ ସ୍ୱଳ୍ପ ସମୟରେ ଡ୍ରେସ ପ୍ରସ୍ତୁତ କରିବାକୁ ଅକ୍ଷମ ହେବେ ଏବଂ ଏହା ପରୋକ୍ଷରେ ବଡ କପଡ଼ା ବ୍ୟବସାୟୀଙ୍କୁ ଦୁର୍ନୀତି କରିବାକୁ ସୁଯୋଗ ଦେବ। ବିଇଓ ଓ ଡିଇଓଙ୍କୁ ହାତ କରି କୋଟି କୋଟି ଟଙ୍କାର ନିମ୍ନ ମାନର ପୋଷାକ ଶାଗ ମାଛ ଦରରେ କିଣି ବଣ୍ଟନ କରି ପିସି ଆଦାୟ କରିବେ। କରିବାକୁ ଦୁର୍ନୀତି କରିବାକୁ ଏହା ପଥ ପ୍ରସ୍ତୁତ କରାଯାଇଥିବା ସେ ଅଭିଯୋଗ କରିବା ସହ ପୁନଃ ସମୀକ୍ଷା କରିବାକୁ ଦାବି କରିଛନ୍ତି। ଏପରିକି ପୋଷାକ ବଣ୍ଟନ ପୂର୍ବରୁ ଉତ୍ତମ ମାନ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଝାଁଳା, ୧୭।୪(ସମିସ): ପାରିବାରିକ କଳହରୁ ଇନଫୋସିଟି ଥାନା ଓଗାଳପଡ଼ା ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଓଗାଳପଡ଼ାରେ ଭଡ଼ାରେ ରହୁଥିବା ପୁରୀ ଜିଲା ନିମାପଡ଼ା ଅଞ୍ଚଳର ସୌମ୍ୟରଞ୍ଜନ ମିଶ୍ର (୩୦)।

ମିଳିଥିବା ସୂଚନା ଅନୁସାରେ ସୌମ୍ୟରଞ୍ଜନ ଗତ ଦେଢ଼ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବିବାହ ପରେ ସେ ଓଗାଳପଡ଼ା ଅଞ୍ଚଳରେ ଭଡାରେ ରହୁଥିଲେ।ଗତ କିଛି ଦିନ ହେବ ସ୍ୱାମୀ ଓ ସ୍ତ୍ରୀ ବାହାରକୁ ଯାଇଥିଲେ। କିନ୍ତୁ ଗତକାଲି ସେ ତାଙ୍କ ଭଡ଼ା ଘରକୁ ଏକୁଟିଆ ଫେରିଥିଲେ। କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମତାନ୍ତର ହୋଇଥିବା ପୁଲିସ ସନ୍ଦେହ କରୁଛି। ଗତକାଲି ରାତିରେ ତାଙ୍କ ଭଡ଼ାଘରେ ବେକରେ ରଶିବାନ୍ଧି ପଙ୍ଖାରେ ଝୁଲି ପଡ଼ିଥିଲେ। ଆଜି ସକାଳୁ କବାଟ ନ ଖୋଲିବାରୁ ଘର ମାଲିକ ଡାକିଥିଲେ। କିନ୍ତୁ ସୌମ୍ୟରଞ୍ଜନ ଉଠି ନଥିଲେ। ସନ୍ଦେହ ହେବାରୁ ପାଖ ପଡୋଶୀଙ୍କୁ କହିବା ସହ ଇନଫୋସିଟି ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଇନଫୋସିଟି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି କବାଟ ଡାଡି ଦେଖିବା ବେଳକୁ ସୌମ୍ୟରଞ୍ଜନ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ଏନେଇ ତାଙ୍କ ପରିବାରକୁ ଖବର ଦେଇଥିଲେ।ଶବ ଜବତ କରିବା ସହ ଆଜି ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ଶବ ବ୍ୟବଚ୍ଛେଦ ବିବରଣୀ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।

## ସୋଆ ପକ୍ଷରୁ ଜାତୀୟସ୍ତରୀୟ ଯୁବ ସଂସଦ 'ଲୋକ ସମ୍ବାଦ' ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୪(ସମିସ): ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ଆଇନ୍ ମହାବିଦ୍ୟାଳୟ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ଯୁବ ସଂସଦ 'ଲୋକ ସମ୍ବାଦ-୨୦୨୬'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ କହିଛନ୍ତି ଯେ ଯେଉଁ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ସେ ଦେଶ ଅଧିକ ପ୍ରଗତିଶୀଳ। ଦୁଇ ଦିନିଆ କାର୍ଯ୍ୟକ୍ରମରେ ୪ଟି ପର୍ଯ୍ୟାୟରେ ହେବାକୁ ଥିବା ଆଲୋଚନାଚକ୍ରର ପ୍ରସଙ୍ଗ 'ୱିଇ ଦ ୟୁଥ, ୱିଇ ଦ ରିପବ୍ଲିକ୍' ରହିଥିବା ବେଳେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିରୋଧୀ ଦଳର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଏସ୍‌ଏନଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ସ୍ୱାଗତ ଭାଷଣ ଦେବା ସହ ଆସୋସିଏଟ ପ୍ରଫେସର ଡ. ଅମୃତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଝାଁଳା, ୧୭।୪(ସମିସ): ଭରତପୁର ଜିଏ କଲୋନିସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାଶିନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍‌ର ପ୍ରଚାରକ ଜଗଦିଶ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆନନ୍ଦ ମାର୍ଗ ପ୍ରଚାରକ ସଂଘର ମୁଖ୍ୟ ଅବଧୂତ ଲଳିତ କୃଷ୍ଣ ନନ୍ଦ ମୁଖ୍ୟ ବକ୍ତା ଓ ଭାରତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଯୋଗାଚାର୍ଯ୍ୟ ବିର କିଶୋର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଦୁର୍ଗା ପ୍ରସାଦ ମହାନ୍ତି ସଭା ପରିଚାଳନା କରିଥିଲା ବେଳେ ପ୍ରଧାନ ଆଚାର୍ଯ୍ୟ ମନୋରମା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସହ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମମତା ସାହୁ, ଶୁଭଶ୍ରୀ ଶୁଭଲକ୍ଷ୍ମୀ ଦାଶ, ସୁଚିତ୍ରା ଦାସ, ନମିତା ବିଶ୍ୱାଳ ଯୋଗ ଦେଇଥିଲେ।

## ଶ୍ରମିକ ନେତାଙ୍କ ଗିରଫଦାରୀ ବନ୍ଦ ଦାବିରେ ପ୍ରତିବାଦ




ଭୁବନେଶ୍ୱର, ୧୭।୪(ସମିସ): ନୂଆଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଆନ୍ଦୋଳନରତ ଶ୍ରମିକମାନଙ୍କ ସମର୍ଥନରେ ଏବଂ ସେମାନଙ୍କ ନାର୍ଯ୍ୟ ଦାବି ପୂରଣ ପାଇଁ ଏଆଇସିସିଟିୟୁ ଓ ଟିୟୁସିସି ପକ୍ଷରୁ ଦିଆଯାଇଥିବା ଆହ୍ୱାନରେ ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗଠାରେ ଦେଶ ବ୍ୟାପି ପ୍ରତିବାଦ ଦିବସ ପାଳନ କରାଯାଇଛି। ଦିଲ୍ଲୀ-ଏନସିଆରର ଆନ୍ଦୋଳନରତ ଶ୍ରମିକମାନଙ୍କ ସହ ସହମତି ପ୍ରକାଶ କରି ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଟିୟୁସିସିର ନେତା ଜ୍ୟୋତି ରଞ୍ଜନ ମହାପାତ୍ର, ଏଆଇସିସିଟିୟୁର ଉପସଭାପତି ବଂଶୀଧର ପରିଡ଼ା, ଟିୟୁସିସିର ନେତା ଲକ୍ଷ୍ମୀ ଦୋରା, ଆଲୋକ ମହାପାତ୍ର, ବିଶ୍ୱଜିତ୍ ପଣ୍ଡା, ବିଜୟ ବେହେରା ସଫେଇ କର୍ମଚାରୀ ସଂଘ ନେତା ବନ ବିହାରୀ ଦାସ, ଚିତ୍ରସେନ ସେଠୀ ପ୍ରମୁଖ ପ୍ରତିବାଦରେ ସାମିଲ ହୋଇଥିଲେ।

# ଅବହେଳିତ ଅବସ୍ଥାରେ ଐତିହ୍ୟ କୀର୍ତ୍ତିରାଜି

ଆଜି ବିଶ୍ୱ ଐତିହ୍ୟ ଦିବସ

ଭୁବନେଶ୍ୱର, ୧୭।୪(ସମିସ): ପୁରାତନ ମନ୍ଦିର, ପ୍ରାଚୀନ ଗୁମ୍ଫା, ପୁଷ୍କରିଣୀ ଓ ମଠ ଆଦିକୁ ନେଇ ମନ୍ଦିରମାଳିନୀ ସହରର ପରିଚୟ ପାଇଛି ରାଜଧାନୀ ଭୁବନେଶ୍ୱର। ମାତ୍ର କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏଠାରେ ଥିବା ଐତିହ୍ୟ କୀର୍ତ୍ତିରାଜି ସବୁ ନଷ୍ଟ ହେବାକୁ ବସିଛି। କେଉଁଠି ମନ୍ଦିର ଉପରି ଭାଗ କ୍ଷୟ ହେବାକୁ ବସିଲାଣି ତ କେଉଁଠି ଅଧା ଖଣ୍ଡିଆ ଅବସ୍ଥାରେ ମନ୍ଦିରର କାରୁକାର୍ଯ୍ୟରେ ଗଛଲତା ମାଡି ସୌନ୍ଦର୍ଯ୍ୟ ବି ନଷ୍ଟ ହେଲାଣି।

ସଂସ୍କୃତି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୫ ସୁଦ୍ଧା ଓଡ଼ିଶାର ୮୧ଟି ଐତିହ୍ୟସ୍ଥଳୀକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ସଂରକ୍ଷିତ ସ୍ମାରକୀର ମାନ୍ୟତା ମିଳିଛି। ସେହିପରି ରାଜ୍ୟରେ ଆଉ ୨୨୩ଟି ସ୍ଥାନ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ହୋଇ ରହିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ୪୮ଟି ଐତିହ୍ୟସ୍ଥଳୀ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ଭୁବନେଶ୍ୱରର ୪୧ଟି ଐତିହ୍ୟସ୍ଥଳୀକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ସଂରକ୍ଷିତ ସ୍ମାରକୀର ମାନ୍ୟତା ମିଳିଛି। କିନ୍ତୁ ଏଏସଆଇ ଅଧୀନରେ ଥିବା ସଂରକ୍ଷିତ ସ୍ମାରକୀ ଗୁଡିକର ଅବସ୍ଥା ଅତ୍ୟନ୍ତ ଦୟନୀୟ। କେଉଁଠି ପାଚେରି ଭଙ୍ଗା ହୋଇ ପଡ଼ିଛି। ଐତିହ୍ୟ କୂଅ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଗଛ ଉପରେ ଅନାବନା ଗଛ ମାଡି ଗଲାଣି। ମନ୍ଦିରର ସାଇନ ବୋର୍ଡ ମଧ୍ୟ ନାହିଁ।



ବିନ୍ଦୁ ସାଗର କୂଳରେ ଥିବା ଶିବ ମନ୍ଦିର



ମକରେଶ୍ୱର ମନ୍ଦିର

ହେଲେ ମାନ୍ୟତା ମିଳିବା ପରେ ମଧ୍ୟ ତାର ବର୍ତ୍ତମାନ ସ୍ଥିତି ଦେଖିଲେ ତାର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଉଦାହରଣସ୍ୱରୂପ ପୁରୁଣା ଭୁବନେଶ୍ୱରର ଗୋପାଳ ତୀର୍ଥ ମଠ ଏବେ ଅଧାଭଙ୍ଗା ଅବସ୍ଥା। ବଣ ହୋଇ ଅଳିଆ ଆବର୍ଜନାରେ ଭର୍ତ୍ତି ହେଲାଣି। ଲିଙ୍ଗରାଜ ମନ୍ଦିର ନିକଟ ଏକାମ୍ରେଶ୍ୱର ମନ୍ଦିର, ମୋହିନୀ ମନ୍ଦିର, ସୋମେଶ୍ୱର ମନ୍ଦିର, ଭବାନୀ ଶଙ୍କର ମନ୍ଦିର, କାର୍ତ୍ତିକେଶ୍ୱର ମନ୍ଦିର ଦେଖିଲେ ତାର ସୁରକ୍ଷା ଉପରେ ପ୍ରଶ୍ନ ସୃଷ୍ଟି ହେଉଛି। ଲିଙ୍ଗରାଜଙ୍କ ପହୁଡ଼ ସ୍ଥାନ କପାଳୀ ମଠର କିଛି ଭାଗ ଭଗ୍ନ ଅବସ୍ଥାରେ ରହିଛି। ଗଛପତ୍ର ମାଡିବା ସହ ଏହା ଭିତର ଅନାବନା ଗଛରେ ଭର୍ତ୍ତି ହୋଇ ରହିଥାଏ। ସେହିପରି ଲଡୁକେଶ୍ୱର ମନ୍ଦିର ଚାରିପଟେ କୋଠାବାଡି ଘେରି ତାର କାରୁକାର୍ଯ୍ୟ ନଷ୍ଟ ହେବାକୁ ବସିଲାଣି। ଭାରତୀ ମଠ ନିକଟରେ ଥିବା ବକ୍ରେଶ୍ୱର ମନ୍ଦିର ନାମ, କିଏ ନିର୍ମାଣ କରିଥିଲେ ଏବଂ କେଉଁ ସମୟର ମନ୍ଦିର ସେ ବିଷୟରେ କିଛି ଉଲ୍ଲେଖ ନାହିଁ। ସେହିଭଳି ମକରେଶ୍ୱର ମନ୍ଦିର ସଂରକ୍ଷିତ ସ୍ମାରକୀ ହୋଇଥିଲେ ହେଁ ସେଠାରେ କୌଣସି ସୁରକ୍ଷା କର୍ମୀ ନଥିବାବେଳେ ତାର ସାଇନ ବୋର୍ଡ ଅଧା ଭଙ୍ଗା ଅବସ୍ଥାରେ ରହିଛି। ଖାଲି ସେତିକି ନୁହଁ ଲୁହାର ବାଡ ମଧ୍ୟ କିଛି ସ୍ଥାନରେ ଭାଙ୍ଗି ଯାଇଛି ଏବଂ ଅନେକ ସମୟରେ ସେଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳ ପାଲଟିଛି।



ଗୋପାଳତୀର୍ଥ ମଠ

ଏ ସମ୍ପର୍କରେ ସଂସ୍କୃତି ଗବେଷକ ଭାଗୀରଥୀ ମହାସୁଆର କୁହନ୍ତି, ପୁରୁଣା ଭୁବନେଶ୍ୱରର ସବୁ ମନ୍ଦିର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ନାହିଁ ବରଂ କିଛି ଏଏସଆଇ ମାନ୍ୟତା ପାଇଛି। ବାକି ଯେଉଁ ଐତିହ୍ୟସ୍ଥଳୀ ଅଛି ତାହା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ତାର ଦାୟିତ୍ୱ ନେଇଛି। ତେଣୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଯେଉଁଗୁଡିକ ପୁନରୁଦ୍ଧାର କାର୍ଯ୍ୟ ହେଉଛି ତାହା ବହୁତ ଧୀର ଗତିରେ କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି।



# ମାଟିରେ ମିଶିଲା ୧୮୭ ଘର; ଦଖଲମୁକ୍ତ ହେଲା ୮ ଏକର

ଭୁବନେଶ୍ୱର, ୧୭।୪(ସମିସ): 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ପରେ ବହୁ ଚର୍ଚ୍ଚିତ ଶ୍ୟାମପୁର ମୌଜାର ୬୮ ଏକର ସରକାରୀ ଜମିରୁ ଜବରଦଖଲ ମୁକ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଶୁକ୍ରବାର ଏକ ବଡ଼ ଧରଣର ଜବରଦଖଲ ଉଚ୍ଛେଦ କରାଯାଇଛି। ଭରତପୁର

**୬୮ ଏକର ଜମିରୁ ଜବରଦଖଲ ଉଚ୍ଛେଦ ଲକ୍ଷ୍ୟ**

**'ସକାଳ' ପ୍ରଭାବ**



ଥାନା ଅଧୀନରେ ଥିବା ଶ୍ୟାମପୁର ମୌଜାର ଉଭୟ ନିର୍ମାଣ ସରିଥିବା ଓ ନିର୍ମାଣାଧୀନ ୧୮୭ଟି ଘରକୁ ଭାଙ୍ଗି ଦିଆଯାଇଛି। ଗୋଟିଏ ଦିନରେ ପ୍ରାୟ ୮ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଏହି ଅଭିଯାନ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ଏବଂ ଯୁଗ୍ମ କମିସନର ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା।

ପ୍ରଥମ ଦିନରେ ୬ଟି ଜେସିବି ମେସିନ୍ ବ୍ୟବହାର କରାଯାଇ ୧୮୭ଟି ଘର ଭଙ୍ଗାଯାଇଛି, ଯେଉଁଥିରେ ୩୧ଟି ନିର୍ମାଣାଧୀନ ଘର ମଧ୍ୟ ରହିଛି। ଏହା ଦ୍ୱାରା ପାଖାପାଖି ୮ ଏକର ଜମି ଉଚ୍ଛେଦ ହୋଇଛି। ଏହି ଉଚ୍ଛେଦ ଅଭିଯାନ ବିଡିଏର ଅନଧିକୃତ ଦଖଲ ହଟାଇବା ଏବଂ ସହରର ଉନ୍ନୟନ ପାଇଁ ଚାଲୁଥିବା ପ୍ରୟାସର ଏକ ଅଂଶ। ଅଭିଯାନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରାୟ ୧୦ ପ୍ଲାଟୁନ୍ ପୁଲିସ୍ ବଳ ଏବଂ ୫୦ ଜଣ ପୁଲିସ୍ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା। ଉଚ୍ଛେଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି ଏବଂ କୌଣସି ବଡ଼ ଅଘଟଣ ଘଟି ନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଉଚ୍ଛେଦ ପୂର୍ବରୁ ବିଡିଏ ବାସିନ୍ଦାଙ୍କୁ ଏକାଧିକ ନୋଟିସ୍ ଜାରି କରିଥିଲା ଏବଂ ଲାଉଡ୍ ସ୍ପିକର୍ ମାଧ୍ୟମରେ ସର୍ବସାଧାରଣ ଘୋଷଣା କରି ଅନଧିକୃତ ଦଖଲକାରୀଙ୍କୁ ସ୍ୱେଚ୍ଛାରେ ଜମି ଖାଲି କରିବାକୁ ଅନୁରୋଧ କରିଥିଲା। କର୍ତ୍ତୃପକ୍ଷ କହିଛନ୍ତି ଯେ ପ୍ରଶାସନିକ ପ୍ରକ୍ରିୟା ପରେ ହିଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ ସମସ୍ତ ଅନଧିକୃତ ଦଖଲ ହଟାଯିବା ପର୍ଯ୍ୟନ୍ତ ଉଚ୍ଛେଦ ଅଭିଯାନ ଜାରି ରହିବ। ସେ ସରକାରୀ ଜମିରେ ଅନଧିକୃତ ଭାବେ ରହୁଥିବା ଲୋକଙ୍କୁ ନିଜେ ଖାଲି କରିବାକୁ ଆବେଦନ କରିଛନ୍ତି ଯାହା ନଗରର ଉନ୍ନୟନ କାର୍ଯ୍ୟକ୍ରମକୁ ସହାୟତା କରିବ।

ଶ୍ୟାମପୁର ମୌଜାରେ କିଛି ଦଲାଲ୍ ୬୮ ଏକର ସରକାରୀ ଜମିକୁ ଜବରଦଖଲ କରି ଲୋକଙ୍କୁ ବିକ୍ରି କରୁଥିବା ନେଇ ସକାଳରେ ପ୍ରଥମେ ଖବର ପ୍ରକାଶ ପାଇଥିଲା। ବହୁ ଦିନ ଧରି ଲଗାତାର ଭାବେ ଏନେଇ ଖବର ପ୍ରକାଶ ପାଉଥିଲା। ଏହାପରେ ବିଡ଼ିଏର ଦୃଷ୍ଟି ପଡ଼ିଥିଲା। ଏନେଇ ବିଡ଼ିଏ ଭରତପୁର ଥାନା ଏବଂ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲା। ପରେ ନିଜେ ଭାଙ୍ଗିବାକୁ ନିଷ୍ପତ୍ତି ନେଇଥିଲା।

## ଗୋଟିଏ ଘରୁ ମିଳିଲା ୭୨ ସିଲିଣ୍ଡର

ଉଚ୍ଛେଦ ସମୟରେ ଅଧିକାରୀମାନେ ଏକ ଅନଧିକୃତ ଘରରୁ ମୋଟ ୭୨ଟି ଏଲ୍‌ପିଜି ସିଲିଣ୍ଡର (ଯେଉଁଥିରେ ୨୧ଟି ଛୋଟ ସିଲିଣ୍ଡର ଅଛି) ଜବତ କରିଛନ୍ତି। ବିଡ଼ିଏ ଏହି ଜବତ ସିଲିଣ୍ଡରଗୁଡ଼ିକୁ ଯୋଗାଣ ବିଭାଗକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ହସ୍ତାନ୍ତର କରିଛି। ଏଠାରେ ଉଲ୍ଲେଖନୀୟ ଯେ, ଗତ ଡିସେମ୍ବର ୨୦୨୩ରେ ବିଡିଏ ପକ୍ଷରୁ ୬୮ ଏକର ଜମିର ଅନଧିକୃତ ଦଖଲ ଏବଂ ବିକ୍ରୟ ସମ୍ପର୍କରେ ଅର୍ଥନୈତିକ ଅପରାଧ ଶାଖା (ଇଓଡ଼ବ୍ଲ୍ୟୁ)ରେ ଏକ ମାମଲା (ଏଫ୍‌ଆଇଆର୍) ଦାୟର କରିଥିଲା। ଯେଉଁଥିରେ ଜମି ମାଫିଆଙ୍କ ଦ୍ୱାରା ଅବରୋଧ କରାଯାଇଥିବା ଅଭିଯୋଗ କରାଯାଇଥିଲା। ଏଥିରେ ଡିସିପି ପ୍ରକାଶ ଚନ୍ଦ୍ର ପାଲି, ଅତିରିକ୍ତ ଡିସିପି ସୁବ୍ରତ କୁମାର, ସୁନାରାମ ହେମ୍ବ୍ରମ୍, ଅମିୟ କୁମାର ଦାସ, ଉପନିର୍ଦ୍ଦେଶକ (ସର୍ଭେ ଓ ଏନଫୋର୍ସମେଣ୍ଟ), ଜିଏ ଓ ପିଜି ବିଭାଗ, ଓଏସଡି ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ସିଦ୍ଧାନ୍ତ ସାହୁ, ଜୁନିୟର ଏନଫୋର୍ସମେଣ୍ଟ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲ୍‌ଡୋଜର୍ ମାଡ଼ରେ ଭାଙ୍ଗିଲା ୩୦ ଦୋକାନ ଘର



ବାଲିପାଟଣା, ୧୭।୪(ସମିସ): ଅବୈଧ ଦଖଲ ଓ ରାସ୍ତା ପାଖରେ ଗଢ଼ିଉଠିଥିବା ବେଆଇନ ଦୋକାନ ଉପରେ ବାଲିପାଟଣା ତହସିଲ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି। ବୁଲଡୋଜର ଚଳାଇ ବାଲିପାଟଣା ଓ ସରିପୁର ଛକରେ ଥିବା ୩୦ରୁ ଅଧିକ ବେଆଇନ ଦୋକାନକୁ ଭଙ୍ଗା ଯାଇଛି। ସୂଚନା ଅନୁସାରେ, ଏହି ସମସ୍ତ ଦୋକାନ ଦୀର୍ଘଦିନ ଧରି ସରକାରୀ ଜମି ଓ ରାସ୍ତା ପାଖରେ ଅବୈଧ ଭାବେ ଦଖଲକରି ରହିଥିଲେ। ପୂର୍ବରୁ ତହସିଲ ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ ନୋଟିସ ଜାରି କରାଯାଇଥିଲେ ମଧ୍ୟ ଅନେକେ ସେ ନେଇ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଶୁକ୍ରବାର ଏହି ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ କରାଯାଇଛି। ଏହି ଅଭିଯାନରେ ତହସିଲଦାର କଳ୍ପନା ଦାସଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ସୌରଭ କୁମାର ବଡୁ, ସୁପରଭାଇଜର ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। କୌଣସି ଅପ୍ରିୟ ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ପୋଲିସ ନିୟୋଜିତ କରାଯାଇଥିଲା। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ରାସ୍ତା ଓ ସରକାରୀ ଜମି ଦଖଲ ହେବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା ଓ ସାଧାରଣ ଲୋକମାନେ ଅସୁବିଧାରେ ପଡୁଥିଲେ। ଏହି ଉଚ୍ଛେଦ ପରେ ରାସ୍ତା ଖୋଲା ହେବା ସହ ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ ବୋଲି ଆଶା କରାଯାଉଛି। ସ୍ଥାନୀୟ ଲୋକମାନେ ମଧ୍ୟ ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ବେଳେ, କିଛି ଦୋକାନୀ ନିଜର କ୍ଷତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ଆଗାମୀ ଦିନରେ ମଧ୍ୟ ଏପରି ଅବୈଧ ଦଖଲ ବିରୋଧରେ ଅଭିଯାନ ଜାରି ରଖିବ ବୋଲି ସୂଚନା ଦେଇଛି।

**କଫ୍‌ସିରପ ଜବତ ମାମଲା**

# ଶୁଭମ୍ ଆସୋସିଏଟ୍‌ସ ନାଁରେ ମାମଲା ରୁଜୁ

ଭୁବନେଶ୍ୱର, ୧୭।୪(ସମିସ): ନିଶା ପାଇଁ ବ୍ୟବହାର କରାଯାଉଥିବା କଫ୍‌ସିରପ୍ ଜବତ ମାମଲାରେ ଶୁଭମ୍ ଆସୋସିଏଟସ୍, ଭୁବନେଶ୍ୱର ନାମରେ ମାମଲା ରୁଜୁ କଲା ଏସ୍‌ଟିଏଫ୍। ଏହା ମାଲିକ ଧର୍ମେନ୍ଦ୍ର କୁମାର ରାଉତ୍‌ଙ୍କୁ ମୁଖ୍ୟ କାର୍ପଟଦାର ଭାବେ ଏସ୍‌ଟିଏଫ୍ ଅଭିହିତ କରିଛି। ତାଙ୍କ କମ୍ପାନୀ ନାମରେ ଗୁଜୁରାଟ ଅହମ୍ମଦାବାଦର ଏଡ୍‌ମେକ୍ସ ଲାଇଫ୍ କେୟାର ନାମକ ସପ୍ଲାୟର୍ସ ଠାରୁ ଏହି କଫ୍‌ସିରପ ଆସିଥିଲା। ତାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ତେବେ ବହୁ ବାର ଏଭଳି କାରବାର ହୋଇଥିବା ଅନୁମାନ କରାଯାଉଛି।

ସୂଚନାଯୋଗ୍ୟ, ଗୁରୁବାର ଦେଶର ଅନ୍ୟତମ ବୃହତ୍ତମ ଲଜିଷ୍ଟିକ୍ ସଂସ୍ଥାର ୱେୟାର୍ ହାଉସରେ ମିଳିଲାଥିଲା ନିଶା ପାଇଁ ବ୍ୟବହାର ହେଉଥିବା କଫ୍‌ସିରପ 'ରେକ୍ସକଫ୍'। ଫୁଲନଖରାସ୍ଥିତ ଭିଆର୍‌ଏଲ୍ ଲଜିଷ୍ଟିକ୍ ଉପରେ ଡ୍ରଗ୍ କଣ୍ଟ୍ରୋଲର ଏବଂ ଏସ୍‌ଟିଏଫ୍‌ର ମିଳିତ ଚଢଉରେ ୭୪ ପେଟି କଫ୍‌ସିରପ ଜବତ କରାଯାଇଛି। ଯେଉଁଥିରୁ ୮୪୦୦ଟି କଫ୍‌ସିରପ ଜବତ ହୋଇଥିଲା। ଏହି କଫ୍‌ସିରପ ଗୁଜୁରାଟର ଅହମ୍ମଦାବାଦ୍‌ରୁ ଆସିଥିଲା। ବାଲେଶ୍ୱର ପର୍ଯ୍ୟନ୍ତ ଯାଇଥାନ୍ତା ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଥିଲା।

ରାଜ୍ୟରେ ନିଶା ବ୍ୟବହୃତ କଫ୍‌ସିରପ ଗୁଡ଼ିକର ଅବାଧ ବିକ୍ରି ଉପରେ ବ୍ୟାନ୍ ରହିଛି। ହେଲେ ରାଜ୍ୟର ନିଶାଡିଙ୍କ ମଧ୍ୟରେ ଏହି କଫ୍‌ସିରପ୍‌ର ଚାହିଦା କାହିଁରେ କଣ। ଏଣୁ ଏକ ଅନ୍ତରାଜ୍ୟ ରାକେଟ୍ ଓଡ଼ିଶାକୁ ନିୟମିତ ଭାବେ ବେଆଇନ୍ କଫ୍‌ସିରପ ଯୋଗାଇ ମୋଟା ଅଙ୍କାର ଟଙ୍କା କମାଉଛି। ଏହି ଅନ୍ତରାଜ୍ୟ ଗ୍ୟାଙ୍ଗ୍‌ରେ ରାଜ୍ୟବାହାର ସଦସ୍ୟଙ୍କ ସମେତ ଓଡ଼ିଶାର କିଛି ନିଶାବେପାରୀ ସାମିଲ ରହିଛନ୍ତି।

# ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୫ ଗିରଫ

ଭୁବନେଶ୍ୱର, ୧୭।୪(ସମିସ): ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ନୟାପଲ୍ଲୀ ଥାନା ପୁଲିସ ଶୁକ୍ରବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାପଲ୍ଲୀ ନୂଆସାହିର ସୁଜିତ କୁମାର ପ୍ରଧାନ, ଖାରବେଳନଗର ଥାନା ମଧୁସୂଦନ ନଗର ଅଞ୍ଚଳର ବିଜୟ ସାହୁ, ନୂଆପଲ୍ଲୀ ଜଳେଶ୍ୱର ବସ୍ତିର ସୁଶାନ୍ତ କୁମାର ସାହୁ, ନୀଳକଣ୍ଠ ନଗର ଅଞ୍ଚଳର ରାହୁଲ ନାୟକ, ଭରତପୁର ଥାନା ତାରିଣୀବସ୍ତିର ଦିବାକର ସାହୁ। ପୁଲିସ ଅଭିଯୁକ୍ତମାନଙ୍କ ହେପାଜତରୁ ମୋଟ ୨୨ କେଜି ୯୮୦ ଗ୍ରାମ ଓଜନର ଦୁଇବସ୍ତା



ଗଞ୍ଜେଇ, ଏକ ଇନୋଭା କାର ଏବଂ ୨,୦୭୦ ଟଙ୍କା ଜବତ କରିଛି। ପୁଲିସ ସୂଚନା ମୁତାବକ, ସିଆରପି ରେଣ୍ଟାଲ୍ କଲୋନୀ ସ୍ଥିତ ଏକାମ୍ର ପାର୍କ ନିକଟରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ନେଇ ପୁଲିସ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲା। ନୂଆପଲ୍ଲୀ ଥାନା ପୁଲିସ ଶୁକ୍ରବାର ଏଠାରେ ଅତର୍କିତ ଚଢ଼ଉ କରିଥିଲା। ସାଲିଆ ସାହି ଅଞ୍ଚଳକୁ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ପାଞ୍ଚଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏମାନେ ଏକ ଇନୋଭା କାର୍‌ରେ ଗଞ୍ଜେଇ ଚେରା ଚାଲାଣ କରୁଥିଲେ। ଗଞ୍ଜେଇ ସହ କାର୍‌କୁ ମଧ୍ୟ ପୁଲିସ ଜବତ କରିଥିଲା।





# ଭୁବନେଶ୍ୱର ସିଟି

## ରାଜଧାନୀରେ ନାଁକୁ କେବଳ ନଳକୂଅ

# ୯୦ ପ୍ରତିଶତ ଅଚଳ; ବାକି ସବୁରେ ଲୁହାଗୁଣ୍ଡ

ଭୁବନେଶ୍ୱର, ୧୭।୪(ସମିସ): ରାଜଧାନୀରେ ବିଭିନ୍ନ ବସ୍ତି ଠାରୁ ଆରମ୍ଭ କରି କଲୋନୀ ଗୁଡ଼ିକରେ ହଜାରରୁ ଅଧିକ ସଂଖ୍ୟାରେ ନଳକୂପ ରହିଛି। ସେଥିମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ଅଚଳାବସ୍ଥାରେ ରହିଥିବା ବେଳେ ବଳକା ଗୁଡ଼ିକରେ ଆଇରନ୍ ପାଣି ଆସୁଥିବାରୁ କୌଣସି କାମରେ ଆସୁନାହିଁ। ସାଧାରଣତଃ ଏହି ନଳକୂପଗୁଡ଼ିକ ୧୦୦ଫୁଟରୁ ଅଧିକ ଗଭୀର ଖୋଳାଯାଉଥିବାରୁ ମଧୁର ଜଳ ବାହାରିଥାଏ। ଯାହା ପିଇବା ସହ ନିତ୍ୟ ବ୍ୟବହାର କରାଯାଇଥାଏ। ବର୍ତ୍ତମାନ ଘରେ ଘରେ ପିଇବା ପାଣି ପାଇଁ ଆକ୍ୱାଗାର୍ଡ ଲଗାଯାଉଥିବା ବେଳେ ପୂର୍ବରୁ ନଳକୂପ ପାଣି ବ୍ୟବହାର କରାଯାଉଥିଲା।










ତେବେ ଆଚାର୍ଯ୍ୟବିହାରରୁ ଜୟଦେବ ବିହାରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ କଡ଼ରେ ରହିଥିବା ପ୍ରାୟ ୪୦ ବର୍ଷ ତଳର ନଳକୂପକୁ ସ୍ଥାନୀୟ ୫୦ ପରିବାର ଲୋକଙ୍କ ସମେତ ସାଧାରଣ ଲୋକେ ନିର୍ଭର କରୁଥିଲେ। ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନଙ୍କ ସମେତ ବୁଲା ପଶୁପକ୍ଷୀ ମାନେ ପାଣି ପିଇବା ପାଇଁ ଅପେକ୍ଷା କରିଥାନ୍ତି। ସେମାନଙ୍କ ପାଇଁ ସ୍ଥାନୀୟ ଲୋକେ ନଳକୂପ ନିକଟରେ ଏକ କୁଣ୍ଡରେ ପାଣି ରଖିଥାନ୍ତି। ହେଲେ ପ୍ରାୟ ୧୦ବର୍ଷ ହେବ ଏହି ନଳକୂପ ଅଚଳ ହୋଇ ପଡ଼ିଛି। ଏହାକୁ ମରାମତି କରାଯିବାକୁ ଏଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ କହିଛନ୍ତି।

ସେହିପରି ରସୁଲଗଡ଼ରୁ ବାଣୀବିହାରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ କଡ଼ରେ ରହିଥିବା ନଳକୂପର ଅବସ୍ଥା ମଧ୍ୟ ସମାନ। ପ୍ରାୟ ୩୫ ବର୍ଷ ତଳର ଏହି ନଳକୂପକୁ ବାଣୀବିହାର କିନ୍ନର ବସ୍ତି ବାସିନ୍ଦାମାନେ ନିର୍ଭର କରିଥାନ୍ତି। ପିଇବା ଠାରୁ, ରୋଷେଇ ଏବଂ ଦୈନନ୍ଦିନ ଜୀବନରେ ନିତ୍ୟ ବ୍ୟହାର କରିବାକୁ ଏହି ନଳକୂପ ଏକମାତ୍ର ଭରସା ସାଜିଥିଲା। ହେଲେ ତାହା ଖରାପ ହୋଇ ଯିବାରେ ପରେ ମରାମତି କରା ନ ଯାଇ ଟ୍ୟାପ୍ ସଂଯୋଗ କରାଗଲା। ହେଲେ ଅନେକ ସମୟରେ ନିୟମିତ ସମୟରେ ଟ୍ୟାପ୍ ରେ ପାଣି ଆସୁନଥିବା ବେଳେ ନଳକୂପ ବ୍ୟବହାରଯୋଗ୍ୟ ହୋଇଥିଲେ କାମରେ ଆସିଥାନ୍ତା। ତେଣୁ ଖରାଦିନ ଆରମ୍ଭ ହୋଇଥିବା ବେଳେ ଆଗକୁ ଜଳ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ତେଣୁ ଏହାକୁ ମରାମତି କରାଯିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ରସୁଲଗଡ଼ରୁ ଝାରପଡ଼ା ଯିବା କେନାଲ ରାସ୍ତାରେ ମଧ୍ୟ ରହିଛି ବହୁ ପୁରାତନ ନଳକୂପ। ଯେଉଁଠାରେ ଜଗନ୍ନାଥ ବସ୍ତିର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପରିବାର ପାଣି ନେଇ ଚଳିଥାନ୍ତି। ହେଲେ ୧୦ ବର୍ଷ ହେବ ନଳକୂପ ଅଚଳ ହେବା ସାଙ୍ଗକୁ ଅଧା ପୋତି ହୋଇଗଲାଣି। ଏହାକୁ ମରାମତି କରାଗଲେ ପୂର୍ବଭଳି ବ୍ୟବହାର କରାଯାଇପାରିବ ବୋଲି ବସ୍ତି ବାସିନ୍ଦା କହିଛନ୍ତି।

ଏହାସହ ପଳାଶୁଣି ନିଗମାନନ୍ଦ ନଗର ରହିଥିବା ୪୫ବର୍ଷ ପୂର୍ବର ନଳକୂପ ଏବେବି ଏଠାକାର ଲ୍ୟାଣ୍ଡମାର୍କ ଭାବେ ଛିଡ଼ା ହୋଇଛି। ହେଲେ ତାହା କୌଣସି କାମରେ ଆସୁନି। ଅନେକ ସମୟରେ ବିଜୁଳି କାଟ ହେଉ ଅବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପାଣି ସମସ୍ୟା ସୃଷ୍ଟି ହେଉଥିବା ବେଳେ ଲୋକେ ପାଣି କିଣିବାକୁ ବାଧ୍ୟ ହୋଇଥିଲେ। ନଳକୂପ ଯଦି ମରାମତି କରାଯାଆନ୍ତା ତେବେ ଫନି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଞ୍ଚଳବାସୀଙ୍କ ପାଇଁ ସହାୟ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ରାଜଧାନୀର ଅନେକ ସ୍ଥାନରେ ଏଭଳି ଶହଶହ ନଳକୂପ ଅଚଳାବସ୍ଥାରେ ପଡ଼ି ରହିଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସିବିଏସ୍ଇରେ ଭେଙ୍କେଟେଶ୍ୱର ବିଦ୍ୟାଳୟରେ ସଫଳତା




ଭୁବନେଶ୍ୱର, ୧୭।୪(ସମିସ): ଭେଙ୍କେଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଚଳିତ ବର୍ଷର ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ସଫଳତା ହାସଲ କରି ପୁନର୍ବାର ତାହାର ଶିକ୍ଷାଗତ ଉତ୍କର୍ଷକୁ ପ୍ରମାଣ କରିଛି। ଚଳିତ ବର୍ଷ ମୋଟ୍ ୩୮୫ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରି ବିଦ୍ୟାଳୟର ୧୦୦ ପ୍ରତିଶତ ପାସ୍ ଫଳାଫଳ ହାସଲ କରିଥିବା ବେଳେ ଛାତ୍ରୀ ଅଭିଲିପ୍ସା ଜେନା ଓ ଛାତ୍ର ଶୁଭ୍ରଜିତ୍ ପାଣି ଯୁଗ୍ମ ଭାବେ ୯୯ ପ୍ରତିଶତ ମାର୍କ ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହାସହ ୭୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଏହି ଅବସରରେ ସଫଳ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ପରିଚାଳନା ସମିତି ଅଧ୍ୟକ୍ଷ ଡ. ଶଶାଙ୍କ ଶେଖର ପତି, ପ୍ରଶାସକ ହିମାଂଶୁ ଶେଖର, ସହ ଅଧ୍ୟକ୍ଷ ଇଂ ଶକ୍ତି ପ୍ରକାଶପ୍ତି, ପ୍ରଧାନଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟାମୟୀ ଦାସ ପ୍ରମୁଖ ଶିକ୍ଷକମଣ୍ଡଳୀ ଏବଂ କର୍ମଚାରୀମାନେ ଅଭିନନ୍ଦନ ଜଣାଇବା ସହ ଅଭିଭାବକମାନଙ୍କୁ ତାଙ୍କର ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ୟୁନିଟ-୮ ଡିଏଭିର ୯୮.୪୯% ଛାତ୍ରଛାତ୍ରୀ



ଭୁବନେଶ୍ୱର, ୧୭।୪(ସମିସ): ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ୟୁନିଟ-୮ ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ଶତ ପ୍ରତିଶତ ଅର୍ଥାତ୍ ୨୬୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୨୬୧ଜଣ ବା ୯୮.୪୯ ପ୍ରତିଶତ ପିଲା ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ୧୪୪ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ଏବଂ ୨୧୪ଜଣ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଛାତ୍ର ଅରୂପ ନାୟକ ଓ ଆସ୍ମାନ୍ ବେହେରା ସର୍ବାଧିକ ୯୯.୪ ପ୍ରତିଶତ ଲେଖାଏଁ ମାର୍କ ରଖି ଯୁଗ୍ମଭାବେ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଆଦ୍ୟାନ୍ତ ପଟ୍ଟନାୟକ, ଅନନ୍ୟା ମେହେର, ଜିଗିସା ଦାସମହାପାତ୍ର, କିଷାନ କୁମାର ପଟ୍ଟନାୟକ ଓ ଶ୍ରଦ୍ଧା ମହାପାତ୍ର ୯୯ ପ୍ରତିଶତ ମାର୍କ ରଖି ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୋହନ ରାଉତ, ଆଦିତ୍ୟ କୁମାର ଦାସ, ଆୟୁଷ୍ମାନ ସ୍ୱାଇଁ, ଦୀପଶିଖା ନନ୍ଦ, ନିତୁ ହରିଚନ୍ଦନ, ସାନଭି ସିଂ, ସୁଦୀକ୍ଷା କର ପ୍ରମୁଖ ୯୮.୮ ପ୍ରତିଶତ ଲେଖାଏଁ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସଂସ୍କୃତରେ ୨୫ଜଣ, ଗଣିତରେ ୧୭, ସାମାଜିକ ବିଜ୍ଞାନରେ ୧୩, ଓଡ଼ିଆରେ ୮, ବିଜ୍ଞାନରେ ୫, ଆଇଟିରେ ୩, ଇଂରାଜୀରେ ୨ ଓ ହିନ୍ଦୀରେ ଜଣେ ଛାତ୍ରଛାତ୍ରୀ ଶତ ପ୍ରତିଶତ ନମ୍ବର ରଖିଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟଙ୍କ ସମେତ ଆଞ୍ଚଳିକ ନିର୍ଦ୍ଦେଶକ ତଥା ମ୍ୟାନେଜର ଡ. କେସି ଶତପଥୀ, ଅଧ୍ୟକ୍ଷା ଇପସିତା ଦାସ ରପ୍ରମୁଖ ଅଭିନନ୍ଦନ ଜଣାଇବା ସହ ଉତ୍ତୋରତ୍ତରନ୍ନତି କାମନା କରିଛନ୍ତି।

## ଓଡ଼ିଶା କ୍ୟାଡରର ଆଇଏଏସ୍ ପ୍ରଶିକ୍ଷାର୍ଥୀଙ୍କ ଏସଏସ୍ଇପିଡି ବିଭାଗ ପରିଦର୍ଶନ



ଭୁବନେଶ୍ୱର, ୧୭।୪(ସମିସ): ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ୯ଜଣ ଆଇଏଏସ୍ ପ୍ରଶିକ୍ଷାର୍ଥୀ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ (ଏସଏସ୍ଇପିଡି) ର ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନସଚିବ ସୁରେଶ କୁମାର ବଶିଷ୍ଠ, ନିର୍ଦ୍ଦେଶିକା ପାରୁଲ ପଟାୱାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ପ୍ରଶିକ୍ଷାର୍ଥୀମାନେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ (ଏସଆଇଇପି) ପରିଦର୍ଶନ କରି ନାଗରିକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ଏବଂ ସେବା ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ପ୍ରଶିକ୍ଷଣ ସମୟରେ ଅତିରିକ୍ତ ସଚିବ ଦୀପକ ରାଉତରାୟ, ସୋନିଆ ବେହେରାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ୩୦ରୁ ୭୦ ପ୍ରତିଶତ ରିହାତି

ଭୁବନେଶ୍ୱର, ୧୭।୪(ସମିସ): ୧୩ ତମ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ଜନତା ମୈଦାନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଅଧିକାଂଶ ଜିନିଷ ଉପରେ ୩୦ ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳୁଛି। ଏଥର ବାଣିଜ୍ୟ ମେଳାରେ ବିଭିନ୍ନ ଡିଜାଇନର ହସ୍ତତନ୍ତ, ହାଣ୍ଡଲୁମ୍ର ଶାଢ଼ି ଏବଂ ଡ୍ରେସ ମ୍ୟାଟେରିଆଲ, ଆକର୍ଷଣୀୟ ଜୁଏଲେରୀ, ଆଣ୍ଟିକ ସାମଗ୍ରୀ ଇତ୍ୟାଦିର ସମ୍ଭାର ଲାଗିଛି, ଆଧୁନିକ ଘର ସଜା ଜିନିଷ କାଶ୍ମୀରର ଆସବାବପତ୍ର, ଖୋଦେଇ, ପୁରାତନ ଆସବାବପତ୍ର, ସୋଫାସେଟ, ଡାଇନିଂସେଟ ଏବଂ କାର୍ଡିଙ୍ଗ ଝୁଲା, ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖୁଲାଫଳ, ବାଂଲାଦେଶ ହ୍ୟାଣ୍ଡଲୁମ୍ର ଜମଦାନୀଶାଢ଼ୀ, ଇରାନରୁ ଇରାନୀ ଖଜୁରୀ, ହର୍ବାଲ ତେଲ, ଦୁବାଇର ଅତର ଏବଂ ପରିଧାନ, ଥାଇଲାଣ୍ଡର ଗହଣା, ଜୋତା ଏବଂ ପୋଷାକ, କୋରିଆର ମହିଳା ପ୍ରସାଧନ ସାମଗ୍ରୀ ସବୁ ଦର୍ଶକଙ୍କ ମନ କିଣି ନଉଛି। ପ୍ରଦର୍ଶକ ଏବଂ ଗ୍ରାହକଙ୍କ ସୁବିଧା ପାଇଁ ସିସିଟିଭି ସହ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସବୁ ତିଆରି କରାଯାଇଛି। ପ୍ରତ୍ୟେକ ଦିନ ୧୫୦୦୦ ରୁ ଅଧିକ ଲୋକ ବିଭିନ୍ନ ସାମଗ୍ରୀ କିଣାକିଣି କରୁଛନ୍ତି। ଏଥିସହିତ ବିଭିନ୍ନ ସ୍ଥାନର ଖାଦ୍ୟ ସହିତ ଚମ୍ପାରଣ ମଟନରେ ବିଶେଷ ଭିଡ ଦେଖିବାକୁ ମିଳିଛି। ଅଟୋମୋବାଇଲ ଏବଂ ବିଲଡ଼ର ପାଭିଲିଆନ ଗ୍ରାହକଙ୍କୁ ବିଶେଷ ଭାବରେ ଆକର୍ଷଣ କରୁଛି। ଏହି ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଦିନ ୨ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ଜାରି ରହିବ।



## ସୋଆ ପକ୍ଷରୁ ସିବିଏସ୍ଇ ଟପ୍ପର ଟିନା ଓ ଆଲିଶାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୭।୪(ସମିସ): ସିବିଏସ୍ଇ ଦଶମ ପରୀକ୍ଷାରେ ଶତପ୍ରତିଶତ ମାର୍କ ରଖି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଥିବା ୨ଜଣ କୃତୀ ଛାତ୍ରୀଙ୍କୁ ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଶୀର୍ଷ ସ୍ଥାନ ଅଧିକାର କରିଥିବା ଉଭୟ ଛାତ୍ରୀ ପୁରୀ ମଦର୍ସ ପବ୍ଲିକ ସ୍କୁଲର ଟିନା ରଥ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆଲିଶା ବିଶ୍ୱାଳ ୫୦୦ ରୁ ୫୦୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଉଭୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଉଭୟଙ୍କ ଅଭିଭାବକଙ୍କ ସହ ସୁମା ରିୟଲ ମିଡିଆ ପ୍ରାଇଭେଟ ଲିମିଟେଡ୍ର ସିଇଓ ସୁନୀଲ ଦାସ, ନ୍ୟୁଜ-୭ର କାର୍ଯ୍ୟକାରୀ ସମ୍ପାଦକ ଦେବନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଭାରତୀ ଉଚ୍ଚଶିକ୍ଷା ସଂସ୍ଥାନର ରାଜ୍ୟ ସାଧାରଣ ସଭା



ନନ୍ଦନକାନନ, ୧୭।୪(ସମିସ): ବିଦ୍ୟାଭାରତୀ ଉଚ୍ଚଶିକ୍ଷା ସଂସ୍ଥାନର ରାଜ୍ୟ ସାଧାରଣ ସଭା ଗୁରୁବାର ସ୍ଥାନୀୟ କ୍ଷେତ୍ରୀୟ ଶିକ୍ଷା ସଂସ୍ଥାନ (ଆରଇଆଇ) ରେ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ପ୍ରଦେଶ ସଚିବ ଡ଼ଃ ଦୀପକ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପେ ପ୍ରଫେସର ଶଶିରଞ୍ଜନ ଅକେଲା, ରାଜୀବଗାନ୍ଧୀ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୋପାଳ, ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ବିଦ୍ୟାଭାରତୀ ଉଚ୍ଚଶିକ୍ଷା ସଂସ୍ଥାନ, ଯୋଗଦେଇଥିବା ବେଳେ ବିଦ୍ୟାଭାରତୀର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ଶିକ୍ଷାନୀତି କ୍ରିୟାନ୍ୱୟନ ଓ ବିଭିନ୍ନ ଶୈକ୍ଷିକ ଆହ୍ୱାନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଶେଷ ଅତିଥି ରୂପେ ନୂତନ ଭାବେ ନିଯୁକ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଅର୍କ କୁମାର ଦାସ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଚଣ୍ଡୀ ପ୍ରସାଦ ନନ୍ଦ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଶିବରାମ ତ୍ରିପାଠୀଙ୍କୁ ସଂସ୍ଥାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ତିନିବର୍ଷ ପାଇଁ ସଂସ୍ଥାନର ପ୍ରଦେଶ କାଯ୍ୟକାରିଣୀକୁ କ୍ଷେତ୍ରୀୟ ସଂଯୋଜକ ତଥା ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟ ପଟିଆର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତ ଘୋଷଣା କରିଥିଲେ।

## ଓୟୁଏଟିରେ ଆଇସିଏଆର ନୋଡାଲ ଅଫିସରଙ୍କ ସମ୍ମିଳନୀ



ଭୁବନେଶ୍ୱର, ୧୭।୪(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଭୁବନେଶ୍ୱରର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷଠାରେ ଦୁଇଦିନିଆ ଆଇସିଏଆର ନୋଡାଲ ଅଫିସରମାନଙ୍କର ଆଲୋଚନାମୂଳକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଦେଶବ୍ୟାପୀ କୃଷି ଶିକ୍ଷାର ସୁଦୃଢ଼ିକରଣ ଏବଂ ଗୁଣଗତ ନିଶ୍ଚିତତା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ଉପରେ ଗଭୀର ଆଲୋଚନା ହୋଇଛି। ଉଦଘାଟନୀ ଅଧିବେଶନରେ ଭାରତୀୟ କୃଷି ଗବେଷଣା ପରିଷଦର କୃଷି ଓ ଶିକ୍ଷାବିଭାଗର ଉପମହାନିର୍ଦ୍ଦେଶକ ଡ଼ ଜୟକୃଷ୍ଣ ଜେନା ସ୍ୱାଗତ ଭାଷଣ ଦେଇ ସଭାର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଉଦଘାଟନୀ ଅଭିଭାଷଣ ଦେବା ସହ ଏଭଳି ସମ୍ମିଳନୀ ପ୍ରତ୍ୟକ ବିଶ୍ୱବିଦ୍ୟାଳୟ ପାଇଁ ଅନେକ ସହାୟକ ହୋଇପାରିବ ବୋଲି ମତ ରଖିଛନ୍ତି। ସଭାରେ ଆଇସିଏଆରର ଏଡିଜି ଡ. ଏ ଏସ୍ ଯାଦବ ଯୋଗ ଦେଇ ଦୁଇ ଦିବସୀୟ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ମତ ରଖିଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ୮୦ରୁ ଅଧିକ ଆଇସିଏଆର ନୋଡାଲ ଅଫିସର ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି। ବିଭିନ୍ନ ବିଷୟରେ ଟେକ୍ନିକାଲ ସେସନ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ଆମ ଓଡ଼ିଶାର ବିଷୁବ ମିଳନ



ଭୁବନେଶ୍ୱର, ୧୭।୪(ସମିସ): ଓଡ଼ିଆ ଜାତିର ଭାଷା, ସାହିତ୍ୟ, ସଂସ୍କୃତି କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଓଡ଼ିଆ ଅସ୍ମିତା ଆମକୁ ପରିଚୟ ପ୍ରଦାନ କରେ ବୋଲି କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭା ଗୃହରେ 'ଆମେ ଓଡ଼ିଆ'ର ବିଷୁବ ମିଳନ ସଭାରେ ମତ ପ୍ରକାଶ ପାଇଛି। ସଭାପତି ଡ଼. ରବି ନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଳନରେ ମୁଖ୍ୟ ଅତିଥି ପ୍ରଶାସକ ରଘୁନାଥ ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ଶରତ ଚନ୍ଦ୍ର ରଥ, ସମ୍ମାନିତ ଅତିଥି କବି ଡ଼. ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ 'ଆମେ ଓଡ଼ିଆ' ର ସାଧାରଣ ସମ୍ପାଦକ ଡ଼. ରମେଶ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ ଡ଼. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ଡ଼. ଜେନାମଣି ସଞ୍ଜୀବ କୁମାରଙ୍କ ସଂଯୋଜନାରେ କୋଡ଼ିଏରୁ ଅଧିକ କବି ସ୍ୱରଚିତ କବିତାପାଠ କରିଥିଲେ।

## ଡାଲମିଆ ଭାରତ ଫାଉଣ୍ଡେସନ୍ ଭୁବନେଶ୍ୱରରେ ଖୋଲିଲା ୨ ଆବାସିକ ଦିକ୍ଷା କେନ୍ଦ୍ର

ଭୁବନେଶ୍ୱର, ୧୭।୪(ସମିସ): ଡାଲମିଆ ଭାରତ ଲିମିଟେଡ୍ର କର୍ପୋରେଟ ସାମାଜିକ ଦାୟିତ୍ୱ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ୍ (ଡିବିଏଫ୍), ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି (ଓଏସ୍ଡିଏ) ସହଯୋଗରେ ଭୁବନେଶ୍ୱରରେ କଣ୍ଟାବାଡ ଓ ଘଙ୍ଗାପାଟଣାରେ ଦୁଇଟି ନୂତନ ଦିକ୍ଷା କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। ସ୍ଥାୟୀ ଜୀବିକା ସୃଷ୍ଟିରେ ଡିବିଏଫ୍ର ଦୃଢ଼ ପ୍ରତିବଦ୍ଧତା ସହ ଏହି କେନ୍ଦ୍ରଗୁଡିକରେ ସିଲାଇ ମେସିନ୍ ଅପରେଟର୍ ବୃତ୍ତିରେ ପ୍ରଶିକ୍ଷଣ ଦିଆଯିବ। ବିଶେଷକରି ମହିଳାମାନଙ୍କ ପାଇଁ ଏହା ନିଯୁକ୍ତିର ଏକ ସୁଯୋଗ ଅଟେ। ସାହାନା କ୍ଲୋଥିଙ୍ଗ କମ୍ପାନୀ ଲିମିଟେଡ୍ ଓ ଆର୍ମଷ୍ଟ୍ରଙ୍ଗ କ୍ଲୋଥିଙ୍ଗ କମ୍ପାନୀ ଲିମିଟେଡ୍ ସହ ବୁଝାମଣାପତ୍ର ମାଧ୍ୟମରେ ଏହି କେନ୍ଦ୍ରଗୁଡିକ କାର୍ଯ୍ୟକାରୀ ହୋଇଥିବା ବେଳେ ପ୍ରତିବର୍ଷ ୯୦୦ ଯୁବକ-ଯୁବତୀଙ୍କୁ ପ୍ରଶିକ୍ଷଣର କ୍ଷମତା ରହିଛି। ତେବେ ମହିଳାମାନଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯିବ ଏବଂ କ୍ୟାପ୍ଟିଭ୍ ନିଯୁକ୍ତି ସୁଯୋଗ ମାଧ୍ୟମରେ ୧୦୦% ପ୍ଲେସମେଣ୍ଟ ସହାୟତା ଏବଂ ଶିଳ୍ପ-ସମର୍ଥିତ ତାଲିମ ପ୍ରଦାନ କରିବ। ଏହି ନୂତନ କେନ୍ଦ୍ରଗୁଡିକ ସହିତ ଓଡ଼ିଶାରେ ଡାଲମିଆ ଭାରତ ଫାଉଣ୍ଡେସନ୍ର ଦିକ୍ଷା କେନ୍ଦ୍ର ସଂଖ୍ୟା ୮ରେ ପହଞ୍ଚିଛି। ଏହି କେନ୍ଦ୍ରଗୁଡିକୁ ସୁବାଶିଷ ବେହେରା (ଓଏସ୍ଡିଏ)ର ଡିଏସ୍ଡିଇଓ, ଭୁବନେଶ୍ୱର, ଓଏସ୍ଡିଏ ର ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ ପ୍ରଧାନ, ସାହାନା କ୍ଲଥ୍ କମ୍ପାନୀ ଲିମିଟେଡର ବରିଷ୍ଠ ପରିଚାଳକ ଦୁର୍ଗା ମାଧବ ସୁବୁଦ୍ଧି, ଡିବିଏଫ୍ ସିଇଓ ଅଶୋକ କୁମାର ଗୁପ୍ତା ପ୍ରମୁଖ ଉଦଘାଟନ କରିଛନ୍ତି। ଓଡ଼ିଶାରେ ଆମର ଏହି ପଦକ୍ଷେପ ରାଜ୍ୟର ଯୁବ ସମାଜ ପାଇଁ ନୂଆ ଦିଗ ଖୋଲିବ ବୋଲି ଡିବିଏଫ୍ ସିଇଓ ଅଶୋକ କୁମାର ଗୁପ୍ତା କହିଛନ୍ତି।

- ବୟନ କ୍ଷେତ୍ରରେ ଯୁବକ-ଯୁବତୀଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ହେବ
- ପ୍ରତିବର୍ଷ ୯୦୦ ଯୁବକ-ଯୁବତୀଙ୍କୁ ପ୍ରଶିକ୍ଷଣ, ମହିଳାଙ୍କ ଅଂଶଗ୍ରହଣକୁ ବିଶେଷ ଗୁରୁତ୍ୱ



## 'ଗଛମଣିଷ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୭।୪(ସମିସ): ପକ୍ଷୀଘର ପ୍ରକାଶନୀର ପ୍ରେକ୍ଷାଳୟରେ 'ଗଛ ମଣିଷ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଡ. ଶ୍ରୀଚନ୍ଦନଙ୍କ ଉପରେ ୧୦୦ଜଣ କବି ଲେଖିଥିବା କବିତା ଏହି 'ଗଛ ମଣିଷ ସଂକଳନରେ ସ୍ଥାନ ପାଇଛି। ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଜନ୍ମଦିନରେ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ସାହିତ୍ୟକ ଅଜୟ ସ୍ୱାଇଁ, ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ବିଶିଷ୍ଟ କବି ମଙ୍ଗଳା ପ୍ରସାଦ ପ୍ରଧାନ, କବି ଅଶୋକ ପୁହାଣ, ପକ୍ଷୀଘର ମୁଖ୍ୟ ସମ୍ପାଦକ ତଥା ସାହିତ୍ୟକ ବନୋଜ ତ୍ରିପାଠୀ, ଉପସ୍ଥିତ ରହିଥିଲେ। ଏହି ଉତ୍ସବରେ ପକ୍ଷୀଘର ପ୍ରତିକାର ସମ୍ପାଦକ ବନୋଜ ତ୍ରିପାଠୀ ଡ. ଶ୍ରୀଚନ୍ଦନଙ୍କ ବୃକ୍ଷରୋପଣ ପ୍ରତି ଆନ୍ତରିକତା ଓ ଜୀବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।

**ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଯାପିତ**

# ଦୁଃସାହସିକ ମାଲ୍‌ଖମ୍ବ କ୍ରୀଡ଼ା ମୁଖ୍ୟ ଆକର୍ଷଣ



- ୭୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର
- ସର୍ବାଧିକ ବିକ୍ରି: ସୃଜନୀ ପିଜି କେନ୍ଦାପଡ଼ା
- ଶ୍ରେଷ୍ଠ ଅଭିନବ ଷ୍ଟଲ: ବାଉଁଶ ପ୍ରଡ୍ୟୁସର୍ ଗ୍ରୁପ୍

ବାରିପଦା, ୧୭ ।୪(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ୫ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ ହୋଇଛି। ଉକ୍ତ ମେଳାରେ ୭୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି। ମେଳାରେ ସର୍ବାଧିକ ଉତ୍ପାଦ ବିକ୍ରିରେ କେନ୍ଦ୍ରାପଡ଼ାର ସୃଜନୀ ପିଜି, ଶ୍ରେଷ୍ଠ ଡିସପ୍ଲେ ଆର୍ଟିଷ୍ଟ ଭାବେ ଗୋପୀନାଥ ସାହୁ (ଗୁଣପୁର, ରାୟଗଡ଼ା), ଶ୍ରେଷ୍ଠ ଅଭିନବ ଷ୍ଟଲ୍ ବାଉଁଶ ପ୍ରଡ୍ୟୁସର୍ ଗ୍ରୁପ୍, ବାଙ୍ଗିରିପୋଷି ପୁରସ୍କୃତ ହୋଇଛନ୍ତି। ସେହିପରି ବିଭିନ୍ନ ଫଟୋଗ୍ରାଫି ଓ କ୍ଷୁଦ୍ର ଭିଡିଓ (ରିଲ୍ସ) ନିର୍ମାଣରେ ସଟର ସଲ୍ ଗ୍ରୁପ୍ (ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ, ତକତପୁର) ପୁରସ୍କୃତ ହୋଇଛି। ଶ୍ରେଷ୍ଠ ପ୍ରଦର୍ଶନୀରେ କୃଷି ଓ କୃଷକ ସଶକ୍ତୀକରଣ, ଶ୍ରେଷ୍ଠ ଅଭିନବ ଉତ୍ପାଦ ଷ୍ଟଲ୍ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ମୟୂରଭଞ୍ଜ, ଶ୍ରେଷ୍ଠ ସାମାଜିକ ସଚେତନତାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବାରିପଦା ପୁରସ୍କୃତ ହୋଇଛନ୍ତି।

ସେହିପରି ମୁରୁଜ ପ୍ରତିଯୋଗିତାରେ ବିଜୟା ମୁର୍ମୁ, ହୁଳହୁଳିରେ ଦୀପ୍ତିରେଖା ଦେଓ, ଶଙ୍ଖ ଫୁଙ୍କାରେ ମଲିକ ପଲ୍, ହନୁମାନ ଚାଳିଶାରେ ଶ୍ରୟାଂଶୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏ ଅବସରରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ କାଳବେରିଆ ନୃତ୍ୟ (ରାଜସ୍ଥାନ), ବଜାଶାଲ୍ ନୃତ୍ୟ (କଳାହାଣ୍ଡି କଟପ୍ପା ଦଳ) ସମେତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜର ନୃତ୍ୟ ପରିବେଷଣ କରିଥିଲେ। ସେହିପରି ହାଇଦ୍ରାବାଦର ଦୁଃସାହସିକ କ୍ରୀଡ଼ା ମାଲ୍‌ଖମ୍ବ ପ୍ରଦର୍ଶନ ସମସ୍ତଙ୍କୁ ବିମୋହିତ କରିଥିଲା। ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ କରଞ୍ଜିଆ ଡ ଦୟାସିନ୍ଧୁ ପରିଡ଼ା, ବାରିପଦା ତହସିଲଦାର ସପନ ସାହୁ, ସ୍ୱତନ୍ତ୍ର ଭୂ-ଅର୍ଜନ (ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ) ଅଧିକାରୀ ଲଲାଟେନ୍ଦୁ ସି, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସାମାଜିକ ସମୀକ୍ଷକ ପ୍ରଦୀପ ଚକ୍ରବର୍ତ୍ତୀ, ଜୀବନଜୀବିକା ପ୍ରକଳ୍ପ ମ୍ୟାନେଜର ମଧୁସ୍ମିତା ଭୂୟାଁ, ଡେପୁଟି ସିଇଓ (ଓରମାସ୍) ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଲାଲଗଞ୍ଜରେ ନବମ ବାଆ ବୋଙ୍ଗା ପର୍ବ ଉଦ୍‌ଯାପିତ

ବାରିପଦା, ୧୭ ।୪(ସମିସ):ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଲାଲଗଞ୍ଜ ଗ୍ରାମରେ ଆଦିବାସୀ ସମୁଦାୟର ପ୍ରାଚୀନ ପରମ୍ପରା, ପ୍ରକୃତି ପ୍ରତି ଆଦର ଓ ସାମୂହିକ ଏକତାର ପ୍ରତୀକ ବାଆ ବୋଙ୍ଗା ପରବର ୯ମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଛି। ଏହି ତିନିଦିନିଆ ପରବରେ



ଗ୍ରାମବାସୀଙ୍କ ମଧ୍ୟରେ ସାଂସ୍କୃତିକ ଉତ୍ସାହକୁ ଜୀବନ୍ତ କରିଥିଲା। ପ୍ରଥମ ଦିନ ପ୍ରକୃତି ଉପାସନାର ଅଲୌକିକ ଚିତ୍ର ଦେଖିବାକୁ ମିଳିଥିଲା। ଗ୍ରାମର ପାରମ୍ପରିକ ପୂଜକ ପାହାନଙ୍କ ନେତୃତ୍ୱରେ ଗ୍ରାମବାସୀ ଜଙ୍ଗଲକୁ ଯାଇ ଶାଳ ଗଛକୁ ପୂଜା କରିଥିଲେ। ଫୁଲରେ ଭରିଥିବା ଶାଳ ଡାଳକୁ ଗୀତ, ଢୋଲ ଓ ନୃତ୍ୟ ସହ ଗ୍ରାମକୁ ଆଣାଯାଇଥିଲା। ଯାହା ପ୍ରକୃତି ସହ ଆଦିବାସୀଙ୍କ ଗଭୀର ସମ୍ପର୍କକୁ ପ୍ରକାଶ କରେ। ଦ୍ୱିତୀୟ ଦିନ ଶାଳଫୁଲ ପ୍ରତ୍ୟେକ ପରିବାରକୁ ବଣ୍ଟନ କରାଯାଇ ଘରେ ଘରେ ପୂଜାର ଆୟୋଜନ ହୋଇଥିଲା। ପରେ ଗ୍ରାମର ପବିତ୍ର ସାର୍ନାରେ ପାହାନଙ୍କ ଦ୍ୱାରା ସମୂହ ପୂଜା ହୋଇଥିଲା। ଏହି ପୂଜାରେ ବୁରୁ ବୋଙ୍ଗା ଓ ଧରତୀ ଆବା ବିର୍ସା ମୁଣ୍ଡା ବୋଙ୍ଗାଙ୍କୁ ଆହ୍ୱାନ କରାଯାଇ ଗ୍ରାମର ଶାନ୍ତି, ସମୃଦ୍ଧି ଓ ସମ୍ପ୍ରତି ପାଇଁ ପ୍ରାର୍ଥନା କରାଯାଇଥିଲା। ତୃତୀୟ ଦିନ ପରବର ସାଂସ୍କୃତିକ ରୂପ ସର୍ବୋଚ୍ଚ ଶିଖରକୁ ପହଞ୍ଚିଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା ମୁଣ୍ଡାରୀ ସାଂସ୍କୃତିକ ଦଳ ପାରମ୍ପରିକ ପୋଷାକରେ ଲୋକନୃତ୍ୟ ଓ ଲୋକଗୀତ ପ୍ରଦର୍ଶନ କରି ସମସ୍ତଙ୍କୁ ମୋହିତ କରିଥିଲେ। ବିରବଲ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର କେନ୍ଦ୍ରୀୟ ସଂଯୋଜକ, ମୁଖ୍ୟଅତିଥି ଭାବେ ଯୋଗଦେଇ ପରବର ସାଂସ୍କୃତିକ ମୂଲ୍ୟକୁ ଉଲ୍ଲେଖ କରିଥିଲେ। ସୁନାରାମ ସିଂ ଶଶ, ସୁଗାଲ୍ ସାଙ୍ଗମ୍ ସଭାପତି, ରାମେଶ୍ୱର ଚାଲାକି ସମ୍ପାଦକ, ଦାଶରଥ ସିଂ, ୨୨ ନଂ ଜିଲ୍ଲା ପରିଷଦ, ମଧୁସୂଦନ ସିଂ, ୪୯ନଂ ଜିଲ୍ଲା ପରିଷଦ ଓ ମନୋଜ ମୁଣ୍ଡା, ଉପଦେଷ୍ଟା ଭାରତ ମୁଣ୍ଡା ସମାଜ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ ସିଂ ସଂଯୋଜନା କରିଥିଲେ। ଡାକ୍ତର ସିଂ, ଖାଲିପା ସିଂ, ତାରୁଲତା ସିଂ, ରୁକ୍ମଣୀ ସିଂ, ରଶ୍ମିତା ସିଂ ଓ ଉଦଗା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**● ବେଆଇନ ଗାଡ଼ି ବନ୍ଧକ ରଖିବା ଘଟଣା**

# ଜଣେ ଅଟକ; ୧୯ ବାଇକ୍ ଓ ୧ ଅଟୋ ଜବତ

ବୈଶିଙ୍ଗା, ୧୭।୪(ସମିସ): ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ଗ୍ରାମର ରଘୁନାଥ ଦାସଙ୍କ ଘରେ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ପୁଲିସର ଏକାଧିକ ଟିମ ଅଚାନକ ଚଢ଼ଉ କରିଛନ୍ତି। ଚଢ଼ଉ କରି ଘର ଭିତରେ ଥିବା ଏକାଧିକ କମ୍ପାନୀର ନୂଆ ପୁରୁଣା ୧୯ଟି ବାଇକ ସମେତ ଗୋଟିଏ ଅଟୋ ଜବତ କରାଯାଇଛି। ରଘୁନାଥଙ୍କ ପୁଅ ବେଆଇନ ଭାବେ ଲୋକଙ୍କଠାରୁ ଗାଡ଼ି ବନ୍ଧକ ରଖି ଟଙ୍କା ସୁଧରେ ଦେଉଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଏହି ଚଢ଼ଉ କରିଥିଲା। ତଦନ୍ତ ପରେ ଅସଲ ଘଟଣା ସାମ୍ନାକୁ ଆସିବ ବୋଲି କହିଛନ୍ତି ଥାନା ଅଧିକାରୀ ବାରିଣୀ ଦାସ। ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତ ରଘୁନାଥ ଦାସଙ୍କ ପୁଅ ଅଜିତକୁ ପୁଲିସ ଅଟକ ରଖିଛି।

# ଭଞ୍ଜସେନା ପକ୍ଷରୁ ମହମବତି ଶୋଭାଯାତ୍ରା

ବାରିପଦା, ୧୭ ।୪(ସମିସ): ସରକାରୀ ଅବହେଳାରୁ ମୃତ୍ୟୁବରଣ କରିଥିବା ଜିଲ୍ଲାର ଝିଅ ସ୍କୁଲ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ମୃତ୍ୟୁରେ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଜିଲ୍ଲା ତମାମ ଶତାଧିକ ଜାଗାରେ କ୍ୟାଣ୍ଡେଲ ଜାଳି ମୃତ୍ୟୁବରଣ କରିଥିବା ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ବାରିପଦା ସହର ଓ ଏହା ପାଖାପାଖି ଅଞ୍ଚଳରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ତତ୍ତ୍ୱାବଧାନରେ ଆୟୋଜତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତି ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସକେ ରାଜାଖାନ, ଉପସଭାପତି ପ୍ରୀତମ ପଣ୍ଡା, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, ବରିଷ୍ଠ ସଦସ୍ୟ ସିଙ୍ଗରାୟ ହେମ୍ବ୍ରମ, ପଙ୍କଜ କରଣ, ମନୋଜ ପାତ୍ର, ଅମିତ କୁମାର, ସଞ୍ଜୟ ମହାର୍ଣ୍ଣ, ସଞ୍ଜୟ ମହାନ୍ତ, ଦୀପକ ବେହେରା, ଜିତୁ ସିଂ, ରୁଦ୍ର ପଟନାୟକ, ଗୌରାଙ୍ଗ ଘଡେଇ, ପ୍ରଶାନ୍ତ ଦାସ, ମୁକ୍ତିଦତ୍ତ ପରିଡ଼ା, ସୋନୁ ରାମ, ସତ୍ୟ ପୃଷ୍ଟି, ରାକେଶ ଆଚାର୍ଯ୍ୟ, ମନୋରଞ୍ଜନ ସାହୁ, ଓମପ୍ରକାଶ ବାରିକ, ଲିପୁନ ପୃଷ୍ଟି, ଉମେଶ ପ୍ରଧାନ, ପ୍ରିୟାଂଶୁ ଖଟୁଆ, ପ୍ରଦୀପ ପଣ୍ଡା, ଶିବୁ ସିଂ, ସମୀର ରାଉଳ, ଏମ ଡି ରାଜା, ଅନନ୍ତ ଘଡେଇ, ସମ୍ପଦ ପୃଷ୍ଟି, ସୌମ୍ୟରଞ୍ଜନ ଦାସବାବୁ ପ୍ରମୁଖ ବିଭିନ୍ନ ଅଞ୍ଚଳରେ ନେତୃତ୍ୱ ନେଇଥିଲେ। ଏଭଳି ଅବ୍ୟବସ୍ଥା ଉପରେ ସରକାରୀ ସ୍ତରରେ ସମ୍ପୂର୍ଣ୍ଣ ଭାବେ ରୋକ ନ ଲାଗିଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉନ୍ନତି ନିମନ୍ତେ ଆସୁଥିବା କେନ୍ଦ୍ରୀୟ ଓ ରାଜ୍ୟର ସମସ୍ତ ଯୋଜନା ଯୋଗାଇଦେବା ଦାୟିତ୍ୱରେ ଥିବା ଜିଲ୍ଲାର ୪ଟି ଆଇଟିଡିଏ କାର୍ଯ୍ୟାଳୟ ସମେତ ବାରିପଦାସ୍ଥ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଅଚଳ କରାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ପ୍ରେସ ବିବୃତିରେ ଜଣାଇଛନ୍ତି।

# ରାଇରଙ୍ଗପୁର ଓ ଆଖପାଖ ଅଞ୍ଚଳରେ ଏମ୍ସ ସହଯୋଗରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟସେବା

ବାରିପଦା/ରାଇରଙ୍ଗପୁର, ୧୭ ।୪(ସମିସ): ମୟୂରଭଞ୍ଜ ଆଖପାଖ ଅଞ୍ଚଳର ଲୋକଙ୍କୁ ଏମ୍ସ ଭୁବନେଶ୍ୱର ସହାୟତାରେ ବିଭିନ୍ନ ପ୍ରକାରର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏଥିନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତରେ ରାଜ୍ୟ ଲୋକସେବା ଭବନ ସଭାଗୃହରେ ଏମ୍ସ ଓ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଡଃ ମହାଲିଙ୍ଗ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପ୍ରେରଣାରେ ଏହି ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଫଳରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏମ୍ସ ସହଯୋଗିତାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ। ରାଇରଙ୍ଗପୁର ଅଞ୍ଚଳ ସହିତ କେନ୍ଦୁଝର, ମୟୂରଭଞ୍ଜ ଓ ଆଖପାଖ ଜିଲ୍ଲାର ଅଧିବାସୀ ଉପକୃତ ହେବେ। ରାଇରାଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ୍ ନିର୍ମାଣରେ ଏମ୍ସ ସହାୟତା ଯୋଗାଇବ। ଏଥିସହ ରୋଗୀଙ୍କର ଚାହିଦା ଅନୁଯାୟୀ ବିଭିନ୍ନ ସ୍ପେସିଆଲିଷ୍ଟ ବିଭାଗ ବର୍ହିରୋଗ ଚିକିତ୍ସା ସେବା, ମାସିକ/ଦ୍ୱିମାସିକ ଭିତ୍ତିରେ ମେଡିକାଲ କ୍ୟାମ୍ପ, ଦନ୍ତ ଚିକିତ୍ସା ଶିବିର, ଚକ୍ଷୁ ଚିକିତ୍ସା, ସଂକ୍ରାମକ ରୋଗ ସେବା ଶିବିର ଆୟୋଜନ କରାଯିବ। ଟେଲି ଯୋଗାଯୋଗ ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା, ଜରୁରୀ ସ୍ଥିତିରେ ଭୁବନେଶ୍ୱର ଏମ୍ସକୁ ରୋଗୀଙ୍କ ସ୍ଥାନାନ୍ତର ସୁଗମ ଓ ସହଯୋଗ କରିବା ଆଦି ଏହି ବୁଝାମଣା ପତ୍ରର ମୁଖ୍ୟ ଅଂଶ।



ଏହି ବୁଝାମଣା ପତ୍ର ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ବଡ଼ଧରଣର ରୂପାନ୍ତରଣ ହେବ। ଏମ୍ସ ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ, ଓଡ଼ିଶା ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ. ପ୍ରଦୀପ ଗୁରୁ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଉପଶାସନ ସଚିବ ଅରୁଣା ତ୍ରିପାଠୀ ସଭା ଧନ୍ୟବାଦ ଜ୍ଞାପନ କରିଥିଲେ।

# ରୋଡଙ୍ଗରେ ପାରମ୍ପରିକ ଛଉ ନୃତ୍ୟ ଉତ୍ସବ



କରଞ୍ଜିଆ, ୧୭।୪(ସମିସ): କରଞ୍ଜିଆ ବ୍ଲକ ରୋଡଙ୍ଗ ଗ୍ରାମର ବହୁ ପୁରାତନ ଜଟେଶ୍ୱର୍ ଛଉ ନୃତ୍ୟ ପ୍ରତିଷ୍ଠାନ କଳାକାର ବିଭିନ୍ନ ପୌରାଣିକ କାହାଣୀ ଉପରେ ନିଜର କଳା ପ୍ରଦର୍ଶନ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇଥିବାବେଳେ ନିମନ୍ତ୍ରିତ ରାଇରଙ୍ଗପୁର ଛଉ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଆକର୍ଷଣୀୟ ଛଉ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦ରୁ ୧୪ ତାରିଖ ମହାବିଷୁବ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ୫ ଦିନ ବ୍ୟାପି ଏହି ଛଉ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବୈଶାଖୁ ନାଏକ ମଞ୍ଚ ସଜ୍ଜା, ବାଦ୍ୟଯନ୍ତ୍ରରେ ହାଇବ୍ରୁ ନାଏକ, ଶୁକଦେବ ନାଏକ, ଲୋକ ସମ୍ପର୍କରେ ସହଯୋଗିତା ଉମାକାନ୍ତ ନାଏକ, ମହେଶ୍ୱର ନାଏକ, ଦୁର୍ଯୋଧନ ନାଏକ, ଦିପୁ ନାଏକ, ଦୁର୍ମନ୍ ନାଏକ ଝିଅ ନୃତ୍ୟ ଶିଳ୍ପୀଙ୍କ ମଧ୍ୟରେ ବିନି, ମେଘନୀ, ନୈନା, ଜିନା, ଟୁଇଁକିଲ, ପିଙ୍କି, ପ୍ରିୟା, ଶୁଭ, ରାକ୍ଷୀ, ତନୁ ଓ ସୁଷମା ଅଂଶଗ୍ରହଣ କରିଥିଲେ। ଗାଲଫୁଲା ଗ୍ରାମର ପରମେଶ୍ୱର ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷକ ନେତାଙ୍କ ବିୟୋଗରେ ଶୋକସଭା

ବାରିପଦା, ୧୭ ।୪(ସମିସ): ରାଜ୍ୟ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ରଙ୍କ ବିୟୋଗରେ ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଏକ ଶୋକସଭା ସଂଘର ଉପସଭାନେତ୍ରୀ କଳ୍ପନା ଷଡଙ୍ଗୀଙ୍କ ପୌରୋହିତ୍ୟରେ ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସଭାରେ ପ୍ରଦୀପ୍ତ ପଣ୍ଡା, ଶ୍ୟାମସୁନ୍ଦର ଦାସ, ପ୍ରକାଶ ମହାପାତ୍ର, ଅଳକା ମଞ୍ଜରୀ ଭୂୟାଁ, ମେଘମାଳା ବେହେରା ଓ ପ୍ରତିଭା ଦାସ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିବା ସହ ସମସ୍ତ ସଭ୍ୟ ଓ ସଭ୍ୟା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଧାରଣ ସମ୍ପାଦକ ଗଣେଶ୍ୱର ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଖିଚିଂ ମନ୍ଦିର ପ୍ରାଙ୍ଗଣରେ ଜଳାଭାବ, ଶ୍ରଦ୍ଧାଳୁ ହନ୍ତସନ୍ତ




ଖିଚିଂ, ୧୭ ।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ କିଚକେଶ୍ୱରୀଙ୍କ ପବିତ୍ର ପୀଠ ହେଉଛି ଖିଚିଂ। ବର୍ଷ ତମାମ ଏଠାରେ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥା'ନ୍ତି। ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସତ୍ତ୍ୱେ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ତେବେ ଶ୍ରଦ୍ଧାଳୁଙ୍କ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ପ୍ରାୟ ୧୦ ବର୍ଷ ତଳେ ମନ୍ଦିରର ମୁଖ୍ୟ ଫାଟକ ସନ୍ନିକଟରେ ଏସ୍.ଆର୍. ରୁଙ୍ଗଟା ଗ୍ରୁପ୍ ବଦାନ୍ୟତାରେ ଏକ ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଇଥିଲେ ସୁଦ୍ଧା ଅନେକ ଦିନରୁ କୌଣସି କାରଣରୁ ଏହା ଅଚଳ ଅବସ୍ଥାରେ ଥିବାରୁ ପାନୀୟଜଳ ପାଇଁ ଶ୍ରଦ୍ଧାଳୁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହି ଆଧ୍ୟାତ୍ମିକ ପୀଠର ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ଟ୍ୟାଙ୍କକୁ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମହୁଲଡିହା ବିଦ୍ୟାଳୟରେ ସାଇବର ସଚେତନତା



ମହୁଲଡିହା, ୧୭।୪(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମହୁଲଡିହା ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୀତାମଣି ହାଁସଦାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଇଆଇସି ତୁଷାର ନାୟକ ଯୋଗ ଦେଇଥିଲେ। ଆଇଆଇସି ଶ୍ରୀ ନାୟକ ମୋବାଇଲ ଫୋନର ବ୍ୟବହାର, ଅଜଣା ବ୍ୟକ୍ତିଙ୍କୁ ଓଟିପି, ଏଟିଏମ୍ କାର୍ଡ ନମ୍ବର, ପାସ୍ ବହି ନମ୍ବର ନ ଦେବାକୁ ପରାମର୍ଶ ଦେଇଥିଲେ। ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପୁଲିସ ସୁରକ୍ଷା ଯୋଗାଇ ଦେବା ପାଇଁ ପିଲାଙ୍କୁ ପୁଲିସ ଫୋନ ନମ୍ବର ସହ ନିଜ ମୋବାଇଲ ଫୋନ ନମ୍ବର ଦେଇଥିଲେ। ଯେକୌଣସି ସ୍ଥାନରେ ସାଇବର ଠକେଇ କିମ୍ବା ଅପରାଧିକ କାର୍ଯ୍ୟକଳାପ ଗତିବିଧି ଉପଲବ୍ଧ ହେଲେ ପୁଲିସକୁ ଫୋନ୍ କରି ଜଣାଇବା ପାଇଁ କହିଥିଲେ। ଆଇନଶୃଙ୍ଖଳା ଓ ପୁଲିସ ବାବଦରେ ଜିଜ୍ଞାସୀ ଛାତ୍ରଛାତ୍ରୀଙ୍କ ପ୍ରଶ୍ନୋତ୍ତର ମାଧ୍ୟମରେ ପୁଲିସ ଓ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କ ଶଙ୍କା ମୋଚନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ପଦ୍ମାବତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆସାହି ଡିଗ୍ରୀ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ଆଲୋଚନାଚକ୍ର



କପ୍ତିପଦା, ୧୭।୪(ସମିସ): ନୂଆସାହି ଡିଗ୍ରୀ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଓଭରଭିଉ ଅଫ ଆଣ୍ଟିବ୍ୟାକ୍ଟେରିଆଲ ଏଣ୍ଡ ଆଣ୍ଟି ଫଙ୍ଗାଲ ଇଫେକ୍ଟସ ଅଫ ଆଜାଡିରାକ୍ଟା ଇଣ୍ଡିକା' ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଶ୍ରୀମତୀ ସୁଜାତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ଯଶସ୍ୱିନୀ ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଷୟ ବିଶାରଦ ଭାବେ ମେଘାସନ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡଃ ଜିଜ୍ଞାସୁ ରଞ୍ଜନ ସାହୁ ବିଷୟବସ୍ତୁର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପିକା ଇପ୍ସିତା ପଣ୍ଡା ପୱାର ପଏଣ୍ଟ ମାଧ୍ୟମରେ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଅଧ୍ୟକ୍ଷ ଲମ୍ବୋଦର ବାରିକ, ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଡଃ ଶାନ୍ତସୁନ୍ଦର ଆଚାର୍ଯ୍ୟ, ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡଃ ନିବାରଣ ଶତପଥୀ, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପିକା ସ୍ମିତାଶ୍ରୀ ସିଂ ଯୋଗ ଦେଇଥିଲେ। ତୃତୀୟ ବର୍ଷର ଛାତ୍ରୀ ଦେବସ୍ମିତା ପରିଡ଼ା, ଶୁଭ୍ରସରିତା ସିଂ, ବିଭୂସ୍ମିତା ତ୍ରିପାଠୀ ନିଜ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ବିଭାଗୀୟ ଡେମୋନଷ୍ଟ୍ରେଟର ସୁଶ୍ରୀ ସଙ୍ଗୀତା ମହାକୁଡ଼, ସ୍ମିତାଞ୍ଜଳି ପ୍ରଧାନ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏ ଅବସରରେ ଜିଜ୍ଞାସୁ ରଞ୍ଜନ ସାହୁଙ୍କୁ ସମ୍ମାନିତ କରାଯାଇଥିବାବେଳେ ଅଧ୍ୟାପିକା ଇପ୍ସିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଏଟରେ ରକ୍ତଦାନ ଶିବିର; ୩୫ ୟୁନିଟ୍ ସଂଗୃହୀତ

ବାରିପଦା, ୧୭ ।୪(ସମିସ): ସ୍ଥାନୀୟ ମୁର୍ଗାବାଡିସ୍ଥ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଅନାଦି ବିଦ୍ଧାଣି, ସମାଜସେବୀ ଅମର ସେଠୀ ଓ ସୋମନାଥ ସିଂହ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ନିଜେ ଅଧ୍ୟକ୍ଷ ଶ୍ରୀ ଡାକୁଆ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ବେହେରା ଓ ଯୋଗେଶ୍ୱର ଘୋଷ ମହାପାତ୍ର, ଶିକ୍ଷକ ପ୍ରଶିକ୍ଷକ ଭବେଶ ଦେହୁରୀ, ଦିଲ୍ଲୀପ ସିଂ, ସୂର୍ଯ୍ୟେନ୍ଦୁ ଦାସ, ସଞ୍ଜୀବ ପାତ୍ର ଓ ସେକ୍ସନ ଅଫିସର ବନ କୁମାରୀ ସିଂ ପ୍ରମୁଖ ରକ୍ତଦାନ କରି ଛାତ୍ରଛାତ୍ରୀଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଶିବିରରେ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ର ବାରିପଦାର ମେଡିକାଲ ଅଫିସର ଡା. ନୀଳେଶ ଦାସଙ୍କ ନେତୃତ୍ୱରେ ପାର୍ଥସାରଥୀ ମହାନ୍ତ, ଛବି ମହାନ୍ତ,



ପ୍ରଫୁଲ୍ଲ ମାଝୀ, ଶମ୍ଭୁନାଥ ପଲେଇ ରକ୍ତ ସଂଗ୍ରହ କରିଥିଲେ। ରକ୍ତକେନ୍ଦ୍ର ପକ୍ଷରୁ ସମସ୍ତ ରକ୍ତଦାତା ଓ ଅନୁଷ୍ଠାନକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷିକା ଲିପିକା ଦାସ, ସାଗରିକା ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଇକୋ କ୍ଲବ ପକ୍ଷରୁ ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ରାଲି

ଗୋପବନ୍ଧୁନଗର/ଉଦଳା, ୧୭।୪(ସମିସ): ଉଦଳା ଅଞ୍ଚଳର ଜୁଆଳିଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବିରୋଧରେ ସଚେତନତା ରାଲି ଆୟୋଜିତ ହୋଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ସ୍ଲୋଗାନ୍ ମାଧ୍ୟମରେ ପ୍ଲାଷ୍ଟିକ୍ ବ୍ୟବହାର ବିରୋଧରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ସେହିପରି ପ୍ଲାଷ୍ଟିକ୍ ସଫେଇ ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। ଯାହା ଗ୍ରାମବାସୀଙ୍କ ମନରେ ସକାରାତ୍ମକ ପ୍ରଭାବ ପକାଇଥିଲା। ଏଥିସହ ଛାତ୍ରଛାତ୍ରୀ ସିଙ୍ଗଲ ୟୁଜ ପ୍ଲାଷ୍ଟିକ୍ ବିରୋଧରେ ଏକ ନାଟକ ମଞ୍ଚସ୍ଥ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପଲ୍ଲବୀ ବାରିକ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ, ଖାଲାଡ଼ି ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସସ୍ମିତା ବାରିକ ଯୋଗ ଦେଇଥିଲେ। ଇକୋ କ୍ଲବ ଇନଚାର୍ଜ ଓ ରସାୟନ ବିଜ୍ଞାନ ଶିକ୍ଷକ ସୁମନ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**କାକବନ୍ଧ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା**

# ତିନି ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

**୨୧ରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଓ ବିକ୍ଷୋଭ**

ମୋରଡା, ୧୭ ।୪(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବାସି ବିଷାକ୍ତ ଖାଦ୍ୟ ଖାଇ ପଞ୍ଚମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରା ମୃତ୍ୟୁବରଣ କରିବା ଘଟଣାକୁ ନେଇ ଶୁକ୍ରବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଜିତ ଜେନା, ମୋରଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରାଉତ ମୋରଡା ବ୍ଲକର ଚିତ୍ରଡାରେ ଥିବା ସାମ୍ବାଦିକ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରଶାସନ ଓ ସରକାରଙ୍କ ଉପରେ ବର୍ଷିଛନ୍ତି। ଜିଲ୍ଲାର ତିନି ମନ୍ତ୍ରୀ ଇସ୍ତଫା ଦାବି କରାଯିବା ସହ ୨୧ରେ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ କରାଯିବାକୁ ଘୋଷଣା କରାଯାଇଛି।

କିଛିଦିନ ପୂର୍ବରୁ ମୋରଡା ବ୍ଲକର




କସ୍ତୁରବା ଗାନ୍ଧୀ ସେବାଶ୍ରମରେ ବିଷାକ୍ତ ଖାଦ୍ୟ ଖାଇ ୧୪ ଜଣ ଛାତ୍ରୀ ଅସୁସ୍ଥ ହୋଇଥିଲେ। ତେବେ ପ୍ରଶାସନ କିମ୍ବା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ମହାପାତ୍ର ଅଣଦେଖା କରିବାରୁ ଆଜି ସେମାନଙ୍କ ଭୁଲ ପାଇଁ ୧୪୦ରୁ ଅଧିକ ନିରୀହ ଆଦିବାସୀ ଛାତ୍ରଛାତ୍ରୀ ଅସୁସ୍ଥ ହେବା ସହିତ ଜଣେ ଛାତ୍ରୀ ମୃତ୍ୟୁବରଣ କରିଛି। ମୃତ ଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ସହ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ଯେଉଁ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ଅଭାବନୀୟ କାର୍ଯ୍ୟ ଘଟିଛି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ସ୍ୱାସ୍ଥ୍ୟମନ୍ତ୍ରୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଓ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଦଳ କରିଛି। ଯଦି ପ୍ରଶାସନ କିମ୍ବା ସରକାର ଦାବି ପୂରଣ ନ କରେ, ତେବେ ଆସନ୍ତା ୨୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି। ତେବେ ମନ୍ତ୍ରୀ ପ୍ରତିକ୍ରିୟାରେ କହିଥିଲେ ଘଟଣା ଘଟିବା ଦିନ କୌଣସି ବିରୋଧୀ ଦଳ ନେତାଙ୍କ ଦର୍ଶନ ନ ଥିଲା। ସେ ପ୍ରତିକ୍ରିୟାର ପାଲଟା ଉତ୍ତର ରଖି କହିଛନ୍ତି ମନ୍ତ୍ରୀ ଜାଣିବା ଦରକାର ଘଟଣା ଦିନ ମୋରଡା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସ କରମହାପାତ୍ର ସନ୍ଧ୍ୟା ସମୟରେ ହସ୍ପିଟାଲରେ ପହଞ୍ଚି କର୍ତ୍ତୃପକ୍ଷଙ୍କୁ ତାଗିଦ କରି ପିଲାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ବାରିପଦା ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇବା ପାଇଁ ତାଗିଦ କରିଥିଲେ।

ସକାଳ
THE SAKALA



# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

## ସମ୍ବଲପୁର ବିଜେଡି

**ସମ୍ବଲପୁର, ୧୭।୪ (ସମିସ):** ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜୁ ଜନତା ଦଳ ସଭାପତି ଇଂ ରୋହିତ ପୂଜାରୀଙ୍କ



ଆହ୍ୱାନକ୍ରମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ତଥା ପ୍ରବାଦ ପୁରୁଷ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ସମ୍ବଲପୁର ସହର ରେମେଡ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ବହୁ ବରିଷ୍ଠ ନେତା ଓ କର୍ମୀ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଦଳର ବରିଷ୍ଠ ନେତା ବସନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁରୁବାବୁ ମେହେର, ବେଣୁଧର ଦାସ, ଅଶୋକ ସେନାପତି, ଏମ୍‌ଡି ସନାଉଲ୍ଲା, ଗୋକୁଳ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ସତ୍ୟେନ୍ଦ୍ର ଦାସ, ଶାନ୍ତନୁ ବଡ଼ପଣ୍ଡା, ପ୍ରକାଶ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ବୁଲୁ ତ୍ରିପାଠୀ, ପ୍ରଶାନ୍ତ ଥାପା, ଭାବେଶ ଚାନ୍ଦ, ରବୀନ୍ଦ୍ର ସିଂ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଧର୍ମରାଜ ମରେଇ, ରୁଦ୍ର ଷଡ଼ଙ୍ଗୀ, ବିକାଶ ଖେତି, ମଞ୍ଜୁ ଓରାମ, ଉତ୍ତମ ବାଗ, ସମୀର ପଟ୍ଟନାୟକ, ମହିଳା ଜନତା ଦଳର ରାଜ୍ୟ ଉପ ସଭାନେତ୍ରୀ ଉଷା ପ୍ରଧାନ, ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ମେହେର, ତ୍ରିବେଣୀ ପଣ୍ଡା, ନନ୍ଦିନୀ ପ୍ରଧାନ, ପଦ୍ମା ମହାନନ୍ଦ, ଲିଲିମା ମଲ୍ଲିକ, କୁନ୍ତୀ ସିଂ, ପାରୋ ମୁଣ୍ଡା, ପ୍ରମିଳା ପ୍ରଧାନ, ସସ୍ମିତା ଦୀପ, ପୂଜା ଦେବୀ, ମାମି ଆୟାନ, ସନ୍ତୋଷ ମହାନ୍ତି, ଭାସ୍କର ଦାସ, ବିଜୟ ପଣ୍ଡା, ସଞ୍ଜୟ ବର୍ମା, ପ୍ରଶାନ୍ତ ନାୟକ, ରବି ସେନାପତି, ଗଣେଶ କରାଲୀ, ପ୍ରକାଶ ବେହେରା, ଓଁକାର ନାୟକ, ତପନ ମେହେର, ଭଗବାନ ଓରାମଙ୍କ ସମେତ ବହୁ ସଂଖ୍ୟା କର୍ମକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ।

## ଯୁଯୋମୁରା ବିଜେଡି

ସମ୍ବଲପୁର ଜିଲ୍ଲା ଯୁଯୋମୁରା ବିଜୁ ଜନତା ଦଳ ପକ୍ଷରୁ ବ୍ଲକସ୍ତରୀୟ ଶ୍ରାଦ୍ଧ ଦିବସ ଘେନୁପାଲି ପଞ୍ଚାୟତରେ ପାଳନ କରାଯାଇଛି। ବ୍ଲକର ସମସ୍ତ ପଞ୍ଚାୟତରୁ କର୍ମକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ। ବିଜେଡି ବ୍ଲକ ସଭାପତି ବିନୋଦ କୁମାର ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା।



ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ବାହାମ ପଞ୍ଚାୟତ ସମିତି ସଭ୍ୟ ହରିହର ନାଏକ, ପ୍ରଦୀପ ପରିଡ଼ା, ଡଙ୍ଗରପଡ଼ା ପଞ୍ଚାୟତ ସଭାପତି ପ୍ରତାପ ନାଏକ, ବିରସିଂଗଡ଼ ସଭାପତି ବିପିନ ବେହେରା, କଂସର ସଭାପତି ନନ୍ଦ ରଣଜିତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରଥମେ ବ୍ଲକ ସଭାପତି ଶ୍ରୀ ବଡ଼ପଣ୍ଡା ବିଜୁ ବାବୁଙ୍କ ଦେଶ ଓ ରାଜ୍ୟ ପ୍ରତି ଅବଦାନ ଏବଂ ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟର ବିକାଶ ବିଷୟରେ କହିଥିଲେ। ଆଗାମୀ ଦିନରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂଗଠିତ ଭାବେ ସମସ୍ତେ ପ୍ରସ୍ତୁତି କରିବାକୁ ଶ୍ରୀ ବେହେରା ଉଦ୍‌ବୋଧନ ଦେଇଥିଲେ। ସମସ୍ତେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏସ୍‌ଆଇଆର୍ / ଜନଗଣନାକୁ ଠିକ୍ ଭାବରେ ଆମ ଦଳର କର୍ମକର୍ତ୍ତା ଜନସାଧାରଣଙ୍କୁ ସହଯୋଗ କରିବେ, ସେ ନେଇ ଆଲୋଚନା କରାଯାଇଥିଲା।

ସଭାରେ ଇସମାଇଲ ବଢ଼େଇ, ରାଜକୁମାର ସ୍ୱାଇଁ, ଘନଶ୍ୟାମ ସାହୁ, ସୁବ୍ରତ ବିଶ୍ୱାଳ, ପଦ୍ମଲୋଚନ ରାଉତ, ରୂପେଶ ପାତ୍ର, ଝସକେତନ ନାଏକ, ଅଶ୍ୱିନୀ ନାଏକ, ଅୟସକାନ୍ତ ବଡ଼ପଣ୍ଡା, ଦୟାସାଗର ପ୍ରଧାନ, ଅଶ୍ୱିନୀ ପ୍ରଧାନ, ବିରେନ୍ଦ୍ର ପଶାୟତ, ମନୋଜ ସୁବୁଦ୍ଧ, ଭରତ ଠେଲା, ସୁମନ୍ତ ସାହୁ, ରାଧାକାନ୍ତ ସାହୁ, ପ୍ରଦୀପ ପରିଡ଼ା, ଜୟନାରାୟଣ ଚଇନୀ, ବାବୁଲୁ ନାଏକ, ପ୍ରବୀଣ ସୂପକାର, ସୂର୍ଯ୍ୟନାରାୟଣ ସାହୁ, ସରୋଜ ମାହାଣା ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

## ରେଙ୍ଗାଲି ବିଜେଡି




ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଗୋଶାଳା, ଏସ୍‌ଏଲ୍‌ବି ଫାର୍ମସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ନେତୃତ୍ୱରେ ଆୟୋଜିତ ସ୍ମୃତିସଭାରେ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ରେଙ୍ଗାଲି ବ୍ଲକ ଚେୟାରମ୍ୟାନ ସତ୍ୟନାରାୟଣ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ସୁରଜା ସେଠ, ଫଣିନ୍ଦ୍ର ପଟ୍ଟନାୟକ, ଗୋରେଖ ସାହୁ, ହେମନ୍ତ ପଣ୍ଡା, ଜିତୁ ମିଶ୍ର, ଶ୍ରିହରୀ ନାଗ, ଚିତ୍ତ ମହନ୍ତମ, ସୁରେନ୍ଦ୍ର ନାୟକ, ବଳରାମ ପ୍ରଧାନ, ରାମଦାସ ପ୍ରଧାନ, ଜଗନ୍ନାଥ ତ୍ରିପାଠୀ, ମୃତ୍ୟୁଞ୍ଜୟ ପୁରୋହିତ, ବୁଲୁ ଦେବତା, ଆର୍ତ୍ତ ବାଗ, ଧରଣୀ ରଣା, ଯତୀନ ବାରିକ, ମାନଭଞ୍ଜନ ପଶାୟତ, ସୁରୁବାବୁ ରାଉତ ପ୍ରମୁଖ ବିଜୁ ବାବୁଙ୍କ ଗରିମାମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଚିତ୍ତରଞ୍ଜନ ରାଉଳ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।ବିଧାୟକଙ୍କ ଦ୍ୱାରା ସାନସିଂହାରୀସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ସେବାଶ୍ରମର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ପାଣି ବୋତଲ ଏବଂ ଅନ୍ୟାନ୍ୟ ଆସବାବ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ରେଢାଖୋଲ ବିଜେଡି

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢାଖୋଲ ସହରର ଆଦର୍ଶନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ଶ୍ରାଦ୍ଧବାର୍ଷିକୀ ଦିବସ ପାଳିତ ହୋଇଯାଇଛି। ଶ୍ରାଦ୍ଧ ଦିବସ ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଜୀବନୀ ସମ୍ପର୍କରେ ବରିଷ୍ଠ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, ବରିଷ୍ଠ ଯୁବ ନେତା ଅରୁଣ ପ୍ରଧାନ, କାଉନସିଲର ସୁଧାଂଶୁ ଅମାତ, ପୂର୍ବତନ କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ, ରାଜିବ ଲୋଚନ ପ୍ରଧାନ, ଦେବବ୍ରତ ରାଉଳ, ଦତ୍ତ ବିଶ୍ୱଳ, ଖେଳନିଧି ପ୍ରଧାନ, ସୁନିଲ ସାହୁ, ପ୍ରଦୀପ ଚାଉଳିଆ, ଖିରୋଦ ଖିଲାରି ସମେତ ଅନେକ ବିଜୁ ପ୍ରେମୀ ଉକ୍ତ ସଭାରେ ଉପସ୍ଥିତ ଥିଲେ। ସେହିପରି ଚାରମାଳ ପଞ୍ଚାୟତ ସ୍ଥିତ କେନ୍ଦୁପତ୍ର ଶ୍ରମିକ ଭବନରେ ବିଜେଡି ବ୍ଲକ ସଭାପତି ଉଦିତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଶ୍ରାଦ୍ଧ ଦିବସ ପାଳନ ହୋଇଥିଲା।



# କଫସିରପ୍ ଓ ମଦ ଜବତ, ମହିଳା ଗିରଫ

**ସମ୍ବଲପୁର, ୧୭।୪ (ସମିସ) :** ବୁର୍ଲା ଥାନା ପୁଲିସ ଚଢ଼ଉ କରି ଜଣେ ମହିଳାଙ୍କଠାରୁ କଫସିରପ୍, ମଦ ଓ ନିଶା ଟାବଲେଟ୍ ଜବତ କରିବାସହ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ସୂଚନା ଅନୁଯାୟୀ, ଆଜି ସକାଳେ ବୁର୍ଲା ପୁଲିସ ପାଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜାମପାଲି, ଚାଉଁରପୁରର ବିନୋଦିନୀ ସେଠ (୪୨)ଙ୍କ ଘରପାଖରେ ଚଢ଼ଉ କରିଥିଲା। ଅଭିଯୁକ୍ତଙ୍କଠାରୁ ୩୭ ବୋତଲ ଓନସିରେକ୍ସ କଫସିରପ, ୭ ବୋତଲ ଖୋଲା କଫସିରପ୍, ଗୋଟିଏ ଷ୍ଟ୍ରିପ୍ ନିଶା ବଟିକା ଓ ୨୩ ବୋତଲ ମଦ ଜବତ କରିଛି। ପୁଲିସ ବୁର୍ଲା ଥାନା କେସ ନଂ. ୧୬୨/୧୭-୪-୨୦୨୬ରେ ମାମଲା ରୁଜୁକରି ଅଭିଯୁକ୍ତ ବିନୋଦିନୀ ସେଠଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ସୂଚନା ଦେଇଛି।



# ସମ୍ବଲପୁରରେ ଅଗ୍ନିବର୍ଷା

**ସମ୍ବଲପୁର, ୧୭।୪ (ସମିସ) :** ଗତବର୍ଷ ଭଳି ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ସମ୍ବଲପୁରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବାବେଳେ ଗତମାସ ଶେଷ ସପ୍ତାହ ଓ ଏପ୍ରିଲ ପ୍ରଥମ ସପ୍ତାହରେ କାଳବୈଶାଖୀଜନିତ ଝଡ଼ ଓ ବର୍ଷା ଯୋଗୁଁ କିଛିଟା ଆଶ୍ୱସ୍ତି ମିଳିଥିଲା। ପୁଣିଥରେ ଗତ କିଛିଦିନ ହେବ ସମ୍ବଲପୁରର ତାପମାତ୍ରା ବୃଦ୍ଧି ପାଇଛି। ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ହେଉଛି। ଅତ୍ୟଧିକ ତାପମାତ୍ରା ଏବଂ ପାଣିପାଗ ବିଭାଗର ସତର୍କତାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ୧୮ରୁ ୨୧ / ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳମାନେ ବନ୍ଦ ଘୋଷଣା କରିଛନ୍ତି। ଆଜି ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ରହିଥିଲା। ଗତକାଲିଠାରୁ ଗୋଟିଏ ଡିଗ୍ରୀ କମ୍ ରହିଥିଲେ ହେଁ ଦିନବେଳା ପ୍ରବଳ ରୌଦ୍ରତାପରେ ଲୋକେ କଲବଲ ହେଉଛନ୍ତି। ସକାଳ ୮ଟା ପରେ ବାହାରକୁ ବାହାରି ହେଉ ନ ଥିବାବେଳେ ସନ୍ଧ୍ୟା ପରେ ବି ଉତ୍ତାପ ରହୁଛି। ଏହାସହ ଅସହ୍ୟ ଗୁଳୁଗୁଳି ହେଉଛି। ଏଭଳି ସ୍ଥିତିରେ ପଙ୍ଖା, କୁଲର୍ ଆଦି ଲୋ-ଭୋଲ୍ଟେଜ୍ ପାଇଁ କାମ କରୁନଥିବାବେଳେ ଯୋଗାଣକାରୀ ସଂସ୍ଥାର ଅଘୋଷିତ ବିଦ୍ୟୁତ୍ କାଟ୍ ଜନସାଧାରଣଙ୍କୁ ବାଧକ ହେଉଛି। ପୁଣି ସମ୍ବଲପୁର ସହରାଞ୍ଚଳର କେତେକ ଅଞ୍ଚଳରେ ଜଳ ସଂକଟ ଦେଖାଦେଲାଣି।

**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ଏପ୍ରିଲ ୧୧ | ୩୮.୪ | ୨୨.୦ |
| ଏପ୍ରିଲ ୧୨ | ୪୦.୧ | ୨୧.୨ |
| ଏପ୍ରିଲ ୧୩ | ୪୦.୪ | ୨୪.୩ |
| ଏପ୍ରିଲ ୧୪ | ୪୧.୫ | ୨୫.୦ |
| ଏପ୍ରିଲ ୧୫ | ୪୧.୦ | ୨୫.୦ |
| ଏପ୍ରିଲ ୧୬ | ୪୨.୨ | ୨୬.୭ |
| ଏପ୍ରିଲ ୧୭ | ୪୧.୨ | ୨୭.୮ |

ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ୨୦୨୫ ଏପ୍ରିଲ ୨୨ ତାରିଖରେ ସମ୍ବଲପୁରର ତାପମାତ୍ରା ବର୍ଷର ସର୍ବାଧିକ ୪୪.୬ ଡିଗ୍ରୀ ହୋଇଥିବାବେଳେ ୨୦୨୪ ମସିହା ମେ ମାସ ୩୦ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୬.୨ ଡିଗ୍ରୀ ରେକର୍ଡ କରାଯାଇଥିଲା।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି



**ନାକଟିଦେଉଳ, ୧୭।୪(ସମିସ):** ନାକଟିଦେଉଳ ବ୍ଲକରେ ବ୍ଲକ ପ୍ରଶାସନ ପକ୍ଷରୁ ମନରେଗା ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ବର୍ଷ ୨୫-୨୬ର ଦ୍ୱିତୀୟ ଚକ୍ର ଶୁଣାଣିରେ ଜଙ୍ଗଲ ବିଭାଗର ଅଧିକାରୀମାନେ ଉପସ୍ଥିତ ନଥିବାରୁ ଅନେକ କାର୍ଯ୍ୟର ଶୁଣାଣି ଅଟକି ଥିଲା। ଶିବିରରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବିଡ଼ିଓ ଆକାଶ ରଞ୍ଜନ ସାହୁ, ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ ପ୍ରମୁଖ ଯୋଗ ଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶୁଣାଣି ସହ ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ ସମ୍ବଲପୁର ଆର୍ଟସ କଲେଜ

**ସମ୍ବଲପୁର, ୧୭।୪ (ସମିସ) :** ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ସମ୍ବଲପୁର। ରାଜ୍ୟର ପଶ୍ଚିମାଞ୍ଚଳରେ ସମ୍ବଲପୁର ଶିକ୍ଷା ଓ ସ୍ୱାସ୍ଥ୍ୟର ହବ୍ ପାଲଟିଛି। ଆଇଆଇଏମ୍ ସମ୍ବଲପୁର ଭଳି ଜାତୀୟସ୍ତରୀୟ ଅନୁଷ୍ଠାନଠାରୁ ଆରମ୍ଭ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର), କୃଷି ମହାବିଦ୍ୟାଳୟ, ଉଦ୍ୟାନ କୃଷି ମହାବିଦ୍ୟାଳୟ ଆଦି ସମ୍ବଲପୁରରେ ରହିଥିବାବେଳେ ଏଥିରେ ଯୋଡ଼ି ହେବାକୁ ଯାଉଛି ସମ୍ବଲପୁର ଆର୍ଟସ କଲେଜ। ଜିଲ୍ଲା ପ୍ରଶାସନର ପ୍ରସ୍ତାବକୁ ଅନୁମୋଦନ ମିଳିଥିବାବେଳେ ଆସନ୍ତା ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ପ୍ରଶାସନ ଉଦ୍ୟମରେ ସମ୍ବଲପୁରରେ ସମ୍ବଲପୁର ଆର୍ଟସ ଆଣ୍ଡ କ୍ରାଫ୍ଟସ କଲେଜ ଖୋଲିବାକୁ ଯୋଜନା କରାଯାଇଛି। ଗତଦିନରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ କଳା ପରିଷଦକୁ ଆସିଥିବାବେଳେ ଏନେଇ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା। ଏହାସହ ସବିଶେଷ ଆଲୋଚନା ମଧ୍ୟ ହୋଇଥିଲା। ସମ୍ବଲପୁର କଳା ପରିଷଦ କୋଠାରେ କିଛିଟା ପୁନରୁଦ୍ଧାର ଓ ନିର୍ମାଣ କାର୍ଯ୍ୟ କରାଯାଇ ଏଠାରେ କ୍ଲାସ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ମହଲା କଲେଜ ପାଇଁ ବ୍ୟବହାର ହେବାକୁ ଥିବାବେଳେ ଦ୍ୱିତୀୟ ମହଲାରେ ଶ୍ରେଣୀ କକ୍ଷ ନିର୍ମାଣ କରାଯିବ। ଏଥିରେ ସମ୍ବଲପୁରୀ ପ୍ରଦର୍ଶନ କଳା - ଗୀତ, ନୃତ୍ୟ, ବାଦ୍ୟ, ନାଟକ ଆଦି ଅନ୍ତର୍ଭୁକ୍ତ ରହିବ। ପ୍ରଦର୍ଶନ କଳାରେ ଡିପ୍ଲୋମା ପାଠ୍ୟକ୍ରମ ରହିବ। ଅନ୍ୟ ସବୁଥିରେ ୪-ବର୍ଷିଆ ସ୍ନାତକ ପାଠ୍ୟକ୍ରମ ରହିବ। ସେଗୁଡ଼ିକ ମଧ୍ୟରେ ଟ୍ରେଡିସନାଲ ପେଣ୍ଟିଂ, ସ୍କଲ୍‌ପଚର୍, ପ୍ରିଣ୍ଟମେକିଂ, କ୍ରାଫ୍ଟ ଆଣ୍ଡ ସେରାମିକ୍, ଏପ୍ଲାଏଡ୍ ଆର୍ଟ ଏବଂ ପାରଫର୍ମି ଆର୍ଟ ରହିବ। ଇଂରାଜୀ, ଇତିହାସ, ପରିବେଶ ବିଜ୍ଞାନ ଆଦି ବାଧ୍ୟତାମୂଳକ ବିଷୟ ମଧ୍ୟ ରହିବ। ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଥିବାବେଳେ ଆସନ ସଂଖ୍ୟା ନିର୍ଦ୍ଧାରଣ ଓ ଅନୁମୋଦନ ପରେ ଜଣାପଡ଼ିବ। ଏହି ମହାବିଦ୍ୟାଳୟ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହେବ ସୂଚନା ମିଳିଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସମ୍ବଲପୁର ଆର୍ଟସ କଲେଜ ପାଇଁ ସାମଗ୍ରିକ ଭାବେ ସବୁ କ୍ଷେତ୍ରରେ ପ୍ରକ୍ରିୟା ଚାଲିଛି। ଏନେଇ ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରାଯାଇଛି, ସରକାରଙ୍କ ଅନୁମୋଦନ ମିଳିଲେ ତାହା ଆରମ୍ଭ ହୋଇପାରିବ ବୋଲି ସେ ସୂଚନା ଦେଇଛନ୍ତି।

# ପୁରୀରେ 'ଓଡ଼ିଶା ଗୌରବ ଚନ୍ଦ୍ରଶେଖର ବେହେରା' ଆଲୋଚନାଚକ୍ର

**ସମ୍ବଲପୁର, ୧୭।୪ (ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ଆନୁକୂଲ୍ୟରେ ପୁରୀ ଜିଲ୍ଲା ସ୍କୁଲ, ପୁରୀଠାରେ 'ଓଡ଼ିଶା ଗୌରବ ଚନ୍ଦ୍ରଶେଖର ବେହେରା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସ୍କୁଲର




ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶାର ବରପୁତ୍ର ଚନ୍ଦ୍ରଶେଖର ବେହେରାଙ୍କ ପରି ବ୍ୟକ୍ତିତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କ ସଚେତନତା ପାଇଁ ଏପରି ଆଲୋଚନାଚକ୍ର ଆୟୋଜନ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଲେଖକ ରାମାନୁଜ ପଣ୍ଡା ଭାଷା ଆନ୍ଦୋଳନ ତଥା ସ୍ୱାଧୀନତା ଆନ୍ଦୋଳନରେ ଚନ୍ଦ୍ରଶେଖର ବେହେରାଙ୍କ ଅବଦାନ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ମୁଖ୍ୟ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ, ଜିଲ୍ଲା ଶିକ୍ଷା ଓ ତାଲିମ ଅନୁଷ୍ଠାନ ଚଣ୍ଡେଶ୍ୱର ମହାପାତ୍ର ମଧୁବାବୁ ଓ ଗୋପବନ୍ଧୁଙ୍କ ସମସାମୟିକ ଚନ୍ଦ୍ରଶେଖର ବେହେରା ଏକାଧାରରେ ଜଣେ ସମାଜ ସଂସ୍କାରକ, ଉତ୍ତମ ପ୍ରଶାସକ ଓ ଇଂରେଜ ସରକାର ପାଖରେ ମୁଣ୍ଡ ନ ନୁଆଁଇ ନିର୍ଭୀକ ଭାବେ ନିଜ ମତ ଉପସ୍ଥାପନ କରୁଥିଲେ ବୋଲି କହିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଚନ୍ଦ୍ରଶେଖରଙ୍କ ଲୋକହିତକର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ବିଷୟରେ କହିଥିଲେ। ଏହି ଉପଲକ୍ଷେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କନିଷ୍ଠ ବର୍ଗରେ ସତ୍ୟପ୍ରିୟ କବି ପ୍ରଥମ, ସାଇ ସିରୁଲ ରଥ ଦ୍ୱିତୀୟ ଓ ସାଇ ସମ୍ପନ୍ନା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବର୍ଗରେ ଜସଶ୍ରୀ ସାହୁ ପ୍ରଥମ, ସାଇ ସମ୍ପନ୍ନା ପାଲ ଦ୍ୱିତୀୟ ଓ ସ୍ୱପ୍ନଶ୍ରୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଂସ୍କୃତ ଶିକ୍ଷକ ବିଦ୍ୟାଧର ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ହରପ୍ରିୟା ଜାଲି, ସସ୍ମିତା ମଲ୍ଲିକ, ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ମହୁଲପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ



**କୁଚିଣ୍ଡା, ୧୭।୪(ସମିସ):** ବାମରା ବ୍ଲକ ମହୁଲପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା ଅନ୍ତର୍ଗତ ପିଲାଙ୍କୁ ୟୁନିଫର୍ମ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ବ୍ଲକ ଶିକ୍ଷା ଅଧିକାରୀ ଗୀତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୭୩ ଜଣ ଛାତ୍ରଛାତ୍ରୀଙ୍କୁ ଆଜି ପୋଷାକ ବଣ୍ଟନ କରାଯାଇଥିଲା। ପ୍ରଧାନଶିକ୍ଷକ କିରଣ ପ୍ରକାଶ ନାୟକ, ଶିକ୍ଷକ ମନୋଜ କୁମାର ସାହୁ, ଶିବ କିସାନ, ସରୋଜ କିସାନ, ଶିକ୍ଷୟତ୍ରୀ ଶିବାଞ୍ଜଳି ଅଛି, ସୁପ୍ରିୟା ପଟେଲ, ତୁଳସୀ ଲାକ୍ରା, ବର୍ଷା ସୁନାନୀଙ୍କ ସହ ଆଲୋକ ରଞ୍ଜନ ପଟେଲ, ରାହୁଲ ଦେଓ, ଦୋଲଗୋବିନ୍ଦ ସେଠି, ଗୀତା ସାହୁ ଓ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୁଖ୍ୟମନ୍ତ୍ରୀ କପ୍ ୧୪ ବର୍ଷରୁ କମ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର, ୧୭।୪ (ସମିସ) :** ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ଆନ୍ତଃକ୍ଲବ ମୁଖ୍ୟମନ୍ତ୍ରୀ କପ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆନୁକୂଲ୍ୟରେରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆଜି ବାଳକ ବର୍ଗରେ ଦୁଇଟି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳ ଏମ୍‌ସିସି କ୍ଲବ ଏବଂ ବ୍ଲୁ-ଡାଇମଣ୍ଡ କ୍ଲବ ମଧ୍ୟରେ ହୋଇଥିବାବେଳେ ଏମ୍‌ସିସି କ୍ଲବ ୯-୧ ଗୋଲରେ ବିଜୟୀ ହୋଇଥିଲା। ଆଜିର ମ୍ୟାଚ ପାଇଁ ଜିଲ୍ଲା ରଜକ ସମାଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠ, ସ୍ମୃତିରଞ୍ଜନ ମହାପାତ୍ର, ପୃଥ୍ୱୀରାଜ ବେହେରା, ଜଗବନ୍ଧୁ ବେହେରା, ଅଜଗର ଅଲ୍ଲି, ଲକ୍ଷ୍ମଣ ନାଥ, ରେଖା ଦେ, ରତିକାନ୍ତ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଦୁଇ ଦଳର ଖେଳାଳିଙ୍କୁ ସାକ୍ଷାତ କରିବା ସହ ପ୍ରୋତ୍ସାହିତ କରିଥିଲେ। ଦ୍ୱିତୀୟ ଖେଳ ଆଫତାବ କ୍ଲବ ଏବଂ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ୫-୦ ଗୋଲରେ ବିଜୟୀ ହୋଇଥିଲା। ଉଭୟ ଖେଳକୁ ରେଫରୀ ଭାବେ ସରୋଜ ବାଗ, ଭାରତୀ ଓରାମ, ଅସିତ ସାହୁ, ଅରୁଣ ଭୋଇ ଓ ବିଜୟ ଓରାମ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଓ ଅନ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଜନଗଣନାରେ ପଛୁଆ ବର୍ଗଙ୍କୁ ଉପେକ୍ଷା

# ୨୨ରେ ରାଜଧାନୀରେ ବିକ୍ଷୋଭ

**ସମ୍ବଲପୁର, ୧୭।୪ (ସମିସ)**

ପ୍ରାୟ ୧୪ ବର୍ଷର ବ୍ୟବଧାନ ପରେ ଜନଗଣନା ଏବଂ ଦୀର୍ଘ ୯୪ ବର୍ଷ ପରେ ସମଗ୍ର ଭାରତରେ ଜାତିଗତ ଜନଗଣନା କରାଯାଉଛି। ଜାତିଗତ ଜନଗଣନା କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜନଗଣନାରେ ମୁଖ୍ୟତଃ ଦେଶର ଜନସଂଖ୍ୟା, ସାମାଜିକ, ଆର୍ଥିକ, ଶିକ୍ଷା, ଜାତି, ବୃତ୍ତି ଏବଂ ରହଣି ଆଦି ସ୍ଥିତି ଜାଣିବା ପରେ ଜନସଂଖ୍ୟା ଅନୁପାତରେ ବିଭିନ୍ନ କ୍ଷେତ୍ର ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥାଏ। ତେବେ ଚଳିତ ଜନଗଣନାରେ ସମଗ୍ର ଦେଶରେ ବସବାସ କରୁଥିବା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ଗଣନା କରା ନ ଯିବା ପରିତାପର ବିଷୟ ବୋଲି ରାଜ୍ୟ ଓବିସି ମଞ୍ଚ ସଭାପତି ଶଙ୍କର କୁମାର ପାତ୍ର କହିଛନ୍ତି। ଚଳିତ ଜାତିଗତ ଜନଗଣନାର ୧୩ ନମ୍ବର କଲମ୍‌ରେ ପଚାରାଯାଉଥିବା ପ୍ରଶ୍ନରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଯୋଡ଼ା ନ ଯିବା ଦ୍ୱାରା ଏହା ଜନଗଣନାର ମୂଳ ଲକ୍ଷ୍ୟ ଏବଂ ଗତ ୩୦.୪.୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର କ୍ୟାବିନେଟ କମିଟିରେ ଜାତି ଗଣନାକୁ ଅନ୍ତର୍ଭୁକ୍ତ କରିବାକୁ ନେଇ ହୋଇଥିବା ନିଷ୍ପତ୍ତିର ବିରୁଦ୍ଧାଚରଣ କରୁଛି ବୋଲି ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।



କାକା କାଲେକର, ମଣ୍ଡଳ କମିଶନ, ରୋହିଣୀ କମିଶନ ଓବିସିଙ୍କ ଗଣନା କରିବାକୁ ସରକାରଙ୍କୁ ସୁପାରିଶ କରିଛନ୍ତି ଓ ସୁପ୍ରିମକୋର୍ଟ ମଧ୍ୟ ଜାତିଭିତ୍ତିକ ତଥ୍ୟ ନ ଥିଲେ ଆରକ୍ଷଣ ସମ୍ଭବ ନୁହେଁ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ବର୍ତ୍ତମାନର ସରକାର ଦେଶ ଏବଂ ସମାଜର ସାମଗ୍ରିକ ସ୍ୱାର୍ଥ ଏବଂ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧ ନୁହନ୍ତି ଓ ଏହା ଫଳରେ ଓଡ଼ିଶାରେ ବସବାସ କରୁଥିବା ସାଢ଼େ ୪ କୋଟି ଓଡ଼ିଆଙ୍କ ମଧ୍ୟରୁ ପ୍ରାୟ ୫୨ ପ୍ରତିଶତ ଅର୍ଥାତ ୨ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ପ୍ରଭାବିତ ହେବେ। ଚଳିତ ଜନଗଣନାର ୧୩ ନମ୍ବର କଲମ୍‌ରେ ପଚାରା ଯାଉଥିବା ପ୍ରଶ୍ନରେ ଓବିସି ସାମିଲ କରିବାକୁ ଦାବିନେଇ ଆଗାମୀ ୨୨ ତାରିଖ ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓବିସି ସଦସ୍ୟ ସାମିଲ ହେବେ ବୋଲି ରାଜ୍ୟ ସଭାପତି ଶ୍ରୀ ପାତ୍ର ସୂଚନା ଦେଇଥିଲେ। ଓବିସି ମଞ୍ଚର ପ୍ରବକ୍ତା ବିରଞ୍ଚି ସାହୁ 'ଓବିସି ଜାତି ଗଣନା ନାହିଁ ତ ଜନଗଣନାକୁ ସ୍ୱାଗତ ନାହିଁ' ବୋଲି ପ୍ରକାଶ କରି, ଯଦି ସରକାର ଓବିସିଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ଅଣଦେଖା କରନ୍ତି ତେବେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ବଲପୁର ଜିଲ୍ଲା ଆବାହକ ସରୋଜ ସାହୁ, ସଦସ୍ୟ ଜଟାଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୧୭।୪ (ସମିସ):** ମହାନ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ, ଆଧୁନିକ ଓଡିଶାର ନିର୍ମାତା, ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ସମ୍ବଲପୁରର ଅଇଁଠାପାଲି ଛକ, କାଇଁଶୀର ରୋଡ଼ସ୍ଥିତ କାର୍ଯ୍ୟାଳୟଠାରେ ବିଜୁ ଜନତା ଦଳ ସମ୍ବଲପୁରର ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ନେତା ଇଂ. ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଜୁ ବାବୁଙ୍କ ଫୋଟଚିତ୍ରରେ



ଉପସ୍ଥିତ ସମ୍ବଲପୁର ମହାନଗର ଅନ୍ତର୍ଗତ ବରିଷ୍ଠ ନେତା, ମହିଳା ଓ ଯୁବ ସଂଗଠକ ମାନେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସଂଗଠକ ମାନଙ୍କୁ ଶ୍ରୀ ଦାସ କହିଲେ, ବିଜୁ ବାବୁ ରାଜ୍ୟ ମାନଙ୍କୁ ସେମାନଙ୍କର ଅଧିକାର ଦେବା ପାଇଁ ସର୍ବଭାରତୀୟ ସ୍ତରରେ ଅଭିଯାନ ଚଳାଇଥିଲେ। ତତ୍କାଳୀନ ସରକାରିଆ କମିଶନ ସମ୍ମୁଖରେ ରାଜ୍ୟ ମାନଙ୍କର ଆର୍ଥିକ ସ୍ୱାୟତ୍ତତା ସମ୍ପର୍କରେ ଆଲୋଚନା ସୃଷ୍ଟି କରିଥିଲେ । ଦେଶରେ ଏକ ପ୍ରଗତିଶୀଳ ଧର୍ମନିରପେକ୍ଷ ବିକଳ୍ପ ଗଠନ ନିମନ୍ତେ ସେ ଚୌଧରୀ ଚରଣ ସିଂ, କରୁଣାନିଧି, ଏନଟି ରାମା ରାଓ, ଜ୍ୟୋତି ବାସୁ, ମୁଲାୟମ ସିଂ ଯାଦବ, ଡ଼ ଫରୁଖ ଅବଦୁଲାହା,ଂରାମବିଳାସ ପାଶ୍ୱାନ, ଦେବୀ ଲାଲ, ଲାଲୁ ଯାଦବ ଆଦି ବହୁ ପ୍ରବୀଣ ନେତୃମଣ୍ଡଳୀଙ୍କର ସହିତ ମିଳିତ ଭାବେ ଭିପି ସିଂ, ଇନ୍ଦ୍ର କୁମାର ଗୁଜରାଲ ପ୍ରମୁଖଙ୍କୁ ସଂଯୋଜିତ କରାଇଥିଲେ। ମହିଳା ମାନଙ୍କୁ ରାଜନୈତିକ ଅଧିକାର ପ୍ରଦାନ କରାଇବା ପାଇଁ ୯୦ଦଶକରେ ଓଡିଶାରେ ତ୍ରିସ୍ତରୀୟ ପଂଚାୟତ ଓ ପୌର ସଂସ୍ଥାରେ ସଂରକ୍ଷଣ ବ୍ୟବସ୍ଥା କରାଇଥିଲେ। ବିଜୁ ପଟ୍ଟନାୟକଙ୍କ ସମୟରେ ଓଡିଶାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ଶ୍ରମିକଙ୍କର ସର୍ବନିମ୍ନ ମଜୁରୀକୁ ସେ ୧୧ ଟଙ୍କା ରୁ ୨୫ ଟଙ୍କା କୁ ବୃଦ୍ଧି କରାଇଥିଲେ । ବିଜୁ ବାବୁ ରାଜନୀତିରେ ଯୁବ ପିଢ଼ିକୁ ପ୍ରାଧାନ୍ୟ ଦଉଥିଲେ ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ ଙ୍କ ସହ ବରିଷ୍ଠ ନେତା ଅଶୋକ ମହାକୁର , ଦିଲୀପ ଦାଶ , ସୀତାକାନ୍ତ ପଣ୍ଡା , ନାସିର ଖାଁ , ଲିଙ୍ଗରାଜ ତ୍ରିପାଠୀ , ଭରତ ସୁନା , ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର , ଇଂ . ନିଶିଥ ଆକାଶ , ଇଂ. ଦୀନେଶ ସେଠ, ଅଭିମନ୍ୟୁ ରାଉତ, ଆଇନଜୀବୀ ଦେଓନିଶ ଲୁଗୁନ, ବିନୋଦ ଟପ୍ପୋ, ଦିବ୍ୟଜ୍ୟୋତି ଦାନୀ, ମହିଳା ନେତ୍ରୀ ମିତାଲି ସାହୁ, ପଦ୍ମିନୀ ଜୟପୁରିଆ, ସୁଜାତା ଗୁରୁ, ରନ୍ୟୁବାଲା ବେହେରା, ବର୍ଷାରାଣୀ ବେହେରା, ଜୁଲି ସହ, ଗୀତା ମୁଣ୍ଡା, ସୁଜାତା ଖଛରିଆ, ବାସନ୍ତୀ ମୁର୍ମୁ, ମୁକେଶ ପାଣ୍ଡେ, ଶିବ ମହାକୁର, ଚିଣ୍ଟୁ ପ୍ରଧାନ, ଅଂକେଶ ମେହେର, ଶିବୁ ନନ୍ଦ, ମାନସ ନାୟକ, ସୌମ୍ୟ ରଞ୍ଜନ ସ୍ୱାଇଁ, ସୌମ୍ୟ ରଞ୍ଜନ ସ୍ୱାଇଁ, ରୀତିକ ସ୍ୱାଇଁ ଓ ଧିରେନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଜୁ ବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କ ଶ୍ରାଦ୍ଧ ଦିବସରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଆମର ଏହି ମିଳିତ ଲଢ଼େଇ ହିଁ ହେବ ବିଜୁ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀ ଦାସ ଆହ୍ୱାନ ଦେଇଥିଲେ।

# ଜୁଭେନାଇଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରେଢ଼ାଖୋଲ, ୧୭।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଖନ୍ଦାଡ଼ିପ ନୂଆଁସାହିସ୍ଥିତ ଖେଳ ପଡ଼ିଆରେ ଶୁକ୍ରବାର ଦିନ ଜୁଭେନାଇଲ କ୍ରିକେଟ କ୍ଲବ୍ ପକ୍ଷରୁ ଜୁଭେନାଇଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଫ୍ଲଡ୍‌ଲାଇଟ୍ କ୍ରିକେଟ ପ୍ରତିଯୋଗିତା ୧୭ ତାରିଖରୁ ଆସନ୍ତା ୧୯ ତାରିଖ ତିନି ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ବିଜେଡ଼ି ଛାତ୍ର ନେତା ଶିବ ଶମ୍ଭୁ ନନ୍ଦ, ପୂର୍ବତନ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ଦେବୋତ୍ତର ବୋର୍ଡ ସଭାପତି ଅରୁଣ କୁମାର ପ୍ରଧାନ, ମୋଚିବାହାଲ କେନ୍ଦୁପତ୍ର ରେଞ୍ଜର ସର୍ବେଶ୍ୱର ବେହେରା, ଜୁଭେନାଇଲ ପ୍ରଶିକ୍ଷକ ହାରୁନ ଖାନ୍, କମିଟି ସଭାପତି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ଉଦଘାଟନୀ ଟୁର୍ଣ୍ଣାମେଣ୍ଟରେ ଆଜି ୮ ଟି କ୍ରିକେଟ ଟିମ୍ ଅଂଶ ଗ୍ରହଣ କରୁଥିବା ବେଳେ ୪ ଟି ମ୍ୟାଚ୍ ଅନୁଷ୍ଠିତ ହେବ, ଏଥିରେ ପ୍ରଥମ ମ୍ୟାଚ ବରଗଡ଼ ସହିତ ସିକୁନ ସ୍ମାସର୍ ମଧ୍ୟରେ କଡ଼ା ମୁକାବିଲା ଚାଲିଛି। କମିଟି ସମ୍ପାଦକ ଆଶିଷ ଚନ୍ଦନ ରାୟ, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ନାୟକ ସଦସ୍ୟ ନିରାକାର ନାୟକ, ପ୍ରଦୀପ ମହାପାତ୍ର, ଦୀପକ ପ୍ରଧାନ, ନିର୍ମଳ ନାୟକ, ବିଜେନ୍ଦ୍ର ପ୍ରଧାନ, ଅଭିନାଶ ପ୍ରଧାନ, ଗଗନ ବାରିକ, ଲୁଲୁ ସାମନ୍ତ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ସମ୍ବଲପୁରର ଉର୍ମିଳା ବେହେରା 'ମିସ୍ ଇଣ୍ଡିଆ'

**ସମ୍ବଲପୁର, ୧୭।୪ (ସମିସ)**

ଚଳିତମାସ ୧୨ ତାରିଖରେ ବିହାର ରାଜ୍ୟର ଗୟାଠାରେ ଇଣ୍ଡିଆନ ବଡିବିଲଡିଂ ଆଣ୍ଡ ଫିଟ୍‌ନେସ ଫେଡ୍‌ରେସନ୍ ପକ୍ଷରୁ ମିଷ୍ଟର ଓ ମିସ ଇଣ୍ଡିଆ -୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ୨୩୮ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଓଡ଼ିଶା କଳିଙ୍ଗ ବଡିବିଲଡିଂ ଆସୋସେସନର ସମ୍ପାଦକ ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ୧୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତନ୍ମଧ୍ୟରେ ସମ୍ବଲପୁରରୁ ୪ ଜଣ ପ୍ରତିଯୋଗୀ ଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁରର ଉର୍ମିଳା ବେହେରା ମହିଳା ବର୍ଗରେ 'ମିସ୍




ଇଣ୍ଡିଆ' ଟାଇଟଲ ହାସଲ କରିଛନ୍ତି। ସେହିପରି ୮୦ କେଜି ବର୍ଗରେ ଶଙ୍କର ମେହେର ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଜୟନ୍ତ ବାଗ ୬୫ କେଜି ବର୍ଗରେ ତୃତୀୟ ସ୍ଥାନ ହାସଲ କରି ସମ୍ବଲପୁରକୁ ଗର୍ବିତ କରିଛନ୍ତି। ଆଜି ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲା ବଡିବିଲଡିଂ ଆଣ୍ଡ ଫିଟନେସ୍ ଆସୋସେସନ ପକ୍ଷରୁ ଜୟ ମାତା ଦି ଜିମ୍‌ଠାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିହାରରେ ସଫଳତା ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଆଗାମୀ ସେପ୍ଟେମ୍ବରରେ ଜର୍ମାନୀଠାରେ ଅନୁଷ୍ଠିତ ହେବାକୁ ଥିବା ମିଷ୍ଟର ୱାର୍ଲଡ ଓ ମିସ ୱାର୍ଲଡ ପ୍ରତିଯୋଗିତାରେ ଉର୍ମିଳା ବେହେରା ଓ ଶଙ୍କର ମେହେର ଭାଗନେବେ ବୋଲି ଆଜି ସମ୍ବଲପୁର ଜିଲ୍ଲା ବଡିବିଲଡିଂ ଆଣ୍ଡ ଫିଟନେସ ଆସୋସେସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ବଡି ବିଲଡିଂ ଆଣ୍ଡ ଫିଟନେସ ଆସୋସେସନର ସଭାପତି ସତୀଶ ବିଶି, ସାଧାରଣ ସମ୍ପାଦକ ଅମିତାଭ ପରିଡ଼ା, ରାଜ୍ୟ ସମ୍ପାଦକ ନିଶାନ୍ତ ବହିଦାର, କାର୍ଯ୍ୟକାରିଣୀ ସଦସ୍ୟ ଭୋଳା ମହନ୍ତମ, ଅଶ୍ୱିନୀ ପାଢ଼ୀ, ସନ୍ୟାସୀ ବାରିକ, ଦୁଲାଲ ରାୟ, ଅନିଲ ଦାସ, ଆୟୁଷ ବହିଦାର, କପିଳ ତାଣ୍ଡି, ଚିତ୍ତରଞ୍ଜନ କୁମ୍ଭାର, ଚିଣ୍ଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ବିଶେଷଜ୍ଞ ଦଳର ଛାତ୍ରାବାସ ପରିଦର୍ଶନ




**ଝାରବନ୍ଧ, ୧୭।୪(ସମିସ):** ଝାରବନ୍ଧ ବ୍ଲକ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲୁଥିବା ଋତୁକାଳୀନ ଛାତ୍ରାବାସର ସ୍ଥିତିକୁ ରାଜ୍ୟସ୍ତରୀୟ ବିଶେଷଜ୍ଞ ଦଳ ପରିଦର୍ଶନ କରି ନିରୀକ୍ଷଣ କରିଛନ୍ତି। ଛାତ୍ରଛାତ୍ରୀଙ୍କ ରହଣୀ, ଖାଦ୍ୟ ବ୍ୟବସ୍ଥା, ପଢ଼ାଶୁଣା ପରିବେଶ ଓ ସୁବିଧା ସମ୍ପର୍କରେ ବିଶେଷଜ୍ଞ ଦଳ ସଦସ୍ୟମାନେ ସ୍ଥଳ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିଥିଲେ। ଏହି ନିରୀକ୍ଷଣ ଦଳରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କଟକର ପ୍ରଫେସର ଡ. ମଧୁବ୍ରତା ରାୟସିଂ, ଡ. ଦେବାଶିଷ ରାୟ, ମିଳନ କୁମାର ଭୋଇ, ବରଗଡ଼ ଜିଲ୍ଲା ଲେବର ଅଫିସର ସସ୍ମିତା ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଲେବର ଅଫିସର ଅରବିନ୍ଦ ହାତୀ ଓ ଭାନୁପ୍ରତାପ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସରୋଜ କୁମାର ଭୁଏ ଉପସ୍ଥିତ ଥିଲେ। ଏହା ସହ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି, ଏବିଇଓ ଓ ବିଆରସିସି ଦୟାନିଧି କୈବର୍ତ୍ତ, ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର, ମାସ୍ ଏନଜିଓର ଆଦିକନ୍ଦ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ସୁକାନ୍ତି ସାହୁ, ସିଆରସିସି କ୍ଷୀରୋଦ ଚନ୍ଦ୍ର ମହାନନ୍ଦ, ପ୍ରଧାନ ଶିକ୍ଷକ ନୀଳାମ୍ବର ଭୁଏ, ଚେୟାରମ୍ୟାନ ବିଜୟ କୁମାର ସାହୁ ଓ ଏନୁମେଟର ହେମନ୍ତ କୁମାର ଭୋଇ ମଧ୍ୟ ଉପସ୍ଥିତ ରହିଥିଲେ। ଭୁବନେଶ୍ୱର ମେହେର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ଗ୍ରାମବାସୀମାନେ ସାମିଲ ଥିଲେ।

# ସିବିଏସ୍‌ଇ ପରୀକ୍ଷାରେ ଶ୍ୟାମସୁନ୍ଦର ବରଗଡ଼ ଟପ୍ପର



**ଭଟଲି, ୧୭।୪(ସମିସ):** ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଶ୍ୟାମ ସୁନ୍ଦର ଗଡ଼ତିଆ ୯୯.୬ ପ୍ରତିଶତ ମାର୍କ ରଖି ବରଗଡ଼ ଜିଲ୍ଲାରେ ଟପ୍ପର ହୋଇଛନ୍ତି। ସେ ସର୍ବମୋଟ ୫୦୦ ମାର୍କରୁ ୪୯୮ ରଖି ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଭଟଲି ବ୍ଲକ ବିଛୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜରାଜ ଗଡ଼ତିଆ ଏବଂ ନିଳିମା ଗଡ଼ତିଆଙ୍କ ଏକମାତ୍ର ପୁତ୍ର ଅଟନ୍ତି। ସେ ତାଙ୍କ ସଫଳତାରେ ଶ୍ରେୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ମାଆ ଓ ବାପାଙ୍କୁ ପ୍ରଦାନ କରିଛନ୍ତି। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଭଟଲି ବିଧାୟକ ଇରାସିଶ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ୟାମ ସୁନ୍ଦରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପର୍ଶୁରାମଜୀ ଜୟନ୍ତୀ ପାଇଁ ପ୍ରସ୍ତୁତି

**ସମ୍ବଲପୁର, ୧୭।୪ (ସମିସ) :** ସୌରଭ ରଞ୍ଜନ ମହାପାତ୍ରଙ୍କ ଆବାହକତ୍ୱରେ ବସନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆସନ୍ତା ୧୯ ଏପ୍ରିଲରେ ଭଗବାନ ଶ୍ରୀ ଶ୍ରୀ ପର୍ଶୁରାମଜୀଙ୍କ ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଯୋଜକ ଦୁର୍ଗା ମାଧବ ମିଶ୍ର, ସହଯୋଗୀ ମହେଶ ଶର୍ମା ଓ ସୂରଜ ଗୁରୁଙ୍କୁ ମନୋନୀତ କରାଯାଇଥିଲା। ଆତ୍ମାରାମ ସୂପକାର ଗଣମାଧ୍ୟମ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। କର୍ତ୍ତା ଭାବରେ ଜଗନ୍ନାଥ ମହାପାତ୍ର ଓ ଶକୁନ୍ତଳା ମହାପାତ୍ରଙ୍କୁ ଦାୟିତ୍ୱ ସମ୍ପାଦନ କରିବେ। ବୈଠକରେ ଦେବାଶିଷ ପୁରୋହିତ, ରବିନାରାୟଣ ପଣ୍ଡା, ସୂରଜ କୁମାର ଗୁରୁ, ଫଣୀନ୍ଦ୍ର ପ୍ରସାଦ ପଣ୍ଡା, ଅରବିନ୍ଦ ନାୟକ, ଚିଣ୍ଟୁ ଷଡ଼ଙ୍ଗୀ, ରାଜ କିଶୋର ପଣ୍ଡା, ତୃପ୍ତୀ ପଣ୍ଡା, ମୁକେଶ ଶର୍ମା, ସନ୍ତୋଷ ପଣ୍ଡା, ସୌରଭ ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



### ଅଭିଭାବକଙ୍କ ମୁହଁରେ ଫୁଟିଲା ହସ

# ତାମିଲନାଡୁରେ ବନ୍ଧକ ୧୬ ଝିଅ ସୁରକ୍ଷିତ ଫେରିଲେ

**ବରଗଡ଼, ୧୭ । ୪(ସମିସ):** ସରକାରୀ ଦକ୍ଷତା ବିକାଶ ଯୋଜନାର ସ୍ୱପ୍ନ ଦେଖି ତାମିଲନାଡୁର ତିରୁପୁର ଯାଇ ସେଠାରେ ବନ୍ଧକ ଅବସ୍ଥାରେ ଫସି ରହିଥିବା ସୋହେଲା ବ୍ଲକର ୧୬ ଜଣ ଝିଅ ଶେଷରେ ସୁରକ୍ଷିତ ଭାବେ ନିଜ ନିଜ ଘରେ ପହଞ୍ଚିଛନ୍ତି। ଦୀର୍ଘ ଦିନର ଆଶଙ୍କା ଓ ଭୟ ପରେ ଝିଅମାନଙ୍କୁ ନିକଟରେ ପାଇ ଅଭିଭାବକଙ୍କ ମୁହଁରେ ଖୁସିର ଲହରୀ ଖେଳିଯାଇଛି। ସରକାରଙ୍କ ସୁନିଶ୍ଚିତ ନିଯୁକ୍ତି ଯୋଜନାରେ ଟେଲରିଂ ତାଲିମ ପାଇଁ ଯାଇଥିବା ଝିଅମାନେ ପ୍ରଥମେ କଟକ ଯାଇ ୪୫ ଦିନ ତାଲିମ୍ ନେଇଥିଲେ। ପରେ ସେମାନେ ଘରକୁ ଫେରିବାକୁ ଚାହିଁଥିଲେ ମଧ୍ୟ ସେମାନଙ୍କୁ ନଛାଡ଼ି ବାଧ୍ୟତାମୂଳକ ଭାବରେ ତାମିଲନାଡୁର ତିରୁପୁର ପଠାଇ ଦିଆଯାଇଥିଲା। ସେଠାରେ ଝିଅମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ଦିନ ଧରି ସେଠାରୁ ମୁକୁଳିବା ପାଇଁ ସେମାନେ ଫୋନ୍ ଯୋଗେ ନିଜ ପରିବାରକୁ ଜଣାଉଥିଲେ। ନିଜ ଝିଅମାନେ ବିପଦରେ ଥିବା ଜାଣିବା ପରେ ପରିବାର ଲୋକେ ଦୁଶ୍ଚିନ୍ତାରେ ଦିନ କାଟୁଥିଲେ। ପରିସ୍ଥିତି ଜଟିଳ ହେବାରୁ କନାପାଲି ଓ ବାରୁପାଲି ଗ୍ରାମର କିଛି ଅଭିଭାବକ ଏ ସମ୍ପର୍କରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଓ ଗଣମାଧ୍ୟମର ଦ୍ୱାରସ୍ଥ ହୋଇଥିଲେ।'ସକାଳ' ରେ ଏହି ସମ୍ବେଦନଶୀଳ ଘଟଣା ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହାପରେ ଆଦିବାସୀ ମହାସଂଘର ସଭାପତି ଗୋବିନ୍ଦ ବରିହା, ପରୀକ୍ଷିତ ବରିହା, ସାମାଜିକ କର୍ମୀ ଅନୀଲ କୁମାର ପ୍ରଧାନ, ଅରୁଣ ମେହେର, ସୁନୀଲ ରାଉତ ପ୍ରମୁଖ ଅଭିଭାବକମାନଙ୍କ ସହିତ ସୋହେଲା ବ୍ଲକ ପ୍ରଶାସନ ଓ ଆଇସିଡିଏସ୍ କାର୍ଯ୍ୟାଳୟ ଘେରାଉ କରି ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ତୁରନ୍ତ ହସ୍ତକ୍ଷେପ କରିଥିଲେ। ତାଙ୍କର ନିର୍ଦ୍ଦେଶ ଓ ପ୍ରଶାସନିକ ସହଯୋଗ କ୍ରମେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଶୁକ୍ରବାର ଦିନ ପ୍ରାୟ ୧୨ଟା ସମୟରେ ୧୬ ଜଣ ଝିଅ ଟ୍ରେନ୍ ଯୋଗେ ବରଗଡ଼ରେ ସୁରକ୍ଷିତ ଓହ୍ଲାଇଥିଲେ। ସେଠାରୁ ସେମାନେ ସୋହେଲା ବ୍ଲକ କାର୍ଯ୍ୟାଳୟରେ ବିଡିଓ କରିସ୍ମା ଭେସ୍ରାଙ୍କୁ ଭେଟିଥିଲେ ଏବଂ ନିଜନିଜ ଘରକୁ ଫେରିଥିଲେ। ସୁରକ୍ଷିତ ଭାବେ ଘରକୁ ଫେରିଥିବାରୁ ଝିଅମାନେ ଓ ସେମାନଙ୍କ ପରିବାରବର୍ଗ ବିଧାୟକ ଶ୍ରୀ ଆଚାର୍ଯ୍ୟ, ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ, ସାମାଜିକ ସଂଗଠନ, ପ୍ରଶାସନ ଓ 'ସକାଳ'କୁ କୃତଜ୍ଞତା ଜଣାଇଛନ୍ତି।

# ଶ୍ରାଦ୍ଧ ଦିବସରେ ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି







## ଅତାବିରା

**ଅତାବିରା, ୧୭ ।୪(ସମିସ):** ଅତାବିରା ଏନ୍‌ଏସି ସ୍ଥିତ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତାବିରା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇଥିଲେ। ଶ୍ରୀମତି ଛୁରିଆଙ୍କ ସଭାପତିତ୍ୱରେ ବିଜୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆୟୋଜିତ ସଭାକାର୍ଯ୍ୟରେ ଜୀବନ ବିନ୍ଧୁ ରାଜ୍ୟ ସଂଯୋଜକ ଗୌରହରି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଜୁବାବୁଙ୍କ ସାହସିକତା ଓ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ।ଏନ୍‌ଏସି ଯୁବ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।ଅତାବିରା ଏନ୍‌ଏସି ଅଧ୍ୟକ୍ଷ ବନମାଳୀ ବରିହା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳୀ ନାଏକ, ଉପଅଧ୍ୟକ୍ଷ ଅନନ୍ତ ମେହେର, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପଅଧ୍ୟକ୍ଷ ଡୋଲାମଣି କ୍ଷେତି, ଆରଏମସି ଉପଅଧ୍ୟକ୍ଷ ସୁବାସ ହୋତା ସମେତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ପାକ୍ସ ସଭାପତି, ନିର୍ଦ୍ଦେଶକ, ଆରସିଏମସ ସଭାପତି, ନିର୍ଦ୍ଦେଶକ, ସରପଞ୍ଚ, ସମିତି ସଭ୍ୟ ସଭ୍ୟା, କାଉନସିଲର ତଥା ନିର୍ବାଚନ ମଣ୍ଡଳୀର ବରିଷ୍ଠ ଓ ଯୁବ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ଭେଡେନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା ଧନ୍ୟବାଦ ଦେଇଥିଲେ।

## ସୋହେଲା

**ସୋହେଲା:** ଭଟଲି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ସୋହେଲା ବିଜେଡି କାର୍ଯ୍ୟାଳୟରେ ମହାନ ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଯୁବନେତା ସୁବ୍ରତ ସିଂହଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା।କାର୍ଯ୍ୟକ୍ରମରେ ଭଟଲି ନିର୍ବାଚନ ମଣ୍ଡଳୀର ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ୍, ବ୍ଲକ ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ, ସୋହେଲା ବ୍ଲକ ସଭାପତି ଗଣତନ୍ତ୍ର ପ୍ରଧାନ, ଭଟଲି ବ୍ଲକ ସଭାପତି ଆନନ୍ଦ ଖମାରୀ, ସୁଶାନ୍ତ ମିଶ୍ର, ଜିଲ୍ଲା ମହିଳା ସଭାନେତ୍ରୀ ନୀଳ କୁମାରୀ ନାୟକ, ଜିଲ୍ଲା ଯୁବ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜିବର୍ଦ୍ଧନ ବରିହା, ଅଶୋକ ବାରିକ, ଦୟାନିଧି ପଟେଲ, ସୁବ୍ରତ ବେହେରା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ନେତା ଗଣତନ୍ତ୍ର ପଧାନ ଓ ସଭାକୁ ସଂଯୋଜନା କରିଥିଲେ ସୁବ୍ରତ ବେହେରା। ସଭା ପୂର୍ବରୁ ସମସ୍ତେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### କୁମ୍ଭାରୀ ମଣ୍ଡିରେ ବିଭିନ୍ନ କାର୍ଯ୍ୟ ବିଳମ୍ବ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ



**ବରଗଡ଼, ୧୭ । ୪(ସମିସ):** ମଣ୍ଡି କାର୍ଯ୍ୟରେ ବିଳମ୍ବ ହେଉଥିବା ଅଭିଯୋଗ କରି ଜିଲ୍ଲାପାଳ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି ବରପାଲି ତହସିଲ ଅନ୍ତର୍ଗତ କୁମ୍ଭାରୀ ମାର୍କେଟ ୱାର୍ଡର ଚାଷୀ। ଶୁକ୍ରବାର ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଛନ୍ତି ଚାଷୀମାନେ ସେମାନଙ୍କ ସବୁ ଅସୁବିଧା ଜଣାଇଛନ୍ତି। ସୂଚନା ଅନୁସାରେ ଦୀର୍ଘ ବର୍ଷରୁ ମଣ୍ଡି କାର୍ଯ୍ୟ କରାଯାଉଥିବା ବେଳେ ଅତି କଚ୍ଛପ ଗତିରେ କାର୍ଯ୍ୟ କରାଯାଉଛି। ଯାହାକୁ ନେଇ ଚାଷୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଜିଲ୍ଲାପାଳଙ୍କ ସହ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଅନେକ ଥର ଚାଷୀ ଆଲୋଚନା କଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ଠିକାଦାର ଦୁଇ ତିନି ଜଣକୁ ନେଇ କାର୍ଯ୍ୟ କରୁଥିବା ବେଳେ ଅତି କଚ୍ଛପ ଗତି ରେ କାର୍ଯ୍ୟ ଚାଲିଛି ତେବେ କେବେ ମଣ୍ଡିର କାର୍ଯ୍ୟ ସମାପ୍ତ ହେବ ସେନେଇ ଚାଷୀ ଜିଲ୍ଲାପାଳଙ୍କୁ ଭେଟିଛନ୍ତି।

## ବିଜେପୁର ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ

**ବିଜେପୁର, ୧୭ ।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟଅତିଥି ରୂପେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. ଚିନ୍ମୟ ସାହୁ, ସରୋଜ ପାଣିଗ୍ରାହୀ, ରବିକାନ୍ତ ମହାନନ୍ଦଙ୍କ ସମେତ ମହାବିଦ୍ୟାଳୟ ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ସଂଘ ପକ୍ଷରୁ ଦହି ସରବତ ବଣ୍ଟନ

**ବରଗଡ଼, ୧୭ ।୪(ସମିସ):** ବରଗଡ଼ ସହରର ଥାନା ଛକରେ ସ୍ୱର୍ଣ୍ଣ ରୋପ୍ୟ ଶିଳ୍ପୀ ସଂଘ ତରଫରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀଙ୍କୁଦହି ସରବତ ବଣ୍ଟନ କରାଯାଇଛି। କିଛି ଦିନ ହେଲା ବରଗଡ଼ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି ।ତେବେ ମଧ୍ୟାହ୍ନ ସମୟରେ ଲୋକେ ବାହାରିବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ରାସ୍ତାରେ ଯାଉଥିବା ସମସ୍ତ ଜନସାଧାରଣଙ୍କୁ ଥଣ୍ଡା ଦହି ସରବତ ବଣ୍ଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ସଭାପତି ପ୍ରମୋଦ ବରାଲ, ସୁରେଶ ସାହୁ, ଅଶୋକ ସରାଫ, ନେତ୍ରାନନ୍ଦ ସରାଫ, ସରୋଜ ସରାଫ, ସୁରେନ୍ଦ୍ର ସାହୁ, ବିଷ୍ଣୁ ସାହୁ, ଅନନ୍ତ ସାହୁ, ଅଚ୍ୟୁତା ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସର୍ବତ ବଣ୍ଟନ କରିଥିଲେ।



### ଅସହ୍ୟ ଖରା ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ

# ଦିନ ୧୦ଟାରୁ ରାସ୍ତାଘାଟ ଶୂନ୍‌ଶାନ୍

**ବରଗଡ଼/ପାଇକମାଳ, ୧୭ ।୪(ସମିସ):** ଗତ କିଛି ଦିନ ହେଲା ତାପମାତ୍ରା ବୃଦ୍ଧି ଯୋଗୁଁ ଜନସାଧାରଣ ଅସହ୍ୟ ଗୁଳୁଗୁଳି ଯନ୍ତ୍ରଣାରେ କଳବଳ ହେଉଛନ୍ତି।କିଛି ଦିନ ହେଲା ପ୍ରବଳ ଖରା ଓ ଗୁଳୁଗୁଳି ଜୀବନକୁ ଦୁର୍ବିସହ କରି ପକାଇଛି। ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଥିବାରୁ ଲୋକେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଖେତ ଖଳାରେ ନିଆଁ ଲାଗି ଚାଷ ଜମି ନଷ୍ଟ, ଛାତ କୋଠାଘର, କଂକ୍ରିଟ ରାସ୍ତା ତଥା ପିଚୁ ରାସ୍ତା ଯୋଗୁଁ ସବୁଆଡେ ତାପମାତ୍ରା ବୃଦ୍ଧି ହେବାର କାରଣ ସାଜିଛି। ତାପମାତ୍ରା ବୃଦ୍ଧି, ଅସହ୍ୟ ଗୁଳୁଗୁଳି ସହ ବିଦ୍ୟୁତ୍ ଲୋ ଭୋଲ୍ଟେଜ ସମସ୍ୟା ଯୋଗୁଁ ଜୀବନ ଯାତ୍ରା ପ୍ରଭାବିତ ହୋଇପଡୁଛି। ସକାଳ ୮ ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଗୁଳୁଗୁଳି ଲାଗି ରହୁଛି। ମଧ୍ୟାହ୍ନରୁ ଅପରାହ୍ନ ଯାଏଁ ରାସ୍ତାଘାଟ ଶୂନଶାନ ଲାଗୁଛି। ଲୋକେ ଜରୁରୀ ସମୟ ନଥିଲେ ପଦାକୁ ବାହାରୁ ନାହାନ୍ତି। ଭଟଲି, ଅତାବିରା, ବରପାଲି, ଗାଇସିଲେଟ, ପାଇକମାଲ, ମାଣ୍ଡୋସିଲ, ପଦ୍ମପୁର ସୋହେଲା ଆଦି ଅଞ୍ଚଳକୁ ଶହ ଶହ



ଲୋକ ପ୍ରତିଦିନ ଆସିଥାନ୍ତି ତା ସାଙ୍ଗକୁ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ମଧ୍ୟ ପ୍ରତିଦିନ ଲୋକେ ଆସିଥାନ୍ତି। ଅସହ୍ୟ ଖରା, ଝାଞ୍ଜି ପବନ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅଞ୍ଚଳରେ ସ୍କୁଲ ଗୁଡିକ ସକାଳ ୬ ଠାରୁ ୧୦ ଟା ୩୦ ପର୍ଯ୍ୟନ୍ତ ପାଠ ହେଉଛି। ପ୍ରାୟେ ସ୍କୁଲ ଗୁଡିକ ଛାତ କୋଠାଘର ହୋଇଥିବାରୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଲୋ ଭୋଲ୍ଟେଜ ଯୋଗୁଁ ପଙ୍ଖା ମଧ୍ୟ ଠିକ୍ ଭାବରେ ଘୂରୁ ନାହିଁ। ୧୦ ଟା ୩୦ ରେ ଛୁଟି ହେଉଥିବାରୁ ଘରକୁ ପହଞ୍ଚିଲା ବେଳକୁ ୧୧ ଟା ୧୧ ଟା ୩୦ ହେଉଛି। କେଉଁ ଛାତ୍ରଛାତ୍ରୀ ଚାଲିଚାଲି ଘରକୁ ଯାଉଛନ୍ତି ତଥ କେଉଁମାନେ ସାଇକଲରେ ଯାଉଛନ୍ତି। ଏତେ ଖରାରେ ପାଠ ପଢ଼ା ବ୍ୟତୀତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ହିଁ ପ୍ରଥମ ପ୍ରାଥମିକତା। ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲା ସଭାପତି ବିମଳ ଦାଶ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଆଗୁଆ ଗ୍ରୀଷ୍ମ ଅବକାଶ ଛୁଟି ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଅଭିଭାବକ ମହଲରେ ଦାବି ହୋଇଛି। ଏପଟେ ଲୋ ଭୋଲ୍ଟେଜ ସମସ୍ୟା ପଙ୍ଖା, କୁଲର ତଥା ପାଣି ମଟର ମଧ୍ୟ ଘୁରୁ ନାହିଁ।

### ଅମ୍ବାଭୋନା ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍

# ଦିନକୁ ୫ରୁ ୬ଘଣ୍ଟା ପର୍ଯ୍ୟନ୍ତ କଟୁଛି ଲାଇନ

**ଅମ୍ବାଭୋନା, ୧୭ ।୪(ସମିସ):** ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା, ପ୍ରକାଶପୁର ସହ ବିଭିନ୍ନ ଗ୍ରାମ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବଳ ଗରମ ଓ ଗୁଳୁଗୁଳି ସହିତ ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ସାଧାରଣଲୋକ ବହୁ ଅସୁବିଧାରେ ପଡୁଛନ୍ତି ।ସ୍ଥାନୀୟ ଅଭିଯୋଗ ଅନୁସାରେ, ଦିନକୁ ପ୍ରାୟ ୫ରୁ ୬ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଭୁକ୍ତା ଓ ପ୍ରକାଶପୁର ଅଞ୍ଚଳ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ହେବାରୁ ବ୍ୟବସାୟୀମାନେ ଭାରି କ୍ଷତିର ସମ୍ମୁଖୀନ ହେଉଛନ୍ତି ଏବଂ ଏହା ନେଇ ଜନଅସନ୍ତୋଷ ଦିନକୁ ଦିନ ବଢୁଛି। ଅନ୍ୟପଟେ, ଅନିୟମିତ ବିଦ୍ୟୁତ୍ କାଟ ଯୋଗୁଁ ଚାଷୀମାନେ ବୋରୱେଲ ଚଳାଇ ପାରୁନାହାନ୍ତି, ଯାହାର ଫଳରେ ଜଳସେଚନ କାର୍ଯ୍ୟରେ ବ୍ୟାଘାତ ଘଟୁଛି। ଏହା ଚାଷ କାମକୁ ମଧ୍ୟ ଗୁରୁତର ପ୍ରଭାବିତ କରୁଛି ।ଏହି ଅଞ୍ଚଳରେ ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ୪ଟି ବ୍ୟାଙ୍କ, ପୋଷ୍ଟ ଅଫିସ ମୁଖ୍ୟ କାର୍ଯ୍ୟାଳୟ, ସରକାରୀ ଡାକ୍ତରଖାନା ସହିତ ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ ରହିଥିବା ସତ୍ତ୍ୱେ ବିଦ୍ୟୁତ ସେବାର ଏପରି ଅବ୍ୟବସ୍ଥା ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ବିଦ୍ୟୁତ କାଟ ଯୋଗୁଁ ବ୍ୟାଙ୍କ ଓ ଅନଲାଇନ ସେବା ବହୁ ସମୟରେ ଠପ୍ ହୋଇଯାଉଛି। ଏକ ପଟେ ସରକାର ବିଦ୍ୟୁତ କାଟ ହେବ ନାହିଁ ବୋଲି ଦାବି କରୁଥିବା ବେଳେ, ଏପରି ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଶୀଘ୍ର ଦୃଷ୍ଟି ଦେଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣଲୋକ ଦାବି କରିଛନ୍ତି।

### ବିଜୁ ପଟ୍ଟନାୟକ ଓ ଅଜାତ ଶତ୍ରୁ ଆନନ୍ଦ ଆଚାର୍ଯ୍ୟଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ

# ୬୧ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ୧୭। ୪(ସମିସ):** ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ବିଜୁ ଜନତା



ଦଳର ପ୍ରଥମ ବିଧାୟକ ଅଜାତ ଶତ୍ରୁ ଆନନ୍ଦ ଆଚାର୍ଯ୍ୟଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ଥାନୀୟ ବିଜୁ ପଟ୍ଟନାଏକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ସୁଶାନ୍ତ ମିଶ୍ରଙ୍କ ସମେତ ପୌର ପରିଷଦର ସମସ୍ତ କାଉନସିଲର ବୃନ୍ଦଙ୍କ ସମେତ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବରିଷ୍ଠ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଆମ ଓଡ଼ିଶା ଜିଲ୍ଲା ସଭାପତି ଗୌର ହରି ମିଶ୍ର, ଜିଲ୍ଲା ଯୁବ ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ଛାତ୍ର ବିଜେଡି ସଭାପତି କରନ ସିକନ୍ଦର, ରବି ସାହୁ, ଉମା ଚରଣ ରାଉତ, ସ୍ୱାଧୀନ ପାତ୍ର, ଉମେଶ ପଧାନ, ଭରତ ମହାନ୍ତି, କମଳ ତାଣ୍ଡି, ମାହି ପ୍ରଧାନ, ପୂର୍ବତନ ସରପଞ୍ଚ ପଲଟନ୍ ବିଶ୍ୱାଳ, ଏମଡି ଜମିର ରାଜୁ ସୁନା ରାଜ୍ୟ ବିଜୁ ଯୁବ ଜନତା ବରିଷ୍ଠ ଉପସଭାପତି ଜିତୁ



ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, ଶୈଳେଶ ନାଏକ, ଜିଲ୍ଲା ଉପ ସଭାପତି କିଶୋର ମିଶ୍ର, ଟାଉନ ବିଜେଡି ସଭାପତି ଅନୁପ ସତପଥି, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ବରଗଡ଼ ଭୋଇ ନିତୁ ମହାନ୍ତା, ଜନକ ଅଗ୍ରୱାଲ, ଲିଟୁ ପଧାନ, ସନିଲ ନାଏକ, ସୁରୁ ପଧାନ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ଉଭୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ସିଏମ୍ ଟ୍ରଫି ଜୁନିୟର ଫୁଟବଲ

# ବାଳିକା ଦଳ ପ୍ରଥମ ମ୍ୟାଚ୍ ଅମୀମାଂସିତ



**ବରଗଡ଼, ୧୭ ।୪(ସମିସ):** ରାଜ୍ୟ ସରକାର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଆସୋସିଏସନ୍ ଅଫ ଓଡ଼ିଶା ଆନୁକୂଲ୍ୟରେ ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ସପ୍ତମ ଦିନରେ ବାଳିକାମାନଙ୍କ ମ୍ୟାଚ୍‌ର ପ୍ରଥମ ମ୍ୟାଚ୍ ଅମୀମାଂସିତ ରହିଥିବା ବେଳେ, ଦ୍ୱିତୀୟ ମ୍ୟାଚ୍‌ରେ ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ୍ ବିଜୟୀ ହୋଇଥିଲା। ଶୁକ୍ରବାର ଦିନ ବ୍ଲୁ ଡାଇମଣ୍ଡ କ୍ଲବ୍ ବରଗଡ଼ ଓ ସୁପର ଜିମ୍ନାସୀୟମ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ଟାଇ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଏହି ଖେଳକୁ ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ପିଙ୍କି ହଂସ ଓ ଆଦିତ୍ୟ ନାୟକ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପଞ୍ଚାନନ ପାତ୍ର। ବରଗଡ଼ ୟୁନିଆଟ ସ୍ପୋର୍ଟସ କ୍ଲବ୍ ଓ ଲେଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ୟୁନାଇଟେଡ଼ ଦଳ ୬-୦ ଗୋଲରେ ବିଜୟୀ ହୋଇଥିଲେ। ଖେଳକୁ ନିରଞ୍ଜନ ମହାକୁର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ରାଜେନ୍ଦ୍ର ଭୁଏ ଓ ଝସ କେତନ ସାହୁ ସହଯୋଗ କରିଥିଲେ। ଉମାକାନ୍ତ ସାହୁ ଚତୁର୍ଥ ରେଫାରି ଥିଲେ।

**ଦ୍ୱିତୀୟ ମ୍ୟାଚ୍‌ରେ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ୍ ବିଜୟୀ**

# ବିପୁଳ କଫ ସିରପ୍ ଜବତ; ୭ ଗିରଫ





**ବରଗଡ଼, ୧୭ । ୪(ସମିସ)**

ବରଗଡ଼ ସଦର ଥାନା ପୁଲିସ ଗୁରୁବାର ସ୍ଥାନୀୟ ବେହେରା ଫୁଟବଲ ପଡ଼ିଆରେ ଚାଲିଥିବା କଫ ସିରପ୍ କାରବାର ଚାଲିଥିବା ବେଳେ ଚଢ଼ାଉ କରି ବିପୁଳ ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ୭ଜଣଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଜିଲା କାରାଗାରକୁ ପଠାଇ ଦିଆଯାଇଛି ବରଗଡ଼ ସଦର ଥାନା ଅଧିକାରୀ ପ୍ରଣୟ ମୁର୍ମୁ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତୋର କେନ୍ଦୁମୁଣ୍ଡାର ଭୋଲା ଓରଫ ଭୁବନେଶ୍ୱର ରଣା, ଗାଇସିଲେଟ ଥାନା ଝାରପଡ଼ାର ରିଙ୍କୁ ଓରଫ୍ ରତ୍ନମଣି ନାଗ, ପପୁ ବାଗ, କନ୍ଦମୁଣ୍ଡାର ଗର୍ଜନ ସାହୁ, ବରଗଡ଼ ବରଗଡ଼ ସଦର ଥାନା ଅମ୍ବାପାଲିର କିଶୋର ଷଣ୍ଢ, ଗୁଡ଼େଶିରା କେନାଲ ପଡ଼ାର ପ୍ରସନ୍ନ ସାହୁ ଏବଂ ତେନ୍ତେଲଟିକ୍ରାର ପପୁନ ଓରଫ୍ ରାଜୀବ ସାହୁ ଅଭିଯୁକ୍ତ ମାନଙ୍କ ବିରୋଧରେ ବରଗଡ଼ ସଦର ଥାନା ମାମଲା ରୁଜୁ ହୋଇଛି। ଏକ ଫୁଟବଲ ପଡ଼ିଆରେ ଚାଲିଥିଲା ଚାଲିଥିବା କାରବାର ୨ଲକ୍ଷ ୬୦ହଜାର ଟଙ୍କା ଅନେକ ବ୍ୟବହୃତ ଗାଡ଼ି ଜବତ କରିଛି ପୁଲିସ। ଏ ନେଇ ଗୁରୁବାର ସନ୍ଧ୍ୟାରେ ବରଗଡ଼ ସଦର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ ସୂଚନା ଦେଇ କହିଥିଲେ, ଗିରଫ ଅଭିଯୁକ୍ତମାନେ ବେହେରା ପଡ଼ିଆରେ କଫ ସିରପ୍ କାରବାର କରୁଥିବା ସୂଚନା ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନାଙ୍କୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର ପୋଲିସର ଏକ ଟିମ୍ ଦିନ ପ୍ରାୟ ଗୋଟାଏ ସେଠାରେ ଚଢ଼ାଉ କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ସେମାନଙ୍କ ପାଖରୁ ୯୬୦ ବୋତଲ, ୨ ଲକ୍ଷ ୬୦ ହଜାର ଟଙ୍କା, ଗୋଟିଏ ମାରୁତି କାର୍ ନଂ-ଓଡ଼ି୧୭ଏବି ୭୧୪୬, ମାରୁତି ସୁଜୁକି କାର୍, ମାରୁତି ସୁଇଫ୍ଟ, ହୋଣ୍ଡା ଗାଡ଼ି, ମହିନ୍ଦ୍ରା ବୋଲେରୋ ମାକ୍ସ ପିକଅପ୍, ମହିନ୍ଦ୍ରା ବୋଲେରୋ, ହୋଣ୍ଡା ସାଇନ୍ ବାଇକ୍, ହିରୋହୋଣ୍ଡା ଓଡ଼ି୧୭ବାଇକ୍, ଟିଭିଏସ୍ ଜୁପିଟର, ଏବଂ ୧୨ଟି ମୋବାଇଲ ଜବତ ହୋଇଛି। ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ କହିଛନ୍ତି।।

### ଜବରଦଖଲ ଉଚ୍ଛେଦ ପରେ ଦୋକାନୀ ହନ୍ତସନ୍ତ

# ତୁରନ୍ତ ଥଇଥାନ କରିବା ପାଇଁ ଦାବି

**ଝାରବନ୍ଧ, ୧୭ ।୪ (ସମିସ):** ଝାରବନ୍ଧରେ ରାସ୍ତା ପ୍ରଶସ୍ତିକରଣ ପାଇଁ ହୋଇଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସର୍ବସାଧାରଣଙ୍କ ପାଇଁ ସୁବିଧା ନେଇଆସିଛି। କିନ୍ତୁ ଯେଉଁ ଦୋକାନୀଙ୍କୁ ଉଚ୍ଛେଦ କରାଗଲା ସେମାନେ ଏବେ ବହୁ ଅସୁବିଧାରେ ପଡ଼ିଛନ୍ତି। ଦୁଇ ପର୍ଯ୍ୟାୟରେ ମୋଟ ୪୧ଟି ଦୋକାନ ଘର ଉଚ୍ଛେଦ ହେବା ପରେ ଯେଉଁ ସ୍ଥାନ ସଫା ହେବା କଥା, ସେଠାରେ ଏବେ ଭଙ୍ଗା ଅବଶିଷ୍ଟ ଦ୍ରବ୍ୟର ଗଦା ଦେଖିବାକୁ ମିଳୁଛି। ସ୍ଥଳ ପରିଦର୍ଶନ କଲେ ଦେଖାଯାଉଛି ଯେ, ରାସ୍ତା ପାଖରେ ପଡ଼ିଥିବା ଇଟା, ସିମେଣ୍ଟ ଖଣ୍ଡ ଓ ଭଙ୍ଗା କାଠ ସାମଗ୍ରୀ ଭାରୀ ଯାନ ବାହନ ଆସିଲେ ଯାତାୟାତକୁ ବାଧା ପହଞ୍ଚାଉଛି।



ଯେଉଁଠି ଚାଲିବା କଷ୍ଟକର, ସେଠି ସନ୍ଧ୍ୟା ପରେ ଆଲୋକ ବ୍ୟବସ୍ଥା ନଥିବାରୁ ଅବସ୍ଥା ଆହୁରି ଜଟିଳ ହେଉଛି। ଅନ୍ଧକାର ମଧ୍ୟରେ ଏହି ଅବଶିଷ୍ଟ ସାମଗ୍ରୀ ଦୁର୍ଘଟଣାକୁ ଆମନ୍ତ୍ରଣ ଦେଉଛି ବୋଲି ସ୍ଥାନୀୟମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଅନ୍ୟପଟେ, ଉଚ୍ଛେଦ ହୋଇଥିବା ଦୋକାନୀମାନେ ଏବେ ଅନିଶ୍ଚିତତାରେ ଅଛନ୍ତି। ପୁନର୍ବାସ କିମ୍ବା ବିକଳ୍ପ ବ୍ୟବସ୍ଥା ବିନା ଦୋକାନ ଭଙ୍ଗାଯାଇଥିବାରୁ ସେମାନଙ୍କ ଦୈନିକ ଆର୍ଥିକ ଉପାର୍ଜନ ଠପ ହୋଇଯାଇଛି। ଅନେକଙ୍କ ଘରେ ଏବେ ଚୁଲି ଜଳୁଣି। ବହୁ ଦୁଃଖ କଷ୍ଟ ରେ ଅନେକ ଦୋକାନୀଙ୍କ ପରିବାର ଚାଲୁଛନ୍ତି। ଏବେ ଉଚ୍ଛେଦ କାମ ପରେ ତୁରନ୍ତ ସଫା କରାଯିବା ଦରକାର, କିନ୍ତୁ ତାହା ହୋଇନଥିବାରୁ ଏବେ ସାଧାରଣ ଲୋକମାନେ ଦୁଇଗୁଣା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି, ଶୀଘ୍ର ରାସ୍ତା କଡରେ ପଡ଼ିରହିଥିବା ଅବଶିଷ୍ଟ ସାମଗ୍ରୀ ସଫା କରିବା, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବା ସହିତ ପ୍ରଭାବିତ ଦୋକାନୀଙ୍କୁ ଯଥୋଚିତ ପୁନର୍ବାସ ଯୋଗାଇ ଦେବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଦୃଢ଼ ଦାବି ହେଉଛି।

**ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ**

# ବିଜୁବାବୁଙ୍କୁ 'ଭାରତ ରତ୍ନ' ନ ମିଳିବା ଦୁର୍ଭାଗ୍ୟଜନକ





ବ୍ରହ୍ମପୁର,୧୭ ।୪(ସମିସ): ବ୍ରହ୍ମପୁର ବିଜୁ ଜନତା ଦଳ ତରଫରୁ ଓଡିଶା ମାଟିର ବୀର ସନ୍ତାନ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସକୁ 'ପ୍ରବାଦ ପୁରୁଷ ଦିବସ' ଭାବେ ପାଳନ କରିବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପାଳନ କରାଯାଇଥିଲା। ପୂର୍ବାହ୍ନ ୮ଘଣ୍ଟାଟାରେ ବିଜିପୁର କାଳୀ ମନ୍ଦିର ନିକଟସ୍ଥ ପୋଖରୀରେ ତିଳତର୍ପଣ କରାଯାଇଥିଲା। ସେଠାରୁ ଦେଶୀ ବେହେରା ସାହିସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଲୁକା ଛକ ସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ବିଜୁ ପଟ୍ଟନାୟକ ପାର୍କ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ବିଭିନ୍ନ ସ୍ଲୋଗାନ ଦେଇ ସ୍ମୃତିଚାରଣ କରାଯାଇଥିଲା। ସେଠାରୁ ସିଟି ହସ୍ପିଟାଲରେ ମହିଳାମାନଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ବିଜେଡିର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡକ୍ଟର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ଼ି, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଡଃ ଭଗବାନ ଗନ୍ତାୟତ, ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଆର. ମୁରଲୀ ମହୋନ, ସୋନାଲୀ ଗନ୍ତାୟତ, ଜଗନ୍ନାଥ ସାବତ, ମମତା ବିଷୋୟୀ, ଶ୍ୱେତାରେଖା ତ୍ରିପାଠୀ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରଦୀପ ବେହେରା, ସୁରେନ୍ଦ୍ର ପଟ୍ଟନାୟକ, ଏମ. ସୁଜାତା ପାତ୍ର, ପି. ଜାନକୀ, ମୁକୁନ୍ଦ ଗୌଡ, ଟି. ତିରୁପତି ପାତ୍ର, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଦୂର୍ଗାପ୍ରସାଦ ଲାୟକ, ଉମା ନାୟକ, ଜ୍ୟୋସ୍ନା ନାୟକ, ଭାଗରତି ମହାରଣା, ରାକେଶ କୁମାର ସାହୁ, ନିରଞ୍ଜନ ଜେନା, କୋମଳ ପାତ୍ର, ଉମା ମିଶ୍ର, ମାମିନି ତ୍ରିପାଠୀ, ରଞ୍ଜନ ପଲେଇ ଓ ମନୋଜ ମହାପାତ୍ରଙ୍କ ସମେତ ବିଜୁ ଜନତା ଦଳର ସମସ୍ତ କର୍ପୋରେଟର, ମହିଳା, ଯୁବ ଛାତ୍ର ସଙ୍ଗଠନର କର୍ମକର୍ତାମାନେ ଯୋଗଦେଇଥିଲେ। ସେହିଭଳି ବିଜୁ ବନ୍ଧୁମିଳନ କମିଟି ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ ଦିବସ ଅବସରରେ ସକାଳ ପ୍ରାୟ ୭.୩୦ରେ ଉତ୍କଳ ଛକ ନିକଟସ୍ଥ ଶ୍ରୀ ଶ୍ରୀ ଶ୍ରୀ ପାତାଳେଶ୍ୱର ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରି ଦେଶୀବେହେରା ସାହି ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ସ୍ୱର୍ଗତ ବିଜୁ ବାବୁଙ୍କୁ 'ଭାରତ ରତ୍ନ' ଉପାଧି ଦିଆଯାଇନଥିବାରୁ କମିଟି ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ବିଜୁ ବାବୁଙ୍କ ନାତି ଅରୁଣ ପଟ୍ଟନାୟକ ସକ୍ରିୟ ରାଜନୀତିରେ ଯୋଗ ଦେଲେ ବନ୍ଧୁମିଳନ କମିଟି ତରଫରୁ ତାଙ୍କୁ ସ୍ୱାଗତ କରିବାକୁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ପାତାଳେଶ୍ୱର ମନ୍ଦିର ପରିସରରେ ବିଜୁ ବନ୍ଧୁମିଳନ କମିଟିର ଆବାହକ ସନତ କୁମାର ଜେନାଙ୍କ ସମେତ କମଳ ପାତ୍ର, ପ୍ରଦୀପ ବେହେରା, ନିରଞ୍ଜନ ଜେନା, ଅଭିମନ୍ୟୁ ଦାସ, ଶଙ୍କର ବେହେରା, ରାଜେନ୍ଦ୍ର ଦାସ, ସୁରେନ୍ଦ୍ର ପଟ୍ଟନାୟକ, ମିଟୁ ଦଳାଇ, ଲକ୍ଷ୍ମଣ ଚୌଧୁରୀ, ସନ୍ତୋଷ ରାଉତ, ରାମକୃଷ୍ଣ ସାହୁ, ଭାସ୍କର ବେହେରା, ଭାଗିରଥି ପଣ୍ଡା, କାହ୍ନୁଚରଣ ପାତ୍ର, ସୁରେଶ ତ୍ରିପାଠୀ, ଭିଷ୍ମାଚାର୍ଯ୍ୟ ଚୌଧୁରୀଙ୍କ ସହ ବହୁ ବିଜୁପ୍ରେମୀ ଯୋଗଦେଇ ବିଜୁ ବାବୁଙ୍କ ପାଇଁ ନିରବ ପ୍ରାର୍ଥନା କରି ସ୍ମୃତି ଚାରଣ କରିଥିଲେ। ଶେଷରେ କାର୍ଯକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିବାରୁ ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ୭ ଦିନରେ ୨୭ ଲକ୍ଷ ଭଡ଼ା ଅସୁଲ; ୧୧ ଦୋକାନ ସିଲ୍

ବ୍ରହ୍ମପୁର,୧୭ ।୪(ସମିସ): ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବକେୟା ଦୋକାନ ଭଡ଼ା ଆଦାୟ ଅଭିଯାନ ଜାରି ରହିଛି। ୧୦ ଏପ୍ରିଲରୁ ଆରମ୍ଭ ହୋଇ ୧୭ଏପ୍ରିଲ ସନ୍ଧ୍ୟା ସୁଦ୍ଧା ସମୁଦାୟ ୧୪୩ଟି ଦୋକାନରୁ ୨୭ଲକ୍ଷ ୨୫ହଜାର ୪୫୦ଟଙ୍କା ଆଦାୟ ହୋଇଛି। ଅଫଲାଇନ ଆଦାୟ ୨୦ଲକ୍ଷ ୬୧ହଜାର ୮୫୪ଟଙ୍କା ଏବଂ ଅନଲାଇନରେ ୬ଲକ୍ଷ ୬୩ହଜାର ୫୯୬ଟଙ୍କା ଅସୁଲ ହୋଇଛି। ବିଭିନ୍ନ ଅଞ୍ଚଳରେ ଥିବା ୧୨୫ଟି ଦୋକାନ ଏବଂ ବିଭିନ୍ନ ଭେଣ୍ଡିଂ ଜୋନର ୧୮ଟି ଦୋକାନରୁ ଏହି ବକେୟା ଭଡ଼ା ଆଦାୟ ହୋଇଛି। ସିଟି ହସ୍ପିଟାଲ ରୋଡ଼ର ୩ଟି, ପରିବା ମାର୍କେଟର ଗୋଟିଏ, କାମ୍ପ ସାହିର ୫ଟି ଏବଂ ଟାଉନ ହଲ ରୋଡ଼ର ଦୁଇଟି ଦୋକାନ ସିଲ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ବକେୟା ଭଡ଼ା ପୈଠ ପରେ ସିଟି ହସ୍ପିଟାଲ ରୋଡ଼ର ଗୋଟିଏ, ପରିବା ମାର୍କେଟର ଗୋଟିଏ ଏବଂ କାମ୍ପ ସାହିର ଦୁଇଟି ଦୋକାନକୁ ଖୋଲି ଦିଆଯାଇଛି। ଏହି ଅଭିଯାନ ଆଗକୁ ଜାରି ରହିବ ଏବଂ ଅର୍ଥ ଷ୍ଟାଣ୍ଡିଙ୍ଗ କମିଟିର ସାନି ନିଷ୍ପତ୍ତି ପ୍ରକାରେ ଦୋକାନ ସିଲ ପରେ ମଧ୍ୟ ବକେୟା ଭଡ଼ା ପୈଠ କରୁନଥିବା ବ୍ୟକ୍ତିଙ୍କ ସହ ଚୁକ୍ତିକୁ ବାତିଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ ତୁରନ୍ତ ନିଆଯିବ ବୋଲି କମିଶନର ସୁଶ୍ରୀ ଏ ସସ୍ୟ ରେଡ୍ଡୀ ସ୍ପଷ୍ଟ କରିଛନ୍ତି।

**୪୮ ଘଣ୍ଟାରୁ ଉର୍ଦ୍ଧ୍ୱ କାଳ ବିତିଲା**

## ଅପହୃତ ପ୍ଲଟ୍ ବ୍ୟବସାୟୀ ସୁଧୀରଙ୍କ ମିଳୁନି ପତ୍ତା

ବ୍ରହ୍ମପୁର,୧୭ ।୪(ସମିସ): ମୁରବୀ ବିହୀନ ବ୍ରହ୍ମପୁର ପୁଲିସର ନିଦ ହଜାଇ ଦେଇଛନ୍ତି ଅପରାଧୀ। ଦୁଇ ଦିନରେ ଦୁଇ ଦୁଇଟି ବଡ଼ ଅପରାଧିକ ଘଟଣା ପୁଲିସର ମୁଣ୍ଡବ୍ୟଥାକୁ ଦ୍ୱିଗୁଣିତ କରିଦେଇଛି। ଗୋପାଳପୁର ଥାନା ଇଲାକାରେ ପ୍ଲଟ ବ୍ୟବସାୟୀଙ୍କୁ ଅପହରଣ ଘଟଣାର ପର୍ଦ୍ଦାଫାସ ନହେଉଣୁ ବଡ଼ବଜାର ଥାନା ଇଲାକାରେ ଘଟିଛି ହତ୍ୟାକାଣ୍ଡ। ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କ ଅପହରଣ ଘଟଣାକୁ ଇତି ମଧ୍ୟରେ ୪୮ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ବି ପୁଲିସ ଅପହରଣକାରୀ ଓ ଅପହର୍ତ୍ତାଙ୍କ ଟେର୍ ପାଉନି। ସବୁଠାରୁ ବଡକଥା ଯଦିଓ ପୁଲିସ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସ୍ୱତନ୍ତ୍ର ଟିମ ଗଠନ କରି ତନାଘନା ଚଳାଇଛି ହେଲେ କୌଣସି ସଠିକ ତଥ୍ୟ ପାଇପାରି ନାହିଁ। ଏଭଳି ସ୍ଥିତିରେ ଅପହର୍ତ୍ତାକାରୀମାନେ ସୁଧୀରଙ୍କ ଭିଡିଓ ଜାରି କରି ଉଭୟ ପୁଲିସ ଓ ପରିବାର ବର୍ଗଙ୍କ ଉପରେ ଚାପ ସୃଷ୍ଟି କରିଛନ୍ତି। ଜାରି ହୋଇଥିବା ଭିଡିଓରେ ବାଲି ପଠାରେ ସୁଧୀରଙ୍କୁ ଅପହର୍ତ୍ତାମାନେ ନିସ୍ତୁକ ମାଡ଼ ମାରିବା ସହ ଗୋଡ଼ରେ ମୁହଁକୁ ଦଳୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ସେହିଭଳି ଅର୍ଥ ଆଦାୟ ପାଇଁ ଅତି କ୍ଲୋଜ୍ ରେଞ୍ଜରୁ ଫାଙ୍କା ଗୁଳିଚାଳନା କରୁଥିବା ଦେଖିବାକୁ ମିଳୁଛି। ପୁଲିସ ମୋବାଇଲ ଟ୍ରାକିଂ କରୁଥିବା ଆଶଙ୍କା କରି ସେମାନେ ମୋବାଇଲ ବ୍ୟବହାର ବନ୍ଦ କରିଦେଇଛନ୍ତି। ଗତ ରାତିରେ ଟ୍ରାକିଂବେଳେ ଅପହର୍ତ୍ତାଙ୍କ ମୋବାଇଲ ଦାରଙ୍ଗବାଡ଼ି ଅଞ୍ଚଳରେ ଥିବା ସୂଚନା ପାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା ପୁଲିସ। ଆଜି ନିଖୋଜ ସୁଧୀରଙ୍କ ମୋବାଇଲର କଲ୍ ଡିଟେଲ୍ସ ବା ସିଡିଆର ବାହାର କରି ଗତ ୧୦ରୁ ୧୫ଦିନ ମଧ୍ୟରେ ଆସିଥିବା କଲ ତାଲିକାକୁ ଆଧାର କରି ପରିବାର, ସମ୍ପର୍କିୟ ଓ ବନ୍ଧୁବର୍ଗଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି ପୁଲିସ। ଅପହର୍ତ୍ତାଙ୍କ ପକ୍ଷରୁ ଜାରି ହୋଇଥିବା ଭିଡିଓକୁ ଦେଖିବା ପରେ ସୁଧୀରଙ୍କ ପରିବାରରେ ଭୟର ବାତାବରଣ ଖେଳିଯାଇଛି। ପୁଲିସ କେତେଶୀଘ୍ର ଅପରାଧିଙ୍କ ନିକଟରେ ପହଞ୍ଚିବ ଓ ସୁଧୀରଙ୍କୁ ସୁରକ୍ଷିତ ଉଦ୍ଧାର କରିପାରିବ ତାହାଂ ଉପରେ ରହିଛି ସମସ୍ତଙ୍କ ନଜର। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ଏନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।




୧୭/୪/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୫୨,୫୦୮/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



### ମିଳୁନି ଜମି ଅଧିକାର ପଟ୍ଟା

# ଆନ୍ଦୋଳନ ଚେତାବନୀ ଦେଲେ ବସ୍ତିବାସିନ୍ଦା



ପୁରୀ,୧୭।୪(ସମିସ): ବଳିଆପଣ୍ଡା ବିଜୟନଗର ବସ୍ତିବାସିନ୍ଦାଙ୍କୁ ଏ ପର୍ଯ୍ୟନ୍ତ ଜମି ଅଧିକାର ପଟ୍ଟା ମିଳିନାହିଁ। ଏହାକୁ ନେଇ ଶୁକ୍ରବାର ବସ୍ତିବାସିନ୍ଦାଙ୍କ ପକ୍ଷରୁ ଉକ୍ତ ସାଲବେଗ ସମାଧି ପୀଠରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କୁହାଯାଇଥିଲା ଯେ, ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ କରିବା ପାଇଁ ୨୦୧୭ ମସିହାରେ ତତ୍କାଳୀନ ବିଜେଡି ସରକାର ଭୂମି ଅଧିକାର ପ୍ରମାଣପତ୍ର ଯୋଜନା (ଜାଗା ମିଶନ) ଲାଗୁ କରିଥିଲେ। ପୁରୀ ନିର୍ବାଚନ ମଣ୍ଡଳୀର ବହୁ ବସ୍ତିକୁ ପଟ୍ଟା ମିଳିଥିବାବେଳେ ପୁରୀର ଅନ୍ୟତମ ବଡ଼ ବସ୍ତି ବଳିଆପଣ୍ଡା ବିଜୟନଗର ବସ୍ତିକୁ ସୁଇଟ ୱାଟର ଜୋନ ପାଇଁ ପଟ୍ଟା ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଆନ୍ଦୋଳନ ଏବଂ ଦାବିପତ୍ର ଦେବା ପରେ ୨୦୧୮ ଓ ୨୦୨୧ରେ ଏହିପରି ଦୁଇଥର ସର୍ଭେ ହୋଇଥିଲା। ୨୦୨୪ ପର୍ଯ୍ୟନ୍ତ ଦୀର୍ଘ ୭ବର୍ଷ ଧରି ବସ୍ତିବାସିନ୍ଦା ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲେ। ପରେ ପ୍ରଶାସନ ତରଫରୁ ପ୍ରଥମ ଭାଗରେ ୨୮୬ଜଣଙ୍କୁ ପଟ୍ଟା ଦେବାକୁ ସ୍ଥିର ହୋଇଥିଲା। ୨୦୧୫ ଅଗଷ୍ଟ ୩୧ ତାରିଖ ସ୍ୱଯାତ ଶାସନ ଦିବସରେ ୨୮୬ ପଟ୍ଟା ପ୍ରଦାନ କରାଯାଇଥିଲା। କିନ୍ତୁ ଏହାପରେ ଚୁପ୍ ବସିଯାଇଥିଲେ। ପୁନଃଶ୍ଚ ଦାବିପତ୍ର ସହ ଅନଶନ ଧମକ ଦିଆଯିବାରୁ ସରକାରୀ ନିୟମଠାରୁ ଅଧିକ ଜମି ଥିବା ଚିହ୍ନଟ ଲୋକ ପୌରପାଳିକାରେ ଜମି ମୂଲ୍ୟ ଡିପୋଜିଟ କରିବାକୁ ତାଲିକା ପ୍ରଦାନ କରାଯାଇଥିଲା। ୧୦୦ରୁ ଅଧିକ ଲୋକ ଟଙ୍କା ଡିପୋଜିଟ୍ ମଧ୍ୟ କରିଛନ୍ତି ଏବଂ ରସିଦ ବି ଦିଆଯାଇଛି। ୪୮୪ ଜଣ ଜମି ବାବଦକୁ ଟଙ୍କା ଦାଖଲ କରିବାକୁ ତାଲିକା ପୌରପାଳିକା ପ୍ରଦାନ କରିଥିଲା। ସର୍ଭେ ଅନୁଯାୟୀ, ୧୭୮୪ ପରିବାର ପଟ୍ଟା ପାଇବାକୁ ଚିହ୍ନଟ ହୋଇଥିଲେ। କିନ୍ତୁ ବିଜେପି ସରକାର ମାତ୍ର ୨୮୬ଜଣଙ୍କୁ ପଟ୍ଟା ପ୍ରଦାନ କରି ଆହୁରି ୧୫୦୦ରୁ ଊର୍ଦ୍ଧ୍ୱ ପରିବାରକୁ ଅଣଦେଖା କରିଛି।

୭ ଦିନରେ ଯଦି ସରକାର ପଟ୍ଟା ନ ଦିଅନ୍ତି ତେବେ ଅନିର୍ଦ୍ଦିଷ୍ଟ ଅହୋରାତ୍ର ଅନଶନ ଚାଲିବ। ବଳିଆପଣ୍ଡା ବସ୍ତିର ସଭାନେତ୍ରୀ ବାସନ୍ତୀ ମୁଦି, ଯୁବ ନେତୃତ୍ୱ ବସ୍ତି ଅଧିକାର ସମିତିର ମନୋଜ ମଣ୍ଡଳ, ସୌଦାମିନୀ ବାରିକ, ନୃସିଂହ ମହାରଣା, ମଞ୍ଜୁ ଦେଇ, ଅନିଲ ବେଜ, ଦୀନବନ୍ଧୁ ପଟ୍ଟନାୟକ, ଗାଡ଼ଲ ଗୋପାଳ, ଜି. କାର୍ତ୍ତିକଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ଏହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଛନ୍ତି। ପଟ୍ଟା ନ ମିଳିଲେ ପୁରୀ ସହରକୁ ସରକାରୀ ଦଳର ନେତା ମନ୍ତ୍ରୀଙ୍କୁ ଜୋରଦାର ବିରୋଧ ସହ ଦରକାର ପଡିଲେ ବସ୍ତିବାସିନ୍ଦା ଆଇନ ଅମାନ୍ୟ ଆନ୍ଦୋଳକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଶ୍ରୀ ଦାଶ କହିଛନ୍ତି।

● ୨୧ରେ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ

# ନଗର ପରିକ୍ରମା କରିବେ ଚଳନ୍ତି ପ୍ରତିମା

ପୁରୀ,୧୭।୪(ସମିସ): ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିତ୍ୟ ବାହିନୀର ପ୍ରାକ୍ତନ ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ କହିଥିଲେ। ବୈଶାଖ ଶୁକ୍ଳ ପଞ୍ଚମୀ ତିଥିରେ ଆସନ୍ତା ୨୧ ତାରିଖରେ ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏହିଦିନ ଅପରାହ୍ନ ୩ଟାରେ ତାଙ୍କ ଚଳନ୍ତି ପ୍ରତିମାଙ୍କୁ ନଗର ପରିକ୍ରମା କରାଯିବ। ଏହି ଶୋଭାଯାତ୍ରା ଗୋବର୍ଦ୍ଧନମଠରୁ ବାହାରି ବାଲିସାହି, ସିଂହଦ୍ୱାର, ଦୋଳମଣ୍ଡପ ସାହି, ମୋଚିସାହି ଛକ, ରାମଚଣ୍ଡି ସାହି, ମରଚିକୋଟ ଗଳି, ବଡଦାଣ୍ଡ, ରାଜା ନଅର, ଦୋଳବେଦୀ, ଲକ୍ଷ୍ମୀମାର୍କେଟ, ମଣିକର୍ଣ୍ଣିକା ସାହି, ହରଚଣ୍ଡୀ ସାହି, ଗୌଡବାଡ ସାହି, କାମାକ୍ଷ ମନ୍ଦିର ଦେଇ ଗୋବର୍ଦ୍ଧନ ମଠକୁ ପତ୍ୟାବର୍ତ୍ତନ କରିବ। ନଗର ବିଜେ ସମୟରେ ଚଉଦୋଳରେ ବିଜେ ଆଦିଶଙ୍କରଙ୍କ ଚଳନ୍ତି ପ୍ରତିମାଙ୍କ ନିକଟରେ ପ୍ରାୟ ୧୨୦ଟି ସ୍ଥାନରେ ପନ୍ତି ଭୋଗ ଲାଗିବ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗକୁ ଅନୁରୋଧ କରାଯାଇଛି। ସ୍ୱଚ୍ଛ ପରିକ୍ରମା ମାର୍ଗ, ରାସ୍ତା ଅବରୋଧ ହଟାଇବା ପାଇଁ ପୁରୀ ମହାନଗର ନିଗମକୁ ଏବଂ ବିଦ୍ୟୁତ୍ ସଂକ୍ରାନ୍ତରେ ସହଯୋଗ ପାଇଁ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗକୁ ଆମ୍ବୁଲାନ୍ସ ଓ ଆଶୁ ଚିକିତ୍ସା, ପାନୀୟ ଜଳ ପାଇଁ ୱାଟକୋ, ଶ୍ରୀମନ୍ଦିର ପରିକ୍ରମା ବାହାର ରାସ୍ତାରେ ଶୋଭାଯାତ୍ରା ଯିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ପାରମ୍ପରିକ ସାଂସ୍କୃତିକ ଲୋକକଳା ପରିବେଷଣ ଆଦିରେ ସହଯୋଗ ଲାଗି ଜିଲ୍ଲା ସଂସ୍କୃତି ଅଧିକାରୀ, ପ୍ରଚାର ପ୍ରସାର ଓ ସମନ୍ୱୟ ରକ୍ଷା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଅନୁରୋଧ କରା ଯାଇଛି ବୋଲି ଗୋବର୍ଦ୍ଧନ ପୀଠର ସୂଚନା ଓ ଲୋକସମ୍ପର୍କ ସଚିବ ଦେବାଶିଷ ମିଶ୍ର କହିଛନ୍ତି।



ବୈଠକରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଦେବସ୍ମିତା ମହାନ୍ତି, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱଜିତ୍ ମହାନ୍ତି, ଅଗ୍ନିଶମ ଅଧିକାରୀ ଜିଜ୍ଞାସୁ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ଜୟନ୍ତୀ ସମାରୋହ ସମିତି ଗୋବର୍ଦ୍ଧନ ମଠ ପୁରୀର ସଭାପତି ଗଣେଶ୍ୱର ମହାସୁଆର, ଆଦିତ୍ୟ ବାହିନୀର ସଭାପତି ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ମହେଶ ବ୍ରହ୍ମଚାରୀ, ସୁଧାଂଶୁ ମହାନ୍ତି, ସମ୍ପାଦକ ଡ. ପ୍ରକାଶ କୁମାର ଶତପଥୀ, ସମିତି ସଂଯୋଜକ ବିଶ୍ୱଶାନ୍ତି ତ୍ରିପାଠୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଯୋଗଦେଇଥିଲେ।

## ଗାଡ଼ି ଧକ୍କାକୁ ନେଇ ମରଣାନ୍ତକ ଆକ୍ରମଣ; ୩ ଗିରଫ

ପୁରୀ,୧୭।୪(ସମିସ): ଗାଡି ଧକ୍କାକୁ ନେଇ ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ସିଟି ରୋଡର, ପୋକଲା ସନ୍ତୋଷ, ପୋକଲା କୈଳାଶ ଏବଂ ବାଲି ନୋଳିଆ ସାହିର ପି. ଗଣେଶ। ଅଭିଯୋଗ ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ସାଢେ ୧ଟା ସମୟରେ ପେଣ୍ଟକଟାର କାବୁରୀ ପ୍ରସନ୍ନ କୁମାର ତାଙ୍କ କାର୍ ନେଇ ଘରକୁ ଯାଉଥିଲେ। ସାଙ୍ଗରେ ତାଙ୍କର ଜଣେ ବନ୍ଧୁ ଥିଲେ। ସାନ୍ତନା ବାର୍ ଲେନ୍‌ରେ ଯାଉଥିବା ବେଳେ ଅଣଓସାରିଆ ରାସ୍ତା ଯୋଗୁ କାର ଆଇନା ଏକ ବାଇକ୍ ଆଇନ ସହ ଧକ୍କା ହୋଇଥିଲା। ଏହି ସମୟରେ ବାର୍ ନିକଟରେ ୫/୬ ଜଣ ମଦ୍ୟପାନ କରୁଥିଲେ। ଏହି ସମୟରେ କାବୁରୀ ପ୍ରସନ୍ନଙ୍କ ବନ୍ଧୁଙ୍କ ସହ କିଛି ଲୋକ କାର୍ ଧକ୍କାକୁ ନେଇ ପାଟିତୁଣ୍ଡ କରିଥିଲେ। ହଠାତ୍ ପୋକଲା ସନ୍ତୋଷ ଏବଂ ପୋକଲା କୈଳାଶ ପହଞ୍ଚି କାବୁରୀ ଏବଂ ତାଙ୍କ ସାଙ୍ଗକୁ ଗାଳିମନ୍ଦ ଏବଂ ମାଡ ମାରିବା ସହ କାର୍ ଭଙ୍ଗାରୁଜା କରିଥିଲେ। ଏଥିରେ ଉଭୟେ ଆହତ ହୋଇଥିଲେ। କାବୁରୀଙ୍କ ଅଭିଯୋଗ ଆଧାରରେ ସମୁଦ୍ରକୂଳ ଥାନା ପୁଲିସ ଏକ ମାମଲା ରୁଜୁ କରି ଉପରୋକ୍ତ ୩ ଜଣଙ୍କୁ ଗିରଫ କରିବା ସହ ଶୁକ୍ରବାର କୋର୍ଟଚାଲାଣର କରିଛି।

## ବଳପୂର୍ବକ ଜମି ଅଧିଗ୍ରହଣକୁ ବିରୋଧ

ପୁରୀ,୧୭।୪(ସମିସ): ରାୟଗଡ଼ାର ସିଜିମାଳି, କେନ୍ଦୁଝରର ପାଟଣା, ସୁନ୍ଦରଗଡ଼ର ଲାଞ୍ଜିବେର୍ଣ୍ଣା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କମ୍ପାନୀ ସ୍ୱାର୍ଥ ପାଇଁ ବଳପୂର୍ବକ ଜମି ଅଧିଗ୍ରହଣ କରାଯାଉଛି। ଏହାକୁ ବିରୋଧ କରି ଶୁକ୍ରବାର ଏସ୍‌ୟୁସିଆଇ, ସିପିଆଇ (ଏମ୍‌ଏଲ) ରେଡ୍ ଷ୍ଟାର, ସିପିଆଇ (ଏମ୍‌ଏଲ) ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି। ପୁରୀରେ ମଧ୍ୟ ଏହାକୁ ବିରୋଧ କରାଯାଇଥିଲା। ବିକ୍ଷୋଭକାରୀମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିଗୁଡ଼ିକ ମଧ୍ୟରେ ସିଜିମାଳି ଘଓଣାର ନ୍ୟାୟିକ ତଦନ୍ତ, ସିଜିମାଳି, ପାଟଣା ଓ ଲାଞ୍ଜିବେର୍ଣ୍ଣା ସମେତ ଭିଟାମାଟିର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୁଲିସ ଦମନଲୀଳା ବନ୍ଦ, ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ଥିବା ମାମଲା ହଟାଇବା, ସିଜିମାଳିରେ ବେଦାନ୍ତର ବକ୍ସାଇଟ୍ ଖଣି ପ୍ରକଳ୍ପକୁ ବାତିଲ, ପରିବେଶ ଓ ଲୋକଙ୍କ ଚଳନ୍ତି ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବା ସହ ବିକାଶ ନାଁରେ ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ, ଗ୍ରାମସଭାର ସ୍ପଷ୍ଟ ସମ୍ମତି ବିନା ଅନୁମୋଦିତ ସମସ୍ତ ପ୍ରକଳ୍ପକୁ ବାତିଲ, ଜମି ଓ ଜଙ୍ଗଲକୁ ବଳପୂର୍ବକ ଅଧିଗ୍ରହଣ ବନ୍ଦ କରିବା ଆଦି ରହିଥିଲା। ଏହି କାର୍ଯ୍ୟକ୍ରମରେ ସିପିଆଇ (ଏମ୍‌ଏଲ)ର ବାସୁଦେବ ଦାସ, ମୋହନ ନାଇଡୁ, ରେଡ୍‌ଷ୍ଟାରର ସୀମାଞ୍ଚଳ ଦାସ, ଏସ୍‌ୟୁସିଆଇର ସୁବାସ ବରାଳ, ଆଇନଜୀବୀ ନିରଞ୍ଜନ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ।

## ଡିଜିପିଙ୍କ ଦ୍ୱାରା ସମ୍ମାନିତ ହେଲେ ପ୍ରତୀକ୍ ସିଂହ

ପୁରୀ,୧୭।୪(ସମିସ): ଭାରତରେ ନୂତନ ଅପରାଧିକ ଆଇନ ଲାଗୁ ହେବା ପରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଅପରାଧ ଅନୁସନ୍ଧାନର ସଫଳତା ଓ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦେଇଆସୁଛନ୍ତି। ଏହାର ପରିଣାମ ସ୍ୱରୂପ ବିଭିନ୍ନ ମାମଲାରେ ତ୍ୱରିତ ତଦନ୍ତ ଓ ବିଚାର ପ୍ରକ୍ରିୟା ମାଧ୍ୟମରେ ନ୍ୟାୟ ପ୍ରଦାନ କରାଯାଇଛି। ଏହି ସଫଳତାକୁ ସମ୍ମାନ ଜଣାଇ ଶୁକ୍ରବାର କଟକ ପୁଲିସ ମୁଖ୍ୟାଳୟ ସ୍ଥିତ ଆର୍. କେ. ପାଢ଼ୀ ମେମୋରିଆଲ ହଲ୍‌ଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୁରୀ ପୁଲିସ ଏସ୍‌ପି ପ୍ରତୀକ୍ ସିଂହଙ୍କ ନେତୃତ୍ୱରେ ମାମଲାର ତ୍ୱରିତ ବିଚାର, ବୈଜ୍ଞାନିକ ତଦନ୍ତ ପଦ୍ଧତି, ଡିଏନ୍‌ଏ ତଥ୍ୟ ସଂଗ୍ରହ ଓ ଇ-ସାକ୍ଷ୍ୟର ସଫଳ ପ୍ରୟୋଗ ଏବଂ ସମନ୍ୱିତ ପର୍ଯ୍ୟବେକ୍ଷଣ ଦ୍ୱାରା ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ଡିଜିପି ଶ୍ରୀ ଖୁରାନିଆ ପୁରୀ ଏସ୍‌ପି ପ୍ରତୀକ୍ ସିଂହଙ୍କୁ ସମ୍ମାନିତ କରିଥିଲେ। ଏଥିସହିତ ଡିଏସ୍‌ପି ପୁରୀ ମିସ୍ କଳ୍ପନା କାଉଁରୀ ଓ କୃଷ୍ଣପ୍ରସାଦ ଥାନାଧିକାରୀ ବିଚିତ୍ର ପ୍ରଧାନଙ୍କୁ ମଧ୍ୟ ଉତ୍କୃଷ୍ଟ ତଦନ୍ତ ଓ ବିଚାର ପ୍ରକ୍ରିୟା ପାଇଁ ସମ୍ମାନିତ କରାଯାଇଥିଲା।






### ରାଜନଗର-ତାଳଚୁଆ ପୂର୍ତ୍ତ ବିଭାଗ ରାସ୍ତା କାମ ନିମ୍ନମାନର ଅଭିଯୋଗ

# ୨୬ ଏମ୍‌ଏମ୍ ବଦଳରେ ହୋଇଛି ୬ ଏମ୍‌ଏମ୍ ପିଚୁ



ରାଜନଗର,୧୭।୪(ସମିସ): ରାଜନଗର-ତାଳଚୁଆ ରାସ୍ତାର ହଂସିଣା ନିକଟରେ ଅତି ନିମ୍ନମାନର ପିଚୁ କାମ କରାଯାଉଛି। ରାସ୍ତାରେ ୨୬ ଏମଏମ ମୋଟେଇର ପିଚୁ କରିବା ପାଇଁ ଏଷ୍ଟିମେଣ୍ଟ କରାଯାଇ ଠିକାଦାର ନିଯୁକ୍ତ କରାଯାଇଥିଲା। ମାତ୍ର ରାସ୍ତାରେ କେବଳ ୬ ଏମଏମ ମୋଟେଇର ପିଚୁ କରି କାମ ସାରି ଦିଆଯାଇଛି। ରାସ୍ତାରୁ ୨୦ ଏମଏମ ମୋଟେଇର କାର୍ପେଟିଂ ପିଚୁ ସମ୍ପୂର୍ଣ୍ଣ ଗାଏବ ହୋଇଯାଇଛି। ରାସ୍ତା କାମ ନିମ୍ନ କରାଯାଉଥିବାରୁ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରମେଶ ମହାରଣା ରାସ୍ତାରେ ୨୬ ଏମଏମ ବଦଳରେ କେବଳ ୬ଏମଏମ ମୋଟେଇର ପିଚୁ କାମ କରାଯାଉଥିବା ନେଇ ସ୍ୱୀକାର କରିଛନ୍ତି। ଯନ୍ତ୍ରୀଙ୍କ ସ୍ୱୀକାର ପରେ ପୂର୍ତ୍ତ ବିଭାଗରେ ଚାଲିଥିବା ଆଖିବୁଜା ଦୁର୍ନୀତି ପଦାରେ ପଡିଛି।

ରାଜନଗର-ତାଳଚୁଆ ରାସ୍ତା ରାଜନଗରବାସୀଙ୍କ ଅନ୍ୟତମ ପ୍ରମୁଖ ରାସ୍ତା। ଏହି ରାସ୍ତା ଉପରେ ୨ ଲକ୍ଷ ଲୋକଙ୍କ ନିର୍ଭରଶୀଳ। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ଆସିବା ପାଇଁ ସ୍ଥଳ ପଥରେ ଏହା ଏକମାତ୍ର ରାସ୍ତା। ଏହି ରାସ୍ତା ମରାମତି ନାଁରେ ପୂର୍ତ୍ତ ବିଭାଗ କ୍ରମାଗତ ଭାବେ ପିଚୁ ଘଷି କୋଟି କୋଟି ଟଙ୍କା ଲୁଟି ଆସୁଥିବା ନେଇ ଅଭିଯୋଗ ହୋଇଆସୁଛି। ୨୦୨୫ ନଭେମ୍ବରରେ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅନୁକମ୍ପା ଦେଖାଇବା ପାଇଁ କେବଳ ପିଚୁ ଘଷି କୋଟିଏ ଟଙ୍କା ଲୁଟି ନିଆଯାଇଥିଲା। ଏବେ ହଂସିଣା ନିକଟରେ ପିଚୁ ଘଷି ସରକାରୀ ଟଙ୍କା ଲୁଟିବାକୁ ମସୁଧା କରାଯାଇଛି। ୧୦୦ ମିଟର ଲେଖାଏଁ ରାସ୍ତାର କାମ କରିବା ପାଇଁ ୫ ଲକ୍ଷ ଟଙ୍କିଆ ଏଗ୍ରିମେଣ୍ଟ କରାଯାଇଛି। ଏହି ଟଙ୍କାରେ ରାସ୍ତାରେ ହୋଇଥିବା ଖାଲ ତାଡ଼ି ମେଣ୍ଟାଲିଂ କରାଯିବ, ମେଟାଲ ଉପରେ ୧୨ ଏମଏମ ଚିପସରେ ୨୦ ଏମଏମ ମୋଟେଇର କାର୍ପେଟିଂ ପିଚୁ କରାଯିବ। କାର୍ପେଟିଂ ପିଚୁ ଉପରେ ୬ ଏମଏମ ମୋଟେଇର ଆଉ ଥରେ ପିଚୁ କରାଯିବ। ମାତ୍ର ରାସ୍ତାରେ କେବଳ ପିଚୁ ଦେଇ ବଜୁରିରେ ୫/୬ ଏମଏମ ମୋଟେଇର ସିଲକୋଟିଂ ପିଚୁ କରି କାମ ସାରି ଦିଆଯାଉଛି। କେବଳ ପିଚୁ ଘଷି ସରକାରୀ ଅର୍ଥ ବିଲ କରି ଉଠାଇ ନେବାକୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ମସୁଧା ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ସହକାରୀ ଯନ୍ତ୍ରୀ ଅଶୋକ ମହାରଣା ରାସ୍ତା ନିକଟରେ ପହଞ୍ଚି ନିମ୍ନମାନର କାମ ନିଜ ଆଖିରେ ଦେଖିବା ସହ କାମ ବନ୍ଦ କରିଛନ୍ତି। ୨୬ ଏମଏମ ବଦଳରେ କେବଳ ୬ ଏମଏମ ପିଚୁ କରାଯାଉଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜଣାଇବାକୁ କେନ୍ଦ୍ରପଡା ଯାଉଛି ବୋଲି କହିଛନ୍ତି।

## ଢଳେଇ ରାସ୍ତା କଡ଼ରେ ଖାଲ, ଯାତ୍ରୀଙ୍କ ପାଇଁ ବିପଦ



ପଞ୍ଚୁପାଣ୍ଡବ,୧୭।୪(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ପଞ୍ଚାୟତ କାର୍ଯ୍ୟାଳୟରୁ ଛୋଟି ହାଟ ପର୍ଯ୍ୟନ୍ତ ଢଳେଇ ରାସ୍ତା କଡ଼ରେ ଖାଲ ଥିବାରୁ ଯାତାୟାତ କରୁଥିବା ବାଟୋଇଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ପ୍ରାୟ ବର୍ଷେ ହେବ ରାସ୍ତା କାମ ହୋଇଥିଲେ ସୁଦ୍ଧା ରାସ୍ତା କଡ଼ରେ ଠିକାଦାର ମାଟି ପକାଇବାରେ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ବିଭିନ୍ନ ପ୍ରକାରର ଗାଡ଼ି ମଟର ଚଳାଚଳ କରୁଛି। ରାସ୍ତାରେ ଯାତାୟାତ କରୁଥିବା ଲୋକ ଦିନରେ ପଡ଼ି ଖଣ୍ଡିଆଖାବରା ହୋଇ କାହାର ହାତ ଭାଙ୍ଗିଛି ତ କାହାର ମୁଣ୍ଡ ଫାଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାଟି ମରଣଯନ୍ତା ପାଲଟିଛି। କାମ ବିଳମ୍ବ ହେଉଥିବାରୁ ଅଞ୍ଚଳବାସୀ ନିନ୍ଦା କରିବା ସହ ଏହାର ତଦନ୍ତ କରାଯାଇ ଯେତେ ଶୀଘ୍ର ରାସ୍ତାର ଦୁଇ ପାଶ୍ୱର୍ରେ ମାଟି ପକାଇବା ପାଇଁ ଦାବି କରିଛନ୍ତି।

## ମାସେ ହେଲା ଅଚଳ ଦଳିତ ସାହି ନଳକୂପର ହେଲା ମରାମତି

ପଞ୍ଚୁପାଣ୍ଡବ,୧୭।୪(ସମିସ): ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡି ଗ୍ରାମର ଦଳିତ ସାହିରେ ଥିବା ନଳକୂପ ମାସେ ହେଲା ଅଚଳ ହୋଇପଡିଥିବା ଅଭିଯୋଗ ହୋଇଥିଲା। ଏ ବିଷୟରେ ସରପଞ୍ଚଙ୍କଠାରୁ ମରାମତି ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଜଣାଇଥିଲେ ମଧ୍ୟ ବିଳମ୍ବ ହୋଇଥିଲା। 'ସକାଳ' ଖବରକାଗଜ ପ୍ରତିନିଧିଙ୍କୁ ଜଣାଇଥିବା ସୂଚନା ପାଇ ସରପଞ୍ଚ ରଜନୀ ମଲିକଙ୍କ ନିର୍ଦ୍ଦେଶକ୍ରମେ ମରାମତି ଦାୟିତ୍ୱରେ ଥିବା ବ୍ୟକ୍ତି ଆଜି ମରାମତି କରିଥିବା ଜଣାପଡ଼ିଛି। ଏହି ଦଳିତ ସାହିର କେତେକ ଘରକୁ ଜାଗା ସମସ୍ୟା ନେଇ ବସୁଧା ପାଣିର ସୁବିଧା କରାଯାଇନାହିଁ। ଏହି ସାହିରେ ପ୍ରାୟ ୨୦ ଘର



ପରିବାର ଏହି ନଳକୂପ ପାଣି ବ୍ୟବହାର କରନ୍ତି। ମାସେ ହେଲା ଅଚଳ ଅବସ୍ଥାରେ ପଡ଼ିଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହୋଇଥିବା ଗ୍ରାମର ରବି ମଲିକ, ସୁନାକର ମଲିକ, ହୃଦାନନ୍ଦ ମଲିକ, ପାଣୁ ମଲିକ, ଅରକ୍ଷିତ ମଲିକ, ଶିବଚରଣ ମଲିକ, କାର୍ତ୍ତିକ ମଲିକ, ବାବୁଲି ମଲିକ, ବିନ ମଲିକ ଓ ବିଜୟ ମଲିକ କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ଯୋଗାଯୋଗ ପରେ ଅଚଳ ନଳକୂପ ସଚଳ ହୋଇଥିବାରୁ ଧନ୍ୟବାଦ୍ ଜଣାଇଛନ୍ତି।

## କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ଖରସ୍ରୋତା ସମ୍ମାନ

ଆଳି,୧୭।୪(ସମିସ): ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ଆଳିର ବର୍ଷିଆନ ସାମ୍ୟବାଦୀ ନେତା କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଶ୍ଚିମବଙ୍ଗରେ ଶ୍ରମିକ ସଂଗଠନ ନେତୃତ୍ୱ ନେଉଥିବା ଶ୍ରୀ ମଲ୍ଲିକ ପରବର୍ତ୍ତୀ ସମୟରେ ଚାକିରି ଛାଡି କମ୍ୟୁନିଷ୍ଟ ପାର୍ଟିରେ



ଯୋଗଦେଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। କ୍ଷମତା, ପ୍ରତିପତ୍ତି ବଦଳରେ ସେ ସାଧାରଣ, ଖଟିଖିଆ, ମେହେନତି ମଣିଷର ସେବକ ଭାବେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଆଳି, ରାଜକନିକାରେ ଭୂ-ଆନ୍ଦୋଳନ, ବନ୍ୟାବାତ୍ୟା, ମରୁଡି ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ କୃଷକଙ୍କ ସ୍ୱାର୍ଥ ପାଇଁ ଯେଉଁଳି ସଂଗ୍ରାମ କରୁଥିଲେ। ଗରିବ ରିକ୍ସା ଚାଳକଙ୍କ ହକ୍ ପାଇଁ ମଧ୍ୟ ଲଢେଇ ଜାରି ରଖିଥିଲେ। ତ୍ୟାଗପୂତ ଜୀବନ ଓ ସାମଗ୍ରିକ ନିଃସ୍ୱାର୍ଥପର ଜନସେବା ପାଇଁ ଶ୍ରୀ ମଲ୍ଲିକଙ୍କୁ ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପରିଷଦର ସଭାପତି ନଚ୍ଛେନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୫ତମ ସମାବର୍ତ୍ତନ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ହୃଷିକେଶ ମଲ୍ଲିକ, ରମାଦେବୀ ବିଶ୍ୱବିଦ୍ୟାଳୟର ସଦସ୍ୟା ମେଜର କଳ୍ପନା ଦାସ, ସମ୍ପାଦକ ନିରଞ୍ଜନ ବେହେରା ପ୍ରମୁଖ ଶ୍ରୀ ମଲ୍ଲିକଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### କାମରେ ଲାଗୁନି ଆବର୍ଜନା ଗାଡ଼ି

## ସଫା ହେଉନି ବେଲାରପୁର ଗାଁ ଅଳିଆ

ପଞ୍ଚୁପାଣ୍ଡବ,୧୭।୪(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ସଫା ହେଉନି ଅଳିଆ ଆବର୍ଜନା। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଗାଡ଼ି କାମରେ ଲାଗୁ ନ ଥିବାବେଳେ ଏକ କ୍ଲବ୍ ଘର ପଛପଟେ ଦୀର୍ଘଦିନ ଧରି ପଡି ରହିଥିବା ଦେଖିବାକୁ ମିଳୁଛି। ସରକାର ପ୍ରତି ଗାଁ ଗହଳି ସଫା ରଖିବା ସହ ବିଭିନ୍ନ ରୋଗରୁ ମୁକ୍ତ ରଖିବା ପାଇଁ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହେଉଛି। ବର୍ଷାଦିନରେ ଏହି ଅଳିଆ ଆବର୍ଜନା ପଚି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି। ରାସ୍ତାକୁ ଅବରୋଧ କରିବା ସହ ପବନ ଦେଲେ ବାଟରେ ଯାତାୟାତ କରୁଥିବା ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକଙ୍କୁ ପଚାରିବାରୁ ଜଣେ ବ୍ୟକ୍ତି ପ୍ରଥମେ ଏହି ଗାଡ଼ିରେ କିଛି ଦିନ ଅଳିଆ ଉଠାଇଥିଲେ। ସେ ମଜୁରି ନ ପାଇବାରୁ ଗାଡ଼ି ପଡ଼ି ରହିଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏମିତି ହୋଇଥିବା ସରପଞ୍ଚ କହିଛନ୍ତି। ଏହାର ତଦନ୍ତ କରାଯାଇ ଗାଁ ଗହଳିରେ ଥିବା ଅଳିଆ ସଫା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭକ୍ତଚରଣ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୧୭।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ସେବା ସମବାୟ ସମିତିର କର୍ମଚାରୀ ଭକ୍ତଚରଣ ପାତ୍ରଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଚନ୍ଦନନଗର ସେବା ସମବାୟ ସମିତି ସଭାପତି ସୁରେଶ ପଣ୍ଡାଙ୍କ ପୌରୋହିତ୍ୟ ଓ ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଚନ୍ଦନନଗରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପଟ୍ଟାମୁଣ୍ଡାଇର ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ଚନ୍ଦନନଗର ସେବା ସମବାୟ ସମିତି ସମ୍ପାଦକ ଅଶୋକ ରାଉତ, ଅଣ୍ଡରା ମିନି ବ୍ୟାଙ୍କ ସିଇଓ ଅଜିତ



ମଲ୍ଲିକ, ସଂସାରଫଳ ସୋସାଇଟି ସମ୍ପାଦକ ସୁରେଶ ପାତ୍ର, ଅଳଭା ସୋସାଇଟି ସମ୍ପାଦକ ମନ୍ମଥ ବିଶ୍ୱାଳ, ବଡ଼ପଡା ସୋସାଇଟି ସମ୍ପାଦକ କୃଷ୍ଣଜୀବନ ଦାସ, ଖଡ଼ିଅଣ୍ଟା ସୋସାଇଟି ସମ୍ପାଦକ ତପନ ସ୍ୱାଇଁ, ଔପଦା ସୋସାଇଟି ସମ୍ପାଦକ ଅଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଟକ ମେୟର ସୁବାସ ସିଂହଙ୍କ ଶୋକ ବାର୍ତ୍ତା ପାଠ କରାଯାଇଥିଲା। ବସୁମତୀ ପାତ୍ର, ରଞ୍ଜନ ପାତ୍ର, ବାସନ୍ତୀ ପାତ୍ର, ଶାନ୍ତିଲତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି







ଜଗତସିଂହପୁର,୧୭।୪(ସମିସ)

ପ୍ରବାଦ ପୁରୁଷ ତଥା ଝଡର ଇଗଲ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ଜଗତସିଂହପୁରରେ ପାଳିତ ହୋଇଯାଇଛି। ଏହି ଅବସରରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ତିଳତର୍ପଣ ଓ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ଉପସଭାପତି ଚିରଞ୍ଜିବୀ ବିଶ୍ୱାଳ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ବିଜେଡି ଜିଲ୍ଲା ଉପସଭାପତି ଦୀପ୍ତି କୁମାର ଦାସ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ତ୍ୟାଗ, ଦେଶ ଓ ଜାତିପ୍ରିତି ଏବଂ ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଉଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦିଲ୍ଲୀପ ଲେଙ୍କା, ଜଗତସିଂହପୁର ବ୍ଲକ ବିଜେଡି ସଭାପତି କାଳନ୍ଦୀ ପତି, ନାଉଗାଁ ବ୍ଲକ ସଭାପତି ନିରଞ୍ଜନ ବେଉରା, ପୌର ପରିଷଦ ବିଜେଡ଼ି ସଭାପତି ପ୍ରିୟବ୍ରତ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ବିବେକାନନ୍ଦ ବେହେରା, ଚିତ୍ତ ରଞ୍ଜନ ରାଉଳ, କନକ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ନାଉଗାଁ ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ, ବ୍ଲକ ମହିଳା ସଭାପତି ପ୍ରଭାତୀ ମହାନ୍ତି, ଅ।।। ଅଧ୍ୟକ୍ଷ ବାବୁଲି ସାହୁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ମଲ୍ଲିକ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସମିତ୍ ଲେଙ୍କା, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ସୁନିଲ ମାଟିଆ, ସମ୍ବିତ ମହାନ୍ତି, ଦିଲ୍ଲୀପ ସିଂ, ସୁବାସ ସାହୁ, ଲୋକନାଥ ସ୍ୱାଇଁ, ନିର୍ଲିପ୍ତ ବେହେରା ସମସ୍ତ କାଉନସିଲର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ସାମିଲ ହୋଇଥିଲେ।

**ରଘୁନାଥପୁର** : ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ବ୍ଲକ ଛକ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ୨୯ତମ ତିରୋଧାନ ଦିବସ ପାଳନ କରାଯିବା ସହ ଜଳଛତ୍ର ବଣ୍ଟନ କରାଯାଇଛି। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ କର୍ମୀମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ଜିଲ୍ଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରୀନାରାଣୀ ମଲ୍ଲିକ, ରାଜ୍ୟ କର୍ମକର୍ତ୍ତା ଡ. ସୁରେନ୍ଦ୍ରନାଥ ମହାପାତ୍ର, ଜୋସେଫ ସ୍ୱାଇଁ, ରାଜେଶ ମିଶ୍ର ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଛାମୁଆ କର୍ମୀମାନେ ବିଜୁବାବୁଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ ସହ ବିଜୁ ପ୍ରତିମୂର୍ତ୍ତି ନିକଟରେ ଜଳଛତ୍ର ପ୍ରଦାନ କରାଯାଇଥିଲା।

**ତିର୍ତ୍ତୋଲ** : ଆନନ୍ଦ ମଣ୍ଡପ ପରିସରରେ ତିର୍ତ୍ତୋଲ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ତଥା ପ୍ରବାଦ ପୁରୁଷ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବ୍ଲକ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡ. ରାଜଶ୍ରୀ ମଲିକ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଉପାଧ୍ୟକ୍ଷା ସଂଧ୍ୟାରାଣୀ ମହାନ୍ତି, ଜିଲ୍ଲା ଉପସଭାପତି ଅଶ୍ୱିନୀ ଦାସ, ମହିଳା ନେତ୍ରୀ ଲୋରା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁନିଲ ବେହେରା, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟ ପ୍ରବୀର ରାୟ, ଶିକ୍ଷାବିତ୍ ସୁଦର୍ଶନ ପଣ୍ଡା, ଅମର ଜ୍ୟୋତି ସାହୁ, ପୂର୍ବତନ ସରପଂଚ ବିଜୟ ମହାନ୍ତି, ରମେଶ ଚନ୍ଦ୍ର କୁଅଁର, ରମେଶ ଦାସ, ଅମୂଲ୍ୟ ମହାପାତ୍ର, ସମିତି ସଭ୍ୟା ସୁଭଦ୍ରା ଦାସ, କିଶୋର ସାହୁ, ଜୀବନ ଜ୍ୟୋତି ସାମନ୍ତରାୟ, ସୁକାନ୍ତ ମହାନ୍ତି, ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇଥବଲେ।

**ପାରାଦୀପ**: ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧଦିବସ ପାରାଦୀପ ନଗର ବିଜେଡି ଓ ପାରାଦୀପ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ପ୍ରଥମେ ଅଠରବାଙ୍କୀ ବିଜୁ ଉଦ୍ୟାନ ପରିସରରେ ରହିଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ବେଳାଭୂମି ସଫେଇ, ମେଡିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ ଓ ନେହେରୁ ବଙ୍ଗଳା ମହାନଦୀ ମୁହାଣରେ ତିଳତର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ବାଲିଝରାସ୍ଥିତ ମା' ସନ୍ତୋଷୀ ଜରାଶ୍ରମରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟରେ ନଗର ସଭାପତି କୁମରବର ନାୟକଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଯେଉଁଥିରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ଯୁବ ବିଜେଡି ନେତା ଆଲୋକ ମହାପାତ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଚିନ୍ମୟ ରଞ୍ଜନ ପରିଡା, ପୂର୍ବତନ କାଉନସିଲର ଶଙ୍କର ପ୍ରସାଦ ରାଉତ, ରଶ୍ମିରଞ୍ଜନ ପରିଡା, ନାରୀନେତ୍ରୀ ଚପଳା ସ୍ୱାଇଁ, ଶ୍ରମିକ ନେତା ବିଭୂଧେନ୍ଦ୍ର ମହାରଣା, ଗୋଲକ ବିହାରୀ ସାହୁ, ଅଟଳ ପରିଡା, ଚିତ୍ତରଞ୍ଜନ ମଲ୍ଲିକ, ବହୁ କାଉନସିଲର, ବହୁ ଦଳୀୟ କର୍ମୀ ଓ ବିଜୁ ପ୍ରେମୀ ଯୋଗ ଦେଇ ବିଜୁ ବାବୁଙ୍କ ଅମର କୀର୍ତ୍ତିର ସ୍ମୃତି ଚାରଣ କରିଥିଲେ।

**କୁଜଙ୍ଗ**: କୁଜଙ୍ଗରେ ଝଡର ଇଗଲ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୯ତମ ପୂଣ୍ୟ ତିଥି ଶ୍ରଦ୍ଧା ଓ ସମର୍ପଣ ସହ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶ୍ରମିକ ନେତା ମିନାଦ୍ର ଗୁରୁଙ୍କ ପୌରୋହିତ୍ୟରେ ବହୁ ବିଜେଡି ନେତା, ସଂଗଠକ, ମୁରବୀ ଯୋଗ ଦେଇ କୁଜଙ୍ଗ ବଜାର ସମ୍ମୁଖରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ବ୍ଲକ ପରିସରରେ ଥିବା ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ ସହ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ଡ. ରଘୁନାଥ ସାହୁ, କବି ପୀତାମ୍ବର ତରାଇ, ପ୍ରଫୁଲ୍ଲ ପରିଡା, ପୋତାନଇ ସରପଞ୍ଚ ବ୍ରଜ କିଶୋର ମହାରାଜ, ଭୂତମୁଣ୍ଡାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ, ସୌଭାଗ୍ୟ ବିଶ୍ୱାଳ, ବିବେକାନନ୍ଦ ଦାସ ପ୍ରମୁଖ ବହୁ ବିଜେଡି ନେତା ଓ ନେତ୍ରୀ ଯୋଗ ଦେଇଥିଲେ।

**ବାଲିକୁଦା**: ବାଲିକୁଦା ଏରସମା ବିଜେଡି ପକ୍ଷରୁ ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ମା' କରକେଇ ପୀଠରେ ବିଜୁବାବୁଙ୍କ ତିରୋଧାନ ଦିବସ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥି ଭାବେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ଡଲି ପଣ୍ଡା, ଜଟାଧାରୀ ଦାସ, ପ୍ରଣବ କୁମାର ସ୍ୱାଇଁ, ରାନୀ ଟୁଡୁ, ଗଙ୍ଗାଧର ବେହେରା, ଜିଲ୍ଲା ସହ ସମ୍ପାଦକ ସଞ୍ଜୟ ପାଳ, ସମୀର ସ୍ୱାଇଁ, ରାମଚନ୍ଦ୍ର ମହାନ୍ତି, ବାଲିକୁଦା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶୁଭେନ୍ଦୁ ଶେଖର ଦାଶ, ଦୀପ୍ତି ରଞ୍ଜନ କୁଅଁର, ବିଜେଡି ନେତା ଅଲେଖ ଚନ୍ଦ୍ର ସ୍ୱାଇଁ, ସରୋଜକାନ୍ତ ମହାପାତ୍ର, କମଳାକାନ୍ତ ମହାପାତ୍ର, ରାଜ୍ୟ ଛାତ୍ର ବିଜେଡି ନେତା ପ୍ରକାଶ ଚନ୍ଦ୍ର ଦଳାଇ, ଆକାଶ ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ଶୁଭେନ୍ଦ୍ର କୁମାର ଦାସ, ସରପଞ୍ଚ ଟୁନୀଲତା ବେହେରା, ଏରସମା ବ୍ଲକ ଉପାଧ୍ୟକ୍ଷ ବିକାଶ ପରିଡା, ବିଜେଡି ନେତା ପ୍ରକାଶ କୁମାର ପରିଡା, ସନ୍ତୋଷ ରାୟ ପ୍ରମୁଖ ଯୋଗଦେଇଥିଲେ।







## ସୂର୍ଯ୍ୟମୁଖୀର ପଣା ଆସର

ପାରାଦୀପ,୧୭।୪(ସମିସ): ସୂର୍ଯ୍ୟମୁଖ୍ୟ ସଂଗଠନର ପଣା ଆସର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାନେତ୍ରୀ ହାରାମଣି ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାବୁରାମ ଚୌଧୁରୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉତ୍କଳ ସମିଳନୀ ପାରାଦୀପ ସଭାପତି ଧ୍ରୁବଚରଣ ମହାପାତ୍ର ଯୋଗ ଦେଇଥିଲେ। ଏନେଇ ଆୟୋଜିତ କବିତା ପାଠୋତ୍ସବରେ କବିୟତ୍ରୀ ତୁଳସୀ ବରାଳ ସଂଯୋଜନା କରିଥିଲେ। କବିୟତ୍ରୀ ଗୋଲାପ ରାଣୀ ସାହୁ ଓ ନଳିନୀପ୍ରଭା ସାହୁ ବକ୍ତବ୍ୟ ରଖିଥିଲେ। କଳ୍ପନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ସମିଳନୀ ପାରାଦୀପ ପକ୍ଷରୁ ଓ ପାରାଦୀପ ସାହିତ୍ୟ ସଂସଦ ପକ୍ଷରୁ ହାରାମଣି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆର୍ତ୍ତବନ୍ଧୁ ରାଉତରାୟଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି

ଜଗତସିଂହପୁର,୧୭।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସମଙ୍ଗ ଠାରେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ବୈଠକରେ ପରିଷଦର ସମ୍ପାଦକ ତପନ ରାଉତରାୟ ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଜୟନ୍ତୀ ଉତ୍ସବ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଉପଦେଷ୍ଟା ସୁରେନ ରାଉତ, ଉପ ସଭାପତି ସରୋଜ ମହାପାତ୍ର, ବିଜନ ମହାପାତ୍ର, ଅରୁଣ ରାଉତରାୟ, ତରୁଣ ରାଉତରାୟ, ସମୀର ପଟ୍ଟନାୟକ, ସଚ୍ଚିକାନ୍ତ ଜେନା, ଦୁଷ୍ମନ୍ତ ମହାନ୍ତି, କଲ୍ୟାଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଗୌରଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଶାରଳା ମଣ୍ଡଳ ତୈଳକ ବୈଶ୍ୟ ମହାସଭା

କୁଜଙ୍ଗ,୧୭।୪(ସମିସ): ଶାରଳା ମଣ୍ଡଳ ତୈଳକ ବୈଶ୍ୟ ମହାସଭା ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ଷିକ ଅଧିବେଶନ କୁଜଙ୍ଗ ବ୍ଲକ ଅଧିନ ରାହାମା ସ୍ଥିତ ଶ୍ରୀ ଜଗନ୍ନାଥ ମଠ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସମାଜସେବୀ ଶ୍ରୀଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ସମ୍ପାଦକ ଶିକ୍ଷାବିତ୍ କାହ୍ନୁ ଚରଣ ସାହୁ ପୂର୍ବ ଅଧିବେଶନର ବୀବରଣୀ ପାଠ କରିବା ସହ ସଂଗଠନ ଓ ପରସ୍ପର ସ୍ନେହ ଦ୍ୱାରା ଏହି ଜାତିର ଉନ୍ନତି ପାଇଁ ମାର୍ଗଦର୍ଶନ କରିଥିଲେ। କୋଷାଧ୍ୟକ୍ଷ ସତ୍ୟ ନାରାୟଣ ସାହୁ ବାର୍ଷିକ ଆୟବେୟ ବୀବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପୁରୀ କୁବେର ଧର୍ମଶାଳା ଓ କନକପୁରରେ ଭାଙ୍ଗିଯାଇଥିବା କୁବେର ପୁତ୍ର ଧର୍ମଶାଳା ସମ୍ବନ୍ଧରେ ଏହି ସମାବେଶରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଏହି ସଭାରେ ଉପସଭାପତି ନବୁ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ରବି ନାରାୟଣ ସାହୁ, ଭଞ୍ଜ କିଶୋର ସାହୁ, ବିଷ୍ଣୁ ଚରଣ ସାହୁ, ନିମାଇଁ ଚରଣ ସାହୁ, ଜଗନ୍ନାଥ ସାହୁ, ଶରତ ସାହୁ, ଜିତେନ୍ଦ୍ର ସାହୁ, ଧିରେନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଓଡ଼ିଆ ନବବର୍ଷ ଉତ୍ସବର ଦ୍ୱିତୀୟ ସଂସ୍କରଣ 'ଆ'



ଜଗତସିଂହପୁର,୧୭।୪(ସମିସ): ଜଗତସିଂହପୁର ସହର ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଓଡ଼ିଆ ନବବର୍ଷ-୨୦୨୬ର ଦ୍ୱିତୀୟ ସଂସ୍କରଣ 'ଆ' ପାଳିତ ହୋଇଯାଇଛି। ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ହଜାର ହଜାର ଲୋକଙ୍କ ସମାଗମ ହେଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନଙ୍କ ସହିତ ରାଜ୍ୟର ସୁନାମଧନ୍ୟ କଳାକାରମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଗୀତର ତାଳେ ତାଳେ, ଓଡ଼ିଆ କଥାର ତାଳେ ତାଳେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମିଥିଲେ କଳାକାର ଓ ଦର୍ଶକ। ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ଲୁବୁନ ଟୁବୁନ ଏବଂ ସୁଦୀପ୍ତ ସୁନ୍ଦର ସ୍ୱାଇଁ ପ୍ରମୁଖ ପ୍ରତିଷ୍ଠିତ କଳାକାରମାନେ ଏଥିରେ ସାମିଲ ହୋଇଥିଲେ। ଶିକ୍ଷାକ୍ଷେତ୍ରରେ ଆଇଆଇଟିରେ କୃତିତ୍ୱ ହାସଲ କରିଥିବା ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ଜେ ସୋନାଲଙ୍କ ଦ୍ୱାରା ସାମ୍ମାନିତ କରାଯାଇଥିଲା। ଏଥି ସହିତ ଧୁଡୁକି କଳାକାର, ଯାତ୍ରା କଳାକାର, ସଫେଇ କର୍ମଚାରୀ, କ୍ରୀଡ଼ାବିତ୍ ଏବଂ ଅନେକ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ଆଇନଜୀବୀ ରାଜକିଶୋର ବେହେରା, ବାଲିକୁଦା ଏରସମାର ଯୁବନେତା ସତ୍ୟସାରଥୀ ମହାନ୍ତି, ଜିଲ୍ଲା ପରିଷଦର ପୂର୍ବତନ ସଭାପତି ଦେବୀଦତ୍ତ ମହାନ୍ତି, ନାଉଗାଁ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ବାଲିତୁଠରୁ ଚୋରା ମଦ ଜବତ

କୁଜଙ୍ଗ,୧୭।୪(ସମିସ): କୁଜଙ୍ଗ ପୁଲିସ ପାଟ୍ରୋଲିଂ କରିବା ଅବସରରେ ବାଲିତୁଠ ଅଞ୍ଚଳରୁ ବିପୁଳ ପରିମାଣରେ ଚୋରା ମଦ ଜବତ କରିବା ସହ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରି ଅଦାଲତ ଚାଲଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି କୁଜଙ୍ଗ ଥାନା ବାଲିତୁଠ ଅଞ୍ଚଳ ବାଲିସାହିର ନିତ୍ୟାନନ୍ଦ ପଲାଇଙ୍କ ପୁଅ ସୁଟିଆ ଓରଫ ସୁଶାନ୍ତ ପଲାଇ। କୁଜଙ୍ଗ ପୁଲିସ ମୋଟ ୧୯ ଲିଟର ୮୮୦ ମିଲି ମଦ ଜବତ କରିଛି।

## ଜଙ୍ଗଲ ଜମିରେ ଚାଲିଥିବା କବାଡ଼ିଆ ବେପାର ଉଚ୍ଛେଦ



ପାରାଦୀପ, ୧୭।୪ (ସମିସ): ପାରାଦୀପ ଅଞ୍ଚଳରେ ଜବରଦଖଲ ଦିନକୁ ଦିନ ବଢି ଚାଲିଛି। ବେଆଇନ ଭାବରେ ଝାଟି ଜଙ୍ଗଲ କିସମଯୁକ୍ତ ଜମିରୁ ଜବରଦଖଲ ଉଠାଇବାକୁ ନେଇ ଆଜି ପ୍ରଶାସନ ପକ୍ଷରୁ ବୁଲଡୋଜର ବୁଲିଛି। ପାରାଦୀପ ଉଦୟ ବିହାର ନିକଟ ଭିତରଗଡ଼ ଅଞ୍ଚଳରେ ଥିବା ଅନେକ ଜବରଦଖଲ ଘରକୁ ବୁଲଡୋଜର ଚଢ଼ାଇ ଭାଙ୍ଗିଦେଇଛି ପ୍ରଶାସନ। ଯାହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଥିଲେ ମଧ୍ୟ ଏହା କୌଣସି ପ୍ରଭାବ ପଡିନଥିଲା। ଘର ସମେତ ଗଦା ଗଦା ବିଭିନ୍ନ କବାଡିଆ ସାମଗ୍ରୀକୁ ଜେସିବି ସହାୟତାରେ ସଫା କରିଦିଆଯାଇଛି। ଭିତରଗଡ଼ରେ ରହିଥିବା ଏହି ୩୦ ଡେସିମିଲ ଜମିକୁ ଦୀର୍ଘବର୍ଷ ହେବ ଗୋବର୍ଦ୍ଧନ ବେହେରା ନାମକ ଜଣେ ବ୍ୟକ୍ତି ଜବରଦଖଲ କରି ରହିବା ସହିତ ବିଭିନ୍ନ କବାଡ଼ିଆ ସାମଗ୍ରୀ ବେପାର କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ କୋର୍ଟରେ ମାମଲା ରୁଜୁ ହୋଇଥିଲେ ମଧ୍ୟ କୋର୍ଟ ଏହାକୁ ଏଡାଇ ଦେଇଥିବା ନେଇ କହିଛନ୍ତି କୁଜଙ୍ଗ ତହସିଲଦାର। ଏ ନେଇ ବାରମ୍ବାର ନୋଟିସ୍ ପରେ ମଧ୍ୟ ଏମାନେ ନ ଶୁଣିବାରୁ ପ୍ରଶାସନ ଆଜି ବାଧ୍ୟ ହୋଇ ଲକ୍ ଥାନା ପୁଲିସ ସହାୟତାରେ ଜବରଦଖଲ ଉଚ୍ଛେଦ କରିଛି। ଆଗାମୀ ଦିନରେ ଏହି ସ୍ଥାନରେ ବାଉଣ୍ଡାରୀ ନିର୍ମାଣ କରାଯାଇ ଜଙ୍ଗଲ କିସମ ଜମି ହୋଇଥିବାରୁ ଜଙ୍ଗଲ ବିଭାଗ ସହାୟତାରେ ଏଠି ବୃକ୍ଷରୋପଣ କରାଯିବ ବୋଲି କହିଛନ୍ତି କୁଜଙ୍ଗ ତହସିଲଦାର। ଏହି ଜାଗା ଆମର ପୂର୍ବପୁରୁଷଙ୍କ ଜାଗା। ବର୍ତ୍ତମାନ ଅମଳର ପଟା ମଧ୍ୟ ଆମ ପାଖରେ ଅଛି। ଏଠି କିଛି ବଡ଼ବଡ଼ିଆ ଲୋକ ଏହି ଜମିକୁ ହାତେଇବାକୁ ଟଙ୍କା ଦେଇ ଏହାକୁ ଜଙ୍ଗଲ ଜମିରେ ପରିବର୍ତ୍ତନ କରିଛନ୍ତି। ପ୍ରଶାସନକୁ ବାରମ୍ବାର ଆମ ନାମରେ ରିପୋର୍ଟ କରିବାରୁ ଆଜି ଏହିଭଳି ଅବସ୍ଥା ହୋଇଛି ବୋଲି କହିଛନ୍ତି ଗୋବର୍ଦ୍ଧନ ବେହେରାଙ୍କ ପରିବାର।

## ଆଜମ୍ ମେମୋରିଆଲ କ୍ରିକେଟ; ଅଷ୍ଟଶମ୍ଭୁ ବିଜେତା

ବିରିଡି,୧୭।୪(ସମିସ)



ତଳଫାଟକ ନେତାଜୀ ଖେଳ ପଡ଼ିଆରେ ଆଜାଦ୍ ହିନ୍ଦ କ୍ଲବ ପକ୍ଷରୁ ଆୟୋଜିତ ଆଜମ୍ ମେମୋରିଆଲ୍ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ସାଇ ଏଲେଭେନ୍‌କୁ ୮୦ ରନରେ ହରାଇ ହାଜିପୁର ଅଷ୍ଟଶମ୍ଭୁ ଦଳ ବିଜୟୀ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଷ୍ଟଶମ୍ଭୁ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୫୦ ରନ୍ ସଂଗ୍ରହ କରିଥଲେ। ଜବାବରେ ସାଇ ଇଲେଭେନ ଦଳ ୧୨ଓଭରରେ ୭୦ ରନ୍ କରି ସମସ୍ତ ଖେଳାଳି ଆଉଟ ହୋଇ ଯାଇଥିଲେ। ଜୟନ୍ତ ଦାସ ଓ ସଞ୍ଜୀବ ବେହେରା ଅମ୍ପେୟର ଭାବେ ଖେଳ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଶିକ୍ଷାବିତ ପ୍ରଦୀପ୍ତ ଆଚାର୍ଯ୍ୟ ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ହାଜି ମହମ୍ମଦ ଅଫସର ବିବରଣୀ ଉପସ୍ଥାପନ କରିଥିଲେ। ବିରିଡି ବ୍ଲକ ବିଜେଡି ସଭାପତି ରବି ରାଉଳ, ସମ୍ପାଦକ ରବୀନ୍ଦ୍ର ସାହୁ, ଜିଲ୍ଲାପରିଷଦ ସଭ୍ୟ ତୃପ୍ତି ରଞ୍ଜନ ରାୟ, ସାମାଜିକ କର୍ମୀ ମାନସ ବେହେରା, ସୈୟଦ୍ ମୁକ୍ତାର୍ ଅଲ୍ଲି, ସକିଲ୍ ଆହେମଦ୍ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ସଲାଉଦ୍ଦିନ୍ ବାବର୍, ଅଜମଲ୍ ଅଲ୍ଲି ଖାଁ, ସାଜିଦ୍ ଅଲ୍ଲି, ସମସୁଲ୍ ଜମା, ସରଫୁଦ୍ଦିନ୍ ବାବର୍, ତବରେଜ୍ ଆଲାମ, ଅବ୍ଦୁର୍ ରଫିକ୍ ଖାନ୍, ସଲାମତ୍ ଅଲ୍ଲି ଖାଁ, ନଇମ ଖାନ୍, ସାକିଲ ଖାନ୍, ୱସିମ ଆଲମ, ମେହେରାଜ ସରୱର, ଜହୁର୍ ଅଲ୍ଲି ଖାନ୍, ଇସ୍ତାକ ଅଲ୍ଲି ଖାନ୍, ଅଫଜଲ୍ ଆଲ୍ଲୀ ଖାଁ ପ୍ରମୁଖଙ୍କ ସମେତ ଆଜାଦ ହିନ୍ଦ କ୍ଲବର ସଦସ୍ୟ ମାନେ ସହଯୋଗ କରିଥିଲେ।

## ସିବିଏସ୍‌ଇରେ ସାଇକିରଣଙ୍କ ସଫଳତା

କୁଜଙ୍ଗ,୧୭।୪(ସମିସ): କୁଜଙ୍ଗ ନିବାସୀ ତଥା ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲଙ୍କ ଜ୍ୟେଷ୍ଠ ନାତି ସାଇକିରଣ ଚଳିତ ସିବିଏସ୍‌ଇ ପରୀକ୍ଷାରେ ୯୯ ପ୍ରତିଶତ ନମ୍ବର ରଖି ପଢୁଥିବା ବିଦ୍ୟାଳୟ ସାଇ ଇଣ୍ଟରନାସନାଲ ସ୍କୁଲ ପାଇଁ ଗୌରବ ଅର୍ଜନ କରିଛନ୍ତି। ସେ ଜଣେ ପ୍ରତିଭାବାନ ଛାତ୍ର। ସେ ଭଲ ଫୁଟବଲ ଖେଳାଳି ଓ ପିଆନୋ ବାଦକ। ତାଙ୍କର ଏହି ସଫଳତା ପାଇଁ ପିତା ଡାକ୍ତର ସନ୍ଦୀପ ସାମଲ, ମାତା ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଅରୁନ୍ଧତୀ ବେହେର, ଜେଜେ ଡାକ୍ତର କୁଳମଣୀ ସାମଲ, ଜେଜେମା ଲତିକା ସାମଲଙ୍କ ସହ ଅଜା ପ୍ରଫୁଲ୍ଲ ବେହେରା, ଶ୍ରେଣୀ ଶିକ୍ଷୟିତ୍ରୀ ଆଶାରାଣୀ ରାଉତ ଓ ମଧୁସ୍ମିତା ଜେନାଙ୍କ ପ୍ରେରଣାଙ୍କୁ ଶ୍ରେୟ ଦେଇଛନ୍ତି।